# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୫/୨୦୨୦ (୧୬ ପୃଷ୍ଠା) | Bhubaneswar, Friday, December 25/2020 | ★★★★★★

୪୭ଶ ଭାଗ ୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ମାଳଦ୍ୱୀପର ଫଟୋ ଶେୟାର କଲେ ମୌନୀ

ବଲିଉଡ୍ ଅଭିନେତ୍ରୀ ମୌନୀ ରୟ ମାଳଦ୍ୱୀପର କିଛି ଫଟୋ ଇନ୍‌ଷ୍ଟାରେ ଶେୟାର କରିଛନ୍ତି। ଯେଉଁଥିରେ ସେ ସମୁଦ୍ର ମଝିରେ ପୋଜ୍ ଦେଉଥିବା ନଜର ଆସିଛନ୍ତି।

୧୨

୧୪

## ଜାତୀୟ ସିଲେକ୍ସନ କମିଟିରେ ଦେବାଶିଷ

ଓଡ଼ିଶାର ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ବିସିସିଆଇ ଜାତୀୟ ସିଲେକ୍ସନ କମିଟିର ଅନ୍ୟତମ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି।



# ବଡ଼ଦିନର ଶୁଭେଚ୍ଛା




ପବିତ୍ର ବଡ଼ଦିନ ପର୍ବ ହେଉଛି ଶାନ୍ତି, ମୈତ୍ରୀ ଓ ମାନବତାବାଦର ପର୍ବ । ଏ ଅବସରରେ ମୁଁ ଓଡ଼ିଶାର ସମସ୍ତଙ୍କୁ ବିଶେଷତଃ ଖ୍ରୀଷ୍ଟିଆନ୍ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ଶ୍ରୀ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

DADLS-66 OIPR-15001/13/0109/2021




ପବିତ୍ର ବଡ଼ ଦିନ ଉପଲକ୍ଷେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଉଛି ଏବଂ ଏକ ସମୃଦ୍ଧ ଓଡ଼ିଶା ଗଠନରେ ସମସ୍ତଙ୍କ ସହଯୋଗ କାମନା କରୁଛି ।

ରାଜ୍ୟରେ କୋଭିଡ ପରିସ୍ଥିତିରେ ଅନେକ ପରିମାଣରେ ଉନ୍ନତି ଆସିଲେ ମଧ୍ୟ ସତର୍କ ନରହିଲେ ବିପଦ ବଢ଼ିବାର ସମ୍ଭାବନା ରହିଛି । ତେଣୁ କୋଭିଡ ନିୟମାବଳୀର ଅନୁପାଳନ ସହିତ ସମସ୍ତ କାର୍ଯ୍ୟକ୍ରମ କରିବା ପାଇଁ ମୁଁ ସମସ୍ତଙ୍କୁ ଅନୁରୋଧ କରୁଛି ।

(ନବୀନ ପଟ୍ଟନାୟକ)
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-66 OIPR-15001/13/0109/2021




ପବିତ୍ର ବଡ଼ଦିନ ଉପଲକ୍ଷେ ମୁଁ ସମସ୍ତ ଓଡ଼ିଶାବାସୀ ବିଶେଷକରି ଖ୍ରୀଷ୍ଟିଆନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସଂପ୍ରୀତି ଓ ଭାଇଚାରାର ଭାବ ରଖି ଆସନ୍ତୁ ପ୍ରଭୁ ଯୀଶୁଙ୍କର ଧରାବତରଣକୁ କୋଭିଡ କଟକଣା ଅନୁପାଳନ ସହ ଆନନ୍ଦ ଉଲ୍ଲାସରେ ପାଳନ କରିବା ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-66 OIPR-15001/13/0109/2021




କିଛି ଲୋକ ପଚାରିଲେ,
"ସାହାଯ୍ୟ କିପରି କରିବେ ?"

ମୁଁ କହିଲି, "ଭଲ
ପାଇବାର ଭରସା ଦେଇ"

ପ୍ରସ୍ତୁତ ହେଉଛି ପ୍ଲାଟିନା ଏଭାରାର ନୂଆ କଲେକଶନ୍ । ରାଜକୀୟ ପ୍ଲାଟିନମ୍‌ରେ ତରଶା ଯାଇଥିବା ଜ୍ୱେଲରୀ, ସେହି ମହିଳାଙ୍କ ପାଇଁ, ଯିଏ ପ୍ରୟାସ ସୁଯୋଗରେ ସର୍ବଦା ସଫଳ ହୋଇଥାନ୍ତି । ଯିଏ ନିଜର ସହାନୁଭୂତିରେ ଅନ୍ୟଙ୍କ ଜୀବନକୁ ପ୍ରଭାବିତ କରିବାରେ କଦାପି ପଛକୁ ହଟି ନଥାନ୍ତି ।

#RiseWithGrace



Pt
EVARA
PLATINUM BLESSINGS

/PlatinumEvara Look for PT950 - The assurance of 95% pure platinum, a mark of authenticity and purity. Explore **https://ptevara.in/**

For authentic platinum jewellery and assured buyback, ask for your platinum purity assurance card.

**Some PGI Authorised Retailers: Bhubaneshwar | Chandrasekharpur:** Khimji Jewellers 3057777 | Senco Gold & Diamonds 2500070 | Tanishq 2742842 | **Janpath:** Khimji Jewellers 6697777 | Reliance Jewels 2570035 | **Shaid Nagar:** Kalyan Jewellers 2542333 | **Station Square:** Tanishq 2534351 | **Cuttack | Buxi Bazaar:** Senco Gold & Diamonds 2417080 | **Cantonment Road:** Khimji Jewellers 3987777 | **Kishore House:** Tanishq 2302036

**ବାମ ଦଳ ସହ ମେଣ୍ଟ କରିବ କଂଗ୍ରେସ**

କୋଲକାତା: ପଶ୍ଚିମବଙ୍ଗରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ଲଢ଼ିବାକୁ ବାମ ଦଳ ସହ ମେଣ୍ଟ କରିବ କଂଗ୍ରେସ। ଏ ନେଇ ଦଳ ହାଇକମାଣ୍ଡ ଗ୍ରୀନ ସିଗ୍‌ନାଲ ଦେଇଥିବା ପଶ୍ଚିମବଙ୍ଗ ପ୍ରଦେଶ କଂଗ୍ରେସ କମିଟି ସଭାପତି ଅଧୀର ରଞ୍ଜନ ଚୌଧୁରୀ ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ଡଙ୍ଗା ବୁଡ଼ି ୩୦ ମୃତ

**କିନ୍‌ଶାସା, ୨୪।୧୨:** କରୋନା କଟକଣାକୁ ଏଡ଼ାଇବା ପାଇଁ କଙ୍ଗୋରୁ ଉଗାଣ୍ଡା ପଳାଇ ଆସୁଥିବା ଯାତ୍ରୀଙ୍କ ଡଙ୍ଗା ବୁଧବାର ରାତିରେ ଏକ ହ୍ରଦରେ ବୁଡ଼ିଯାଇଛି। ଏଥିରେ ପ୍ରାୟ ୩୦ ଜଣଙ୍କ ମୃତ୍ୟୁ ଘଟିଛି। ସଂକ୍ରମଣ ବୃଦ୍ଧି ଦୃଷ୍ଟିରୁ ସୀମା ସିଲ୍ କରାଯାଇଥିବାବେଳେ ସେମାନେ ଡଙ୍ଗା ଯୋଗେ ବେଆଇନ ଭାବେ ଉଗାଣ୍ଡା ଆସୁଥିଲେ ବୋଲି ସ୍ଥାନୀୟ ସରକାର କହିଛନ୍ତି।

### ହାଫିଜଙ୍କୁ ୧୫ ବର୍ଷ ଜେଲ

**ଲାହୋର, ୨୪।୧୨:** ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ହାଫିଜ ସଇଦଙ୍କୁ ଆତଙ୍କୀ ସଙ୍ଗଠନକୁ ଅର୍ଥ ପ୍ରଦାନ ସମ୍ପର୍କିତ ଏକ ମାମଲାରେ ୧୫ ବର୍ଷ ୬ମାସ ଜେଲ ଦଣ୍ଡାଦେଶ ହୋଇଛି। ପାକିସ୍ତାନର ଆଣ୍ଟି ଟେରରିଜିମ୍ କୋର୍ଟ ମାମଲାର ଶୁଣାଣି କରି ଜେଲ ଦଣ୍ଡ ସହ ହାଫିଜଙ୍କ ଉପରେ ୨ ଲକ୍ଷ ଟଙ୍କାର ଜରିମାନା ଲଗାଇଛନ୍ତି। ପୂର୍ବରୁ ଏହିଭଳି ଅନ୍ୟ ୪ଟି ମାମଲାରେ ମଧ ତାଙ୍କୁ ୨୧ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ହୋଇଥିଲା।

### ୨ ଆତଙ୍କବାଦୀ ନିହତ

**ଶ୍ରୀନଗର, ୨୪।୧୨:** ଜମ୍ମୁ-କଶ୍ମୀରର ବାରମୁଲ୍ଲା ଜିଲାରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଗୁରୁବାର ସକାଳେ ଉତ୍ତର କାଶ୍ମୀରର କ୍ରେରି ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ପାଇ ସୁରକ୍ଷା ବାହିନୀ ପକ୍ଷରୁ ସର୍ଚ୍ଚ ଅପରେଶନ କରାଯାଇଥିଲା। ଉଭୟ ପକ୍ଷ ସାମ୍ନାସାମନି ହେବାରେ ୨ ଆତଙ୍କବାଦୀ ଗୁଳିଚାଳନା କରିଥିଲେ। ଯବାନଙ୍କ ଏନକାଉଣ୍ଟରରେ ଉଭୟଙ୍କ ମୃତ୍ୟୁ ଘଟିଥିବା ପୋଲିସ କହିଛି।

### ବିଏଆର୍‌ସି ପୂର୍ବତନ ସିଇଓ ଗିରଫ

**ମୁମ୍ବାଇ, ୨୪।୧୨:** ଟିଆର୍‌ପି ଦୁର୍ନୀତି ମାମଲାରେ ମୁମ୍ବାଇ କ୍ରାଇମବ୍ରାଞ୍ଚ ବ୍ରଡକାଷ୍ଟ ଅଡିଏନ୍ସ ରିସର୍ଚ୍ଚ କାଉନସିଲ(ବିଏଆର୍‌ସି)ର ପୂର୍ବତନ ସିଇଓ ପାର୍ଥ ଦାସଗୁପ୍ତାଙ୍କୁ ଗୁରୁବାର ଗିରଫ କରିଛି। ଶୁକ୍ରବାର ତାଙ୍କୁ କୋର୍ଟରେ ହାଜର କରାଯିବ ବୋଲି ଜଣାଯାଇଛି। ଏହା ପୂର୍ବରୁ ବିଏଆରସିର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଓଏ) ରାମିଲ ରାମଗରିଆଙ୍କୁ ଗିରଫ କରାଯାଇଥିଲା। ଟିଆରପି ବୃଦ୍ଧି ପାଇଁ କେତେକ ଟିଭି ଚ୍ୟାନେଲଠାରୁ ସେ ଲାଞ୍ଚ ନେଇଥିବା ଅଭିଯୋଗ ରହିଛି।

### ନିମୋନିଆର ସ୍ୱଦେଶୀ ଟିକା

**ନୂଆଦିଲ୍ଲୀ, ୨୪।୧୨:** ନିମୋନିଆର ପ୍ରତିଷେଧକ ଭାବେ ଦେଶବାସୀଙ୍କୁ ଯୋଗାଯିବ ପ୍ରଥମ ସ୍ୱଦେଶୀ ଟିକା। ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ପକ୍ଷରୁ ଏହି ଟିକା ବିକଶିତ କରାଯାଇଛି। ଆସନ୍ତା ସପ୍ତାହ ଆରମ୍ଭରେ ଘରୋଇ ବଜାରରେ ଏହାକୁ ଉପଲବ୍ଧ କରାଯିବା ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ପୁଣେସ୍ଥିତ ଏହି ସଂସ୍ଥା ପକ୍ଷରୁ ୩ଟି ପର୍ଯ୍ୟାୟ କ୍ଲିନିକାଲ ଟ୍ରାଏଲ ତଥ୍ୟ ସମୀକ୍ଷା କରାଯିବା ପରେ ଗତ ଜୁଲାଇରେ ଭାରତର ଡ୍ରଗ୍ ନିୟନ୍ତ୍ରକ 'ନିମୋକୋକାଲ୍ ପଲିସାକାରାଇଡ୍ କଞ୍ଜୁଗେଟ୍' ଟିକାର ବଜାର ଅନୁମୋଦନ ପ୍ରଦାନ କରିଥିଲେ। ୟୁନିସେଫ୍ ତଥ୍ୟ ଅନୁଯାୟୀ, ଭାରତରେ ପ୍ରତିବର୍ଷ ଲକ୍ଷାଧିକ ପାଞ୍ଚ ବର୍ଷରୁ କମ୍ ବୟସର ଶିଶୁଙ୍କ ନିମୋନିଆ ଯୋଗୁ ମୃତ୍ୟୁ ଘଟୁଛି।



# ହନି ଟ୍ରାପ୍‌ରେ ଆମେରିକା ନେତା

**ୱାଶିଂଟନ୍:** ଚାଇନା ଗୁପ୍ତଚରଙ୍କ ନଜରରେ ଆମେରିକାର ବିଶିଷ୍ଟ ରାଜନେତା। ବିଭିନ୍ନ ଦେଶରୁ ତଥ୍ୟ ଚୋରି ଘଟଣାରେ ଚର୍ଚ୍ଚାରେ ରହୁଥିବା ଚାଇନା ଆମେରିକାର ବିଶିଷ୍ଟ ରାଜନେତାଙ୍କଠାରୁ ଡାଟା ସଂଗ୍ରହ ପାଇଁ ହନି-ଟ୍ରାପ୍‌ର ରାସ୍ତା ଆପଣାଇଥିବା ଏକ୍ସିଓସ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ଏହି ହାଇପ୍ରୋଫାଇଲ ମିଶନରେ ମେୟର ଓ କଂଗ୍ରେସ ସଦସ୍ୟଙ୍କୁ ଫସାଇ ସେମାନଙ୍କ କ୍ଷମତା ବ୍ୟବହାର କରୁଥିବା ଖ୍ରିଷ୍ଟେନ ଫାଙ୍ଗ ନାମ୍ନୀ ସୁନ୍ଦରୀ ଯୁବତୀ ଜଣେ ଚାଇନା ଏଜେଣ୍ଟ ବୋଲି ଆମେରିକା ଗୋଇନ୍ଦା ବିଭାଗ ଜାଣିବାକୁ ପାଇଛି। ଶାରୀରିକ ସୁନ୍ଦରତା ବଳରେ ଏହିଭଳି ଗୁପ୍ତଚରମାନେ ୨୦୧୧ରୁ ୨୦୧୫ ମଧ୍ୟରେ ଅନେକ ଜାତୀୟ ବ୍ୟକ୍ତିତ୍ୱଙ୍କ ସହ ଘନିଷ୍ଠ ସମ୍ପର୍କ ସ୍ଥାପନ ସହ ସେମାନଙ୍କ କ୍ଷମତା ବ୍ୟବହାର କରିଥିବା ଆମେରିକାର ଜଣେ ଗୋଇନ୍ଦା ଅଧିକାରୀ ପ୍ରକାଶ କରିଛନ୍ତି।

# ୧୦ ବର୍ଷ ନିସ୍ତାର ନାହିଁ



**ଲଣ୍ଡନ:** ମହାମାରୀ କରୋନାରୁ ଏବେ ନିସ୍ତାର ମିଳିବ ନାହିଁ। ଆମ ସହ ଏହି ଘାତକ ଭୂତାଣୁ ଆହୁରି ୧୦ ବର୍ଷ ରହିବ ବୋଲି ବିଶ୍ୱର ପ୍ରଥମ ମଞ୍ଜୁରୀପ୍ରାପ୍ତ ଭାକ୍ସିନ ପ୍ରସ୍ତୁତକାରୀ ସଂସ୍ଥା ପକ୍ଷରୁ ସତର୍କ କରାଇ ଦିଆଯାଇଛି।

ଫାଇଜର ପକ୍ଷରୁ କରୋନା ଭାଇରସ୍ ଭାକ୍ସିନ ପ୍ରସ୍ତୁତିର ନେତୃତ୍ୱ ନେଇଥିବା ବୈଜ୍ଞାନିକ ଉଗୁର ସାହିନ କହିଛନ୍ତି, କୋଭିଡ୍-୧୯ ଭୂତାଣୁ ଆମ ସହିତ ଆଗାମୀ ୧୦ ବର୍ଷ ପର୍ଯ୍ୟନ୍ତ ରହିବ। ଆଗକୁ ଏହା ଅଧିକ ବ୍ୟାପିପାରେ। ଏହାକୁ ବୁଝି ଆମକୁ ଚଳିବାକୁ ପଡ଼ିବ। ବିଶ୍ୱକୁ କେବେ ସ୍ୱାଭାବିକ ସ୍ଥିତି ଫେରିବ ବୋଲି ପ୍ରଶ୍ନ କରାଯିବାରୁ ସାହିନ କହିଥିଲେ, ଆମକୁ 'ସ୍ୱାଭାବିକ'ର ନୂଆ ସଂଜ୍ଞା ପରିଭାଷିତ କରିବାକୁ ହେବ। ଏହାର ମୁକାବିଲା ପାଇଁ କେବଳ ଦେଶଗୁଡ଼ିକ ଲକ୍‌ଡାଉନ୍ କରିଦେଲେ ଚଳିବ ନାହିଁ। ବିଶ୍ୱର ୬୦-୭୦% ଲୋକଙ୍କୁ ନେଇ ଟିକାକରଣ କଲେ ଭୂତାଣୁ ସଂକ୍ରମଣକୁ ରୋକାଯାଇ ପାରିବ ନାହିଁ ବୋଲି ସାହିନ ଚେତାଇଦେଇଛନ୍ତି। ପ୍ରକାଶ ଯେ, ଆମେରିକାର ଡ୍ରଗ୍ କମ୍ପାନୀ ଫାଇଜର ଓ ଜର୍ମାନୀର ବାୟୋଏନ୍‌ଟେକ୍ ସହଭାଗିତାରେ ବର୍ଷେରୁ କମ୍ ସମୟ ମଧ୍ୟରେ କରୋନା ଭାକ୍ସିନ ପ୍ରସ୍ତୁତ କରାଯାଇଛି। ଉଗୁର ସାହିନ ବାୟୋଏନ୍‌ଟେକ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଛନ୍ତି।

# ରାଜା, ରାଣୀ ଓ ସେ

## ଚର୍ଚ୍ଚାରେ ଥାଇଲାଣ୍ଡ ରାଜାଙ୍କ ଗର୍ଲଫ୍ରେଣ୍ଡ
## ୧୪୪୩ ନ୍ୟୁଡ୍ ଫଟୋ ଲିକ୍ ହେବା ପରେ ହଇଚଇ



ସିନୀନାତ୍ ୱୋଙ୍ଗବଜିରାପକ୍‌ଡି

**ବ୍ୟାଙ୍କକ, ୨୪।୧୨**

ରାଜତନ୍ତ୍ରରେ ସଂସ୍କାର ଆଣିବା ଦାବିରେ ଥାଇଲାଣ୍ଡ ରାଜରାସ୍ତାରେ ଆନ୍ଦୋଳନକାରୀ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ରାଜା ମହା ବଜିରାଲୋଙ୍ଗକୋର୍ନଙ୍କ ଗର୍ଲଫ୍ରେଣ୍ଡ ସିନୀନାତ୍ ୱୋଙ୍ଗବଜିରାପକ୍‌ଡି ଓରଫ୍ କୋଇଙ୍କ ୧୪୪୩ ଫଟୋ ଲିକ୍ ହୋଇଯାଇଛି। ସେଥିରୁ ଅଧିକାଂଶ ହେଉଛି ନଗ୍ନ ଅଥବା ଅର୍ଦ୍ଧନଗ୍ନ ଫଟୋ। ରାଜାଙ୍କ ଔପଚାରିକ ଧର୍ମପତ୍ନୀ ତଥା ରାଣୀ ସୁଥିଡ଼ା ଓ ଉପପତ୍ନୀ କୋଇଙ୍କ ମଧ୍ୟରେ ଝଗଡ଼ା ଲାଗିରହିଥିବାରୁ ଏହି ଫଟୋଗୁଡ଼ିକୁ ଲିକ୍ କରାଯାଇଛି। ନିକଟରେ କୋଇ ଜେଲରୁ ମୁକ୍ତ ହୋଇ ରାଜାଙ୍କ ପାଖକୁ ଫେରିଥିବାବେଳେ ରାଣୀ ସୁଥିଡ଼ା ଏହି ଫଟୋ ସବୁକୁ ପ୍ରଘଟ କରାଇଥିବା କୁହାଯାଉଛି।

ମହା ବଜିରାଲୋଙ୍ଗକୋର୍ନ ହେଉଛନ୍ତି ଥାଇଲାଣ୍ଡ ରାଜା ଭୂମିବୋଲ ଅଦୁଲ୍ୟଦେଜ ଓ ରାଣୀ ସିରିକିତ୍‌ଙ୍କ ଏକମାତ୍ର ପୁଅ। ମାତ୍ର ୨୦ ବର୍ଷ ବୟସରେ ରାଜା ଭୂମିବୋଲ ତାଙ୍କୁ କ୍ରାଉନ୍ ପ୍ରିନ୍ସ ଘୋଷଣା କରିଥିଲେ। ୨୦୧୬ ଅକ୍ଟୋବର ୧୩ରେ ରାଜାଙ୍କ ମୃତ୍ୟୁ ପରେ ଡିସେମ୍ବର ୧ରେ ୬୮ ବର୍ଷୀୟ ରାଜକୁମାର ବଜିରାଲୋଙ୍ଗକୋର୍ନ ଚକ୍ରି ରାଜବଂଶର ଦଶମ ସମ୍ରାଟ ହୋଇଥିଲେ। ସାମ୍ବିଧାନିକ ରାଜପଦ ସମ୍ଭାଳିବାରେ ସେ ହେଉଛନ୍ତି ଥାଇଲାଣ୍ଡର ବୟୋଜ୍ୟେଷ୍ଠ ସମ୍ରାଟ। ନିଜ ସୌଖୀନ ଓ ବିଳାସପୂର୍ଣ୍ଣ ଜୀବନକୁ ନେଇ ଚର୍ଚ୍ଚାରେ ରହୁଥିବା ବଜିରାଲୋଙ୍ଗକୋର୍ନଙ୍କ ସମ୍ପତ୍ତିର ମୂଲ୍ୟ ୪୩ ବିଲିୟନ୍ ଡଲାରରୁ ଅଧିକ। ତାଙ୍କୁ ବିଶ୍ୱର ଅନ୍ୟତମ ଧନୀ ଶାସକ ଭାବେ ବିବେଚନା କରାଯାଏ। ବଜିରାଲୋଙ୍ଗକୋର୍ନ ୨୦୧୯ରେ ସୁଥିଡ଼ାଙ୍କୁ ବିବାହ କରି ରାଣୀ ମର୍ଯ୍ୟାଦା ଦେଇଥିଲେ। ଏହା ପୂର୍ବରୁ ରାଜା ୩ ବିବାହ କରିଥିଲେ ଓ ତାଙ୍କର ୭ ସନ୍ତାନ ସନ୍ତତି ଅଛନ୍ତି। ତେବେ ୩ ସ୍ତ୍ରୀଙ୍କ ସହ ତାଙ୍କର ଛାଡ଼ପତ୍ର ହୋଇଯାଇଛି। ଉଭୟ ୪୨ ବର୍ଷୀୟା ସୁଥିଡ଼ା ଓ ୩୫ ବର୍ଷୀୟା କୋଇ ରାଜପ୍ରାସାଦରେ ସିନିୟର ଅଫିସର ରୂପେ କାମ କରିଛନ୍ତି। ସୁଥିଡ଼ା ଏହା ପୂର୍ବରୁ ଥାଇ ଏୟାରୱେଜ୍‌ରେ ଫ୍ଲାଇଟ୍ କ୍ରୁ ଭାବେ କାମ କରିଥିବାବେଳେ କୋଇ ଆର୍ମିରେ ନର୍ସ ଥିଲେ। ୨୦୧୪ରେ ରାଜା ସୁଥିଡ଼ାଙ୍କୁ ନିଜ ଅଙ୍ଗରକ୍ଷୀ ବାହିନୀର ଉପକମାଣ୍ଡର ରୂପେ ନିଯୁକ୍ତ କରିଥିଲେ। ୨୦୧୬ ଡିସେମ୍ବରରେ ସେ ସୁଥିଡ଼ାଙ୍କୁ ସେନାରେ ଜେନେରାଲ ର୍ୟାଙ୍କରେ ଅବସ୍ଥାପିତ କରିଥିଲେ। ୨୦୧୯ ଜୁଲାଇରେ ରାଜାଙ୍କ ୬୭ତମ ଜନ୍ମଦିନ ପାଳନ ବେଳେ କୋଇଙ୍କୁ ରାଜକୀୟ ମାନ୍ୟତା ଦିଆଯାଇଥିଲା। ରାଣୀଙ୍କୁ ନ୍ୟୂନ ଦର୍ଶାଇ ତାଙ୍କ ଛବି ଖରାପ କରିବା ଅଭିଯୋଗରେ ଗତବର୍ଷ ଅତି ନାଟକୀୟ ଢଙ୍ଗରେ କୋଇଙ୍କୁ ଜେଲ ପଠାଇ ଦିଆଯାଇଥିଲା। ଫଳରେ ସେ ରାଜକୀୟ ପଦପଦବୀ ତ୍ୟାଗ କରିବାକୁ ବାଧ ହୋଇଥିଲେ। ହେଲେ ସେ ଜେଲ ଯିବାର ଅନେକ ଦିନ ପରେ ରାଜା ଏନେଇ ସୂଚନା ପାଇଥିଲେ।

ଏବେ କୋଇଙ୍କ ନ୍ୟୁଡ୍ ଫଟୋଗୁଡ଼ିକୁ ରାଜତନ୍ତ୍ର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଆକ୍ଟିଭିଷ୍ଟମାନଙ୍କ ନିକଟକୁ ପଠାଯାଇଥିବା ଖବର ଆସିଛି। ଏହି ଫଟୋଗୁଡ଼ିକ ୨୦୧୨ରୁ ୨୦୧୪ ମଧ୍ୟରେ ଉଠାଯାଇଥିଲା। ଫଟୋ ଉତ୍ତୋଳନ ବେଳେ କୋଇ କ୍ୟାମେରା ଆଗରେ ଅତି ଉତ୍ତେଜକ ଭଙ୍ଗୀରେ ପୋଜ୍ ଦେଇଛନ୍ତି। କୁହାଯାଉଛି, କୋଇ ନିଜେ ଏହି ଫଟୋ ସବୁକୁ କ୍ଲିକ୍ କରି ରାଜାଙ୍କ ପାଖକୁ ପଠାଇଥିଲେ। ଥାଇଲାଣ୍ଡ ରାଜକୀୟ ଶାସନର ସମାଲୋଚକ ବ୍ରିଟିଶ ସାମ୍ବାଦିକ ଆଣ୍ଡ୍ରୁ ମେକ୍‌ଗ୍ରେଗର ମାର୍ଶାଲଙ୍କ ନିକଟକୁ ମଧ କେତେକ ନ୍ୟୁଡ୍ ଫଟୋ ପଠାଯାଇଛି। ଏକ ଫେସ୍‌ବୁକ୍ ପୋଷ୍ଟରେ ଆଣ୍ଡ୍ରୁ ଲେଖିଛନ୍ତି, ଫଟୋଗୁଡ଼ିକ କୋଇଙ୍କ ବ୍ୟକ୍ତିଗତ ଫୋନ୍‌ରେ ଉଠାଇଥିବା ସ୍ପଷ୍ଟ ଜଣାପଡୁଛି। ଏହି ଅଶ୍ଳୀଳ ଛବିଗୁଡ଼ିକୁ ରାଜାଙ୍କ ପାଖକୁ ପଠାଇବା ପାଇଁ କୋଇ ନିଜେ ଉଠାଇଥିଲେ।

ସେହିପରି ରାଜତନ୍ତ୍ରକୁ ସମାଲୋଚନା କରିବା ପରେ ଜେଲ ଦଣ୍ଡାଦେଶ ପାଇ ଜାପାନରେ ରହୁଥିବା ଥାଇ ଶିକ୍ଷାବିତ୍ ପବିନ ଚାଚାଭାଲପୋଙ୍ଗପୁନଙ୍କ ନିକଟକୁ ମଧ କୋଇଙ୍କ ନ୍ୟୁଡ୍ ଫଟୋ ପଠାଯାଇଛି। ଉକ୍ତ ଫଟୋଗୁଡ଼ିକ ଭାଇରାଲ ହେବା ପରେ ରାଜା ଓ କୋଇଙ୍କ ସମ୍ପର୍କକୁ ନେଇ ଚାରିଆଡ଼େ ଚର୍ଚ୍ଚା ଜୋର୍ ଧରିଛି। ପ୍ରକାଶ ଯେ, କିଛିବର୍ଷ ତଳେ ରାଜାଙ୍କ ଏକ ଫେସ୍‌ବୁକ୍ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ସେଥିରେ ଜର୍ମାନୀର ମ୍ୟୁନିକ୍‌ସ୍ଥିତ ଏକ ଶପିଂ ମଲ୍‌ରେ ରାଜା ଓ ତାଙ୍କ ମିଷ୍ଟ୍ରେସ୍‌ଙ୍କୁ ଦେଖିବାକୁ ମିଳିଥିଲା। ରାଜା ଅଣରାଜକୀୟ ପରିଧାନରେ ଥାଇ ଆଇସ୍‌କ୍ରିମ୍ ଖାଉଥିଲେ। ଥାଇଲାଣ୍ଡରେ ରାଜାଙ୍କୁ ଅତ୍ୟନ୍ତ ସମ୍ମାନର ସହ ଦେଖାଯାଉଥିବାବେଳେ ଉକ୍ତ ଭାଇରାଲ ଭିଡିଓକୁ ନେଇ ତାଙ୍କୁ ଟ୍ରୋଲ କରାଯାଇଥିଲା।



ବ୍ୟାଙ୍କକ୍ ଗ୍ରାଣ୍ଡ ପ୍ୟାଲେସ୍‌ରେ ରାଜା ମହା ବଜିରାଲୋଙ୍ଗକୋର୍ନଙ୍କ ସହ ରାଣୀ ସୁଥିଡ଼ା(ଡାହାଣ) ଓ ପ୍ରିନ୍ସେସ୍ ବଜ୍ରକିତିୟାଭା।

# ୪,୦୦୦ କୋଟିର ସମ୍ପତ୍ତି ବାଜ୍ୟାପ୍ତ

## ୩୨ ଲକ୍ଷ ଲୋକଙ୍କୁ ଚୂନ ଲଗାଇଥିଲା ଏଗ୍ରି ଗୋଲ୍ଡ କମ୍ପାନୀ

**ହାଇଦ୍ରାବାଦ, ୨୪।୧୨**

ଲକ୍ଷ ଲକ୍ଷ ଲୋକଙ୍କୁ ଚୂନ ଲଗାଇଥିବା ଏକ କମ୍ପାନୀର ୪,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତିକୁ ବାଜ୍ୟାପ୍ତ କରାଯାଇଥିବା ଗୁରୁବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ସୂଚନା ଦିଆଯାଇଛି। ଏଗ୍ରି ଗୋଲ୍ଡ ଗ୍ରୁପ୍ ଅଫ୍ କମ୍ପାନିଜ୍ କମିଶନ ଏଜେଣ୍ଟମାନଙ୍କ ଜରିଆରେ ବିଭିନ୍ନ ରାଜ୍ୟର ୩୨ ଲକ୍ଷ ଲୋକଙ୍କଠାରୁ ବିଭିନ୍ନ ସ୍କିମ୍‌ରେ ୬,୮୦୦ କୋଟି ଟଙ୍କା ଠକି ନେଇଥିଲା। ଇଡି ପକ୍ଷରୁ ଏହାର ଖୋଳତାଡ଼ ଚାଲିଥିବାବେଳେ କମ୍ପାନୀର ୩ ଜଣ ପ୍ରମୋଟରଙ୍କୁ ମଙ୍ଗଳବାର ଗିରଫ କରାଯାଇଥିଲା। ସେମାନେ ହେଲେ ଆଭା ଭେଙ୍କଟ ରାମା ରାଓ, ଆଭା ଭେଙ୍କଟ ଏସ୍. ନାରାୟଣ ରାଓ ଏବଂ ଆଭା ହେମା ସୁନ୍ଦର ଭାରା ପ୍ରସାଦ। ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଓଡ଼ିଶା, ତାମିଲନାଡୁ ଓ ତେଲଙ୍ଗାନାରେ ଥିବା ଏଗ୍ରି ଗୋଲ୍ଡ କମ୍ପାନୀର ୪,୧୦୯ କୋଟି ଟଙ୍କାର ସମ୍ପତ୍ତିକୁ ମନି ଲଣ୍ଡରିଂ ନିବାରଣ ଆଇନ ବଳରେ ବାଜ୍ୟାପ୍ତ କରାଯାଇଥିବା ଇଡି କହିଛି। ୨୦୧୭ରେ ପ୍ରଘଟ ହୋଇଥିବା ପାରାଡାଇଜ୍ ପେପର୍ସରେ ମଧ ଏହି ଗିରଫ ୩ ଅଭିଯୁକ୍ତଙ୍କ ନାମ ସାମ୍ନାକୁ ଆସିଥିଲା।

# ଆତ୍ମନିର୍ଭର ଭାରତ ଟାଗୋରଙ୍କ କଳ୍ପନା

## ମମତାଙ୍କୁ ନ ଡାକି ଅପମାନିତ କରାଯାଇଛି: ଟିଏମ୍‌ସି



ନରେନ୍ଦ୍ର ମୋଦି

**କୋଲକାତା, ୨୪।୧୨**

ସ୍ୱାଧୀନତା ସଂଗ୍ରାମବେଳରୁ ଭାରତକୁ ଆତ୍ମନିର୍ଭର କରାଇବା ଥିଲା ଅନେକ ମହାନାୟକଙ୍କ ସ୍ୱପ୍ନ। କବି ରବୀନ୍ଦ୍ରନାଥ ଟାଗୋରଙ୍କ କଳ୍ପନାରେ ମଧ ଆତ୍ମନିର୍ଭର ଭାରତ ସ୍ଥାନ ପାଇଥିଲା ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପଶ୍ଚିମବଙ୍ଗସ୍ଥିତ ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟର ଗୁରୁବାର ଶତବାର୍ଷିକୀ ପାଳନ ଉତ୍ସବ ଅବସରରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଯୋଗଦେଇ ମୋଦି କହିଛନ୍ତି, ଟାଗୋରଙ୍କ ମାର୍ଗଦର୍ଶନରେ ସ୍ୱତନ୍ତ୍ରତା ସଂଗ୍ରାମବେଳେ ଭାରତୀୟ ଜାତୀୟତାବାଦ ଭାବନା ପ୍ରତିଫଳିତ ହୋଇଥିଲା। ବିଶ୍ୱ ଭାରତୀର ୧୦୦ ବର୍ଷର ଯାତ୍ରା ଅତ୍ୟନ୍ତ ସ୍ୱତନ୍ତ୍ର ଏବଂ ପ୍ରତିଷ୍ଠାତା ଗୁରୁ ରବୀନ୍ଦ୍ରନାଥଙ୍କ ଦର୍ଶନ ଏବଂ ପରିଶ୍ରମର ପ୍ରତିଫଳନ।

ପଶ୍ଚିମବଙ୍ଗରେ ଆସନ୍ତାବର୍ଷ ନିର୍ବାଚନ ଥିବାବେଳେ ଏବେ ଏହି ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ପରେ ଶାସକ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ଓ ଭାଜପା ପୁଣି ମୁହାଁମୁହିଁ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଏହି କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରା ନ ଯାଇ ତାଙ୍କୁ ଅପମାନିତ କରାଯାଇଥିବା ଟିଏମ୍‌ସି ଅଭିଯୋଗ କରିଛି। ଅପରପକ୍ଷେ ଏହାର ଜବାବ ରଖି ଭାଜପା କହିଛି ଯେ, ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଚିଠି ପଠାଯାଇଥିଲେ ହେଁ ମମତା କାର୍ଯ୍ୟକ୍ରମରେ ଯୋଗ ନ ଦେଇ ଟାଗୋରଙ୍କ ସହ ଅନୁଷ୍ଠାନକୁ ଅପମାନିତ କରିଛନ୍ତି। ତେବେ ଗତ ୧୫ ଦିନ ମଧ୍ୟରେ କୌଣସି ଚିଠି ପଶ୍ଚିମବଙ୍ଗ ସରକାରଙ୍କ ଉଦ୍ଦେଶ୍ୟରେ ଆସି ନ ଥିବା କହିଛନ୍ତି ଟିଏମ୍‌ସି ମନ୍ତ୍ରୀ ବ୍ରାତ୍ୟ ବୋଷ। ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ମଧ ରାଜ୍ୟ ସରକାରଙ୍କୁ କାର୍ଯ୍ୟକ୍ରମ ବାବଦରେ ଜଣା ନ ଯାଇ ପ୍ରୋଟକଲକୁ ଭଙ୍ଗା ଯାଇଥିବା ସେ କହିଛନ୍ତି।

# ମିଳିଲା ୧୨୦ ବର୍ଷର କାଡ୍‌ବରି



**କାନବେରା, ୨୪।୧୨:** ଚକୋଲେଟ ଦେଖି ନିଜକୁ କିଏ କଣ୍ଟ୍ରୋଲ କରିପାରିବ। ଆମେ ଯେତେବେଳେ ବି କାଡ୍‌ବରି ଚକୋଲେଟ କିଣୁ ତାକୁ ସଙ୍ଗେ ସଙ୍ଗେ ଖାଇଦେଉ ନ ହେଲେ ଖରାପ ହୋଇଯିବା ଆଶଙ୍କା କରି ଫ୍ରିଜ୍‌ରେ ରଖୁ। କିନ୍ତୁ ନ୍ୟାଶନାଲ ଲାଇବ୍ରେରି ଅଫ୍ ଅଷ୍ଟ୍ରେଲିଆ (ଏନ୍‌ଏଲ୍‌ଏ) ନିକଟରେ ୧୨୦ ବର୍ଷ ପୁରୁଣା କାଡ୍‌ବରି ବକ୍ସକୁ ଖୋଜି ପାଇଛି। ସୋସିଆଲ ମିଡିଆରେ ସେହି ଚକୋଲେଟର ଫଟୋ ଶେୟାର କରାଯାଇଛି। ଏତେ ବର୍ଷ ପରେ ବି ଯେଭଳି ଅବସ୍ଥାରେ କାଡ୍‌ବରି ମିଳିଛି, ତାହା ସମସ୍ତଙ୍କୁ ବିସ୍ମିତ କରିଦେଇଛି। ଚକୋଲେଟର କେବଳ ଗୋଟିଏ ପଟ ସାମାନ୍ୟ ଭାଙ୍ଗିଯାଇଛି। ବାକି ପୂରା ବକ୍ସ ଫ୍ରେସ୍ ନଜର ଆସୁଛି। ଏହି ଚକୋଲେଟର ମାଲିକ ଥିଲେ ଅଷ୍ଟ୍ରେଲିଆର ପ୍ରସିଦ୍ଧ କବି ବେଞ୍ଜୋ ପିଟରସନ। ଏହି ଶତାବ୍ଦୀ ପୁରୁଣା କାଡ୍‌ବରିକୁ ମହାରାଣୀ ଭିକ୍ଟୋରିଆ ବୋର ୱାର (ଦକ୍ଷିଣ ଆଫ୍ରିକାରେ କୃଷକ ଆନ୍ଦୋଳନ) ବେଳେ ତିଆରି କରାଇଥିଲେ।

ଯେଉଁ ବକ୍ସରୁ ଏହି ଚକୋଲେଟ ମିଳିଛି ତାକୁ ବୋର୍ ୱାର ସମୟରେ ମହାରାଣୀ ସୈନ୍ୟମାନଙ୍କୁ ବାଣ୍ଟୁଥିଲେ। ବକ୍ସ ଉପରେ ମହାରାଣୀ ଲେଖିଛନ୍ତି, 'ଦକ୍ଷିଣ ଆଫ୍ରିକା, ୧୯୦୦' ଏବଂ 'ତୁମକୁ ନବବର୍ଷର ଅଭିନନ୍ଦନ ଜଣାଉଛି'। ବକିଂହାମ ପ୍ୟାଲେସ୍ ପକ୍ଷରୁ ୭୦,୦୦୦ରୁ ୮୦,୦୦୦ ପାଉଣ୍ଡ କୋକା ଅର୍ଡର କରାଯିବା ପରେ କାଡ୍‌ବରି ବ୍ରିଟିଶ ସୈନ୍ୟଙ୍କ ପାଇଁ ଏହି ଐତିହାସିକ ଚକୋଲେଟ ତିଆରି କରିଥିଲା। ମହାରାଣୀ ନିଜେ ଏହି ଅର୍ଥ ବହନ କରିଥିଲେ। 'ୱାଲ୍‌ଟିଂ ମାଟିଲଡା' ଓ 'ଦି ମ୍ୟାନ୍ ଫ୍ରମ୍ ସ୍ନୋଇ ରିଭର' ଭଳି କବିତାର ସ୍ରଷ୍ଟା ବେଞ୍ଜୋ ପିଟରସନ ୧୮୯୯ରେ ବ୍ରିଟିଶ ସୈନ୍ୟଙ୍କଠାରୁ ଏହି ଚକୋଲେଟ ଆଣିଥିଲେ।

# ୧୩ ଚାଷୀଙ୍କ ନାଁରେ ହତ୍ୟା ଉଦ୍ୟମ ମାମଲା

## ଆନ୍ଦୋଳନକୁ ମାସେ

- ଆଲୋଚନା ପାଇଁ କେନ୍ଦ୍ର ପୁଣି ଚିଠି ଲେଖିଲା
- ଆଜି ଆଇନ ସମ୍ପର୍କରେ କୃଷକଙ୍କୁ ବୁଝାଇବେ ମୋଦି



କେନ୍ଦ୍ରର କୃଷି ଆଇନ ବିରୋଧରେ ସିଙ୍ଘୁ ସୀମାରେ ଆନ୍ଦୋଳନରତ ଚାଷୀ ବାଣ୍ଟୁଥିବା ଖାଦ୍ୟକୁ ସୁରକ୍ଷା କର୍ମୀମାନେ ନେଉଛନ୍ତି।

**ନୂଆଦିଲ୍ଲୀ, ୨୪।୧୨**

କେନ୍ଦ୍ରର ୩ ବିବାଦୀୟ କୃଷି ଆଇନକୁ ଉଚ୍ଛେଦ କରିବା ଦାବିରେ ନଭେମ୍ବର ୨୬ରୁ କୃଷକ ସଙ୍ଗଠନଗୁଡ଼ିକ ଆନ୍ଦୋଳନ ଚଳାଇଥିଲେ ହେଁ ସେମାନଙ୍କ କଥା ସରକାର ଶୁଣୁନାହାନ୍ତି। ଏହାର ପ୍ରତିବାଦରେ ଏକ କୃଷକ ଗୋଷ୍ଠୀ ମଙ୍ଗଳବାର ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କୁ ଅମ୍ବାଲା ସହରର ଅଗ୍ରସେନ ଛକରେ କଳାପତାକା ଦେଖାଇଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ତାଙ୍କ ମୋଟରକେଡ୍‌କୁ ଅଟକାଇବାକୁ ଯାଇ ସରକାର ବିରୋଧୀ ସ୍ଲୋଗାନ ଦେବା ସହ ଲାଠି ଫିଙ୍ଗିଥିବା ହରିୟାଣା ପୋଲିସ କହିଛି। ଏହାସହ ପୋଲିସ ୧୩ ଚାଷୀଙ୍କ ବିରୋଧରେ ହତ୍ୟା ଉଦ୍ୟମ ଓ ଦଙ୍ଗା ଭିଆଇବା ଅଭିଯୋଗରେ ମାମଲା ରୁଜୁ କରିଛି। ହରିୟାଣାର ଭାଜପା ସରକାର ଚାଷୀଙ୍କ ନାଁରେ ଏପରି ମାମଲା ରୁଜୁ କରି ସବୁ ସୀମା ଲଂଘିଛି। ଏଥିରୁ ସରକାରଙ୍କ ହତାଶା ପ୍ରତିଫଳିତ ହେଉଥିବା ରାଜ୍ୟ କଂଗ୍ରେସ ସଭାପତି କୁମାରୀ ସେଲ୍‌ଜା ସମାଲୋଚନା କରିଛନ୍ତି।

> ଗତ ସେପ୍ଟେମ୍ବରରେ ନିଜେ ଆଣିଥିବା ୩ କୃଷି ଆଇନକୁ ପ୍ରତ୍ୟାହାର କରିବା ପାଇଁ କେନ୍ଦ୍ର ସରକାର ରାଜି ହେଉନାହାନ୍ତି। ଏହାକୁ ହଟାଇବା ଦାବିରେ ଚାଲିଥିବା ଆନ୍ଦୋଳନକୁ ମାସେ ପୂରିବାକୁ ଯାଉଥିବାବେଳେ ଚାଷୀଙ୍କ ଭାବାବେଗ ସହ କେନ୍ଦ୍ର ଖେଳୁଥିବା କୃଷକ ସଙ୍ଗଠନଗୁଡ଼ିକ ଅଭିଯୋଗ ଆଣିଛନ୍ତି। କାରଣ ସରକାର କେବେ ଆଲୋଚନା ପାଇଁ ଟେବୁଲକୁ ଡାକୁଛନ୍ତି ତ ପୁଣି କେତେବେଳେ ସେମାନଙ୍କୁ ମିଥ୍ୟା ମାମଲାରେ ଫସାଉଛନ୍ତି।

ଏସବୁକୁ ଦୃଷ୍ଟିରେ ରଖି କଂଗ୍ରେସର ଏକ ପ୍ରତିନିଧି ଦଳ ଗୁରୁବାର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ହସ୍ତକ୍ଷେପ ଲୋଡ଼ିଛି। ୩ କୃଷି ଆଇନକୁ ପ୍ରତ୍ୟାହାର କରିବା ପାଇଁ ପାର୍ଲାମେଣ୍ଟର ଏକ ମିଳିତ ଅଧିବେଶନ ଡାକିବାକୁ ଦଳ ରାଷ୍ଟ୍ରପତିଙ୍କୁ ଅନୁରୋଧ କରିଛି। ସେପଟେ ଦିଲ୍ଲୀରେ ତାପମାତ୍ରା ଲଗାତର ଭାବେ କମିବାରେ ଲାଗିଥିବାବେଳେ ସିଙ୍ଘୁ, ଗାଜିପୁର ଓ ଟିକ୍ରି ସୀମାରେ ହଜାର ହଜାର ଚାଷୀ ଶୀତ କାକର ସହି ନିଜ ଦାବିରେ ଅଡ଼ିବସିଛନ୍ତି। କେନ୍ଦ୍ର ସରକାର ଗୁରୁବାର ଆନ୍ଦୋଳନରତ କୃଷକ ସଙ୍ଗଠନଗୁଡ଼ିକୁ ଆଲୋଚନା ପାଇଁ ପୁଣି ଥରେ ଚିଠି ଲେଖି ଆମନ୍ତ୍ରଣ କରିଛନ୍ତି। କୃଷି ମନ୍ତ୍ରଣାଳୟ ଯୁଗ୍ମ ସଚିବ ବିବେକ ଅଗ୍ରୱାଲଙ୍କଠାରୁ ୪୦ କୃଷକ ନେତାଙ୍କ ପାଖକୁ ଉକ୍ତ ଚିଠି ପଠାଯାଇଛି। ସରକାର ସବୁ ପ୍ରସଙ୍ଗରେ ଖୋଲା ହୃଦୟରେ ଆଲୋଚନା ପାଇଁ ପ୍ରସ୍ତୁତ। ତେଣୁ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ତାରିଖ ସ୍ଥିର କରିବାକୁ ଚିଠିରେ ଅନୁରୋଧ କରାଯାଇଛି। ପ୍ରକାଶ ଯେ, ପୂର୍ବରୁ ୫ ପର୍ଯ୍ୟାୟରେ କେନ୍ଦ୍ର-କୃଷକଙ୍କ ମଧ୍ୟରେ ବୈଠକ ହୋଇଥିଲା। ତେବେ ଉଭୟ ପକ୍ଷ ନିଜ ଜିଦ୍‌ରେ ଅଡ଼ିବସିଥିବାରୁ ଆଲୋଚନା ନିଷ୍ଫଳ ହୋଇଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଶୁକ୍ରବାର ମୋଦି ୯ କୋଟି ଚାଷୀଙ୍କ ସହ ଭର୍ଚୁଆଲ ବୈଠକ କରିବେ। କୃଷି ଆଇନ ଆଣିବା ପଛରେ କେନ୍ଦ୍ରର ଲକ୍ଷ୍ୟ ସମ୍ପର୍କରେ ସେ ଚାଷୀମାନଙ୍କୁ ବୁଝାଇବା ସହ ପିଏମ୍-କିଷାନ ଯୋଜନାରେ ପରବର୍ତ୍ତୀ ପର୍ଯ୍ୟାୟ ଆର୍ଥିକ ସହାୟତା ସ୍ୱରୂପ ୧୮,୦୦୦ କୋଟି ଟଙ୍କା ପ୍ରଦାନ କରିବେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୫/୨୦୨୦ | Bhubaneswar, Friday, December 25/2020 | ପୃଷ୍ଠା-୧

# ୬୪ ବର୍ଷରେ ଡାକ୍ତରୀ ପଢ଼ିବେ ଦିବ୍ୟାଙ୍ଗ

## ଇଚ୍ଛା ଆଗରେ ହାର୍ ମାନିଛି ବୟସ



**ସମ୍ବଲପୁର, ୨୪।୧୨(ବ୍ୟୁରୋ):** ଇଚ୍ଛା ଆଗରେ ହାର୍ ମାନିଛି ବୟସ। ଏହାକୁ ପ୍ରମାଣିତ କରିଛନ୍ତି ଦିବ୍ୟାଙ୍ଗ ଜୟକିଶୋର ପ୍ରଧାନ। ୬୪ ବର୍ଷରେ ସେ ଗୁରୁବାର ବୁର୍ଲା ଭୀମସାରରେ ଜଣେ ଡାକ୍ତରୀ ଛାତ୍ର ଭାବେ ନାମ ଲେଖାଇଛନ୍ତି। ଜୟ କିଶୋର ଭାରତୀୟ ଷ୍ଟେଟବ୍ୟାଙ୍କରେ ମ୍ୟାନେଜର ଭାବେ କାର୍ଯ୍ୟ କରି ଅବସର ନେଇଛନ୍ତି। ପୂର୍ବରୁ ତାଙ୍କର ଡାକ୍ତର ହେବାକୁ ଇଚ୍ଛା ରହିଥିଲା। ସୁପ୍ରିମକୋର୍ଟ ନିଟ୍ ପରୀକ୍ଷାରେ ବୟସ ସୀମା କୋହଳ କରିବା ପରେ ତାଙ୍କ ପାଇଁ ରାସ୍ତା ସୁଗମ ହୋଇଥିଲା। ଝିଅକୁ ମେଡିକାଲ ପରୀକ୍ଷା ପାଇଁ ପ୍ରସ୍ତୁତ ସମୟରେ ସହଯୋଗ କରିବା ସହ ସେ ନିଜେ ମଧ ପ୍ରବେଶିକା ପରୀକ୍ଷା ଦେଇଥିଲେ। ସୂଚନାଯୋଗ୍ୟ ଏକ ସଡକ ଦୁର୍ଘଟଣାରେ ଜୟକିଶୋରଙ୍କ ବାମଗୋଡ଼ ଭାଙ୍ଗିଯାଇଛି। ଦିବ୍ୟାଙ୍ଗ ପ୍ରମାଣପତ୍ର ଥିବାରୁ ପ୍ରବେଶିକା ପରୀକ୍ଷାରେ ସେ କୋଟାରେ ଚୟନ ହୋଇଛନ୍ତି।

# ୩୨୧୦ କୋଟିର ପ୍ରକଳ୍ପକୁ ମଞ୍ଜୁରୀ

**ଭୁବନେଶ୍ୱର,୨୪।୧୨(ବ୍ୟୁରୋ):** ଜଷ୍ଟିସ ଏକ.କେ. ପଟ୍ଟନାୟକଙ୍କ ଅଧକ୍ଷତାରେ ଗୁରୁବାର ଭିଡିଓ କନଫରେନ୍ସ ଜରିଆରେ ଅନୁଷ୍ଠିତ ଓଭରସାଇଟ୍ ଅଥରଟି ବୈଠକରେ ଓଡ଼ିଶା ଖଣି ଅଞ୍ଚଳ ଉନ୍ନୟନ ନିଗମ(ଓଏମବିଏଡିସି)ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ୩୨୧୦ କୋଟି ଟଙ୍କାର ୧୫ଟି ନୂତନ ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି। ସେଥିରୁ ସୁନ୍ଦରଗଡ଼ ଜିଲାରେ ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ୫୮୫.୧୬ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ କରାଯାଇଥିବା ବେଳେ ମୟୂରଭଞ୍ଜ ଜିଲାର ୧୩ ବ୍ଲକରେ ଥିବା ୧୦୫୩ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ୧୫୩୧.୩୯ କୋଟି ଟଙ୍କାର ମେଗା ପାନୀୟ ଜଳ ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ସେହିପରି କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଯାଜପୁର ଏବଂ ଢେଙ୍କାନାଳ ଜିଲାରେ ଦୀର୍ଘସ୍ଥାୟୀ ଜୀବିକା ସକାଶେ ୮୨.୨୯ କୋଟି, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଯାଜପୁର ଲବଂ ଢେଙ୍କାନାଳ ଜିଲାରେ ହସ୍ତଶିଳ୍ପ ଜରିଆରେ ଜୀବିକା ସୃଷ୍ଟି ପାଇଁ ୩୫.୧୪ କୋଟି, ମୟୂରଭଞ୍ଜ ଜିଲାରେ ସ୍ୱାସ୍ଥ୍ୟ ସେବାର ଉନ୍ନତୀକରଣ ସକାଶେ ୪୭.୨୫ କୋଟି, କେନ୍ଦୁଝର ଇଞ୍ଜିନିୟରିଂ କଲେଜର ଭିତ୍ତିଭୂମି ବିକାଶ ପାଇଁ ୩୩.୩୯ କୋଟି, ଓଏମବିଏଡିସିରେ ସରକାରୀ ଆଇଟିଆଇ ଏବଂ ପଲିଟେକ୍ନିକରେ ସେଣ୍ଟର ଅଫ ଏକ୍ସିଲେନ୍ସି ଖୋଲିବା ପାଇଁ ୧୨୩.୪୫ କୋଟି ର ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ତୃଣମୂଳ ସ୍ତରରେ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# କାଳ ହେଲା କୋଳି

## ଗଛରୁ ପଡ଼ି ନାବାଳକ ମୃତ

**କାଲିମେଳା,୨୪।୧୨(ଡି.ଏନ.ଏ.):** ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ ବେଜାଙ୍ଗିବାଡା ପଞ୍ଚାୟତର ବେହେରାଗୁଡା ଗ୍ରାମରେ ଗୁରୁବାର କୋଳି ତୋଳୁଥିବା ବେଳେ ଗଛରୁ ଖସିପଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ଭଗବାନ ବେହେରାଙ୍କ ପୁଅ ସୁମନ (୯)। ସେ ବେହେରାଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ତୃତୀୟ ଶ୍ରେଣୀରେ ପଢୁଥିଲେ। ଘରଠାରୁ ୫ଶହ ମିଟର ଦୂର ପୋଖରୀହୁଡ଼ାରେ ଥିବା ଏକ ବରକୋଳି ଗଛରେ ଚଢ଼ି କୋଳି ତୋଳୁଥିଲେ। ଗୋଡ଼ ଖସିଯିବାରୁ ସେ ତଳେ ପଡିଯାଇ ଗୁରୁତର ହୋଇଥିଲେ। ପରିବାର ଲୋକେ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ କାଲିମେଳା ପୋଲିସ ପହଞ୍ଚି ଡାକ୍ତରଖାନାରୁ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

**ଆଜିର ସମ୍ପାଦକୀୟ**

ଜିଦ୍ଦି ଛାଡ଼

# ରାଉରକେଲାରେ ହେବ ବୃହତ୍ତମ ହକି ଷ୍ଟାଡିୟମ

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

**ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**

- ଏକାସାଙ୍ଗରେ ୨୦ ହଜାର ଦର୍ଶକ ଖେଳ ଦେଖିପାରିବେ
- ଭୁବନେଶ୍ୱର, ରାଉରକେଲା ଷ୍ଟାଡିୟମରେ ଖେଳାଯିବ ପୁରୁଷ ହକି ବିଶ୍ୱକପ-୨୦୨୩

୨୦୨୩ରେ ହେବାକୁ ଥିବା ପୁରୁଷ ହକି ବିଶ୍ୱକପକୁ ଓଡ଼ିଶା ସରକାର ଆୟୋଜନ କରିବେ। ଏ ନେଇ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରାଯାଉଛି। ବିଶ୍ୱକପକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ରାଉରକେଲାର ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସରରେ ଦେଶର ବୃହତ୍ତମ ବିଶ୍ୱସ୍ତରୀୟ ହକି ଷ୍ଟାଡିୟମ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ ବାର୍ତ୍ତା ଜରିଆରେ ଏହି ଘୋଷଣା କରିଛନ୍ତି। ଏହି ଷ୍ଟାଡିୟମରେ ଏକାସାଙ୍ଗରେ ୨୦ ହଜାର ଦର୍ଶକ ବସିବା କ୍ଷମତା ରହିବ। ୧୫ ଏକର ଜମିରେ ଏହା ନିର୍ମାଣ ହେବ। ଆସନ୍ତା ପୁରୁଷ ହକି ବିଶ୍ୱକପ-୨୦୨୩ ପୂର୍ବରୁ ଷ୍ଟାଡିୟମ ନିର୍ମାଣ ଶେଷ ହେବ। ନବୀନଙ୍କ ଏହି ଘୋଷଣା ଆଞ୍ଚଳିକ କ୍ରୀଡ଼ା ଭିତ୍ତିଭୂମିକୁ ନୂଆ ରୂପ ଦେବ। ଏହି ଷ୍ଟାଡିୟମରେ ବିଶ୍ୱର ଅନ୍ୟ ପ୍ରମୁଖ ହକି ଷ୍ଟାଡିୟମ ଭଳି ବିଭିନ୍ନ ସୁବିଧା ସୁଯୋଗର ବିକାଶ କରାଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପୂର୍ବରୁ ଘୋଷଣା କରାଯାଇଥିବା ମର୍ଯ୍ୟାଦାପୂର୍ଣ୍ଣ ପୁରୁଷ ହକି ବିଶ୍ୱକପ-୨୦୨୩ ଆୟୋଜନ ଓଡ଼ିଶା ପାଇଁ ଗର୍ବର ବିଷୟ ହେବ। ଏହି ଟୁର୍ନାମେଣ୍ଟ ଉଭୟ ଭୁବନେଶ୍ୱର ଏବଂ ରାଉରକେଲା ଷ୍ଟାଡିୟମରେ ଖେଳାଯିବ। ସୁନ୍ଦରଗଡ଼ ଜିଲା ହେଉଛି ହକି ପ୍ରତିଭାର ପାୱାର ହାଉସ। ଏହି ଜିଲାରୁ ବହୁ ପ୍ରତିଭାବାନ୍ ଖେଳାଳି ଭାରତ ପାଇଁ ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରି ସୁନାମ ଆଣିଛନ୍ତି। ଭାରତୀୟ ଦଳରେ ଦିଲୀପ ତିର୍କୀ ଏବଂ ସୁନୀତା ଲାକ୍ରା ଦେଶ ପାଇଁ ଗୌରବ ଆଣିଛନ୍ତି। ହକିର ଲୋକପ୍ରିୟତା ସମଗ୍ର ଜିଲା ଦେଖିପାରିବ। ଜିଲାର ଲୋକମାନେ ହକି ଖେଳାଳିଙ୍କୁ ଯେପରି ପ୍ରୋତ୍ସାହନ ଯୋଗାଇଛନ୍ତି ତାହା ବିଶ୍ୱର ଅନ୍ୟ କେଉଁଠି ବିରଳ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭାରତୀୟ ହକି ପାଇଁ ସୁନ୍ଦରଗଡ଼ ଜିଲାର ଅବଦାନ ସ୍ୱରୂପ ରାଉରକେଲାରେ ଏହି ୨୦ ହଜାର ସିଟ୍‌ବିଶିଷ୍ଟ ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ନିର୍ମାଣ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉକ୍ତ ଷ୍ଟାଡିୟମରେ ସମସ୍ତ ପ୍ରକାର ଆଧୁନିକ ସୁବିଧା ସୁଯୋଗ ରହିବ, ଯାହାକି ଦର୍ଶକଙ୍କୁ ଏକ ସ୍ୱତନ୍ତ୍ର ଅନୁଭବ ଦେବ। ଏହା ସମଗ୍ର ବିଶ୍ୱରେ ହକି ପାଇଁ ସବୁଠୁ ଉତ୍ତମ ଖେଳପଡ଼ିଆ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି।

ସୂଚନାଯୋଗ୍ୟ, ହକି ବିଶ୍ୱକପ ପୂର୍ବରୁ ନିକଟରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ, ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍), ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ଏବଂ ହକି ଇଣ୍ଡିଆର ☞ପୃଷ୍ଠା-୨




# 'ଭାରତରେ ଗଣତନ୍ତ୍ର ନାହିଁ'

ନୂଆଦିଲ୍ଲୀ,୨୪।୧୨

- ରାଷ୍ଟ୍ରପତିଙ୍କୁ ଭେଟିବା ପରେ ରାହୁଲଙ୍କ ଟାର୍ଗେଟ
- କଂଗ୍ରେସ କୃଷକଙ୍କୁ ଗରିବ କରିଛି: ଭାଜପା

ଭାରତରେ ଗଣତନ୍ତ୍ର ନାହିଁ। ଭାରତୀୟ ଗଣତନ୍ତ୍ର କେବଳ କଳ୍ପନାରେ ସୀମିତ ବୋଲି ଗୁରୁବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। କଂଗ୍ରେସ ପ୍ରତିନିଧି ଦଳ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟି କେନ୍ଦ୍ରର ୩ କୃଷି ଆଇନ ପ୍ରତ୍ୟାହାର ପାଇଁ ପାର୍ଲାମେଣ୍ଟର ମିଳିତ ଅଧିବେଶନ ଡାକିବାକୁ ଅନୁରୋଧ କରିବା ପରେ ରାହୁଲ ଏହି ମନ୍ତବ୍ୟ ଦେଇଛନ୍ତି। କେନ୍ଦ୍ରର କୃଷି ଆଇନ ପ୍ରତ୍ୟାହାର ଦାବିରେ କୃଷକ ସଙ୍ଗଠନଗୁଡ଼ିକ ପକ୍ଷରୁ ଚାଲିଥିବା ଆନ୍ଦୋଳନକୁ ମାସେ ପୂରିବାକୁ ଯାଉଥିବାବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ରାଷ୍ଟ୍ରପତିଙ୍କୁ ଭେଟିଛନ୍ତି। ସାକ୍ଷାତ ପରେ ରାହୁଲ ଗଣମାଧ୍ୟମକୁ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କୃଷକ ବିରୋଧୀ ଆଇନକୁ ନ ହଟାଇଲେ କେବଳ ଚାଷୀ କି ଶ୍ରମିକଙ୍କ ନୁହେଁ, ସାରା ଦେଶର କ୍ଷତି ହେବ। କେହି ମୋଦିଙ୍କ କ୍ଷମତା ନେବାକୁ ଉଦ୍ୟମ କଲେ ତାଙ୍କୁ ଆତଙ୍କବାଦୀ ଓ ଦେଶ ବିରୋଧୀ ଆଖ୍ୟା ଦିଆଯାଉଛି ବୋଲି ରାହୁଲ ସମାଲୋଚନା କରିଛନ୍ତି। କଂଗ୍ରେସ ପ୍ରତିନିଧି ମଣ୍ଡଳୀରେ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମନବୀ ଆଜାଦ ଓ ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ସାମିଲ ଥିଲେ। ସେମାନେ ରାଷ୍ଟ୍ରପତିଙ୍କୁ ସାକ୍ଷାତ୍ କରି କୃଷି ଆଇନ ପ୍ରତ୍ୟାହାର ଦାବିରେ ☞ପୃଷ୍ଠା-୨


ରାଷ୍ଟ୍ରପତିଙ୍କୁ ଭେଟିବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଗୁଲାମନବୀ ଆଜାଦ ଓ ଅଧୀର ରଞ୍ଜନ ଚୌଧୁରୀ ଗଣମାଧ୍ୟମକୁ ସମ୍ବୋଧିତ କରୁଛନ୍ତି।

# ଚାର୍ଜଶିଟ ଦାଖଲ କରିବାକୁ ଏସ୍‌ଆଇଟିକୁ ନିର୍ଦ୍ଦେଶ

କଟକ ଅଫିସ୍, ୨୪।୧୨

**ପରୀ ହତ୍ୟା ମାମଲା**

ନୟାଗଡ଼ ପରୀ ହତ୍ୟା ମାମଲାକୁ ଇତିମଧ୍ୟରେ ୫ମାସରୁ ଊର୍ଦ୍ଧ୍ୱ ସମୟ ବିତିଲାଣି। ତେଣୁ କ୍ରାଇମ ବ୍ରାଞ୍ଚର ସ୍ୱତନ୍ତ୍ର ଟାସ୍କ ଫୋର୍ସ(ଏସ୍‌ଆଇଟି)କୁ ଯଥାଶୀଘ୍ର ମାମଲାର ଚାର୍ଜଶିଟ ଦାଖଲ କରିବାକୁ ହାଇକୋର୍ଟ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜାନୁୟାରୀ ୧୨କୁ ଧାର୍ଯ୍ୟ ହୋଇଛି। ଅପରପକ୍ଷରେ ଅରୁଣ ବୋଥ୍ରାଙ୍କୁ ଏସ୍‌ଆଇଟି ମୁଖ୍ୟ ଭାବେ ଦାୟିତ୍ୱ ଦିଆଯିବାକୁ ନେଇ କୋର୍ଟରେ ପ୍ରଶ୍ନ କରିଥିବା ଆବେଦନକାରିଣୀ ପଦ୍ମାଳୟା ମହାପାତ୍ର ଗୁରୁବାର ଏକ ସତ୍ୟପାଠ ଦାଖଲ କରିଛନ୍ତି। ଏଥିରେ ସେ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବିଧାନସଭାରେ ରଖିଥିବା ବକ୍ତବ୍ୟ ଏବଂ ଏସ୍‌ଆଇଟି ମୁଖ୍ୟ ବୋଥ୍ରା ଦେଇଥିବା ସୂଚନା ମଧ୍ୟରେ ତାଳମେଳ ନ ଥିବା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଗତ ୨୫ନଭେମ୍ବର ବିଧାସଭାରେ ଗୃହମନ୍ତ୍ରୀ ମେଡିକାଲ ତଥ୍ୟ ଯାଞ୍ଚ ଆଧାରରେ ବଳାତ୍କାର ହୋଇଥିବା ରିପୋର୍ଟ ହସ୍ତଗତ ହୋଇନ ଥିବା କହିଥିଲେ। ହେଲେ ୨୨ ଡିସେମ୍ବରରେ ଏସ୍‌ଆଇଟି ମୁଖ୍ୟ ଅରୁଣ ବୋଥ୍ରା ଖବରଦାତା ସମ୍ମିଳନୀରେ ପରୀକୁ ପ୍ରଥମେ ହତ୍ୟା ଓ ପରେ ବଳାତ୍କାର କରାଯାଇଥିବା କହିଛନ୍ତି। ତେଣୁ ପ୍ରକୃତ ସତ୍ୟ କ'ଣ ତାର ଉନ୍ମୋଚନ କରିବାକୁ ପଦ୍ମାଳୟା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ପରୀ ହତ୍ୟା ମାମଲାର ସିବିଆଇ ତଦନ୍ତ ସହ ମୃତକଙ୍କ ପରିବାରକୁ ୨୫ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରି ହାଇକୋର୍ଟରେ ୨ଟି ମାମଲା ରୁଜୁ ହୋଇଛି। ଗୋଟିଏ ଭାରତୀୟ ବିକାଶ ପରିଷଦ ଏବଂ ଅନ୍ୟଟି ଆଇନଜୀବୀ ପଦ୍ମାଳୟା ମହାପାତ୍ର କରିଥିଲେ।

# 'କରୋନାର ନୂଆ ଷ୍ଟ୍ରେନ୍, ଦ୍ୱିତୀୟ ଲହର ନୁହେଁ'

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ କମିଛି। ଗତ ୨୪ ଘଣ୍ଟାରେ ମାତ୍ର ୨୬୩ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ସଂକ୍ରମିତଙ୍କ ସଂଖ୍ୟା ୩,୨୭,୫୪୨ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୮ ଜିଲାରୁ ଜଣେ ବି ସଂକ୍ରମିତ ନାହାନ୍ତି। କିନ୍ତୁ ବ୍ରିଟେନରେ କରୋନାର ନୂଆ ଷ୍ଟ୍ରେନକୁ ନେଇ ସାରା ବିଶ୍ୱ ଏବେ ଚିନ୍ତାରେ ପଡ଼ିଛି। ଓଡ଼ିଶାକୁ ୪୩ଜଣ ବ୍ରିଟେନ୍‌ରୁ ଫେରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପ୍ରତିକ୍ରିୟା ରଖି ଡିଏମଇଟି ସିବିକେ ମହାନ୍ତି କହିଛନ୍ତି, ବ୍ରିଟେନ୍ ଫେରନ୍ତାଙ୍କ ଉପରେ ନଜର ରଖାଯାଇଛି। ଷ୍ଟ୍ରେନ ସମ୍ପର୍କରେ ଅନୁଧ୍ୟାନ ଚାଲିଛି। ପୂର୍ବ କରୋନା ରୋଗୀଙ୍କ ଭଳି ଲକ୍ଷଣ ସମାନ ରହିଛି। ନୂଆ ଷ୍ଟ୍ରେନରେ ସଂକ୍ରମଣ ଅଧିକ ରହୁଛି ବୋଲି ବିଶେଷଜ୍ଞମାନେ କହୁଛନ୍ତି। କିନ୍ତୁ ବ୍ରିଟେନର ପୂର୍ବ ତିନି ମାସର ସଂକ୍ରମଣ ହାର ଦେଖିଲେ ସେମିତି କିଛି ପ୍ରତିଫଳିତ ହେଉନି। କିନ୍ତୁ ଆମକୁ ସତର୍କ ରହିବାକୁ ପଡ଼ିବ ବୋଲି ସେ କହିଛନ୍ତି। ସରକାର ମଧ ଏସବୁ ଉପରେ ସତର୍କ ଦୃଷ୍ଟି ରଖିଛନ୍ତି ଓ ମୁଖ୍ୟମନ୍ତ୍ରୀ ପ୍ରତିଦିନ ସମୀକ୍ଷା କରୁଛନ୍ତି। ବ୍ରିଟେନ ଫେରନ୍ତା ☞ପୃଷ୍ଠା-୨


ବଡ଼ଦିନ ଅବ୍ୟବହିତ ପୂର୍ବରୁ କରୋନା ଯୋଗୁ ଗୁରୁବାର ଭୁବନେଶ୍ୱର ସତ୍ୟନଗରସ୍ଥିତ ଚର୍ଚ୍ଚ ବନ୍ଦ ରହିଛି। ଖ୍ରୀଷ୍ଟଧର୍ମାବଲମ୍ବୀମାନେ ଚର୍ଚ୍ଚ ବାହାରେ ମହମବତି ଜାଳି ପ୍ରାର୍ଥନା କରୁଛନ୍ତି।

# ବ୍ରେକ୍‌ଜିଟ୍: ଡିଲ୍ ଡନ୍

## ବାଣିଜ୍ୟିକ ଚୁକ୍ତି ପାଇଁ ବ୍ରିଟେନ-ଇୟୁ ସହମତି

ଲଣ୍ଡନ,୨୪।୧୨

'ଡିଲ୍ ଇଜ୍ ଡନ୍'। ୟୁରୋପୀୟ ସଂଘ (ଇୟୁ)ଠାରୁ ବ୍ରିଟେନ ଅଲଗା ହେବା ପରେ ଉଭୟ ପକ୍ଷ ମଧ୍ୟରେ ଶେଷରେ 'ପୋଷ୍ଟ ବ୍ରେକ୍‌ଜିଟ୍ ଡିଲ୍' ସମ୍ପନ୍ନ ହୋଇଛି। ଉକ୍ତ ଐତିହାସିକ ଚୁକ୍ତି ଫଳରେ ବ୍ରିଟେନ ଏକକ ଟିକସ ଓ ବାଣିଜ୍ୟ ବ୍ୟବସ୍ଥା ଲାଗୁ ହେଉଥିବା ଇୟୁ ବଜାରର ଅଂଶ ହୋଇ ରହିବ ନାହିଁ। ଏହି ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ)କୁ ନେଇ ଉଲ୍ଲସିତ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ଗୁରୁବାର ରାତିରେ 'ଡିଲ୍ ସମ୍ପନ୍ନ ହୋଇଛି' ବୋଲି ଟୁଇଟ୍ କରିଛନ୍ତି।


ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ

ଇୟୁ ହେଉଛି ୨୭ ରାଷ୍ଟ୍ରକୁ ନେଇ ଗଠିତ ଅର୍ଥନୈତିକ ତଥା ରାଜନୈତିକ ସଂଘ। ଏହାର ପରିସର ମଧ୍ୟରେ ୪,୨୩୩,୨୫୫.୩ ବର୍ଗ କି.ମି. ଅଞ୍ଚଳ ରହିଛି। ଏହି ଅଞ୍ଚଳ ମଧ୍ୟରେ ଥିବା ଜନସଂଖ୍ୟା ହେଉଛି ୪୪୭ ନିୟୁତ। ଇୟୁରୁ ବ୍ରିଟେନ ବାହାରିବା ପ୍ରକ୍ରିୟାକୁ ବ୍ରେକ୍‌ଜିଟ୍ କୁହାଯାଏ। ୨୦୧୬ ଜୁନ୍‌ରେ ବ୍ରିଟେନ ବ୍ରେକ୍‌ଜିଟ ପାଇଁ ଜନମତ ସଂଗ୍ରହ କରାଇଥିଲା। ୨୦୧୭ ମାର୍ଚ୍ଚରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଥେରେସା ମେ ବ୍ରେକ୍‌ଜିଟ ଅଧିସୂଚନା ଜାରି କରି ଏହି ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ପାଇଁ ନିଷ୍ପତ୍ତି ନେଇଥିଲେ। ବୁଧବାର ରାତିରେ ବ୍ରିଟେନର କ୍ୟାବିନେଟ ମନ୍ତ୍ରୀମାନେ ଇୟୁ ନେତାଙ୍କ ସହ ଆଲୋଚନା କରିଥିଲେ। ଉଭୟ ପକ୍ଷ ଆନୁଷ୍ଠାନିକ ଭାବେ ଏଥିରେ ମୋହର ଦେଇଥିଲେ। ଏହି ଚୁକ୍ତି ସହ ଦୁଇପକ୍ଷ ମଧ୍ୟରେ ମାଛ ଧରିବା ଓ ଭବିଷ୍ୟତର ବାଣିଜ୍ୟିକ ନିୟମ ଉପରେ ଲାଗିରହିଥିବା ମତଭେଦ ଦୂର ହୋଇଛି। ଡାଉନିଂ ଷ୍ଟ୍ରିଟ୍ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଆମେ ବ୍ରେକ୍‌ଜିଟ୍‌କୁ ପୂରା କରି ଦେଖାଇଛୁ। ଏବେ ବ୍ରିଟେନ ଉପଲବ୍ଧ ସୁଯୋଗଗୁଡ଼ିକର ସମ୍ପୂର୍ଣ୍ଣ ଲାଭ ଉଠାଇପାରିବ। ୨୦୧୬ ଜୁନ୍‌ରେ ଜନମତ ସଂଗ୍ରହରେ ଏବଂ ୨୦୧୯ ଡିସେମ୍ବରରେ ଅନୁଷ୍ଠିତ ସାଧାରଣ ନିର୍ବାଚନ ବେଳେ ବ୍ରିଟେନବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା, ତାକୁ ଏହି ଡିଲ୍ ନିର୍ଦ୍ଧାରିତ ତାରିଖ ଡିସେମ୍ବର ୩୧ ପୂର୍ବରୁ ପୂରଣ କରିଛି। ଉଭୟ ପକ୍ଷ ଦୀର୍ଘଦିନର ଟଣାଓଟରା ପରେ ଏହି ନିଷ୍କର୍ଷରେ ପହଞ୍ଚିଛନ୍ତି। ଇୟୁ ମୁଖ୍ୟ ଉରସୁଲା ୱାନ୍ ଡେର ଲାୟନ କହିଛନ୍ତି, ଏହା ଏକ ଦୀର୍ଘ ଯାତ୍ରା ଥିଲା। କିନ୍ତୁ ଆମେ ଏକ ଭଲ ଚୁକ୍ତି କରିଛୁ, ଯାହାକି ନିରପେକ୍ଷ ଓ ସନ୍ତୁଳିତ। ଉଭୟ ପକ୍ଷ ପାଇଁ ଏହି ଚୁକ୍ତି ସମ୍ପନ୍ନ କରିବା ବଡ଼ ଉତ୍ତରଦାୟିତ୍ୱ ଥିଲା।

# କଟକ କୋର୍ଟରେ ହାଜର ହେଲେ ଧଳସାମନ୍ତ ଭ୍ରାତା

କଟକ ଅଫିସ, ୨୪।୧୨

**ଆଜିଠୁ ୨ଦିନିଆ ରିମାଣ୍ଡରେ ନେବ କମିଶନରେଟ ପୋଲିସ**

ଗ୍ୟାଙ୍ଗଷ୍ଟର ସୁଶାନ୍ତ ଓ ସୁଶୀଲ ଧଳସାମନ୍ତଙ୍କୁ କମିଶନରେଟ ପୋଲିସ କଟକ ଏସ୍‌ଡିଜେଏମ୍(ସଦର) କୋର୍ଟରେ ଗୁରୁବାର ହାଜର କରିଛି। ଉଭୟଙ୍କୁ ୩ଦିନ ରିମାଣ୍ଡରେ ନେବାକୁ ପୋଲିସ ଅଦାଲତରେ ଆବେଦନ କରିଥିବାବେଳେ କୋର୍ଟ ୨ଦିନ ଅର୍ଥାତ୍ ୨୫ ଓ ୨୬ତାରିଖ ପାଇଁ ଅନୁମତି ଦେଇଛନ୍ତି। ଧଳସାମନ୍ତ ଭ୍ରାତାଙ୍କୁ ରିମାଣ୍ଡରେ ନେବାବେଳେ ପୋଲିସ ବନ୍ଧୁକ କାରବାର ନେଇ ଅଧିକ ପଚରାଉଚରା କରିବ ବୋଲି ସୂଚନା ମିଳିଛି। ପ୍ରକାଶ ଯେ, ଗତ ୧୦ତାରିଖରେ ବନ୍ଧୁକ ଚୋରାଚାଲାଣ କରୁଥିବା ଅଭିଯୋଗ ଆଧାରରେ ଧଳସାମନ୍ତ ଭ୍ରାତାଙ୍କ ୮ ସହଯୋଗୀଙ୍କୁ ଗିରଫ କରାଯାଇ ସେମାନଙ୍କଠାରୁ ବନ୍ଧୁକ ଓ ଗୁଳି ଜବତ କରାଯାଇଥିଲା। ପରେ ଅଭିଯୁକ୍ତଙ୍କ ସୂଚନା ଆଧାରରେ ଧଳସାମନ୍ତ ଭ୍ରାତାଙ୍କ କଟକ ସିଡିଏସ୍ଥିତ ବାସଭବନରେ ଚଢ଼ାଉ କରାଯାଇ ଘର ଇଣ୍ଟେରିୟର ଡିଜାଇନ୍ ଭାଙ୍ଗି ୧୬ଟି ବନ୍ଧୁକ ଓ ୧୦୯୫ ଗୁଳି ଜବତ କରିଥିଲା। କମିଶନରେଟ ପୋଲିସ ଉଭୟଙ୍କୁ ରିମାଣ୍ଡରେ ଆଣି ଅଧିକ ବନ୍ଧୁକ ଚୋରାଚାଲାଣ ସାମ୍ରାଜ୍ୟର ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

"ବର୍ତ୍ତମାନ ସ୍ଥିତିରେ ଭାରତ ସହ କୂଟନୈତିକ ଆଲୋଚନା ହେବା ସମ୍ଭାବନା ନାହିଁ।
-ଶାହ ମେହମୁଦ କୁରେଶୀ, ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ

**୧୦ ଡିଗ୍ରୀ ତଳେ ୯ ସହର**

ଭୁବନେଶ୍ୱର: ରାଜ୍ୟରେ ଗତ କିଛି ଦିନ ହେବ ଶୀତ ଜାରି ରହିଛି। ଗୁରୁବାର ୯ ସହରରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୪.୫ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡ଼ିରେ ୮, ଅନୁଗୋଳ ୬, ଝାରସୁଗୁଡ଼ା ୮.୮, କେନ୍ଦୁଝର ୯.୯, ସୁନ୍ଦରଗଡ ୯.୫, ଭବାନୀପାଟଣା ୮.୨, ବଲାଙ୍ଗୀର ୯.୫, କୋରାପୁଟ ୮.୬, ସୋନପୁର ୯.୮, ବୌଦ୍ଧ ୯.୫ରେ ସେଲ୍ସିୟସ ରେକର୍ଡ କରାଯାଇଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................



ହେତାଂଶି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜେଲ ଫେରିଲେ ଅଭୟକାନ୍ତ ପାଠକ

## ଏସ୍‌ଡିଜେଏମ୍ କୋର୍ଟରେ ଜାମିନ ଆବେଦନ ବି ଖାରଜ

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିବା ଆଇଏଫ୍‌ଏସ୍ ଅଫିସର ଅଭୟକାନ୍ତ ପାଠକଙ୍କୁ ସ୍କାଏ କିଙ୍ଗ୍ ଠକେଇ ମାମଲାରେ କମିଶନରେଟ ପୋଲିସ ରିମାଣ୍ଡରେ ଆଣିଥିଲା। ବୁଧବାର ୨ ଦିନିଆ ରିମାଣ୍ଡ ସରିଥିବାବେଳେ ଗୁରୁବାର ପୋଲିସ ତାଙ୍କୁ କୋର୍ଟରେ ହାଜର କରିଥିଲା। ଅନ୍ୟପକ୍ଷରେ ଏହି ଠକେଇ ମାମଲାରେ ଅଭୟକାନ୍ତଙ୍କ ପକ୍ଷରୁ ଏସ୍‌ଡିଜେଏମ୍ କୋର୍ଟରେ ଜାମିନ ଆବେଦନ ହୋଇଥିଲା। ହେଲେ କୋର୍ଟ ତାହାକୁ ଖାରଜ କରିଦେଇଥିଲେ। ଫଳରେ ଅଭୟକାନ୍ତଙ୍କୁ ପୁଣି ଝାରପଡ଼ା ସ୍ୱତନ୍ତ୍ର କାରାଗାରର ବିଚାର ବିଭାଗୀୟ ହାଜତକୁ ଫେରିବାକୁ ପଡିଛି। ଟାଟା ମୋଟର୍ସର ଏମ୍‌ଡି ପରିଚୟ ଦେଇ ବେକାର ଯୁବତୀଯୁବକଙ୍କଠାରୁ ବହୁ କୋଟି ଟଙ୍କା ଠକେଇ ଅଭିଯୋଗରେ ଅଭୟଙ୍କ ପୁଅ ଆକାଶ ପାଠକ ମଧ୍ୟ ବାପାଙ୍କ ସହ ଜେଲ ଯାଇଛନ୍ତି। ଏଥିସହ ଏହି ଲିଙ୍କ୍ ସହ ବେଆଇନ ଅର୍ଥ କାରବାର ମାମଲାରେ ଆକାଶଙ୍କ ଭାବୀ ଶଶୁର ତଥା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ମଧ୍ୟ ଉକ୍ତ ଜେଲରେ ଅଛନ୍ତି। ଏମାନେ ଜେଲ ଯିବା ପରେ ଭୁବନେଶ୍ୱରର ଟ୍ରାଭେଲ ଏଜେନ୍ସି ସ୍କାଏ କିଙ୍ଗ୍ ଆକାଶ ପାଠକଙ୍କ ନାଁରେ ଖାରବେଳନଗର ଥାନାରେ ଠକେଇ ଅଭିଯୋଗ କରିଥିଲେ। ପାଠକ ବାପପୁଅ ଚାର୍ଟର ଫ୍ଲାଇଟ୍‌ରେ ରାଜ୍ୟ ବାହାରକୁ ବାରମ୍ବାର ଯିବା ଆସିବା କରିବା ସହ ପଞ୍ଚତାରକା ହୋଟେଲରେ ରହୁଥିଲେ। ଏହାର ବୁକିଂ କରୁଥିଲା ସ୍କାଏ କିଙ୍ଗ। ଆକାଶ ଏହି ବୁକିଂ କରିଥିବାବେଳେ ୬୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଦେଉ ନ ଥିବା ନେଇ ସଂସ୍ଥାର ମ୍ୟାନେଜିଂ ପାର୍ଟନର ପ୍ରଭାସ କୁମାର ଚୌଧୁରୀ ତାଙ୍କ ଏତଲାରେ ଉଲ୍ଲେଖ କରିଥିଲେ। ଏ ସଂକ୍ରାନ୍ତରେ ଆକାଶଙ୍କୁ ରିମାଣ୍ଡରେ ଆଣି କମିଶନରେଟ ପୋଲିସ ଆବଶ୍ୟକ ପ୍ରମାଣ ପାଇଥିବାବେଳେ ପଚରାଉଚରାବେଳେ ଅଭୟକାନ୍ତ ମଧ୍ୟ ବକେୟା ଟଙ୍କା ସମ୍ପର୍କରେ ସ୍ୱୀକାର କରିଥିବା ନେଇ ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି।

### ରାଉରକେଲାରେ ହେବ...

ଅଧିକାରୀମାନଙ୍କର ଏକ ଉଚ୍ଚସ୍ତରୀୟ ଟିମ୍ ରାଉରକେଲା ଗସ୍ତ କରି ଭିତ୍ତିଭୂମି ଓ ରାଉରକେଲା ସହରରେ ଥିବା ଅନ୍ୟାନ୍ୟ ସୁବିଧା ସୁଯୋଗର ସମୀକ୍ଷା କରିଥିଲେ। ସୁନ୍ଦରଗଡ଼ ଜିଲାର ୧୭ଟି ବ୍ଲକରେ ସିନ୍ଥେଟିକ ହକି ଟର୍ଫ ବିଛାଇବା କାର୍ଯ୍ୟ ଆରମ୍ଭ ହୋଇଯାଇଥିବା କ୍ରୀଡ଼ା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### 'ଭାରତରେ ଗଣତନ୍ତ୍ର...

୨ କୋଟି ଚାଷୀଙ୍କ ସ୍ୱାକ୍ଷର ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେପଟେ ଏହାର ଜବାବ ରଖିଛି ଭାଜପା। କଂଗ୍ରେସ ଦଳ କୃଷକଙ୍କ ସ୍ୱାର୍ଥକୁ ଅଣଦେଖା କରିଥିଲା। ଚାଷୀଙ୍କୁ ଗରିବ କରିବା ପାଇଁ ଖାଦ୍ୟଶସ୍ୟର ମୂଲ୍ୟ ହ୍ରାସ କରିଥିଲା। ମୋଦି ସରକାର ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଜରିଆରେ ସେମାନଙ୍କ ଲାଭ ଦେବା ପାଇଁ ସ୍ୱାମୀନାଥନ୍ କମିଶନ ରିପୋର୍ଟକୁ କାର୍ଯ୍ୟକାରୀ କରିଛନ୍ତି। ଶୁକ୍ରବାର ପ୍ରଧାନମନ୍ତ୍ରୀ ୯ କୋଟି ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧା ୧୮,୦୦୦ କୋଟି ଟଙ୍କା ପଠାଇବେ। ଏହା ଆରମ୍ଭ ମାତ୍ର। ୧୦ ବର୍ଷ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଯୋଜନାରେ ୭ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ। କିନ୍ତୁ କଂଗ୍ରେସ କ୍ଷମତାରେ ଥିବାବେଳେ ଚାଷୀଙ୍କ ଲାଗି କିଛି କରି ନ ଥିଲା ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ସମାଲୋଚନା କରିଛନ୍ତି। ଏହାସହ ସେ ଏନେଇ ବିତର୍କ କରିବା ପାଇଁ ରାହୁଲଙ୍କୁ ଚ୍ୟାଲେଞ୍ଜ ଦେଇଛନ୍ତି।

### 'କରୋନାର ନୂଆ...

ନିଜ ସମ୍ପର୍କରେ ସୂଚନା ଦେବାକୁ ପରାମର୍ଶ ଦେଇଛନ୍ତି ଡିଏମଇଟି। ବ୍ରିଟେନ ଫେରନ୍ତା ସଂକ୍ରମିତଙ୍କ ଜେନେଟିକ ଆନାଲିସିସ ହେବ। ଏହି ବ୍ୟକ୍ତିଙ୍କଠାରେ ନୂଆ ଷ୍ଟ୍ରେନ ଅଛି କି ନାହିଁ ନ ଜାଣିଲା ପର୍ଯ୍ୟନ୍ତ କିଛି ଭୟଭୀତ ହେବାର ଆବଶ୍ୟକତା ନାହିଁ। କିନ୍ତୁ ଏହାକୁ କରୋନାର ଦ୍ୱିତୀୟ ଲହର କୁହାଯାଇପାରିବ ନାହିଁ ବୋଲି ଡିଏମ୍‌ଇଟି କହିଛନ୍ତି। ଏହି ଷ୍ଟ୍ରେନ ଅଧିକ ସଂକ୍ରମିତ ବୋଲି ଯେଉଁ ଚର୍ଚ୍ଚା ହେଉଛି, ତାହା ଲାବୋରେଟୋରିର ଅନାଲିସିସ୍ ଓ ପ୍ରକୃତ ସ୍ଥିତି ମଧ୍ୟରେ ବହୁ ଫରକ ରହିଛି ବୋଲି ସେ କହିଛନ୍ତି। ଅପରପକ୍ଷରେ ରାଜ୍ୟରେ ବ୍ରିଟେନ ଫେରନ୍ତା ପଜିଟିଭ୍ ଚିହ୍ନଟ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳ, ପୌର ଓ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କୁ ଚିଠି କରାଯାଇଛି। ଏହାପରେ ସବୁଠି କଟକଣା ଲାଗୁ କରାଯିବା ସହ ଯାଞ୍ଚ ବଢ଼ାଇ ଦିଆଯାଇଛି। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଗୁରୁବାର କଡ଼ାକଡ଼ି ଯାଞ୍ଚ କରାଯାଉଥିବା ଦେଖିବାକୁ ମିଳିଥିଲା।

## ପ୍ରଥମ ପୃଷ୍ଠାରୁ...

### କଟକ କୋର୍ଟରେ...

ଖୋଳତାଡ଼ କରିବାକୁ କୋର୍ଟରେ ଆବେଦନ କରିଥିଲା। ପ୍ରକାଶ ଯେ, ୨୦୧୬ରେ ଉଭୟ ଧଳସାମନ୍ତଭ୍ରାତା ଗିରଫ ହୋଇ ଭୁବନେଶ୍ୱର ଝାରପଡ଼ା ଜେଲରେ ଥିଲେ। ସେତେବେଳେ ଜେଲ ଭିତରୁ ଆପରାଧିକ କାର୍ଯ୍ୟ ଚଳାଉଥିବା ନେଇ ଅଭିଯୋଗ ହୋଇଥିଲା। ତେଣୁ ୨୦୧୮ ମାର୍ଚ୍ଚ ମାସରେ ସୁଶାନ୍ତଙ୍କୁ ବଲାଙ୍ଗୀର ଜିଲା କାରାଗାରକୁ ସ୍ଥାନାନ୍ତର କରାଯାଇଥିଲା।

# ରବିବାରଠାରୁ ରିମାଣ୍ଡରେ ଆସିବେ ସର୍ବେଶ୍ୱର

## ନିଯୁକ୍ତି ଜାଲିଆତି ଓ ବେଆଇନ ଟଙ୍କା କାରବାର ମାମଲା

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ପ୍ରମୁଖ ସହଯୋଗୀ ଭି. ସର୍ବେଶ୍ୱର ରାଓଙ୍କୁ ରବିବାରଠାରୁ ୨ ଦିନିଆ ରିମାଣ୍ଡରେ ନେବ କ୍ରାଇମବ୍ରାଞ୍ଚ। ଆଇଏଫ୍‌ଏସ୍ ଅଫିସର ଅଭୟକାନ୍ତଙ୍କ ପୁଅ ଆକାଶଙ୍କ ଟାଟା କମ୍ପାନୀ ନାଁରେ ନିଯୁକ୍ତି ଜାଲିଆତି ମାମଲାରେ କ୍ରାଇମବ୍ରାଞ୍ଚ ଗତ ୧୭ରେ ତାଙ୍କୁ ବ୍ରହ୍ମପୁରରୁ ଗିରଫ କରିଥିଲା। ଏଥିସହ ଜେଲରେ ଥିବା ବିଧାୟକ ପାଣିଗ୍ରାହୀଙ୍କ ବେଆଇନ ଅର୍ଥ କାରବାରରେ ମଧ୍ୟ ତାଙ୍କର ସମ୍ପୃକ୍ତି ଥିବା ନେଇ କ୍ରାଇମବ୍ରାଞ୍ଚ ପ୍ରମାଣ ପାଇଥିଲା। ସେ ଏବେ ଝାରପଡ଼ା ଜେଲର ୧୪ ଦିନିଆ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ତେବେ ଅନ୍ୟମାନେ ରିମାଣ୍ଡରେ ଆସି ଜେରାର ସମ୍ମୁଖୀନ ହୋଇଥିବାବେଳେ ସେମାନଙ୍କ ତଥ୍ୟ ଆଧାରରେ ଦୃଢ଼ ପ୍ରମାଣ ଯୋଗାଡ଼ ପାଇଁ କ୍ରାଇମବ୍ରାଞ୍ଚ ସର୍ବେଶ୍ୱରଙ୍କୁ ରିମାଣ୍ଡରେ ଆଣିବାକୁ ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଥିଲା। ଆସନ୍ତା ରବିବାରଠାରୁ ୨ ଦିନିଆ ରିମାଣ୍ଡ ପାଇଁ ଅନୁମତି ପ୍ରଦାନ କରିଛନ୍ତି କୋର୍ଟ।

ବିଧାୟକଙ୍କ ମୁଖ୍ୟ ରାଜନୈତିକ ଓ ବ୍ୟବସାୟିକ ସହଯୋଗୀ ହେଉଛନ୍ତି ସର୍ବେଶ୍ୱର। ସର୍ବେଶ୍ୱର ବ୍ରହ୍ମପୁରସ୍ଥିତ ସିଟି କଲେଜର ଅଧ୍ୟାପକ ଥିବା ସମୟରୁ ପ୍ରଦୀପଙ୍କ ସମସ୍ତ ରାଜନୈତିକ ଗସ୍ତଠାରୁ ଆରମ୍ଭ କରି ଟଙ୍କା ନେଣଦେଣ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ବୁଝୁଥିଲେ। ତେବେ ପଚରାଉଚରାବେଳେ ସର୍ବେଶ୍ୱରଙ୍କ ସମେତ ଅବସରପ୍ରାପ୍ତ ଶିକ୍ଷକ କଳ୍ପପାଣି ସାହୁ, ଆକାଶ ପାଠକ, ପ୍ରଦୀପ ପାଣିଗ୍ରାହୀ ଓ ତାଙ୍କ ଭାଇଙ୍କ ମଧ୍ୟରେ ଏହି ବେଆଇନ ଅର୍ଥ କାରବାର ନେଇ ଏକ ଗୁପ୍ତ ବ୍ୟବସାୟିକ ଚୁକ୍ତିନାମା ରହିଥିଲା ବୋଲି କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଥିଲା। ବିଶେଷକରି ଆକାଶଙ୍କ ପିଏ ଡେଭିଡ୍ ପିଟରଙ୍କ ଜେରା ପରେ ସମସ୍ତ ତଥ୍ୟ ସହ ସର୍ବେଶ୍ୱରଙ୍କ ନାଁ ସାମ୍ନାକୁ ଆସିଥିଲା।

# ଖବରଦାତାଙ୍କ ପିତୃ ବିୟୋଗ

କୋରାପୁଟ,୨୪।୧୨ (ସ୍ୱ.ପ୍ର.)

ଧରିତ୍ରୀର କୋରାପୁଟ ଖବରଦାତା ଅମିତାଭ ବେହେରାଙ୍କ ବାପା ବିଷ୍ଣୁ ଚରଣ ବେହେରା (୭୯)ଙ୍କ ଗୁରୁବାର ସକାଳେ ହୃଦ୍‌ଘାତରେ ପରଲୋକ ଘଟିଛି। ଏହି ଖବର ଜାଣିବା ପରେ ସ୍ଥାନୀୟ ଲୋକ ପ୍ରତିନିଧି, ପ୍ରଶାସନିକ ଅଧିକାରୀମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି ଥିଲେ। ମୃତ୍ୟୁ ବେଳକୁ ତାଙ୍କ ପାଖରେ ତିନି ପୁଅ, ବୋହୂ ଓ ଦୁଇ ଝିଅ ଜ୍ୱାଇଁ ଉପସ୍ଥିତ ଥିଲେ। ଏ ନେଇ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।



# ବଳକା ଅର୍ଥ ଫେରାଇବାକୁ ୮ ବିଶ୍ୱବିଦ୍ୟାଳୟକୁ ଚିଠି

ଭୁବନେଶ୍ୱର, ୨୪।୧୨(ବ୍ୟୁରୋ)

ବଳକା ଅର୍ଥ ଫେରାଇବା ପାଇଁ ୮ ବିଶ୍ୱବିଦ୍ୟାଳୟକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚିଠି କରାଯାଇଛି। କ୍ୟାମ୍ପସରେ ସିଭିଲ ସର୍ଭିସ କୋଚିଂ ସେଣ୍ଟର ଖୋଲିବାକୁ ପାଣ୍ଠି ମିଳିଥିଲା। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏଥିପାଇଁ ଉତ୍କଳ, ରମାଦେବୀ, ରେଭେନ୍ସା, ଫକୀର ମୋହନ, ବ୍ରହ୍ମପୁର, ସମ୍ବଲପୁର, ଗଙ୍ଗାଧର ମେହେର ଓ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟକୁ ସହାୟତା ପାଣ୍ଠି ମଞ୍ଜୁର ହୋଇଥିଲା। ତେବେ ଯେଉଁ ଟଙ୍କା ବଳକା ରହିଛି ତାହାକୁ ଫେରାଇବା ପାଇଁ ବିଭାଗ ପକ୍ଷରୁ ଗତ ଜୁନ୍ ୧୧ରେ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକୁ କୁହାଯାଇଥିଲା। କିନ୍ତୁ ୬ମାସ ବିତି ଯାଇଥିଲେ ମଧ୍ୟ ଏଯାଏ କୌଣସି ଗୋଟିଏ ବି ବିଶ୍ୱବିଦ୍ୟାଳୟ ଫେରସ୍ତ କରିନାହାନ୍ତି। ତେଣୁ ସେହି ବଳକା ଅର୍ଥକୁ ତୁରନ୍ତ ଫେରାଇବା ପାଇଁ ଉଚ୍ଚଶିକ୍ଷା ବିଭାଗ ୮ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କୁ ଚିଠି ଲେଖିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଚନ୍ଦ୍ରମଙ୍ଗଳ ଯୋଗ ଆପଣଙ୍କୁ ବନ୍ଧୁମିଳନ ସହ ଅର୍ଥ, ଉଚ୍ଚସମ୍ମାନ ପ୍ରଦାନ କରିବ। ଆଶା କରିଥିବା କାର୍ଯ୍ୟଟିରେ ସଫଳତା ସକାଶେ ବହୁତ ଶ୍ରମ ସ୍ୱୀକାର କରିବାକୁ ପଡ଼ିପାରେ। ଆନୁଷଙ୍ଗିକ ସୁବିଧା ସୁଯୋଗ ପାଇ ସାଙ୍ଗଠନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିପାରିବେ। ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ।

**ବୃଷ** ବିଭିନ୍ନ ପ୍ରକାରର ଝମେଲା ଭିତର ଦେଇ ଯିବାକୁ ପଡୁଥିବାରୁ ସମ୍ପୂର୍ଣ୍ଣଭାବେ ଶାନ୍ତି ଓ ସନ୍ତୋଷ ଆସିବ ନାହିଁ। ନିର୍ଦ୍ଦିଷ୍ଟ ଦିଗରୁ ଅର୍ଥ ଓ ସମ୍ମାନ ପାଇବାରେ କିଛି ଅସୁବିଧା ରହିବ ନାହିଁ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ସ୍ୱାସ୍ଥ୍ୟ ସମସ୍ୟା ନେଇ ଭାରାକ୍ରାନ୍ତ ମନରେ ଦିନଟି କଟାଇବାକୁ ପଡିପାରେ।

**ମିଥୁନ** ମାନସିକ ଅସ୍ଥିରତା କାରଣରୁ କୌଣସି କାମରେ ମନ ଲାଗିବ ନାହିଁ। ସଦାବେଳେ ଝଗଡ଼ା କରିବାକୁ ଚାହିଁ ବସିଥିବା ଲୋକଟିର ସାମ୍ନା କରିବା ପାଇଁ ଚିନ୍ତିତ ହେବେ। ପାରିବାରିକ ଶାନ୍ତି ସହିତ ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି। ନିଜର ସୁଖ ସୁବିଧାକୁ ପ୍ରାଧାନ୍ୟ ଦେଇ ସମାଲୋଚିତ ହୋଇପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ ସାମୟିକ ବ୍ୟତିକ୍ରମ ଲାଗିରହିଲେ ମଧ୍ୟ ଯେଉଁ କାମଟି ହାତକୁ ନେଇଛନ୍ତି, ତାହା ହୋଇଯିବ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ ସରକାରୀ ସ୍ତରରୁ ଋଣ ସୂତ୍ରରେ ଅର୍ଥଲାଭ କରିବେ। ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ** ବହୁତ ଦିନର ସମସ୍ୟା ଆଜି ସମାଧାନ ହୋଇଯିବ। ଭଲ କଥା କହିଲେ ମଧ୍ୟ ବନ୍ଧୁ ଭୁଲ୍ ବୁଝିବେ। ଆପଣଙ୍କ ସେବା ଓ ସାହାଯ୍ୟଲାଭ କରି ରୋଗୀ, ପଡ଼ୋଶୀ କିମ୍ବା ସହଯାତ୍ରୀଟି ଆଜି ବହୁତ ଖୁସି ହୋଇଯିବ। ବାଧାପ୍ରାପ୍ତ ପରିବହନରେ ଉନ୍ନତି ପରିଲକ୍ଷିତ ହେବ ଓ ସମସ୍ୟା ସମାଧାନରୁ ଖୁସି ରହିବେ।

**କନ୍ୟା** କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଯୋଗୁଁ ବିଚଳିତବୋଧ କରିବେ। ବନ୍ଧୁ ନିଜର ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଠିକ୍ ସମୟରେ ଆସିପାରିବେ। ଆର୍ଥିକ ଦିଗଟି ପୂର୍ବପରି ରହିବାର ବିଶେଷ ଆନନ୍ଦ ଅନୁଭବ କରିବେ। ନିଜକୁ ପରିସ୍ଥିତି ଓ ପରିବେଶ ସହ ଖାପ ଖୁଆଇ ଚଳିବାକୁ ପଡ଼ିବ।

**ତୁଳା** ଆପଣଙ୍କ କୌଣସି କଥାରେ ଅଭାବ ରହିବ ନାହିଁ କି କାମ ମଧ୍ୟ ଅଟକିବାର ପ୍ରଶ୍ନ ଉଠୁନି। ପାରିବାରିକ କ୍ଷେତ୍ରରେ କିଛିଟା ବ୍ୟତିକ୍ରମକୁ ସାମନା କରିବାକୁ ପଡିପାରେ। ବନ୍ଧୁଙ୍କ ନିକଟରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବ।

**ବିଛା** ଆକସ୍ମିକ ଭାବରେ କୌଣସି ମହିଳାଙ୍କ ସାହାଯ୍ୟ ଓ ସହଯୋଗରୁ ମାନସିକ ଅସ୍ଥିରତା ଦୂରେଇଯିବ। ପରିସ୍ଥିତି ଓ ପରିବେଶକୁ ଲକ୍ଷ୍ୟରଖି କାମ ନ କଲେ ଅସୁବିଧାରେ ପଡ଼ି ପାରନ୍ତି। ସଭାସମିତି କିମ୍ବା ଗଠନମୂଳକ କାର୍ଯ୍ୟରେ ଯୋଗଦେଇପାରନ୍ତି। ଯାତ୍ରା ସମୟରେ ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇପାରନ୍ତି।

**ଧନୁ** କର୍ମକ୍ଷେତ୍ରରେ ନୀଚ ମନୋଭାବର ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଆକସ୍ମିକ ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ଅଫିସିଆଲି ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରୁହନ୍ତୁ।

**ମକର** ସକାଳୁ ସକାଳୁ ପାରିବାରିକ ସମସ୍ୟାରେ ମନଟା ଦୋଦୁଲ୍ୟମାନ ଅବସ୍ଥାରେ ରହିବ। ଅଫିସ୍‌ରେ ବିବାଦ ବଢ଼ିବା କାରଣରୁ କୌଣସି ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ନିଜ ଲୋକଙ୍କ ଖାପଛଡ଼ା ମନୋଭାବ, ଘରଲୋକଙ୍କ ମନଇଚ୍ଛା କାମ ହେତୁ ବ୍ୟସ୍ତ ହେବେ। ଆର୍ଥିକ ସ୍ଥିତି ମନ୍ଦ ହେବନି।

**କୁମ୍ଭ** ପରିସ୍ଥିତିକୁ ଲାଘବ ଉଦ୍ଦେଶ୍ୟରେ ଅନ୍ୟମାନଙ୍କ ସକାଶେ ଅଯଥା କଷ୍ଟ ଅନୁଭବ କରିବେ। ସଭାସମିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରିନେବେ। ଅପରାହ୍ନରେ ଭଲ ବନ୍ଧୁ ସାଧାରଣ କଥାରେ ବିଗିଡି ଯାଇପାରନ୍ତି। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇପାରେ।

**ମୀନ** କର୍ମକ୍ଷେତ୍ରରେ ବନ୍ଧୁମାନେ ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି। ହାତକୁ ନେଇଥିବା କାମଟି ଶେଷ କରିବା ଲାଗି ବହୁ ପ୍ରତିରୋଧର ସାମ୍ନା କରିବାକୁ ପଡିପାରେ। ବ୍ୟବସାୟ, ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବ। ପଛ କଥା ନ ଭାବି ଏହି ସମୟର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ।

ଆଜି ମାର୍ଗଶିର ଶୁକ୍ଳପକ୍ଷର ସର୍ବସମ୍ମତ ମୋକ୍ଷଦା ଏକାଦଶୀ ଶୁକ୍ରବାର, ଡିସେମ୍ବର ୨୫ ତାରିଖ, ଖ୍ରୀଷ୍ଟମାସ ଓ ବଡଦିନ ପର୍ବ, ମହାପୁରୁଷ ଯିଶୁଖ୍ରୀଷ୍ଟଙ୍କ ଜୟନ୍ତୀ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ (୨୫।୧୨।୧୯୨୪), ପଣ୍ଡିତ ମଦନମୋହନ ମାଲବ୍ୟଙ୍କ ଜୟନ୍ତୀ (୨୫।୧୨।୧୮୬୧), ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ମେଷ ରାଶିର ଘାତଚନ୍ଦ୍ର, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬.୨୨ମି. ଗତେ ଘ.୦୭.୦୫ମି. ମଧ୍ୟେ, ଘ.୦୭.୪୯ମି. ଗତେ ଘ.୦୯.୫୮ମି. ମଧ୍ୟେ, ଘ.୧୨.୦୮ମି. ଗତେ ଘ.୦୩.୦୧ମି. ମଧ୍ୟେ, ଘ.୦୩.୪୪ମି. ଗତେ ଘ.୦୫.୧୧ମି. ମଧ୍ୟେ ଅମୃତବେଳା। ଦିବା ଘ.୧୦.୨୫ମି. ଗତେ ଘ.୧୧.୪୬ମି. ମଧ୍ୟେ ରାହୁ କାଳ।


# classifieds Everyday
0674-2580101, 2549302




## SALE

Fully developed gated society gharabari boundary wall plot sale Gudiapokhari (near KEC College. Puri road) 30' road, Electricity. 8763887357, 9238902929. D-70118

Infosys-II ପାଖରେ 200' ରୋଡ୍‌କୁ ଲାଗି ପାଚେରିହୋଇ plot ବିକ୍ରି କରାଯାଉଛି। 9439864322. D-70137

ଫୁଲନଖରାଠାରେ Delhi Public School compoundwallକୁ ଲାଗି ଘରବାରି plot କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ। 9348314606. D-70131

One BHK semi-furnished flat near DAV school Pokhariput for immediate sale. 24 hours security, power back-up, intercom, lift etc. Contact -9937079628/ 7008661684. D-19353

Two bedroom flat with Drawing, Dining, Kitchen and two Bathroom with individual garage sale at Tankapani Road near Rajarani Temple. Bank finance available. Call: 9438109040, 8144658008. D-19306

2Beded furnished flat near Kuha School, 7km from DAV Pokhariput. Cost- 20 lakhs. Contact: 9438061163, 9437864827, 6371759667. D-69948

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70133

New construction individual house sale near Gita Engg. College, Bhubaneswar, land area- 2300sqrft built up area- 3000sqrft cost @ 80lakhs. Mob: 9938867397. D-19351

2000 sft plot available at Pahala for sale. Contact owner 9975014572. D-19346

Booking open for 3BHK/ 2BHK luxurious & premium flat at Surya Nagar, Bhubaneswar, genuine buyer please Contact- (D.K.ASSOCIATES). 9937329999. D-69951

ଖୋର୍ଦ୍ଧା ପିତାପଲ୍ଲୀ bypass ପାଖରେ yellowzone ସ୍ଥିତିବାନ possession ଥାଇ ବାସୋପଯୋଗୀ ପ୍ଲଟ୍ ବିକ୍ରିହେଉଛି। Contact: 9938066403, 9438315973. D-19315

Bhubaneswar Sum Hospital Gurukul ପାଖରେ yellowzone gharabari plot ବିକ୍ରି କରାଯାଉଅଛି। 9439206202. D-70128

Immediate construction with ଘରବାରି ବାଉଣ୍ଡ୍ରିୱାଲ, ଇଲେକ୍ଟ୍ରିସିଟି ଥାଇ ହଂସପାଳ କେନାଲ ରୋଡ୍ ପାଖରେ ଜାଗା ବିକ୍ରିହେବ। 7978998868. D-70126

ସୁନ୍ଦରପଦାରେ ୨୦୦୦ବର୍ଗ ଫୁଟକୁ ୧୯,୫୦,୦୦୦/- ପ୍ଲଟ୍ କିଣି ଆଜି ଘର କରନ୍ତୁ। Xavier, OEC ନିକଟରେ ୫,୫୦,୦୦୦/- ଦିଆଯାଉଛି। 9938016295. D-70127

ଭୁବନେଶ୍ୱର ଗୋଠପାଟଣା IIIT, Birla Global University ପାଖରେ ଘରବାରି yellowzone, 30' road, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। 1st possession/ registration. 9937819395. D-70125

Prime property at Khandagiri (Land & building) 2 storyed with underground cost Rs. 1.20/ crore (negotiable) Pho. No.- 9338579645. D-67773

Bhubaneswar Khordha NH sideରେ plot ମିଳୁଅଛି। Direct Owner-9090963952. D-70132

## PURCHASE

Land requires for plotting project in around Bhubaneswar, 9937816565, 9937568585. D-70123

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Don't hurry for construction or renovation compare quality and price from others before start your work talk with engineering experts for latest techniques call OHM Construction & research centre. 9938640133, 9938709146. D-70068




Furnished Office space available on Janpath behind Kalsi Petrolpump 850sqft full furnished office with pantry toilet, 26 workstations, lift facility also availble on 3rd floor. Contact: 9437001845 D-69666

10,000sqft. vacant land with boundarywall available for Lease/ Rent near Janla Industrial Estate. Contact: 9439176326. D-69950




Revitalize your self with our ayurvedic massage and refreshment, Call: 7381239385. D-70063

Experience full body massage with expert therapists. Call: 7377048581. D-70064

Newly open full body massage ladies and gents. 9337349409. D-69596

Christmas Offer@ 899/- all types massage gives by Swarna SPA. 9556978408. D- 70069

Rejuvenate and Ayurvedic full body massage by smart therapist. 9348123330. D-70071

Get refreshment body massage by expert therapist contact for 7205084157. D-70070

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ପ୍ରତିମାସ 1,00,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ଘରେ ପେପରପ୍ଲେଟ୍, ପେପରକପ୍, ଧୂପକାଠି, କର୍ପୂରମେସିନ୍ ଲଗାନ୍ତୁ। 75 ପ୍ରତିଶତ ଋଣ ମଧ୍ୟ ଯୋଗାଇ ଦିଆଯିବ। ଭୁବନେଶ୍ୱରରେ ଚାହୁଁଥିଲେ ଯୋଗାଯୋଗ କରନ୍ତୁ। 6362079373. D-70072

AB roadlinesର new project ପାଇଁ ହାଇୱା ଆବଶ୍ୟକ। Mo-: 9337731351, 7077061630. D-19336

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୭,୯୩,୧୩,୫୪୧ | ୧୭,୪୨,୭୬୫ | ୫,୫୮,୭୧,୬୯୫ |
| ଭାରତ | ୧,୦୧,୪୩,୯୭୪ | ୧,୪୭,୦୭୯ | ୯୬,୧୨,୯୧୦ |
| ଓଡ଼ିଶା | ୩,୨୭,୫୪୧ | ୧୮୫୦(+୫୩) | ୩,୨୨,୯୭୭ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଅପରାଧର ଡେମୋ ଦେଖାଇଲେ ଗିରଫ ଛାତ୍ର

**ନୟାଗଡ଼ ଅଫିସ,୨୪।୧୨**

ପରୀ ହତ୍ୟା ଘଟଣାରେ ଗିରଫ ଛାତ୍ର ଗୁରୁବାର ଏସ୍ଆଇଟିକୁ ଅପରାଧର ଡେମୋ ଦେଖାଇଛନ୍ତି। ଏଥିପାଇଁ ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ତାଙ୍କୁ ଯଦୁପୁର ଗାଁକୁ ଅଣାଯାଇଥିଲା। ସେ ପରୀକୁ କିପରି ନିଜ ଘରେ ହତ୍ୟା କଲେ, ହତ୍ୟା ପରେ କିପରି ପୋଖରୀ କୂଳ ବୁଦାରେ ମୃତଦେହକୁ ଫୋପାଡ଼ିଲେ ସେ ନେଇ ଗିରଫ ଛାତ୍ର ଡେମୋ ଦେଖାଇଥିଲେ ବୋଲି ଏସ୍ଆଇଟି କହିଛି। ହେଲେ ଡେମୋ ଦେଖାଇବା ବେଳେ ସମ୍ପୃକ୍ତ ଛାତ୍ର ଅଧିକାଂଶ ସମୟ ଚୁପ୍ ରହୁଥିଲେ। ହେଲେ ତାଙ୍କୁ ଏସ୍ଆଇଟିର ୨ ଅଧିକାରୀ ହାତରେ ଇଙ୍ଗିତ କରି ସେପରି କରିବାକୁ ବାଧ୍ୟ କରୁଥିବା ଦେଖିବାକୁ ମିଳିଥିଲା। ସେଥିପାଇଁ ଡେମୋକୁ ତରବରିଆ ଭାବେ ଶେଷ କରି ଦିଆଯାଇଥିଲା ବୋଲି ଅଭିଯୋଗ ହୋଇଛି।

ଡେମୋ ପୂର୍ବରୁ ପୋଖରୀ ନିକଟରୁ ଗଣମାଧମ ପ୍ରତିନିଧିଙ୍କୁ ହଟାଇ ଦିଆଯାଇଥିଲା। ଏହାର କିଛି ସମୟ ପରେ ବୋଥ୍ରା ଗଣମାଧମକୁ କହିଥିଲେ, ପରୀକୁ ହତ୍ୟା ସମୟରେ ତାଙ୍କ ନାକରୁ ବାହାରୁ ଥିବା ରକ୍ତ ଗାମୁଛାରେ ପୋଛା ଯାଇଥିଲା। ସେହି ଗାମୁଛାକୁ ସର୍ଫ ପକାଇ ଭଲରେ ସଫା କରାଯାଇଥିଲା। ତଥାପି ରକ୍ତଦାଗ ରହିଛି। ପରୀକ୍ଷା ପରେ ସେହି ରକ୍ତ କାହାର ଜଣାପଡ଼ିବ। ଏହା ପରେ ତଦନ୍ତକୁ ତ୍ୱରାନ୍ୱିତ କରାଯିବ। ଗିରଫ ଛାତ୍ର ଜେରା ବେଳେ ଅଧିକାଂଶ ସମୟ ରାଗି ଯାଉଛନ୍ତି। କେତେବେଳେ ଦୁଃଖରେ ଭୁଲ କରିଥିବା ସ୍ୱୀକାର କରୁଛନ୍ତି। ପୁଣି କେବେ ନିରାଶ ହୋଇ ବସି ରହୁଛନ୍ତି। ସେ କେବେ ଧରାପଡିବେ ବୋଲି ଆଶା କରି ନ ଥିଲେ ବୋଲି ବୋଥ୍ରା କହିଛନ୍ତି।

ଆମର ତଦନ୍ତ ଶେଷ ହୋଇଛି। ଆଉ ରିମାଣ୍ଡରେ ଗିରଫ ଛାତ୍ରଙ୍କୁ ନେବୁନାହିଁ। ହତ୍ୟାକାଣ୍ଡ ସହ ତାଙ୍କ ପରିବାରର କାହାର ଲିଙ୍କ୍ ଥିବା ତଦନ୍ତ କରୁଛୁ। ହତ୍ୟା ସେ ନିଜେ କରିଛନ୍ତି। ତଥାପି ଦ୍ୱିତୀୟ ପର୍ଯ୍ୟାୟରେ ତାଙ୍କୁ ଏଥିପାଇଁ କେହି ସହଯୋଗ କରିଥିବା ଆମେ ସନ୍ଦେହ କରୁଛୁ । ପରୀ ହତ୍ୟା ସମ୍ପର୍କରେ ପରୀ ପରିବାର ଲୋକେ ଜାଣିଛନ୍ତି। କିଛିଟା ସ୍ୱୀକାର ବି କଲେଣି। ତେବେ କେବେ ସେମାନେ ଏ ସମ୍ପର୍କରେ ଜାଣିଲେ ଜାଣିନୁ। ଅଭିଯୁକ୍ତ ଘରେ ରହି ଓ ଛାତ ଉପରେ ଚଢ଼ି ଏସ୍ଆଇଟି ତଦନ୍ତ ଦେଖୁଥିଲା। ସବୁ ନିଉଜ୍ ମଧ୍ୟ ଦେଖିଛି। ଟାଟା ସ୍କାଏରୁ ପଇସା ଶେଷ ପରେ ନିଉଜ୍ ଦେଖିବା ପାଇଁ ଘର ଲୋକଙ୍କ ସହ ଜିଦି କରି ପୁଣି ଟାଟା ସ୍କାଏ ରିଚାର୍ଜ କରାଇଛି। ମୁଁ ପ୍ରଥମ ଦିନ ଅଭିଯୁକ୍ତଙ୍କୁ ଭେଟିବା ସମୟରେ ସେ ନିଉଜ୍ ଦେଖୁଥିଲେ। ଏସ୍ଆଇଟି ଗଠିତ ହେବା ପରେ ଅଭିଯୁକ୍ତ ଭଉଣୀ ମୋବାଇଲରେ ଏସ୍ଆଇଟି ସମ୍ପର୍କରେ ଗୁଗୁଲ୍‌ରେ ସର୍ଚ୍ଚ କରିଥିଲେ। ପରେ ସର୍ଚ୍ଚ ହିଷ୍ଟ୍ରିରୁ ସେ ଡିଲିଟ କରିଦେଇଥିଲେ। ସେ ମୋତେ କହିଛନ୍ତି ଯେ, ମୁଁ ଆପଣଙ୍କୁ ମଧ୍ୟ ଭଲ ଭାବେ ଅନୁଧ୍ୟାନ କରିଛି। କେଉଁଠି ଥିଲି, କେତେ କେସ୍ କରିଛି ସେ ଗୁଗୁଲ୍‌ରୁ ସର୍ଚ୍ଚ କରି ଜାଣି ପାରିଥିଲେ। ଅଭିଯୁକ୍ତଙ୍କ ବିଷୟରେ ମୁଁ କମ୍ ଜାଣିଥିବାବେଳେ ସେ ମୋ ବିଷୟରେ ଅଧିକ ଜାଣିଥିଲେ ବୋଲି ବୋଥ୍ରା ଗଣମାଧ୍ୟମକୁ କହିଛନ୍ତି ।



ଡେମୋ ଦେଖାଉଛନ୍ତି ଅଭିଯୁକ୍ତ ।

- ଅଭିଯୁକ୍ତଙ୍କ ବ୍ରେନ୍ ମ୍ୟାପିଂ ହେବ
- ଏସ୍ଆଇଟି ତଦନ୍ତ ଶେଷ ହୋଇଛି

ଖବରଦାତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି, ତଦନ୍ତ ଆମେ ଭଲ ଭାବେ କରିଛୁ। କିଛି ଲୁଚାଇବାର ନାହିଁ। ମୃତଦେହ ମିଳିବା ପରେ ଭିଡିଓ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରେ ମେଡିକାଲ ଏକ୍ସପର୍ଟମାନଙ୍କ ମତାମତ ହେଉଛି ଫାଇନାଲ। ଜଣେ ଶିଶୁର ଦେହରେ କେତେଖଣ୍ଡ ହାଡ଼ ଥାଏ ମୁଁ ଜାଣିନାହିଁ। କେତେଜଣ ଲୋକ ମୋତେ ପଚାରୁଛନ୍ତି ମଣିଷ ଦେହରେ କେତେ ଖଣ୍ଡ ହାଡ଼ କୁହନ୍ତୁ। ତେବେ ମୁଁ ତ ଡାକ୍ତର ନୁହେଁ। ଆପଣ ଗୁଗୁଲ୍ କରୁଛନ୍ତି ଓ ମୁଁ ମଧ୍ୟ ଗୁଗୁଲ୍ କରୁଛି। ଡାକ୍ତରମାନେ ଏନେଇ ଯାହା କହିବେ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଛି। ଏସ୍‌ସିବି ମେଡିକାଲର ଏଫ୍‌ଏମ୍‌ଟିରେ ଡାକ୍ତରମାନଙ୍କ ବୋର୍ଡ ବ୍ୟବଚ୍ଛେଦ କରିଛି। ରିପୋର୍ଟରେ ହାଡ ମିଶିଂ ସମ୍ପର୍କରେ କିଛି ଦର୍ଶାଯାଇ ନାହିଁ। ମୃତଦେହର ଡିଏନ୍ଏ ପ୍ରୋଫାଇଲ ପରେ ଶବ ପରୀର ବୋଲି ଜଣାପଡିଥିଲା। ପୋଖରୀ କୂଳରୁ ମିଳିଥିବା କିଛି ହାଡ଼କୁ ଡିଏନ୍ଏ ପରୀକ୍ଷା ପାଇଁ ନିଆଯାଇଥିଲା। ସେହି ହାଡ଼ ଡାକ୍ତରୀ ଦଳ ପାଖରେ ସଂରକ୍ଷିତ ରହିଛି। ପରୀର କୌଣସି ହାଡ଼ ହଜି ନାହିଁ ବୋଲି ସେ କହିଛନ୍ତି।

ପୋଖରୀରୁ ମିଳିଥିବା ପରୀର ଲେଗିନ୍ସକୁ ପରୀକ୍ଷା ପାଇଁ ପଠାଯାଇଛି। ଲେଗିନ୍ସରେ ଦାଗ ଅଛି କି ନାହିଁ ସେଇଟା ଗୁରୁତ୍ୱପୂର୍ଣ୍ଣ। ଆମେ କୋର୍ଟରେ ଲେଗିନ୍ସକୁ ଉପସ୍ଥାପନ କରିବୁ। ସେଠାରେ ପରୀର ମା'ବାପା ଓ ଅନ୍ୟ କେହି ଚିହ୍ନଟ କରିବେ। ଲୋକ ହେଉଛନ୍ତି ଆମର ମାଲିକ। ସେମାନେ ଆମକୁ ପ୍ରଶ୍ନ କରିପାରିବେ। ହେଲେ ସମସ୍ତଙ୍କୁ ଉତ୍ତର ଦେବା ସମ୍ଭବ ନୁହେଁ। ତେବେ ଅଦାଲତରେ ଉତ୍ତର ରଖିବି। ଆମ ଟିମ୍ ଭଲ ତଦନ୍ତ କରିଛି। ଶତ ପ୍ରତିଶତ ସଫଳତା ମିଳିଛି। ଯଦୁପୁର ଗାଁଲୋକଙ୍କ ସହଯୋଗ ରହିଥିବାରୁ ଦୋଷୀ ଶୀଘ୍ର ଧରାପଡିଲେ। ସେମାନଙ୍କ ପାଖରେ ମୁଁ ଋଣୀ। ହାଇକୋର୍ଟରେ ଗୁରୁବାର ସକାଳେ ରିପୋର୍ଟ ଦାଖଲ କରିସାରିଛୁ। ତେବେ ଅଭିଯୁକ୍ତଙ୍କ କଥା ସତ କି ମିଛ ଜାଣିବା ପାଇଁ ବ୍ରେନ ମ୍ୟାପିଂ କରାଯିବ ବୋଲି ବୋଥ୍ରା କହିଛନ୍ତି।

## ସିବିଆଇ ତଦନ୍ତ ଦାବିରେ ପରୀ ପରିବାର

ନୟାଗଡ ଅଫିସ,୨୪।୧୨:ପରୀ ହତ୍ୟା ଘଟଣାରେ ଗିରଫ ଛାତ୍ର ପ୍ରକୃତ ହତ୍ୟାକାରୀ ନୁହଁନ୍ତି । ଏହାପରେ ଅନ୍ୟମାନେ ଅଛନ୍ତି ବୋଲି ପରୀର ମା'ସୌଦାମିନି ସାହୁ କହିଛନ୍ତି। ସେ କହିଛନ୍ତି, ଏସ୍ଆଇଟି ବୋଧେ କାହା ଚାପରେ ଚାପି ହୋଇପଡିଛି। ବାବୁଲି ନାୟକ ଓ ତାଙ୍କ ସହଯୋଗୀ ମୋ ଝିଅ ହତ୍ୟାରେ ସଂପୃକ୍ତ। ପରୀର ଅଙ୍ଗତସ୍କରୀ ହୋଇଛି। ଅଭିଯୋଗ ପରେ ପୋଲିସ ପରି ଏସ୍ଆଇଟି ବି ସେ ଦିଗରେ ତଦନ୍ତ କରୁନି। ମୃତଦେହ ଜବତ ବେଳେ ମାତ୍ର ୨୫ ପ୍ରତିଶତ ହାଡ ମିଳିଥିଲା। ଅବଶିଷ୍ଟ ହାଡ କୁଆଡେ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସିବିଆଇ ତଦନ୍ତ ହେଉ। ପ୍ରକୃତ ଦୋଷୀଙ୍କୁ ଗିରଫ କରାଯାଉ ବୋଲି ସେ ଗୁରୁବାର ଗଣମାଧ୍ୟମକୁ କହିଛନ୍ତି। ଏନେଇ ଏସ୍ଆଇଟି ମୁଖ୍ୟ ଅରୁଣ ବୋଥ୍ରାଙ୍କୁ ପଚାରିବାରୁ ସେ କହିଛନ୍ତି ଅଙ୍ଗ ତସ୍କରୀ ନେଇ ଅଭିଯୋଗ ହୋଇ ଥିଲା। ହେଲେ ସେପରି କିଛି ପ୍ରମାଣ ମିଳୁନି। ବରଂ ବଳାତ୍କାର ପାଇଁ ପରୀକୁ ହତ୍ୟା କରାଯାଉଥିବା ପ୍ରମାଣ ରହିଛି।

## ପରୀକୁ ନେଇ ଭାଜପା ରାଜନୀତି କରୁଛି: କଂଗ୍ରେସ

**ନୟାଗଡ ଅଫିସ,୨୪।୧୨:** ପରୀକୁ ନ୍ୟାୟ ଦେବା ବାହାନାରେ ଭାଜପା ରାଜନୀତି କରୁଥିବା କଂଗ୍ରେସ ଅଭିଯୋଗ କରିଛି। ସେଥିପାଇଁ ଭୋଟ ପ୍ରଚାର ଭଳି ନୟାଗଡ଼ ଟ୍ରାଫିକ ଛକରେ ଓ ରାସ୍ତା ଡିଭାଇଡରରେ ଦଳୀୟ ପତାକା ଓ ବ୍ୟାନର ଛାଉଣୀ ହୋଇଛି ବୋଲି ଜିଲା ସଭାପତି ରଣଜିତ୍ ଦାଶ କହିଛନ୍ତି। ପରୀ ଅପହରଣଠାରୁ ସମ୍ପୂର୍ଣ୍ଣ ଚୁପ ଥିବା ଭାଜପା ପରୀ ମା'ବାପାଙ୍କ ଆତ୍ମାହୁତି ଉଦ୍ୟମ ପରେ ଚଳଚଞ୍ଚଳ ହୋଇ ଉଠିଥିଲା। କଂଗ୍ରେସ ପ୍ରଥମରୁ ପରୀ ନ୍ୟାୟ ପାଇଁ ଆନ୍ଦୋଳନ କରିଛି। ନୟାଗଡ଼ ଏସ୍‌ପି ଅଫିସ ଘେରାଉ କରାଯାଇଛି । ଅନ୍ୟପକ୍ଷେ କଂଗ୍ରେସର ଅଭିଯୋଗକୁ ଭାଜପା ନେତ୍ରୀ ଇରାନୀ ରାୟ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି ପରୀ ଅପହରଣଠାରୁ ଭାଜପା ପରୀର ମା'ବାପାଙ୍କୁ ସହଯୋଗ କରି ଆସୁଛି। ଏପରି ଅଭିଯୋଗ ଆଣି କଂଗ୍ରେସ ଅଯଥାରେ ଭାଜପାକୁ ବଦନାମ କରୁଛି ।

# ରିମାଣ୍ଡ ସରିଲା, ଜେଲ ଗଲେ ଅଭିଯୁକ୍ତ

**ନୟାଗଡ଼ ଅଫିସ,୨୪।୧୨**

ବହୁ ଚର୍ଚ୍ଚିତ ପରୀ ବଳାତ୍କାର ଓ ହତ୍ୟା ଘଟଣାରେ ଗିରଫ କଲେଜ ଛାତ୍ରଙ୍କ ୩ ଦିନିଆ ରିମାଣ୍ଡ ଅବଧି ଗୁରୁବାର ଶେଷ ହୋଇଛି। ଏହାପରେ ଏସ୍ଆଇଟି ପକ୍ଷରୁ ତାଙ୍କୁ ଡାକ୍ତରଖାନାକୁ ନିଆଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ନୟାଗଡ ପୋକ୍ସ କୋର୍ଟରେ ହାଜର କରାଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ ମୁତବାକ ତାଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଏସ୍ଆଇଟି ପକ୍ଷରୁ ନୟାଗଡ଼ ପୋକ୍ସ କୋର୍ଟରେ ଅଭିଯୁକ୍ତଙ୍କୁ ଗତ ୨୧ ତାରିଖରେ ହାଜର କରାଯାଇଥିଲା। ଏହାପରେ ତାଙ୍କୁ ରିମାଣ୍ଡରେ ନେବାକୁ ଆବେଦନ କରାଯାଇଥିଲା । ପୋକ୍ସ କୋର୍ଟ ଜଜ ଉଦୟ ଭାନୁ ଜେନା ଏଥିପାଇଁ ଡିସେମ୍ବର ୨୨, ୨୩ ଓ ୨୪ ତାରିଖ (୩ ଦିନ) ରିମାଣ୍ଡରେ ନେବା ପାଇଁ ଅନୁମତି ଦେଇଥିଲେ।

### କଥା ବଦଳାଉଛନ୍ତି ଗିରଫ ଛାତ୍ରଙ୍କ ମା'

ପରୀ ହତ୍ୟା ଘଟଣାରେ ଗିରଫ ଛାତ୍ରଙ୍କ ମା' ବାରମ୍ବାର ନିଜ ବୟାନ ପରିବର୍ତ୍ତନ କରୁଛନ୍ତି। ବୁଧବାର ସେ କହିଥିଲେ ମୋ ଅଜ୍ଞାନ ପୁଅ ଯଦି କିଛି ଭୁଲ କରିଛି ତାକୁ କ୍ଷମା କରିଦିଅ । ଗୁରୁବାର କହିଛନ୍ତି, ମୋ ପୁଅ ନିର୍ଦ୍ଦୋଷ। ତାକୁ ଚାପ ପକାଇ ଓ ଭୟଭୀତ କରାଇ ଫସାଇ ଦିଆଯାଇଛି। ଆମକୁ ବି ଫସାଇ ଦେବାକୁ ଉଦ୍ୟମ ଚାଲିଛି। ଘରେ ତାଲା ପକାଇ ଗୁରୁବାର ଏସ୍ଆଇଟି ଡେମୋ କରିଛି। ଯଦି ମୋ ପୁଅ ଦୋଷୀ ତେବେ ତାଲା ପକାଇ ଡେମୋ କରିବାର କାରଣ ବୁଝା ପଡୁନି ବୋଲି ସେ କାନ୍ଦି କାନ୍ଦି ଗଣମାଧ୍ୟମକୁ କହିଛନ୍ତି। ଅନ୍ୟପକ୍ଷେ ସେ କହିଛନ୍ତି, ପରୀ ନିଖୋଜ ପୂର୍ବ ଦିନ ମୋ ପୁଅ ତା' ଭଉଣୀ ଭିଣୋଇଙ୍କ ପାଖରେ ଶୋଇଥିଲା। ସେଦିନ ରାତିରେ ଅଶ୍ଳିଳ ଭିଡିଓ ଦେଖିଲା କିପରି। ପରୀ ନିଖୋଜ ଦିନ ଘରେ ସମସ୍ତେ ଥିଲେ। କିଛି ସମୟ ଭିତରେ ହତ୍ୟା, ବଳାତ୍କାର ଓ ମୃତଦେହ ଫୋପାଡିବା କ'ଣ ସମ୍ଭବ। ଗିରଫ ଛାତ୍ରଙ୍କ ଭଉଣୀ ମଧ୍ୟ ଭାଇର ଅଶ୍ଳୀଳ ଭିଡିଓ ଦେଖାକୁ ଅସ୍ୱୀକାର କରିଛନ୍ତି। ଭାଇ କେବଳ କିଛି ସମୟ ପାଇଁ ଫୋନ ଧରେ। ଏହି ସ୍ୱଳ୍ପ ସମୟ ମଧ୍ୟରେ ଭଜନ ଦେଖେ। ତାକୁ ଅଯଥାରେ ବଦନାମ କରାଯାଉଛି। ତାଙ୍କ ନାଁରେ ଯେପରି ଅଭିଯୋଗ ଆସିଛି ସେଥିରେ ସତ୍ୟତା ନାହିଁ ବୋଲି ସେ କହିଛନ୍ତି।







> ଅନ୍ତରାତ୍ମାରେ ଯଦି ବିକୃତି ଥାଏ– ତେବେ ଶରୀରରେ ନିଶ୍ଚୟ ବ୍ୟାଧି ଦେଖାଯିବ। କାରଣ– ମନର ପାପ ହେଲା ଦୈହିକ ପାପର ପ୍ରଚ୍ଛନ୍ନ କାରଣ। ସେହିପରି–ମଣିଷର ସାମାଜିକ ଜୀବନରେ ଦାରିଦ୍ର୍ୟ ଓ ଦୁର୍ଭୋଗ ବାରମ୍ବାର ଫେରି ଆସୁଥିବ –ଯେତେଦିନ ପର୍ଯ୍ୟନ୍ତ ଗୋଟାଏ ଜାତିର ମନ ଅହଂକାରର ଅଧୀନସ୍ଥ ହୋଇ ରହିଥିବ।। –ଶ୍ରୀଅରବିନ୍ଦ



# ଜିଦି ଛାଡ଼

କୃଷକମାନଙ୍କ ଆନ୍ଦୋଳନର ତୀବ୍ରତା ଥମିବାର କୌଣସି ଆଭାସ ମିଳୁନାହିଁ। ଏହି ଆନ୍ଦୋଳନକୁ ୪ ସପ୍ତାହ ବିତି ଯାଇଥିଲେ ବି କେନ୍ଦ୍ର ଓ ବିକ୍ଷୋଭକାରୀ କୃଷକମାନେ ଏକ ସମାଧାନର ବାଟ ପାଇପାରିନାହାନ୍ତି। ଉଭୟ ପକ୍ଷ ସେମାନଙ୍କ ଦାବିରେ ଅଟଳ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ସୁପ୍ରିମ୍‌କୋର୍ଟ ପରାମର୍ଶ ଦେଇଛନ୍ତି ଯେ, କେନ୍ଦ୍ର ତିନୋଟି ବିବାଦୀୟ କୃଷି ଆଇନକୁ ସ୍ଥଗିତ ରଖିବା ସବୁଠୁ ଭଲ ହେବ। ଏହା ପୂର୍ବରୁ ଆନ୍ଦୋଳନରେ ଭାଗ ନେଇଥିବା କୃଷକ ସଂଘ, ଏହାର ସପକ୍ଷବାଦୀ, ସରକାର ଏବଂ ଅନ୍ୟ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କୁ ନେଇ ଏକ କମିଟି ଗଠନ କରି ଏବେ ସୃଷ୍ଟି ହୋଇଥିବା ସଙ୍କଟର ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ କରିବା ଲାଗି ପରାମର୍ଶ ଦେଇଥିଲେ। ଦୁର୍ଭାଗ୍ୟବଶତଃ ସୁପ୍ରିମକୋର୍ଟଙ୍କ ଏହି ପରାମର୍ଶ ପ୍ରତିବାଦକାରୀଙ୍କୁ ପ୍ରଭାବିତ କରିପାରିଲା ନାହିଁ। ଏଭଳି ଏକ ଭଲ ପଦକ୍ଷେପ ଉପରେ କେନ୍ଦ୍ର ମଧ୍ୟ ପୂର୍ବପରି କଠୋରତା ପ୍ରକାଶ କଲା। ଉଭୟ ପକ୍ଷ ଜିଦିରେ ରହିବା ଓ କଠୋରତା ପ୍ରକାଶ କରିବା ଆଦୌ ଶୁଭ ସୂଚନା ନୁହେଁ। ଅହିଂସା ଆନ୍ଦୋଳନ କରିବା କୃଷକମାନଙ୍କ ଅଧିକାର ବୋଲି ସୁପ୍ରିମକୋର୍ଟ ସ୍ୱୀକାର କରିଛନ୍ତି। ଆଉ ମଧ୍ୟ ଶୀର୍ଷ କୋର୍ଟ ଜୋର୍ ଦେଇ କହିଛନ୍ତି ଯେ, ସ୍ୱାଧୀନ ଭାବେ କାର୍ଯ୍ୟ କରିବା ବା ଚଳାଚଳ କରିବା ସାଧାରଣ ଲୋକମାନଙ୍କ ମୌଳିକ ଅଧିକାର। ସୁପ୍ରିମ୍‌କୋର୍ଟ ମଧ୍ୟ କୃଷକମାନଙ୍କ ଆନ୍ଦୋଳନର କାରଣ ପ୍ରତି ଖୋଲା ସହାନୁଭୂତି ପ୍ରକାଶ କରିଛନ୍ତି। କେନ୍ଦ୍ର ତାଙ୍କ ତରଫରୁ ଏହି ସମସ୍ୟାକୁ ସହାନୁଭୂତି ପୂର୍ବକ ନିୟନ୍ତ୍ରଣ କରିବାକୁ ଇଚ୍ଛା ପ୍ରକାଶ କରିଛି। ତେବେ ଏହାର ଅଧିକାଂଶ କାର୍ଯ୍ୟ ବାକ୍‌ପଟୁତାରେ ସୀମିତ। ତିନୋଟି କୃଷି ଆଇନ ଉପରେ ପୁନର୍ବାର ଚର୍ଚ୍ଚା କରିବା ଲାଗି ଏହା ବାରମ୍ବାର ମନା କରିଆସୁଛି, ଯାହା କୃଷକମାନଙ୍କ ଏକମାତ୍ର ଦାବି ରହିଛି। ତିନୋଟି କୃଷି ଆଇନକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ନ କରି ସେଥିରେ ଆଉ ଯାହା କମ୍ କଲେ ବି ସେମାନଙ୍କୁ ଏହା ସନ୍ତୁଷ୍ଟ କରିପାରିବ ନାହିଁ ବୋଲି କୃଷକମାନେ ଘୋଷଣା କରିଛନ୍ତି। ସରକାର ଏହି ତିନୋଟି ଆଇନକୁ ସମୀକ୍ଷା କରିବା ମୁଡରେ ନ ଥିବା ଜଣାପଡୁଛି। କୃଷକମାନେ ଶୀତକାକରରେ ରାସ୍ତାରେ ବସିଛନ୍ତି। ଏହି ଘଟଣାକୁ କେନ୍ଦ୍ର କରି ଅନେକ କୃଷକ ମଧ୍ୟ ଆତ୍ମହତ୍ୟା କରିଛନ୍ତି। କୃଷକମାନଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ ପଞ୍ଜାବର ଜଣେ ପୂଜକ ଆତ୍ମହତ୍ୟା କରିଛନ୍ତି। ଏହି ସ୍ଥିତି ଆହୁରି ବିସ୍ଫୋରକ ଓ ଭୟାନକ ହେବାର ସମ୍ଭାବନା ରହିଛି। କୁହାଯାଇପାରେ, ସୁପ୍ରିମ୍‌କୋର୍ଟଙ୍କ ହସ୍ତକ୍ଷେପ ଏଭଳି କଠିନ ସ୍ଥିତିକୁ ଟାଳିବା ଲାଗି ଏକ ସୁଯୋଗ ପ୍ରଦାନ କରିଛି।

## ଆଜିର ଅର୍ଥନୀତି

ସରକାର ଉଦାର ଭାବ ପ୍ରକାଶ କରିବା ସହ ଏହି ଆଇନକୁ ନେଇ ଆଗକୁ ନ ବଢିବା ଲାଗି ସୁପ୍ରିମ କୋର୍ଟଙ୍କ ପରାମର୍ଶକୁ ଗ୍ରହଣ କରିବା ଉଚିତ। ଯଦି ଏହି ଆଇନଗୁଡ଼ିକୁ କିଛି ସମୟ ପାଇଁ ସ୍ଥଗିତ ରଖାଯାଏ ତେବେ ସ୍ୱର୍ଗ ଛିଣ୍ଡି ପଡିବ ନାହିଁ। ଏହି ସମୟରେ କେନ୍ଦ୍ର ବିଭିନ୍ନ ଆନ୍ଦୋଳନର ଭାଗିଦାରିମାନଙ୍କୁ ତା'ଦୃଷ୍ଟିକୋଣ ସପକ୍ଷଙ୍କୁ ଆଣିବା ଉଚିତ। ମୁଖ୍ୟତଃ ଦକ୍ଷିଣ ଓ ପୂର୍ବ ଭାରତରେ ଥିବା କୃଷକ ଗୋଷ୍ଠୀ ଆଲୋଚନା ପାଇଁ ଦ୍ୱାର ଖୋଲା ରଖିପାରନ୍ତି। ଏହି ସଙ୍କଟରେ ପ୍ରସ୍ତାବକୁ ସ୍ଥଗିତ ରଖିବା ସହ ସରକାରରେ ଥିବା ବରିଷ୍ଠ ନେତାମାନେ କୃଷକମାନଙ୍କ ବିରୋଧରେ ଆକ୍ରମଣାତ୍ମକ ମନ୍ତବ୍ୟ ଦେବାରୁ ସେମାନଙ୍କୁ ଦୂରେଇ ରଖିବା ଉଚିତ। ଗତ ତିନି ସପ୍ତାହରେ ଦଳର ବରିଷ୍ଠ ନେତାମାନଙ୍କ ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ପୁଣି କୃଷକମାନଙ୍କୁ ଉତ୍କ୍ଷିପ୍ତ କରିବା ସହ ସରକାର ବିରୋଧୀ ସଜାଇଦେଇଛି। ଏଣୁ ଉଭୟ ପକ୍ଷ ଜିଦି ଛାଡ଼ିଦେବା ଉଚିତ। ଏହି ସମସ୍ୟା ଉପରେ ଉଭୟେ ଏକ ସକାରାତ୍ମକ ତଥା ଉଦାରବାଦୀ ଦୃଷ୍ଟିକୋଣ ଆପଣାଇବା ଆବଶ୍ୟକ। ଆଲୋଚନା ଆରମ୍ଭ କରିବାରେ ବାଧା ଉପୁଜାଉଥିବା ଅହଂକାର ମନୋଭାବ ରହିବା ଅନୁଚିତ। ଆଲୋଚନା ପାଇଁ ଆଗେଇ ଆସିବାକୁ ସରକାର ପ୍ରଥମେ ପଦକ୍ଷେପ ନେବା ଦରକାର। ସରକାର ତାଙ୍କ ବାକ୍‌ପଟୁତା ପରିତ୍ୟାଗ କରି ଆଲୋଚନାକୁ ଉତ୍ସାହିତ କରନ୍ତୁ। ଯେଉଁମାନଙ୍କ ପାଇଁ ସେମାନେ ଏହି ସଂସ୍କାର ଆଣିଛନ୍ତି ସେମାନଙ୍କୁ ଅଶାନ୍ତି କରି ତାହା ଗ୍ରହଣ କରିବା ଲାଗି ବାଧ୍ୟ କରାଯାଇ ପାରିବ ନାହିଁ। ସରକାର ପ୍ରଥମେ ଏହି ପ୍ରସ୍ତାବିତ ସଂସ୍କାର ଉପରେ ସେମାନଙ୍କ ମନ ଜିଣିବା ଉଚିତ କିମ୍ବା ଏହା ଉପରେ ଆଲୋଚନା ନ ହେବା ଯାଏ ଏହାକୁ ସ୍ଥଗିତ ରଖାଯିବା ଦରକାର। 'ଗ୍ରହଣ କର କିମ୍ବା ଛାଡ' ନୀତି ସରକାର ପରିହାର କରିବା ଆବଶ୍ୟକ। ରାଜନୈତିକ ଦଳଗୁଡ଼ିକ ସମସ୍ୟାରୁ ଫାଇଦା ଉଠାଇବା ବ୍ୟତୀତ ଆଉ କିଛି ଦେଖିପାରନ୍ତିନି। ଏଣୁ କୃଷକମାନେ ଏହିସବୁ ଦଳର ହାତବାରିସି ସାଜିବା ଉଚିତ ନୁହେଁ। ଏହା ହେଲେ ଏହି ଆନ୍ଦୋଳନ ତା'ର ଗୁରୁତ୍ୱ ହରାଇବ ଏବଂ ଏହା ସରକାରଙ୍କୁ ସୁହାଇବ। କିଛି ତ୍ୟାଗ କଲେ କିଛି ମିଳେ – ଏହି ଭାବ ଉଭୟ ସରକାର ଓ କୃଷକ ସଂଗଠନଗୁଡ଼ିକ ଗ୍ରହଣ କରିବା ଆବଶ୍ୟକ। ଏହାକୁ ଜୟ କିମ୍ବା ପରାଜୟର ବିଷୟ ଭାବେ ଦେଖିବା ଉଚିତ ନୁହେଁ।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଡିସେମ୍ବର ୧୯୯୫

- ସରକାରୀ ପ୍ରାଥମିକ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କ ସକାଶେ ସମାନ ସୁବିଧା ସୁଯୋଗ ଓ ଦରମା ଦାବିକରି ବାଂଲାଦେଶର ପ୍ରାଥମିକ ଶିକ୍ଷକମାନଙ୍କ ଅନଶନ ଧର୍ମଘଟ।
- ଜନତା ଦଳ ନେତା ପୂର୍ବତନ ଆଇନମନ୍ତ୍ରୀ ତଥା ବିଧାୟକ ନରସିଂହ ମିଶ୍ରଙ୍କ ବିରୋଧରେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ମକଦ୍ଦମା ରୁଜୁ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | | 4 | | 3 | 0 | 6 | C | | | 1 | | | 5 | |
| | | 7 | 5 | 9 | | | | | | | D | | C | |
| | | | | 2 | 1 | | B | | 4 | | | | 0 | |
| 1 | | 5 | 7 | | B | | | | 8 | | | | | |
| | A | | | | | 5 | | E | | | | D | | |
| 0 | 1 | 2 | | | | 3 | 4 | 7 | | | B | | | |
| | E | | | B | | | | | 3 | 9 | | | | |
| | | | 9 | | 6 | | 5 | | | 4 | | C | | |
| | 9 | | | C | | | A | | E | 2 | | | | |
| | | 8 | | A | | | | | 7 | 6 | | | | 3 |
| 7 | | 6 | D | 5 | 4 | C | 0 | | | A | | | | |
| 8 | | | C | | 3 | | | | | D | | | 9 | |
| E | 2 | | | 1 | | | | 8 | | | | 3 | 4 | |
| | 4 | A | | 8 | | D | | B | | | | | E | |
| | | 9 | B | | | | 2 | 6 | 1 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | B | 0 | 5 | 6 | 8 | A | 9 | 1 | 7 | E | 4 | 3 | 2 | D |
| 3 | 4 | 1 | D | A | 9 | 2 | C | B | 6 | 8 | 5 | E | 7 | 0 |
| E | 6 | 2 | 3 | 7 | C | 8 | D | 5 | B | 1 | 0 | 9 | 4 | A |
| D | 7 | A | 1 | 4 | B | E | 3 | 0 | C | 2 | 9 | 8 | 5 | 6 |
| 5 | 8 | 9 | E | 2 | 0 | 7 | 6 | 4 | 3 | D | A | B | C | 1 |
| 4 | 9 | 8 | C | 5 | A | B | 2 | 6 | D | 7 | 3 | 0 | 1 | E |
| A | E | C | 7 | 8 | 2 | 1 | 4 | 3 | 0 | 9 | 6 | D | B | 5 |
| 6 | 5 | B | 4 | 1 | 3 | 0 | 8 | D | E | C | 2 | A | 9 | 7 |
| 0 | 1 | 3 | B | D | E | 9 | A | 7 | 5 | 4 | 8 | 2 | 6 | C |
| 7 | 2 | D | 0 | 9 | 6 | 5 | E | C | 1 | A | B | 4 | 8 | 3 |
| 2 | C | 7 | 8 | 3 | 1 | 4 | B | E | A | 5 | D | 6 | 0 | 9 |
| B | A | 5 | 9 | 0 | D | 3 | 7 | 2 | 4 | 6 | 1 | C | E | 8 |
| 1 | D | E | 6 | B | 4 | C | 0 | 9 | 8 | 3 | 7 | 5 | A | 2 |
| 9 | 0 | 6 | A | C | 7 | D | 5 | 8 | 2 | B | E | 1 | 3 | 4 |
| 8 | 3 | 4 | 2 | E | 5 | 6 | 1 | A | 9 | 0 | C | 7 | D | B |

ଗତକାଲିର ଉତ୍ତର

# ମହାମାରୀ ଓ ପ୍ରାଥମିକ ଶିକ୍ଷା



ଲୋକନାଥ ପଣ୍ଡା

ଗତ ମାର୍ଚ୍ଚ ମାସରୁ କୋଭିଡ କଟକଣା ହେତୁ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ ହୋଇପଡ଼ିଛି। କୋଭିଡ ମହାମାରୀ ପରିପ୍ରେକ୍ଷୀରେ ସରକାରଙ୍କ ତରଫରୁ ବିଭିନ୍ନ ପ୍ରକାର ପ୍ରୟାସ ଚାଲିଛି। ଅବଶ୍ୟ କୁହାଯାଇପାରେ ଯେ, ସରକାରୀ ବ୍ୟବସ୍ଥାରେ ଏବଂ ମୁଖ୍ୟତଃ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ସ୍କୁଲ ବ୍ୟବସ୍ଥାରେ ଯେଉଁମାନେ ବା ଯେଉଁ ଶିଶୁମାନେ ହିତାଧିକାରୀ, ସେମାନଙ୍କ ନିମନ୍ତେ ବିଶେଷ କିଛି ସୁଯୋଗ ନାହିଁ! ଅବଶ୍ୟ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ବିଦ୍ୟାଳୟ ବା ମଡେଲ ସ୍କୁଲର ପିଲାଙ୍କ ପାଇଁ ନିୟମିତ ଭାବରେ ଅନ୍‌ଲାଇନରେ ପାଠପଢ଼ା ହେଉଛି। କିନ୍ତୁ ସମ୍ବିଧାନ ଅନୁସାରେ ସମାଜର ଅବହେଳିତ,ପଛୁଆ,ତଥା ଅନୁସୂଚିତ ଜାତି ଓ ଜନଜାତିର ଶିଶୁ, ଯେଉଁ ପରିବାର ଆର୍ଥିକ ଦିଗରୁ ଅନଗ୍ରସର କିମ୍ବା ଯେଉଁଠି ବିକାଶ ପହଞ୍ଚିପାରିନାହିଁ, ସେହି ଅଞ୍ଚଳର ଶିଶୁମାନେ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ଅନେକ କ୍ଷେତ୍ରରେ ଅନ୍‌ଲାଇନ ପାଠପଢ଼ା କିଛିମାତ୍ରାରେ ସହାୟକ ହେଉଛି। ଏହା ମୁଖ୍ୟତଃ ଉଚ୍ଚ ବର୍ଗ, ବେସରକାରୀ ବିଦ୍ୟାଳୟ ଯେଉଁଠି ଅଧିକ ମାତ୍ରାରେ ଫି ନେଉଛନ୍ତି, ଯେଉଁ ମାତାପିତା ଅଧିକ ମାତ୍ରାରେ ନିଜର ଶିଶୁଙ୍କ ଶିକ୍ଷା ପାଇଁ ଅର୍ଥ ଖର୍ଚ୍ଚ କରିବା ଲାଗି ଉଦ୍ୟମ କରୁଛନ୍ତି, ସେମାନଙ୍କ ନିମନ୍ତେ ଶିକ୍ଷା କାର୍ଯ୍ୟକ୍ରମ ଚାଲିଛି।

ସବୁଠାରୁ ଅସୁବିଧା ହେଲା, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ସ୍ଥିତି। ଅନେକ ସମୟରେ ନେଟ୍‌ୱାର୍କ ରହିବାରେ ଅସୁବିଧା ରହୁଛି, ଯଦି ରହୁଛି, ଅନେକ ସମୟରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହେଉଛି। ଏହା କେବଳ ଥିବାବାଲାଙ୍କ ସ୍ଥିତି। ଅନେକ ପରିବାରର ତ' ଆଣ୍ଡ୍ରଏଡ୍ ଫୋନ କିଣିବା ପାଇଁ ସମ୍ବଳ ନାହିଁ। ଯଦି ଫୋନ୍ କିଣୁଛନ୍ତି, ତେବେ ଫୋନ୍ ରିଚାର୍ଜ ପାଇଁ ମାସିକ ଫି ବଢ଼ିଲାଣି। ଏହି ପରିପ୍ରେକ୍ଷୀରେ ଶିକ୍ଷାର ସ୍ଥିତି ସମସ୍ତଙ୍କର ଚିନ୍ତାର ବିଷୟ ପାଲଟିଛି। ଗାଁ ଗଣ୍ଡାରେ ନିୟମିତ ବିଦ୍ୟୁତ୍ ରହିବାରେ କିଛି ନିଶ୍ଚିତତା ନାହିଁ!

ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଅନ୍‌ଲାଇନ ପାଠପଢ଼ାର ସମସ୍ୟାକୁ ହୃଦୟଙ୍ଗମ କରି ଶିକ୍ଷକମାନଙ୍କୁ ନିବେଦନ କରିବା ସହିତ ପରାମର୍ଶ ଦେଇଥିଲେ। ମନ୍ତ୍ରୀ ଆଦିବାସୀ ଅଞ୍ଚଳର ହୋଇଥିବାରୁ ନିଜେ ନିଜ ଅନୁଭୂତିକୁ ନେଇ ଗ୍ରାମରେ ଶିକ୍ଷକଙ୍କୁ ଶିକ୍ଷାଦାନ ନିମନ୍ତେ ପରାମର୍ଶ ଦେବା ସହ ନିବେଦନ ମଧ୍ୟ କଲେ। ଦୁଇ ତିନି ସପ୍ତାହ କିଛି ମାତ୍ରାରେ ଚାଲିଲା। ସରକାର ଓ ୟୁନିସେଫର ମିଳିତ ଉଦ୍ୟମରେ ଲକ୍‌ଡାଉନ ସମୟରେ ଶିକ୍ଷକଙ୍କୁ ଗ୍ରାମକୁ ଯାଇ ଶିକ୍ଷାଦାନ କରିବା ପାଇଁ ବ୍ୟବସ୍ଥା ହେଲା। ଶିକ୍ଷକମାନେ ଗାଁକୁ ଗଲେ, ପିଲାଙ୍କ ସହ ଆଲୋଚନା କଲେ। ଶିଶୁମାନେ କିଛିମାତ୍ରାରେ ଶିକ୍ଷା ପ୍ରତି ଆଗ୍ରହ ଦେଖାଇଲେ। କିନ୍ତୁ ଏହାପରେ ବନ୍ଦ ହୋଇଗଲା। ପରବର୍ତ୍ତୀ ସମୟରେ ପୁଣି ଥରେ ସରକାରଙ୍କ ତରଫରୁ ଗାଁକୁ ଯାଇ ଶିଶୁମାନଙ୍କୁ କୋଭିଡ ଗାଇଡ୍ ଲାଇନ ଅନୁସାରେ ଶିକ୍ଷା ଦେବା ପାଇଁ ନିର୍ଦ୍ଦେଶ ଦିଆଗଲା। କିନ୍ତୁ ଶିକ୍ଷକମାନେ ଗାଁକୁ ଯାଇ ଶିକ୍ଷାଦାନ କରିବା ପାଇଁ ମନାକଲେ ବୋଲି ଖବରକାଗଜରେ ଖବର ପ୍ରକାଶିତ ହେଲା।

ଅବଶ୍ୟ ଗତ ମେ– ଜୁନ୍ ମାସରୁ ଅନେକ ଗ୍ରାମରେ ସ୍ୱେଚ୍ଛାକୃତ ଭାବରେ କେତେକ ଯୁବକ, ଶିକ୍ଷକ କିଛି ମାତ୍ରାରେ ନିଜ ନିଜ ଗ୍ରାମରେ ଶିକ୍ଷାଦାନ କରୁଛନ୍ତି ବୋଲି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବାର ଦେଖାଯାଉଛି। କିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଧ୍ୟ ଆଦିବାସୀ ଅଞ୍ଚଳରେ ଏହିଭଳି କିଛି କାର୍ଯ୍ୟକ୍ରମ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଗାଁ ସ୍ତରରେ ସ୍ଥାନୀୟ ପଢୁଆ ଯୁବକଙ୍କୁ ବୁଝାଇ, ସେମାନଙ୍କ ମଧ୍ୟରେ ଗାଁ, ସମାଜ, ଶିଶୁଙ୍କ ନିମନ୍ତେ କିଛି କରିବା ପାଇଁ ଭାବନା ସୃଷ୍ଟି କରିଛନ୍ତି। ଫଳରେ ଅନେକ ପାଠୁଆ ଯୁବକ ଶିକ୍ଷାଦାନ ନିମନ୍ତେ ବାହାରିଛନ୍ତି ଏବଂ ଗ୍ରାମର ଶିଶୁମାନଙ୍କୁ ଶିକ୍ଷା ଦେବାରେ ନିଜକୁ ନିୟୋଜିତ କରୁଛନ୍ତି। କିନ୍ତୁ ବର୍ତ୍ତମାନ ପରିପ୍ରେକ୍ଷୀରେ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର ସ୍ଥିତି ଖରାପ ଥିବାବେଳେ ମଧ୍ୟ ସେମାନେ କିଛି ସମାଜ ପାଇଁ କାର୍ଯ୍ୟ କରୁଛନ୍ତି।

ନିକଟରେ ରାୟଗଡ଼ ଜିଲା ଓ ରାୟଗଡ଼ ବ୍ଲକର କୁମ୍ଭିକୋଟା ପଞ୍ଚାୟତର ହିରଣପାଡୁ ଗ୍ରାମକୁ ଯିବାର ସୁଯୋଗ ପାଇଥିଲି। ସେହି ଗ୍ରାମର ପାଠୁଆ ଯୁବକ ଲଦି ମାଣ୍ଡାଙ୍ଗି ଶିକ୍ଷାଦାନ କରୁଛନ୍ତି। ସେ +୩ କଳା ପଢ଼ିଛନ୍ତି ଓ ଓଡ଼ିଆ ସହିତ ମାତୃଭାଷା 'କୁଇ'ରେ ଶିକ୍ଷାଦାନ କରୁଛନ୍ତି। ବଡ଼ କଥା ହେଲା, ତାଙ୍କ କେନ୍ଦ୍ରକୁ ଆସୁଥିବା ଶିଶୁମାନଙ୍କ ମଧ୍ୟରେ ଅନେକ ବାଳିକା। ବାଳିକାମାନେ ଶିକ୍ଷା ନିମନ୍ତେ ଆଗ୍ରହ ଦେଖାଉଛନ୍ତି। ଗ୍ରାମବାସୀ ଆବଶ୍ୟକ ସ୍ଥଳେ ସହାୟତା ଯୋଗାଇ ଦେଉଛନ୍ତି। ପାଞ୍ଚବର୍ଷରୁ ଆରମ୍ଭ କରି ୧୪ ବର୍ଷ ପର୍ଯ୍ୟନ୍ତ ଆଗ୍ରହୀ ଶିଶୁ କେନ୍ଦ୍ରକୁ ଆସୁଛନ୍ତି। କେନ୍ଦ୍ରରେ ପ୍ରଥମ ପର୍ଯ୍ୟାୟରେ ସ୍ୱେଚ୍ଛାସେବୀ ଜଣକ ପ୍ରଥମରୁ ପଞ୍ଚମ ସନ୍ଧ୍ୟା ୫ଟାରୁ ୭ଟା ଯାଏ ଶିକ୍ଷାଦାନ କରିବା ସହ ୭ଟାରୁ ୯ଟା ପର୍ଯ୍ୟନ୍ତ ଷଷ୍ଠରୁ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରୁଛନ୍ତି। ପ୍ରାଥମିକ ଶ୍ରେଣୀ ତଥା ପ୍ରଥମରୁ ପଞ୍ଚମ ଶ୍ରେଣୀ ଶିଶୁମାନଙ୍କୁ ଦଳ କରିଛନ୍ତି, ସେମାନଙ୍କ ଷ୍ଟାଣ୍ଡାର୍ଡ ବା ସେମାନଙ୍କ ଶିକ୍ଷାର ସ୍ଥିତିକୁ ନେଇ ଦଳରେ ବସାଉଛନ୍ତି। କେନ୍ଦ୍ରଟି ଗ୍ରାମ୍ୟ ଗୋଷ୍ଠୀ କେନ୍ଦ୍ରରେ ଚାଲୁଅଛି।

ମୁଁ କିଛି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲି। ସେମାନେ ପ୍ରକାଶ କରିଥିଲେ ଯେ,ଗତ ଦୁଇମାସ ହେଲା ଯୁବକ ଜଣକ ନିୟମିତ ଶିକ୍ଷାଦାନ କରୁଛନ୍ତି। ଶିଶୁମାନଙ୍କର ଆଗ୍ରହ ବେଶ୍ ରହିଛି। ଗତ କିଛିମାସ ହେଲା ସ୍କୁଲ ବନ୍ଦ ହେବା ହେତୁ, ଆମ ପିଲାମାନେ ପାଠ ପଢ଼ିପାରୁନାହାନ୍ତି। ମଝିରେ ମାଷ୍ଟରମାନେ ଆସିଥିଲେ ସ୍କୁଲ ଖୋଲିବା ପାଇଁ। ସଫାସୁତୁରା କଲେ। ସ୍କୁଲ ଖୋଲା ହେଲାନାହିଁ। ଏହିଭଳି ସମୟରେ ଆମକୁ, ଆମ ଗାଁର ଶିଶୁମାନଙ୍କୁ ଶିକ୍ଷାଦାନ କରିବା ଏକସାହାରା ସୃଷ୍ଟି ହୋଇଛି ବୋଲି ମତ ଦେଇଥିଲେ।

ଲଦି ମଣ୍ଡାଙ୍ଗି ଜଣେ ଆଦିବାସୀ ଯୁବକ। ସେ ନିୟମିତ ଭାବରେ ରାୟଗଡ଼ ଜିଲାସ୍ଥିତ କାଶୀପୁର ବ୍ଲକର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ତାଲିମ ପାଉଛନ୍ତି। ତାଲିମ ନେବା ସମୟରେ ସ୍ୱେଚ୍ଛାସେବୀ ଶିକ୍ଷକମାନେ ଶିକ୍ଷାଦାନ ପ୍ରଣାଳୀ ଶିକ୍ଷାଲାଭ କରୁଛନ୍ତି। ବଡ଼ କଥା ହେଲା, ସେମାନେ ତାଲିମରେ ହେଉ କିମ୍ବା ଅନୁଷ୍ଠାନର ସମ୍ପର୍କରେ ହେଉ, ନିଜ ଗ୍ରାମର ଶିଶୁମାନଙ୍କୁ ଶିକ୍ଷାଦାନ ନିମନ୍ତେ ସେମାନଙ୍କ ମନରେ ଉତ୍ସାହ ଓ ଆଗ୍ରହ ସୃଷ୍ଟି ହୋଇଛି। ଗୋଷ୍ଠୀର ମଧ୍ୟ ବେଶ୍ ସହଭାଗିତା ରହିଛି ଓ ସବୁ କ୍ଷେତ୍ରରେ ଶିକ୍ଷାଦାନ ନିମନ୍ତେ ସହାୟତା କରୁଛନ୍ତି। ଗୋଷ୍ଠୀ କେନ୍ଦ୍ରକୁ ବିଦ୍ୟୁତ୍ ଯୋଗାଣ ନିମନ୍ତେ ବ୍ୟବସ୍ଥା କରିଛନ୍ତି।

ପ୍ରାୟ ୨୦ଟି ଗ୍ରାମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଏହିଭଳି ସାନ୍ଧ୍ୟ ଶିକ୍ଷା କେନ୍ଦ୍ର ଚାଲିଛି। ଅନେକ ସ୍ଥାନରେ ଗୋଷ୍ଠୀ କେନ୍ଦ୍ରରେ ଚାଲୁଥିବା ଗ୍ରାମବାସୀଙ୍କ ସୁବିଧା ମୁତାବକ ସନ୍ଧ୍ୟାରେ ଶିକ୍ଷାକେନ୍ଦ୍ର ଚାଲୁଅଛି। ଗ୍ରାମର ଶିକ୍ଷିତ ଯୁବକ ହିଁ ଶିକ୍ଷାଦାନ ନିମନ୍ତେ ବାହାରୁଛନ୍ତି। ଯେଉଁ ଗ୍ରାମବାସୀ ଆଗ୍ରହ ଦେଖାଉଛନ୍ତି, ନିବେଦନ କରୁଛନ୍ତି ଏବଂ ଗ୍ରାମରେ ପାଠୁଆ ଯୁବକ କିମ୍ବା ଯୁବତୀ ଅଛନ୍ତି, ସେମାନଙ୍କୁ ନିର୍ବାଚିତ କରୁଛନ୍ତି। ଏହି ଅନୁଷ୍ଠାନ ତରଫରୁ ପ୍ରାୟତଃ ମାସିକ ଅତି କମରେ ଦୁଇଥର ତାଲିମ, ସମୀକ୍ଷା ଆଦି ହେଉଛି। ସ୍ୱେଚ୍ଛାସେବୀମାନେ ନିୟମିତ ଭାବରେ କିପରି ଶିକ୍ଷାଦାନ ହେବ, ଶିକ୍ଷା ଦେବା ବେଳେ କ'ଣ କ'ଣ ଅସୁବିଧା ରହୁଛି, ସେ ସମ୍ପର୍କରେ କାଶୀପୁରସ୍ଥିତ ମୁକ୍ତ ଜ୍ଞାନ କୁଟୀରର ଅଭିଜ୍ଞ ଶିକ୍ଷୟିତ୍ରୀ, ଶିକ୍ଷକ, ସାମାଜିକ କର୍ମୀଙ୍କ ସହ ଏକାଠି ହୋଇ ଶିକ୍ଷାକୁ ନେଇ ତାଲିମ, କର୍ମଶାଳା, ସମୀକ୍ଷା ଆଦି ହେଉଛି। ଯାହା ଶିକ୍ଷାଦାନ ବେଳେ ଅସୁବିଧା ହେଉଛି, ତାହାର ନିରାକରଣ ନିମନ୍ତେ ଅଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ସମାଧାନ କରୁଛନ୍ତି, ପୁଣି ଫେରୁଛନ୍ତି କାର୍ଯ୍ୟକ୍ଷେତ୍ରକୁ।

ସମୟ ଥିଲା, ସନ୍ଧ୍ୟାରେ ଅନେକ ବିଦ୍ୟାଳୟ ଚାଲୁଥିଲା। ଅନେକ ଅଣଆନୁଷ୍ଠାନିକ ଶିକ୍ଷା, ସୃଜନାତ୍ମକ କେନ୍ଦ୍ର, ବିକଳ୍ପ ଶିକ୍ଷା କେନ୍ଦ୍ର, ଆଦି ସନ୍ଧ୍ୟାରେ ବିଭିନ୍ନ କେନ୍ଦ୍ର ଚାଲୁଥିଲା। ପର୍ଯ୍ୟାୟ କ୍ରମେ ଶିକ୍ଷା ଅଧିକାର ହେଉ କିମ୍ବା ପୂର୍ବରୁ ଶିକ୍ଷାରେ ସମତୁଲତା ଆଣିବା ନେଇ ଆନୁଷ୍ଠାନିକ ଶିକ୍ଷାକୁ ଗୁରୁତ୍ୱ ଦିଆଗଲା। ବିଦ୍ୟାଳୟ ଅନେକ ମାତ୍ରାରେ ଖୋଲାଗଲା। ବର୍ତ୍ତମାନ ପ୍ରତିବର୍ଷ ବିଦ୍ୟାଳୟ ବନ୍ଦ ହେବାରେ ଲାଗିଛି! ନିକଟରେ ସରକାରଙ୍କ ଦ୍ୱାରା ପରିଚାଳିତ ୧୪,୦୦୦ ପ୍ରାଥମିକ ବିଦ୍ୟାଳୟ ବନ୍ଦ ହେବାକୁ ଯାଉଛି ବୋଲି ଖବରକାଗଜରେ ପ୍ରକାଶିତ ହୋଇଥିଲା। ଦୁଃଖର ବିଷୟ ବିଦ୍ୟାଳୟ ବନ୍ଦ ହେବା ଏବଂ ବିଦ୍ୟାଳୟରୁ ଶିଶୁ କାହିଁକି କମୁଛନ୍ତି, ଏ ସମ୍ପର୍କରେ ଅଧିକ ବିତର୍କ ହେଉନାହିଁ। ସ୍କୁଲ ବନ୍ଦ ହେବା ଦ୍ୱାରା କ'ଣ ଅସୁବିଧା ସୃଷ୍ଟି ହେବ, ସେ ସମ୍ପର୍କରେ ମଧ୍ୟ ଅତି ଗଭୀରକୁ ଯାଇ କେହି ଚିନ୍ତା କରୁନାହାନ୍ତି।

ବର୍ତ୍ତମାନ ପରିପ୍ରେକ୍ଷୀରେ ସମୟ ଆସିଛି ଆନୁଷ୍ଠାନିକ ଶିକ୍ଷା ସହିତ ଅଣଆନୁଷ୍ଠାନିକ ଶିକ୍ଷାକୁ ଗୁରୁତ୍ୱ ଦେବା ପାଇଁ। ସମୟ ଆସିଛି ଗୋଷ୍ଠୀ ଶିଶୁ ଓ ଯୁବବର୍ଗଙ୍କୁ ଶିକ୍ଷା ଏବଂ ଉପଯୁକ୍ତ ମାର୍ଗଦର୍ଶନ ଦେବା ପାଇଁ ଏବଂ ଅନୁକୂଳ ପରିବେଶଟିଏ ଯୋଗାଇ ଦେବା ଲାଗି। ସମୟ ଆସିଛି ଯୁବ ବର୍ଗ ଏବଂ ଗ୍ରାମର ମୁଖିଆମାନେ ଗ୍ରାମକୁ ଦିଗ୍‌ଦର୍ଶନ ଦେବେ। ଶିଶୁ ଓ ଯୁବବର୍ଗଙ୍କୁ ଉପଯୁକ୍ତ ଶିକ୍ଷା ଦେବେ, ଯାହାକି ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବାରେ ସାହାଯ୍ୟ କରିବ। ସେମାନେ କୃଷିରେ ସ୍ୱାବଲମ୍ବୀ ହୋଇପାରିବେ। ଯେଉଁ ଅନୁଷ୍ଠାନ, ସ୍ୱେଚ୍ଛାସେବୀ, ଯୁବ ବର୍ଗ, ଶିକ୍ଷକ, ଶିକ୍ଷାବିତ୍, ସାମାଜିକ କର୍ମୀ ପ୍ରମୁଖ କରୋନା ମହାମାରୀରେ ବିଦ୍ୟାଳୟ ବନ୍ଦ ହେବା ସମୟରେ ଶିଶୁଙ୍କ ଶିକ୍ଷାଦୀକ୍ଷା, ଆତ୍ମନିର୍ମାଣ ଏବଂ ମାନସିକ ଭାରାକ୍ରାନ୍ତକୁ ଦୂର କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି, ସେମାନଙ୍କୁ ଧନ୍ୟବାଦ।

୪ର୍ଥ ଗଳି, ରାଣୀଗୁଡ଼ା, ରାୟଗଡ଼

# ଜମି ମାଲିକାନା କୃଷକ ହାତକୁ ଯାଉ



ଶେଖ୍ ଫରିଦ୍‌ଉଦ୍ଦିନ୍

ଓଡ଼ିଶାରେ ପ୍ରାୟ ୭୫ ପ୍ରତିଶତ ଅଧିବାସୀ ଗ୍ରାମାଞ୍ଚଳରେ ବାସ କରନ୍ତି। ସେଥିମଧ୍ୟରୁ ୬୫ ପ୍ରତିଶତ କେବଳ କୃଷିଜୀବୀ। ଗ୍ରାମାଞ୍ଚଳରେ ଅଧିକାଂଶ ଗରିବ ବାସ କରନ୍ତି। ସେମାନଙ୍କ ମଧ୍ୟରୁ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୩୧ ପ୍ରତିଶତ ଲୋକ ମଧ୍ୟ ଗ୍ରାମାଞ୍ଚଳରେ ରହନ୍ତି। ସୁଖର କଥା ଯେ କୃଷିର ବିକାଶ ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। କୃଷି ବିଭାଗ ପକ୍ଷରୁ କୁହାଯାଇଛି ଯେ, କୃଷି ଉତ୍ପାଦନ ଦୁଇଗୁଣ ବୃଦ୍ଧି ହୋଇଛି ଏବଂ ଓଡ଼ିଶା ଏ ଦିଗରେ ପ୍ରଥମ। ଜଳସେଚନ ସୁବିଧା ମଧ୍ୟ ଗତ ୩–୪ ବର୍ଷ ମଧ୍ୟରେ ବୃଦ୍ଧି ପାଇଛି ଏବଂ ଆସନ୍ତା ତିନି ବର୍ଷ ମଧ୍ୟରେ ଅଧିକ ୬ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ଦିଆଯିବ। ଦୀର୍ଘଦିନର ଆଶା ପୂର୍ଣ୍ଣ ହେବ ରେଙ୍ଗାଲି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ। ଆସନ୍ତା ବର୍ଷଠାରୁ ଏଥିରୁ ଚାଳିଶ ହଜାର ହେକ୍ଟର ଜମି ଜଳସେଚିତ ହେବ। ଏସବୁରୁ ସୂଚନା ମିଳୁଛି ଯେ, ଗ୍ରାମାଞ୍ଚଳର ଦାରିଦ୍ର୍ୟ ହ୍ରାସ ପାଉଛି କିନ୍ତୁ ଅସଲ କଥା ହେଉଛି, ରାଜ୍ୟରେ କୃଷିର ବିକାଶ ଅନ୍ୟ ରାଜ୍ୟଗୁଡ଼ିକ ସହିତ ସମକକ୍ଷ ନ ହେବାର କାରଣ ରାଜ୍ୟର ୮୫ ଭାଗ ନାମକୁମାତ୍ର ଚାଷୀ ଅଛନ୍ତି ଏବଂ ଅନ୍ୟ ସମସ୍ତେ ଜମିର ମାଲିକ। ଯେଉଁମାନେ ଜମିର ମାଲିକ ନୁହନ୍ତି ସେମାନଙ୍କ ହାତରେ ଚାଷର ଦାୟିତ୍ୱ ରହୁଥିବାରୁ କୃଷି ବିକାଶ ନିମନ୍ତେ ଅଧିକ ଜମିକୁ ଜଳଯୋଗାଣ, ଉତ୍ତମ ବିହନ ପ୍ରୟୋଗ, ଅଧିକ ସାର ବିନିଯୋଗ ଓ କୀଟନାଶକ ବ୍ୟବହାର ପାଇଁ ନାମକୁମାତ୍ର ଚାଷୀମାନଙ୍କ ହାତରେ ଅର୍ଥ ନାହିଁ। ତେଣୁ ଏହି ନାମକୁମାତ୍ର ଚାଷୀମାନେ ସରକାରୀ ସୂତ୍ରରୁ ହେଉ ବା ବ୍ୟବସାୟୀ ସୂତ୍ରରୁ ଋଣ କରିବାକୁ ବାଧ୍ୟ ହୁଅନ୍ତି ଅଧିକ ଅମଳ କରିବା ପାଇଁ।

ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ, ଯେଉଁଠାରେ ଅଧିକ ଲୋକ ରାଜ୍ୟ ବାହାରୁ ଆସୁଥିବା ସାମଗ୍ରୀ ଉପରେ ନିର୍ଭର କରନ୍ତି। ଧାନ, ମକା, କିଛି ପରିବା, ଦୁଗ୍ଧ, କିଛି ଫଳମୂଳ ବାଦ ଦେଇ ଆଉ ସବୁ ଜିନିଷ ବାହାର ରାଜ୍ୟରୁ ଓଡ଼ିଶାକୁ ଆସିଥାଏ। ଓଡ଼ିଶାର କୃଷକମାନଙ୍କ ମଧ୍ୟରେ ୮୫ଭାଗ ଲୋକ ନାମକୁମାତ୍ର ଚାଷୀ ହୋଇଥିବାରୁ କୃଷି ଉତ୍ପାଦନ ସେମାନଙ୍କର ଆର୍ଥିକ ଅବସ୍ଥା ଓ ଜଳ, ସାର, ଉତ୍ତମ ବୀଜ ଇତ୍ୟାଦିର ପ୍ରୟୋଗ ଉପରେ ନିର୍ଭର କରେ। ଏହି ଚାଷୀମାନଙ୍କ ହାତରେ ଅର୍ଥ ନାହିଁ, ଯଦ୍ୱାରା ସେମାନେ କୃଷିକୁ ଅଧିକ ଉତ୍ପାଦନକ୍ଷମ କରିବା ପାଇଁ ଋଣ ଆଣି ତାହାର ସଦୁପଯୋଗ କରିବେ। ଯେଉଁ କେତେକ କୃଷକ ଋଣ ପରିଶୋଧ କରି ନ ପାରି ଆତ୍ମହତ୍ୟା କରୁଛନ୍ତି ସେମାନଙ୍କର ପରିବାରର ଆବଶ୍ୟକତା ଧାନ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରି ପରିଶୋଧ କରିବା ସମ୍ଭବ ହେଉନାହିଁ। ବନ୍ୟା, ବାତ୍ୟା, ମରୁଡ଼ି ଯୋଗୁ ଫସଲ ନଷ୍ଟ ହେଉଛି। ଏହାର ସ୍ଥାୟୀ ପ୍ରତିକାର ହେଉନାହିଁ। ଫଳ, ପରିବା, ମାଛ, ଅଣ୍ଡା, କୁକୁଡ଼ା ଓ ଅନ୍ୟାନ୍ୟ ଘରକରଣା ସାମଗ୍ରୀ, ଲୁଗା, ଲୁଙ୍ଗି, ଗାମୁଛା ଇତ୍ୟାଦି ପ୍ରାୟ ଜିନିଷ ଓଡ଼ିଶାବାସୀଙ୍କୁ କ୍ରୟ କରିବାକୁ ପଡ଼ିଥାଏ। ଫଳରେ ଧାନ, ମକା ଆଉ ଅନ୍ୟାନ୍ୟ କିଛି ସାମଗ୍ରୀ ବିକ୍ରି କରି ସେମାନେ ଯାହା ଉପାର୍ଜନ କରନ୍ତି ବାହାରୁ ଆସୁଥିବା ସାମଗ୍ରୀ କ୍ରୟ କରିବା ଦ୍ୱାରା ହାତରେ ଅର୍ଥ ରହେନାହିଁ। ଗତ କେତେବର୍ଷ ଧରି ଚାଷୀଙ୍କର ଆୟ ଦୁଇଗୁଣ ବଢୁଥିବାରୁ ଆତ୍ମହତ୍ୟା କରୁଥିବା ଚାଷୀଙ୍କର ସଂଖ୍ୟା କମିଛି ଏବଂ ତା' ସହିତ ଚାଷୀଙ୍କର ସମସ୍ୟା ମଧ୍ୟ କେତେକାଂଶରେ ସମାଧାନ ହୋଇଥିବ। କିନ୍ତୁ ମୂଳକଥା ହେଉଛି ଯେ ଓଡ଼ିଶାର ୮୫ ପ୍ରତିଶତ ଚାଷୀ ଯଦି ନାମକୁମାତ୍ର ଚାଷ ଉପରେ ନିର୍ଭର କରୁଛନ୍ତି, ତେବେ କୃଷି ଉତ୍ପାଦନ ବୃଦ୍ଧି କରିବା ସତ୍ତ୍ୱେ ସମସ୍ୟାର ସମାଧାନ ହୋଇପାରୁନାହିଁ। ମୂଳ ପ୍ରସଙ୍ଗ ହେଉଛି ଯେ ଭାଗଚାଷୀଙ୍କ ସଂଖ୍ୟା ବଢୁଥିବାରୁ ଏବଂ ପ୍ରକୃତ ଚାଷୀଙ୍କ ହାତରେ ଜମି ନ ଥିବାରୁ ଜମିରୁ ଅଧିକ ଫସଲ ଉତାରିବା ପାଇଁ ଋଣକରି ଜଳ, ବିହନ, ସାର କ୍ରୟ କରିବା ଲାଗି ସେ ସାହସ କରିପାରୁନାହିଁ। କାରଣ ଓଡ଼ିଶାରେ ବନ୍ୟା, ମରୁଡ଼ି, ବାତ୍ୟା ଗୋଟିଏ ପରେ ଗୋଟିଏ ଲାଗି ରହିଥାଏ। ଏଥିରୁ ବୁଝିବାକୁ ହେବ ଯେ ଭାଗଚାଷ ପ୍ରଥାର ସଂସ୍କାର ଜରୁରୀ ଏବଂ ଚାଷୀ ଯେ ପର୍ଯ୍ୟନ୍ତ ଜମିର ମାଲିକ ହୋଇନାହିଁ, ସେ ପର୍ଯ୍ୟନ୍ତ ସେ ଚାଷ ପାଇଁ ସବୁ ସମ୍ବଳ ଖର୍ଚ୍ଚ କରିପାରିବନାହିଁ।

ଗତ ଦଶବର୍ଷ ମଧ୍ୟରେ ଯଦି ଆମ୍ବ, ସପେଟା, ଲିଚୁ, ଅମୃତଭଣ୍ଡା ଇତ୍ୟାଦି ଉତ୍ପାଦନ ଆଶାନୁରୂପ ବଢ଼ିଥାଏ ଏବଂ ମାଛ, କୁକୁଡ଼ା, ଅଣ୍ଡା ଇତ୍ୟାଦିର ଆମଦାନୀ କିଛି ପରିମାଣରେ କମିଥାଏ ତେବେ ଚାଷୀକୁ ତା' ସମସ୍ୟା ପାଇଁ ଦୋଷ ଦେଇହେବ ନାହିଁ। କାରଣ ତା' ପାଖରେ ଅର୍ଥ ନାହିଁ କି ସେ ଜମିର ମାଲିକ ନୁହେଁ। ଗତ ୨–୩ ବର୍ଷ ଧରି ଚାଷୀମାନଙ୍କୁ ସ୍ୱାସ୍ଥ୍ୟବୀମା ଯୋଗାଇ ଦିଆଯାଉଛି ଏବଂ ଏହା ଏକ ସକାରାତ୍ମକ ପଦକ୍ଷେପ। କିନ୍ତୁ ପ୍ରାକୃତିକ ବିପତ୍ତିରୁ ଚାଷୀକୁ ଯେଉଁସବୁ ସମସ୍ୟାକୁ ସାମ୍ନା କରିବାକୁ ପଡୁଛି ସେ ବିଷୟରେ ସମାଧାନର ଶକ୍ତି ତା' ହାତରେ ନାହିଁ। ବଳକା ଫଳମୂଳ ସାଇତି ରଖିବା ପାଇଁ ଶୀତଳଭଣ୍ଡାର ଅଭାବ ରହିଛି। ଫଳ ପ୍ରକ୍ରିୟାକରଣ ମଧ୍ୟ ସହଜ ହେଉନାହିଁ। ଜଳସେଚନର ସୁବ୍ୟବସ୍ଥା ଉତ୍ତମ ବିହନ, କୀଟନାଶକ ଓ ସାର ଉପଯୋଗ ପାଇଁ ତା' ହାତରେ ଯଦି କିଛି ପାଣ୍ଠି ନ ରହେ ତେବେ କୃଷି ସହିତ ଆନୁଷଙ୍ଗିକ ଧନ୍ଦାଗୁଡ଼ିକର ବିକାଶ କରିବା ସମ୍ଭବ ହେବନାହିଁ। ତାହା ନ ହେଲା ପର୍ଯ୍ୟନ୍ତ ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ଦୂରୀକରଣ ଦୂର କରିବା ସମ୍ଭବ ନୁହେଁ।

ଦୂରସଞ୍ଚାର ଭବନ, ଲିଙ୍କରୋଡ଼, କଟକ
ମୋ: ୯୪୩୭୦୦୪୮୮୮

## ଏଇ ଭାରତରେ

ନୀରବଚ୍ଛିନ୍ନ ସାଧନା ବଳରେ ସବୁକିଛି ସମ୍ଭବ,ଏହା ପ୍ରମାଣ କରିଛନ୍ତି ପଶ୍ଚିମବଙ୍ଗର ତାରାପଦ ହାଲ୍‌ଦାର। ସେ ଦିନ ମଜୁରିଆରୁ ଏବେ ପାଲଟିଛନ୍ତି ଦେଶର ଜଣେ ପ୍ରତିଷ୍ଠିତ ସିତାର କାରିଗର। ଦାଦପୁର ଗାଁର ଏହି କଳାକାର ନିଜସ୍ୱ ଉଦ୍ୟମରେ ତାଙ୍କ ଗାଁକୁ ଭାରତର ଏକ ସିତାର ନିର୍ମାଣ କେନ୍ଦ୍ର କରିପାରିଛନ୍ତି। ୧,୦୦୦ ହସ୍ତଶିଳ୍ପ କାରିଗରଙ୍କୁ ସିତାରା ତିଆରି କରିବାର କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି। ପ୍ରଶିକ୍ଷିତ କାରିଗରମାନେ ସେମାନଙ୍କ ଘରେ ସିତାର ତିଆରି କରୁଛନ୍ତି। ସିତାର ତିଆରି କରିବା ଲାଗି ଲାଉ, ବାଉଁଶ, କାଠ, ସେଲୁଲାଇଟ ପେପର ବ୍ୟବହାର କରୁଛନ୍ତି। ହଳଧର କୌଣସି ଡିଗ୍ରୀ ହାସଲ କରି ନାହାନ୍ତି କି ମ୍ୟୁଜିକ ଉପରେ ପ୍ରଶିକ୍ଷଣ ନେଇ ନାହାନ୍ତି। କିନ୍ତୁ ତାଙ୍କ ହାତ ତିଆରି ସିତାର ବଜାରରେ ଉପଲବ୍ଧ ଭଲ କ୍ୱାଲିଟିର ସିତାରଠାରୁ କୌଣସି ଗୁଣରେ କମ୍ ନୁହେଁ। ୧୯୬୦ରୁ ସେ ଏହି କାମ ଆରମ୍ଭ କରି ଦୀର୍ଘ ବର୍ଷ ମଧ୍ୟରେ ଗାଁର ସବୁ ଲୋକଙ୍କୁ ରୋଜଗାରକ୍ଷମ କରିବା ତାଙ୍କ ତ୍ୟାଗର ଏକ ବଳିଷ୍ଠ ଦୃଷ୍ଟାନ୍ତ। ତାରାପଦଙ୍କୁ ଏବେ ତାଙ୍କ ପୁଅ ସହଯୋଗ କରୁଛନ୍ତି। ୧୬ ବର୍ଷ ବୟସରେ କୋଲକାତା ଯାଇ ପ୍ରଥମେ ଏକ ଚା'ଦୋକାନରେ କାମ କରିଥିଲେ। ପରେ ଏକ ମ୍ୟୁଜିକ କମ୍ପାନୀରେ ୨ ଟଙ୍କା ମଜୁରିରେ କାମ କଲେ ଓ ସେଠାରେ ସେ ସିତାର ତିଆରି କରିବାର କୌଶଳ ଶିକ୍ଷା କରିଥିଲେ। ପରେ ଲକ୍ଷ୍ନୌ ଯାଇ ଏ ସମ୍ପର୍କରେ ଶିକ୍ଷା କରି ଗାଁକୁ ଫେରି ଏହି କାମ ଆରମ୍ଭ କରିଥିଲେ। ସିତାରଗୁଡ଼ିକ କ୍ୱାଲିଟି ଅନୁଯାୟୀ ୫,୦୦୦ରୁ ୧୫,୦୦୦ ଟଙ୍କାରେ ବିକ୍ରି ହେଉଛି। ଲୋକମାନେ ତିଆରି କରୁଥିବା ସିତାରଗୁଡ଼ିକ ଭାରତର ବିଭିନ୍ନ ସହର ସମେତ ବିଶ୍ୱର ବିଭିନ୍ନ ଦେଶରେ ବିକ୍ରି ହେଉଛି।

## ଚିରନ୍ତନୀ

ନୟନ ତାରା ଭ୍ରମର ସମ
ପଦ୍ମାନନେ ହେ ପ୍ରିୟତମ,
ଖେଳଇ ଚାରୁ ଭ୍ରୁରୁର ତଳେ ସଞ୍ଚରି
ଜୁଡ଼ାରେ ତବ କୃଷ୍ଣଚୂଡ଼ା ମଞ୍ଜରୀ।
–(ବର୍ଷା ନାୟିକା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ସରକାର ଦୃଷ୍ଟି ଦିଅନ୍ତୁ

ମହାଶୟ,

କଟକ ସହରର ବକ୍ସିବଜାର ନିକଟସ୍ଥ ମିଶନରୋଡ ଷ୍ଟୁଆର୍ଟ ସ୍କୁଲ ଓ କଲେଜକୁ ଲାଗି ଏକ ଐତିହାସିକ ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚର ଇତିହାସ ତଥା ଗରିମାମୟ ଅଧ୍ୟାୟ ପ୍ରାୟ ସମସ୍ତଙ୍କୁ ଜଣା। ଖ୍ରୀଷ୍ଟୀୟ ଧର୍ମାବଲମ୍ବୀମାନଙ୍କର ପ୍ରଧାନ ଉପାସନା ପୀଠ ଭାବରେ ଖୁବ୍ ସୁଖ୍ୟାତି ଲାଭ କରିଛି। ହେଲେ ଚର୍ଚ୍ଚ ମଧ୍ୟସ୍ଥ ନିଜସ୍ୱ ପାଚେରି ଭିତରେ ସୃଷ୍ଟି ହୋଇଥିବା ଦଳପୋଖରୀ ଅତିବ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି। ଏହା ଆଖପାଖ ଅଞ୍ଚଳବାସୀଙ୍କ ସୁସ୍ଥଜୀବନ ଧାରଣରେ ବାଧା ଉପୁଜାଇବା ସହ ସେମାନଙ୍କୁ ବିଭିନ୍ନ ରୋଗରେ ଆକ୍ରାନ୍ତ କରାଉଛି। କାହିଁ କେତେ ଦିନରୁ ପରିତ୍ୟକ୍ତ ଦଳପୂର୍ଣ୍ଣ ପୋଖରୀ ସୂତାହାଟ, ବକ୍ସିବଜାର, ମିଶନରୋଡ ଇତ୍ୟାଦି ଅଞ୍ଚଳବାସୀଙ୍କର ରୋଗ ଓ ଦୁଃଖର କାରଣ ହେଉଛି। ଏହି ଧର୍ମୀୟ ପୀଠର ସୌନ୍ଦର୍ଯ୍ୟ, ସୁରକ୍ଷାକୁ କେବଳ ସରକାର ନୁହେଁ, ଖ୍ରୀଷ୍ଟୀୟ ସମାଜ ପରିଚାଳିତ ଅଧିକାରୀମାନେ କେମିତି କେଜାଣି ଅଣଦେଖା କରିସାରିଲେଣି। ହେଲେ ଚର୍ଚ୍ଚ ସାମ୍ନାରେ ଥିବା ଖ୍ରୀଷ୍ଟୀୟ ପରମ୍ପରାର ମୁଖ୍ୟ ଉପାସକ(ବିଶପ)ଙ୍କ ଘର, ଅଗଣା, ବଗିଚା ସମ୍ମୁଖସ୍ଥ ପୋଖରୀର ଯତ୍ନ ଠିକ୍ ଭାବରେ ଚାଲିଥିବା ବେଳେ ମୁଖ୍ୟ ଧର୍ମପୀଠ ଚର୍ଚ୍ଚର ଏଭଳି ଦୁରବସ୍ଥା ଯେ କେହି ଦେଖିଲେ ଜାଣିପାରିବେ। ସତରେ କ'ଣ କରୋନା ମହାମାରୀ ଆମ୍ଭମାନଙ୍କ ମାନସିକତାକୁ ବ୍ୟାଧିଗ୍ରସ୍ତ ଓ ଅସୁସ୍ଥ କରିଦେଇଛି ? ଯାହା ଏହି ଖ୍ରୀଷ୍ଟୀୟ ଧର୍ମପୀଠ ଚର୍ଚ୍ଚକୁ ଦେଖିଲେ ଏକ ଦୁଃସ୍ଥ ମାନସିକତା ପରିଲକ୍ଷିତ ହେଉଛି। ଏହି ଦଳ ପୋଖରୀର ଉଦ୍ଧାର ଓ ଧର୍ମୀୟ ଅନୁଷ୍ଠାନର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଲାଗି ସରକାର ତଥା ସ୍ଥାନୀୟ ଲୋକମାନେ ଦୃଷ୍ଟି ଦିଅନ୍ତୁ। ଏହା ହେଲେ ସେଠାକାର ଲୋକମାନେ ବିଭିନ୍ନ ରୋଗ ଦାଉରୁ ରକ୍ଷା ପାଇପାରିବେ।

–ସନାତନ ବେହେରା, ସୂତାହାଟ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବଡ଼ଦିନ ପାଇଁ କନ୍ଧମାଳରେ ବ୍ୟାପକ ସୁରକ୍ଷା

ଫୁଲବାଣୀ ଅଫିସ, ୨୪।୧୨: ଶୁକ୍ରବାର ବଡ଼ଦିନ ପାଳନ ନିମନ୍ତେ କନ୍ଧମାଳ ଜିଲାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଜି. ଉଦୟଗିରି, ବାଲିଗୁଡ଼ା ସମେତ ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଜିଲାରେ ୩୧ ପ୍ଲାଟୁନ ଫୋର୍ସ, ୭୦ ଅଫିସର, ସିଆର୍‌ପିଏଫ୍ ଏବଂ ଏସ୍‌ଓଜିମାନଙ୍କୁ ବିଭିନ୍ନ ଥାନା ଅଞ୍ଚଳରେ ନିୟୋଜିତ କରାଯାଇଛି। ସମସ୍ତ ଥାନା ଅଞ୍ଚଳରେ ନାକାବନ୍ଦୀ କରାଯାଇ ଯାଞ୍ଚ ହୋଇଥିବା ଜିଲା ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଚଳିତବର୍ଷ ଖ୍ରୀଷ୍ଟଧର୍ମାବଲମ୍ବୀମାନେ କୋଭିଡ୍ କଟକଣା ମଧ୍ୟରେ ବଡ଼ଦିନ ପାଳନ କରିବେ। ବଡ଼ ଚର୍ଚ୍ଚଗୁଡ଼ିକରେ ୫୦ ଏବଂ ଛୋଟ ଚର୍ଚ୍ଚରେ ୨୦ ଜଣ ଏକକାଳୀନ ରହି ପ୍ରାର୍ଥନା କରିବାକୁ ଜିଲା ପ୍ରଶାସନ ଅନୁମତି ଦେଇଛି।

### ସଂକ୍ଷେପରେ

## ପ୍ରଦୀପଙ୍କୁ ଜେଲରେ ଭେଟିପାରିବେ ଓକିଲ

କଟକ ଅଫିସ୍, ୨୪।୧୨: ଠକେଇ ଅଭିଯୋଗରେ ଗିରଫ ହୋଇ ଜେଲରେ ଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ଝାରପଡ଼ା ଜେଲରେ ତାଙ୍କ ଓକିଲ ସାକ୍ଷାତ କରିପାରିବେ ବୋଲି ହାଇକୋର୍ଟ ଗୁରୁବାର ଏକ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। କୋଭିଡ୍- ୧୯ ଆଳ ଦେଖାଇ ଜେଲ କର୍ତ୍ତୃପକ୍ଷ ପ୍ରଦୀପଙ୍କୁ ତାଙ୍କ ଓକିଲଙ୍କ ସହ ସାକ୍ଷାତ କିମ୍ବା ଆଲୋଚନା କରିବାକୁ ଅନୁମତି ଦେଉ ନ ଥିଲେ। ଯାହାକି ସମ୍ବିଧାନର ଧାରା ୨୧ ଏବଂ ୨୨ର ଖୋଲା ଉଲ୍ଲଂଘନ କରୁଥିବା ଦର୍ଶାଇ ଆଇନଜୀବୀ ପିତାମ୍ବର ଆଚାର୍ଯ୍ୟ ହାଇକୋର୍ଟରେ ଏକ ଆବେଦନ କରିଥିଲେ। ଓଡ଼ିଶା କାରାଗାର ରୁଲ୍-୨୦୨୦ ଅନୁସାରେ ପ୍ରଦୀପଙ୍କୁ ତାଙ୍କ ଓକିଲଙ୍କ ସହ ଆଲୋଚନା କରିବାର ସୁଯୋଗ ଦେବା ପାଇଁ ଝାରପଡ଼ା ଜେଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ଏଥିରେ ପ୍ରାର୍ଥନା କରାଯାଇଥିଲା। ଗୁରୁବାର ଏହି ମାମଲାର ଶୁଣାଣି କରି ଅଦାଲତ ଏହି ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି।

## କଳାହାଣ୍ଡି, ଅନୁଗୋଳ ଜିଲା ବିଜେଡି କମିଟି ପୁନର୍ଗଠିତ

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)- ବିଜୁ ଜନତା ଦଳର କଳାହାଣ୍ଡି ଓ ଅନୁଗୋଳ ସାଙ୍ଗଠନିକ ଜିଲାର ପୁନର୍ଗଠନ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କଳାହାଣ୍ଡି ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଭାବେ ଦିବ୍ୟଶଙ୍କର ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ପ୍ରଦୀପ ମୁଣ୍ଡ, ଜିତେନ୍ଦ୍ର ମହାନ୍ତି, ଅରେଶ୍ୱର ବାଗ, କୀର୍ତ୍ତନ ସାହୁ, ଥବିର ସାହୁ, ଚିତ୍ତରଞ୍ଜନ ମଣ୍ଡଳ, ଦିଗମ୍ବର ନାୟକଙ୍କୁ ଉପସଭାପତି ଓ ଭବାନୀ ଶଙ୍କର ମିଶ୍ରଙ୍କୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ଅନୁଗୋଳ ଜିଲା କମିଟି ପାଇଁ ପ୍ରିୟଦର୍ଶୀ ପଟ୍ଟନାୟକଙ୍କୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଗୌରୀବନ୍ଧୁ ସାହୁ, ମୁରଲୀଧର ସାହୁ, ନରେନ୍ଦ୍ର ଭୁକ୍ତ, ସନ୍ତୋଷ ଦାଶ ଏବଂ ନରେଶ ଦିପଙ୍କୁ ଉପସଭାପତି, ଭାଗୀରଥି ମାଝି, ଦୁର୍ଗା ପ୍ରଧାନ, ଅହଲ୍ୟା ନାଏକ, ଦିଲ୍ଲୀପ ପ୍ରଧାନ, ଲକ୍ଷ୍ମୀଧର ବିଶ୍ୱାଳ, ଝସକେତନ ପ୍ରଧାନ, ପ୍ରଦୀପ ଗଡନାୟକ, ତୃପ୍ତି ସାହୁ, ସତ୍ୟାନନ୍ଦ ପ୍ରଧାନ, ସରୋଜ ପଟ୍ଟନାୟକଙ୍କୁ ସମ୍ପାଦକ ଏବଂ ବାନାମ୍ବର ଭୂତିଆଙ୍କୁ କୋଷାଧକ୍ଷ ଭାବେ ନିଯୁକ୍ତି ଦିଆଯାଇଛି।

# ୧୪ ଦିନରେ ବ୍ରିଟେନରୁ ଫେରିଛନ୍ତି ୪୩

- ଭୁବନେଶ୍ୱରକୁ ସର୍ବାଧିକ ୨୧ଜଣ ଆସିଛନ୍ତି
- ନମୁନା ସଂଗ୍ରହ ପାଇଁ ଗାଇଡ଼୍‌ଲାଇନ୍ ଜାରି କଲା ସ୍ୱାସ୍ଥ୍ୟ ବିଭାଗ
- ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲାଇଫ୍‌ସାଇନ୍ସରେ ହେବ ଜେନମ ସିକ୍ୱେନ୍‌ସିଂ ଟେଷ୍ଟ

ଭୁବନେଶ୍ୱର, ୨୪।୧୨(ବ୍ୟୁରୋ)

ବ୍ରିଟେନ୍ ଫେରନ୍ତାଙ୍କୁ ନେଇ ବଢ଼ିଲା ଚିନ୍ତା। ବ୍ରିଟେନ୍‌ରେ ଏବେ କରୋନା ଭୂତାଣୁର ନୂଆ ଷ୍ଟ୍ରେନ୍ ଭୟଙ୍କର ରୂପ ନେଇଥିବାରୁ କେନ୍ଦ୍ର ସରକାରଙ୍କ ସତର୍କତା ପରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଆରମ୍ଭ କରିଛନ୍ତି। ବୁଧବାର ଭୁବନେଶ୍ୱରରୁ ଜଣେ ବ୍ରିଟେନ୍ ଫେରନ୍ତା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତାଙ୍କୁ ବର୍ତ୍ତମାନ ସରକାରୀ କୋଭିଡ୍ ହସ୍ପିଟାଲରେ ରଖାଯାଇ ଚିକିତ୍ସା କରାଯାଉଛି। ତେବେ ତାଙ୍କଠାରେ କରୋନା ଭୂତାଣୁର ନୂଆ ଷ୍ଟ୍ରେନ୍ ଅଛି କି ନାହିଁ ତାହା ଜାଣିବାକୁ ସ୍ୱାବ୍ ପରୀକ୍ଷା ପାଇଁ ପୁଣେସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିକୁ ପଠାଯାଇଛି। ସେପଟେ ବ୍ରିଟେନ୍ ଫେରନ୍ତାଙ୍କ ସମ୍ପର୍କରେ ଗୁରୁବାର ତଥ୍ୟ ଦେଇଛନ୍ତି ରାଜ୍ୟ ସରକାର। ଗତ ୧୪ଦିନ ମଧ୍ୟରେ ବ୍ରିଟେନ୍‌ରୁ ୪୩ଜଣ ଓଡ଼ିଶା ଆସିଛନ୍ତି। ସଂକ୍ରମଣ ଆଶଙ୍କା ଥିବାରୁ ବ୍ରିଟେନ୍ ଫେରନ୍ତାଙ୍କ ଉପରେ ନଜର ରଖିବା ପାଇଁ ଗୁରୁବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମସ୍ତ ଜିଲାପାଳ, ମହାନଗର କମିଶନର ଓ ସିଡିଏମ୍‌ଓଙ୍କୁ ଚିଠି ଲେଖିଛି। କରୋନାର ନୂଆ ଷ୍ଟ୍ରେନ୍ ୭୦ପ୍ରତିଶତ ସଂକ୍ରାମକ ହୋଇଥିବାରୁ ଏ ନେଇ ସତର୍କ ରହିବାକୁ କୁହାଯାଇଛି। ବିଦେଶରୁ ବିଶେଷକରି ବ୍ରିଟେନ୍‌ରୁ ଆସିଥିବା ଲୋକଙ୍କ ଆର୍‌ଟି-ପିସିଆର ଟେଷ୍ଟ କରାଇବା ସହ କଣ୍ଟାକ୍ଟ ଟ୍ରେସିଂ, ସର୍ଭେଲାନ୍ସ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ସଂକ୍ରମଣକୁ ଯଥାସମ୍ଭବ ରୋକିବାକୁ ସ୍ୱାବ୍ ନମୁନା କିଭଳି ସଂଗ୍ରହ କରାଯିବ ଓ ତାହା ସଂରକ୍ଷିତ ରଖି ଜେନମ ସିକ୍ୱେନସିଂ ପାଇଁ ଲାବରେଟୋରିକୁ ପଠାଯିବ ସେନେଇ ବିଭାଗ ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଛି। ଉକ୍ତ ଗାଇଡ୍‌ଲାଇନ ସହ ଦିଲ୍ଲୀ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଥିବା ୪୩ଜଣଙ୍କ ବିବରଣୀ ଉଲ୍ଲେଖ ରହିଛି। ଏମାନଙ୍କ ମଧ୍ୟରେ ୮ଜଣ ମହିଳା ଓ ୩୫ଜଣ ପୁରୁଷ ଅଛନ୍ତି। ତେବେ ଭୁବନେଶ୍ୱରରୁ ସର୍ବାଧିକ ୨୧ଜଣ ଥିବାବେଳେ କଟକରୁ ୫, କୋରାପୁଟ ଓ ବ୍ରହ୍ମପୁରରୁ ୩ଜଣ ଲେଖାଏ, ନୟାଗଡ଼ ଓ ନବରଙ୍ଗପୁରରୁ ୨ଜଣ ଲେଖାଏ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ସମ୍ବଲପୁର, ଖୋର୍ଦ୍ଧା, ପୁରୀ, ଯାଜପୁର ଓ ବଲାଙ୍ଗୀରରୁ ଜଣେ ଲେଖାଏ ରହିଛନ୍ତି। ଆଇସିଏମ୍‌ଆର ଦ୍ୱାରା ଜାରି ଗାଇଡଲାଇନ ଅନୁସରଣ କରି ସ୍ୱାବ୍ ନମୁନା ସଂଗ୍ରହ କରିବା ପାଇଁ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ନିର୍ଦ୍ଦେଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ। ସ୍ୱାବ୍ ନମୁନା ସଂଗ୍ରହ ଓ ପରିବହନ ଜଣେ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ଦ୍ୱାରା ହେବା ଦରକାର। ସମ୍ପୃକ୍ତ ସ୍ୱାସ୍ଥ୍ୟସେବା କର୍ମଚାରୀ ପିପିଇ କିଟ୍ ପିନ୍ଧିବା ବାଧ୍ୟତାମୂଳକ। ୩ ଏମ୍‌ଏଲ୍ ଭିଟିଏମ୍ ଟ୍ୟୁବ୍‌ରେ ନାକ ଓ ଗଳାରୁ ସ୍ୱାବ୍ ନମୁନା ସଂଗ୍ରହ କରାଯିବ। ପରୀକ୍ଷା ପୂର୍ବରୁ ୩ଏମ୍‌ଏଲ୍ ମଧ୍ୟରୁ ୧ଏମ୍‌ଏଲ୍ ଭିଟିଏମ୍ ନମୁନାକୁ ଅଲଗା କରି ୮୦ ଡିଗ୍ରୀ ସେଲ୍‌ସିୟସରେ ଗଚ୍ଛିତ ରଖାଯିବ। ଯଦି ଜଣଙ୍କ ଆର୍‌ଟିପିସିଆର୍ ପରୀକ୍ଷା ରିପୋର୍ଟ ପଜିଟିଭ୍ ଆସେ, ତେବେ ୮୦ ଡିଗ୍ରୀ ସେଲ୍‌ସିୟସରେ ଗଚ୍ଛିତ ନମୁନାକୁ ଜେନମ ସିକ୍ୱେନସିଂ ପାଇଁ ପଠାଯିବ। ଭୁବନେଶ୍ୱର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲାଇଫ୍‌ସାଇନ୍ସକୁ ଜେନମ ସିକ୍ୱେନ୍‌ସିଂ ପାଇଁ ବଛା ଯାଇଥିବା ସ୍ୱାସ୍ଥ୍ୟ ବିଭାଗ କହିଛି।

# ସଡ଼କ ଦୁର୍ଘଟଣା: ସେପ୍ଟେମ୍ବର-ଅକ୍ଟୋବରରେ ୨୭% ବଢ଼ିଲା

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

ରାଜ୍ୟରେ ଦୁଇମାସରେ ସଡ଼କ ଦୁର୍ଘଟଣା ଆଶାତୀତ ବୃଦ୍ଧି ପାଇଛି। ୨୦୨୦ ସେପ୍ଟେମ୍ବର ଓ ଅକ୍ଟୋବରରେ ୨୭.୫ ପ୍ରତିଶତ ବୃଦ୍ଧି ପାଇଛି। ସଡ଼କ ଦୁର୍ଘଟଣା ବୃଦ୍ଧିକୁ ନେଇ ରାଜ୍ୟ ସରକାର ଉଦ୍‌ବେଗ ପ୍ରକାଶ କରିବା ସହ ଜିଲାପାଳଙ୍କ ଠାରୁ ରିପୋର୍ଟ ତଲବ କରିଛନ୍ତି। କେଉଁ କାରଣରୁ ଦୁର୍ଘଟଣା ବଢୁଛି ସେ ନେଇ ଆସନ୍ତା ୧୪ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୁରୁବାର ଏ ନେଇ ବାଣିଜ୍ୟ ଓ ପରିବହନ ବିଭାଗ ସଚିବ ମଧୁସୂଦନ ପାଢ଼ୀ ସମସ୍ତ ଜିଲାପାଳ, ଏସ୍‌ପି, ପରିବହନ ଅଧିକାରୀ ଏବଂ ଟ୍ରାଫିକ୍ ପୋଲିସକୁ ଚିଠି ଲେଖିଛନ୍ତି।

ଚଳିତ ବର୍ଷ କୋଭିଡ୍-୧୯ ଲକ୍‌ଡାଉନ ଓ ଶଟ୍‌ଡାଉନ ଯୋଗୁ ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ଦୁର୍ଘଟଣା ହାରରେ ସାମାନ୍ୟ କମି ଥିଲା। ୨୦୧୯ ତୁଳନାରେ ୨୦୨୦ରେ ୨୦ ପ୍ରତିଶତ ହ୍ରାସ ପାଇଥିଲା। ମାତ୍ର ସେପ୍ଟେମ୍ବର ଓ ଅକ୍ଟୋବରରେ ହୋଇଥିବା ଦୁର୍ଘଟଣା ଗତବର୍ଷକୁ ଟପି ଯାଇଛି। ୨୦୧୯ ସେପ୍ଟେମ୍ବର ଓ ଅକ୍ଟୋବରରେ ଦୁର୍ଘଟଣାରେ ୬୮୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୨୦ରେ ଏହି ସମୟରେ ୮୭୨ ଜଣଙ୍କ ମୃତ୍ୟୁ ହୋଇଛି।




# ଆରମ୍ଭ ହେଲା ଓଡ଼ିଶା କ୍ୟାରିଅର ପୋର୍ଟାଲ

## ଉପକୃତ ହେବେ ୧୭ଲକ୍ଷ ଛାତ୍ରୀଛାତ୍ର

ଭୁବନେଶ୍ୱର, ୨୪।୧୨(ବ୍ୟୁରୋ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୟୁନିସେଫ୍ ସହଯୋଗରେ ଗୁରୁବାର ଛାତ୍ରୀଛାତ୍ରଙ୍କ ପାଇଁ ଓଡ଼ିଶା କ୍ୟାରିଅର ପୋର୍ଟାଲ ଆରମ୍ଭ ହୋଇଛି। ଗୁରୁବାର ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହାର ଶୁଭାରମ୍ଭ କରିଛନ୍ତି। ଏହାଦ୍ୱାରା ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ସ୍ତରର ଶିକ୍ଷାର୍ଥୀମାନେ ନିଜର ଭବିଷ୍ୟତ ବୃତ୍ତିଗୁଡ଼ିକ ସମ୍ବନ୍ଧରେ ଜାଣିବା ସହିତ ତତ୍‌ସମ୍ବନ୍ଧୀୟ ବିଶେଷଜ୍ଞ ପରାମର୍ଶ ମଧ୍ୟ ପାଇପାରିବେ। ନିଜର ଲଗ୍‌ଇନ୍ ଆଇଡି ଓ ପାସ୍‌ୱାର୍ଡ ମାଧ୍ୟମରେ www.odis-hacareerportal.comରୁ ବିଭିନ୍ନ ବୃତ୍ତି, ପରୀକ୍ଷା ଓ ଶିକ୍ଷାନୁଷ୍ଠାନ ସମ୍ବନ୍ଧରେ ଜାଣିବାର ସୁଯୋଗ ପାଇପାରିବେ। ଏଥିରେ ୫୫୦ରୁ ଊର୍ଦ୍ଧ୍ୱ ଚାକିରି ଓ ଧନ୍ଦାମୂଳକ ବୃତ୍ତି , ୧୧୫୦ଟି ପ୍ରବେଶିକା ପରୀକ୍ଷା ଓ ଆବେଦନ ପ୍ରଣାଳୀ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ତଥ୍ୟ ରହିଛି। ୧୧୨୦ଟି ଛାତ୍ର ବୃତ୍ତି, ପ୍ରତିଯୋଗିତାମୂଳକ ପରୀକ୍ଷା ଓ ଭାରତ ତଥା ବିଦେଶରେ ଉଚ୍ଚଶିକ୍ଷା ନିମନ୍ତେ ଥିବା ଫେଲୋସିପ୍‌ଗୁଡ଼ିକ ସମ୍ପର୍କରେ ମଧ୍ୟ ସବିଶେଷ ବିବରଣୀ ପାଇପାରିବେ। ଏଥିସହ ଶିକ୍ଷକଙ୍କ ସହିତ ସିଧାସଳଖ କଥାବାର୍ତ୍ତା ମଧ୍ୟ କରିପାରିବେ। ଓଡ଼ିଆ ଭାଷାରେ ପ୍ରସ୍ତୁତ ଏହି ପୋର୍ଟାଲରୁ ପ୍ରାୟ ୧୭ ଲକ୍ଷ ଶିକ୍ଷାର୍ଥୀ ଏଥିରୁ ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, ଏହି ପୋର୍ଟାଲ୍ ଏକ ଅଦ୍ୱିତୀୟ ତଥା ସମୟୋପଯୋଗୀ। ଏହାର ସମସ୍ତ ପାଠ୍ୟ ବିଷୟଗୁଡ଼ିକରେ ଆଞ୍ଚଳିକ ଭାବାପନ୍ନତା ଓ ସାମ୍ପ୍ରତିକତା ବଜାୟ ରହିଛି। ଶିକ୍ଷାର୍ଥୀମାନେ ଏହାର ଡ୍ୟାସ୍‌ବୋର୍ଡକୁ ଖୁବ୍ ସହଜରେ ନିଜର ଆଇଡି ଦ୍ୱାରା ଲଗ୍‌ଇନ୍ କରି ଏହାକୁ ଖୋଲି ଆବଶ୍ୟକ ସୂଚନା ପାଇପାରିବେ। ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି କହିଛନ୍ତି, ରାଜ୍ୟର ସମସ୍ତ ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ସ୍ତରର ଶିକ୍ଷାର୍ଥୀମାନେ ଯେପରି ନିଜ ପାଇଁ ଉପଯୁକ୍ତ ବୃତ୍ତିର ଚୟନ କରିପାରବେ, ସେଥିପାଇଁ ଓଡ଼ିଶା କ୍ୟାରିଅର ପୋର୍ଟାଲର ଲକ୍ଷ୍ୟ ରହିଛି। ବିଭିନ୍ନ ବୃତ୍ତିଗତ ଓ ଧନ୍ଦାମୂଳକ ଅନୁଷ୍ଠାନ ସହିତ ଜଡ଼ିତ ଥିବା ବିଶିଷ୍ଟ ବ୍ୟକ୍ତିବିଶେଷ ଓ ବୃତ୍ତି ସହାୟକଙ୍କ ସହ ସିଧାସଳଖ ବାର୍ତ୍ତାଳପ କରି ବିଭିନ୍ନ ବୃତ୍ତିଗତ ସାମର୍ଥ୍ୟ ତଥା ତତ୍‌ସମ୍ବନ୍ଧୀୟ ସୁଯୋଗଗୁଡ଼ିକ ବିଷୟରେ ଜାଣିବା ନିମନ୍ତେ ମଧ୍ୟ ଏହି ପୋର୍ଟାଲ୍ ଶିକ୍ଷାର୍ଥୀଙ୍କୁ ସହାୟତା ଦେଇପାରିବ। ଆଗାମୀ ବର୍ଷରେ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଜୀବନରେ ଏହା ବ୍ୟାପକ ସକାରାତ୍ମକ ପ୍ରଭାବ ପକାଇବ ବୋଲି ଭୂପିନ୍ଦର ସିଂ ପୁନିଆ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ୟୁନିସେଫ୍ କ୍ଷେତ୍ରୀୟ, କାର୍ଯ୍ୟାଳୟର ମୁଖ୍ୟ ଡ. ମୋନିକା ନେଲ୍‌ସନ୍, ବିଭାଗୀୟ ଅତିରିକ୍ତ ଶାସନ ସଚିବ ରଘୁରାମ ଆୟାର ପ୍ରମୁଖ ଉପସ୍ଥିତ ଥିଲେ।

# ୭ ଜିଲାକୁ ଗଡ଼ିଲା କୋଭିଡ୍ ସଚେତନତା ରଥ




କୋଭିଡ୍ ସଚେତନତା ରଥକୁ ସଂସ୍କୃତି ଭବନ ପରିସରରେ ମନ୍ତ୍ରୀ ରଘୁନନ୍ଦନ ଦାସ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ଭୁବନେଶ୍ୱର, ୨୪।୧୨ (ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ୟୁନିସେଫ୍ ପକ୍ଷରୁ ଗୁରୁବାର ସଂସ୍କୃତି ଭବନ ପରିସରରୁ କୋଭିଡ୍ ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ ହୋଇଛି। ୭ ରଥ ରାଜ୍ୟର ୭ ଜିଲାରେ ୭ଦିନ ପରିକ୍ରମା କରି ସଚେତନତା ସୃଷ୍ଟି କରିବ। ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତ୍‌ସିଂହପୁର, ଗଞ୍ଜାମ, ଖୋର୍ଦ୍ଧା ସମେତ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଜନସାଧାରଣଙ୍କୁ ଏହି ରଥ ସତର୍କ ଓ ସଚେତନ କରିବ। ଗୁରୁବାର ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଏହି ରଥକୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଶୀତଋତୁ ସହ କରୋନାର ସମ୍ଭାବ୍ୟ ନୂଆ ଷ୍ଟ୍ରେନ୍‌କୁ ରୋକିବାରେ ଏହି ରଥ ପ୍ରମୁଖ ଭୂମିକା ନେବ ବୋଲି ମନ୍ତ୍ରୀ କହିଥିଲେ। ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଲେ, ଖୁବ୍‌ଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟରେ କୋଭିଡ୍ ରଥ ଅନ୍ୟ ଜିଲାରେ ଗଡ଼ିବ। ପ୍ରାରମ୍ଭରେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କହିଲେ, କରୋନା ଯୋଗୁ ଦୀର୍ଘଦିନ ଧରି ଲୋକକଳା କଳାକାରଙ୍କ ଜୀବନଜୀବିକା ପ୍ରଭାବିତ ହୋଇଥିଲା। ଏଭଳି ସଚେତନତା କାର୍ଯ୍ୟକ୍ରମ ଦ୍ୱାରା କଳାକାରମାନେ ଉପକୃତ ହେବାସହ କୋଭିଡ୍ ବିରୋଧୀ ସଂଗ୍ରାମ ମଧ୍ୟ ସୁଦୃଢ ହେବ। ସଂସ୍କୃତି ବିଭାଗ ପରାମର୍ଶଦାତା ଜନ୍ମେଜୟ ଲେଙ୍କା, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଶାସନ ସଚିବ ସୟ କୁମାର ସିଂହ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ନାରାୟଣ ସ୍ୱାଇଁ, ଅନ୍ତର୍ଯ୍ୟାମୀ ବାରିକ ଓ ସାଥୀଙ୍କ ଦ୍ୱାରା କୋଭିଡ୍ ସଚେତନତା ସମ୍ପର୍କିତ ପାଲା, ଘୋଡାନାଚ ଆଦି ପରିବେଷିତ ହୋଇଥିଲା। ଅବନୀ କୁମାର ମିଶ୍ର ସଂଯୋଜନା କରିଥିବାବେଳେ କୃପାସିନ୍ଧୁ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଏଣିକି ଅନ୍‌ଲାଇନରେ ବିବାହ ପଞ୍ଜୀକରଣ

ଭୁବନେଶ୍ୱର, ୨୪।୧୨ (ବ୍ୟୁରୋ)

ଘରେ ବସି ଏଣିକି ବିବାହ ପଞ୍ଜୀକରଣ କରିପାରିବେ। କୋଭିଡ୍ ସ୍ଥିତିକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ସୁରକ୍ଷା ଓ ସୁବିଧା ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ବିବାହ ପଞ୍ଜୀକରଣର ବ୍ୟବସ୍ଥା କରିଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁରୁବାର ଏହି ଯୋଜନାର ଶୁଭାରମ୍ଭ କରାଯାଇଛି। ଯୋଜନା ଅନୁଯାୟୀ, ଜନସାଧାରଣ ଅନ୍‌ଲାଇନ ମାଧ୍ୟମରେ ବିଭାଗର ଆଇ.ଜି.ଆର୍ ପୋର୍ଟାଲରେ ସ୍ୱତନ୍ତ୍ର ବିବାହ ଆଇନ ୧୯୫୪ ମୁତାବକ ବିବାହ ପଞ୍ଜୀକରଣ ଆବେଦନ କରି ପ୍ରମାଣପତ୍ର ପାଇପାରିବେ। ଏଥିଲାଗି https://igrodis-ha.gov.in ୱେବ୍‌ସାଇଟ୍‌ରେ ସମସ୍ତ ସୁବିଧା ଓ ସୂଚନା ଉପଲବ୍ଧ ରହିଛି। ଏଥିପାଇଁ ସମସ୍ତ ସରକାରୀ ଦେୟ ଓ ସେବା ଦେୟ ଆବେଦନକାରୀ ଓଡିଶା ଟ୍ରେଜେରୀ ପୋର୍ଟାଲ ମାଧ୍ୟମରେ ପଇଠ କରିପାରିବେ। ଏ ସଂକ୍ରାନ୍ତ ଅଧିକ ସହ ଆବେଦନର ସବିଶେଷ ପ୍ରଣାଳୀ ବିଷୟରେ ଜାଣିବାକୁ ଆଇ.ଜି.ଆର ପୋର୍ଟାଲରେ ଉପଲବ୍ଧ ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।





## ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

(ଭାରତ ସରକାରଙ୍କ ଏକ ଉପକ୍ରମ)

କ୍ଷେତ୍ରୀୟ କାର୍ଯ୍ୟାଳୟ, ବି/୨ ପଶ୍ଚିମ, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍: ୦୬୭୪-୨୫୪୦୦୩୨, ଇ-ମେଲ: 0815samd@iob.in

## ଦଖଲ ନୋଟିସ୍

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ୨୦୦୨ର ରୁଲ ୮ ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତି ନିମନ୍ତେ ।)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର ନିୟମ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ଦର୍ଶିତ ଆକାଉଣ୍ଟର ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ନୋଟିସ ପ୍ରାପ୍ତିର **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଆମଦ୍ୱାରା ଦାବୀ କରାଯାଇଥିବା ସମସ୍ତ ରାଶି ପ୍ରଦାନ କରିବାରେ ବିଫଳ ହେବାରୁ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩(୪) ସହିତ କଥିତ ନିୟମର ନିୟମ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନରେ ଉଲ୍ଲେଖ କରାଯାଇଥିବା ସମ୍ପତ୍ତି ଗୁଡ଼ିକୁ ଦଖଲକୁ ନିଆଯାଇଛି ।

ଏତଦ୍ୱାରା ବିଶେଷକରି ଋଣଗ୍ରହୀତା / ବନ୍ଧକଦାତା / ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଛି କି ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କଲେ **ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ** ନିକଟରେ ନିମ୍ନରେ ଦର୍ଶିତ ଅର୍ଥରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଡିମାଣ୍ଡ ନୋଟିସ୍‌ରେ ଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସହମତି କ୍ରମେ ସେବାବଦ ସୁଧ ଏବଂ ଚକ୍ରବୃଦ୍ଧି ସୁଧ ନିମନ୍ତେ ବିଯୁକ୍ତ ଅସୁଲ ରାଶି ଯଦି ଡିମାଣ୍ଡ ନୋଟିସ୍ ଜାରିପରେ ଯଦି କିଛି ଥାଏ, ସେଥି ନିମନ୍ତେ ଦାୟୀ ରହିବେ ।

**ଏତଦ୍ୱାରା ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ବାରବାଟୀ ଷ୍ଟାଡିୟମ ଶାଖା / ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍‌ରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବକେୟା ଦେୟ | ଡ଼ିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା: ମେସର୍ସ ରଞ୍ଜିତା ଷ୍ଟୋର୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ରଞ୍ଜିତା ସାହୁ, ସା: ବଣିଆସାହି, ବକ୍ସିବଜାର, ମଙ୍ଗଳାବାଗ, ଜିଲ୍ଲା: କଟକ, ଓଡ଼ିଶା-୭୫୩୦୦୧, ମୋ.: ୯୩୩୭୬୨୬୯୬୬ | ୦୪.୦୪.୨୦୧୯ ସୁଦ୍ଧା ଟ.୨୬,୦୫,୪୫୩/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତିହାରରେ ପରବର୍ତ୍ତୀ ସୁଧ, ଚକ୍ରବୃଦ୍ଧି ସୁଧ ଓ ଦେୟ ଇତ୍ୟାଦି | ୦୪.୦୪.୨୦୧୯ / ୧୯.୧୨.୨୦୨୦ | ଜମି (ଖାଲି ଜମି)ର ସମସ୍ତ ଅଂଶବିଶେଷ ଯାହାକି: **ସମ୍ପତ୍ତି ନଂ.-୧:** ମୌଜା: ଆଗ୍ରାହାଟ, ତହସିଲ: ଟାଙ୍ଗୀ-ଚୌଦ୍ୱାର ନଂ.: ୪୬, ଥାନା: ଚୌଦ୍ୱାର ନଂ.: ୪୯, ଏସ୍‌ଆରଓ: ଜଗତପୁର, ଜିଲ୍ଲା: କଟକ, ଖାତା ନଂ.: ୧୦୪୧/୭୧୫, ପ୍ଲଟ୍ ନଂ.: ୨୧୧୦/୪୪୭୦, କ୍ଷେତ୍ର: ଏକର୦.୨୦ଡିସିମିଲି, **ସମ୍ପତ୍ତି ନଂ.-୨:** ମୌଜା: ଆଗ୍ରାହାଟ, ତହସିଲ: ଟାଙ୍ଗୀ-ଚୌଦ୍ୱାର ନଂ.: ୪୬, ଥାନା: ଚୌଦ୍ୱାର ନଂ.: ୪୯, ଏସ୍‌ଆରଓ: |

ଜଗତପୁର, ଜିଲ୍ଲା: କଟକ, ଖାତା ନଂ.: ୧୦୪୧/୭୧୬, ପ୍ଲଟ୍ ନଂ.: ୨୧୧୦, କ୍ଷେତ୍ର: ଏକର୦.୦୮ଡିସିମିଲି, ଉଭୟ ସମ୍ପତ୍ତିର ଚାରିପାର୍ଶ୍ୱରେ ପୂର୍ବ: ଅବଶିଷ୍ଟ ଅଂଶ, ପଶ୍ଚିମ: ସରକାରୀ ରାସ୍ତା, ଉତ୍ତର: ଗ୍ରାମ୍ୟ ରାସ୍ତା, ଦକ୍ଷିଣ: ନିଳାଚଳ ସାରସ୍ୱତ ସଂଘ, ଉଭୟ ସମ୍ପତ୍ତି **ଶ୍ରୀମତୀ ରଞ୍ଜିତା ସାହୁ**ଙ୍କ ନାମରେ ରେକର୍ଡଭୁକ୍ତ ଅଟେ

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୪.୧୨.୨୦୨୦ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

## ମିଠା ଦୋକାନୀ ହତ୍ୟା ଘଟଣା ମୁଖ୍ୟ ଅଭିଯୁକ୍ତଙ୍କ ଜାମିନ ଖାରଜ

**ଭୁବନେଶ୍ୱର,(ବ୍ୟୁରୋ):** ଭୁବନେଶ୍ୱର ସାମନ୍ତରାପୁର ମିଠା ଦୋକାନୀ ପ୍ରଭାକର ସାହୁ ହତ୍ୟାକାଣ୍ଡରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଶ୍ରୀତିକ ବିଶ୍ୱାଳଙ୍କ ଜାମିନ ଆବେଦନର ଶୁଣାଣି ଗୁରୁବାର ଭୁବନେଶ୍ୱର ଅତିରିକ୍ତ ଜିଲା ଓ ଦୌରାଜଜ(୪)ଙ୍କ କୋର୍ଟରେ ହୋଇଥିଲା। କୋର୍ଟ ଏହି ମାମଲାର ବିଚାର କରି ଶ୍ରୀତିକଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ମୃତକଙ୍କ ପରିବାର ଲୋକଙ୍କ ଜୀବନ ପ୍ରତି ବିପଦ ଥିବାବେଳେ ଅଭିଯୁକ୍ତ ଜାମିନରେ ଆସିଲେ ସାକ୍ଷୀଙ୍କୁ ପ୍ରଭାବିତ କରିବା ଆଶଙ୍କା ଥିବା ନେଇ ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ସୁରେଶ ଚନ୍ଦ୍ର ବାରିକ କୋର୍ଟରେ ଯୁକ୍ତି କରିଥିଲେ। ପରେ ତାଙ୍କୁ ଝାରପଡା ଜେଲକୁ ପଠାଇ ଦିଆଯାଇଛି।

## ପ୍ରିୟଦର୍ଶୀଙ୍କୁ ହ୍ୟୁମାନିଟାରିୟାନ ଏକ୍ସଲେନ୍ସ ଆୱାର୍ଡ

**ଭୁବନେଶ୍ୱର,୨୪।୧୨ (ବ୍ୟୁରୋ):** ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କୁ ୟୁନାଇଟେଡ଼ ନେସନ୍ସ ୟୁନିଭର୍ସିଟି ଫର୍ ଗ୍ଲୋବାଲ ପିସ ପକ୍ଷରୁ 'ହ୍ୟୁମାନିଟାରିୟାନ ଏକ୍ସଲେନ୍ସ ଆୱାର୍ଡ' ପ୍ରଦାନ କରାଯାଇଛି। ଗତ ମଙ୍ଗଳବାର କୋଲକାତାଠାରେ ଅନୁଷ୍ଠିତ ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା।

## ମନୋରଞ୍ଜନ ମହାପାତ୍ର ଓଏସ୍ଆର୍‌ଟିସି ଅର୍ଥ ପରାମର୍ଶଦାତା

**ଭୁବନେଶ୍ୱର,୨୪।୧୨:** ରାଜ୍ୟ ଅର୍ଥ ସେବାର ବରିଷ୍ଠ ଅଧିକାରୀ ମନୋରଞ୍ଜନ ମହାପାତ୍ରଙ୍କୁ ଓଡିଶା ସଡ଼କ ପରିବହନ ନିଗମ (ଓଏସଆରଟିସି)ର ଅର୍ଥ ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି। ସେ ୧୦ ବର୍ଷ ଧରି ପୂର୍ତ୍ତ ବିଭାଗର ଅର୍ଥ ପରାମର୍ଶଦାତା ଭାବେ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରିଥିଲେ। ଗତ ମଙ୍ଗଳବାର ସେ ନୂତନ ଦାୟିତ୍ୱରେ ଯୋଗଦେବା ଅବସରରେ ଓଏସ୍ଆର୍‌ଟିସିର କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

# ଫିକା ଫିକା ବଡ଼ଦିନ

**ଭୁବନେଶ୍ୱର, ୨୪।୧୨(ବ୍ୟୁରୋ)**

### ୟୁନିଟ୍-୪ ଚର୍ଚ୍ଚ ବନ୍ଦ, ସତ୍ୟନଗର ୫ ଘଣ୍ଟା ଖୋଲିବ



ୟୁନିଟ୍-୪ ୟୁନିୟନ ଚର୍ଚ୍ଚ।


ବିନା ସାଜସଜ୍ଜାରେ ଥିବା ସତ୍ୟନଗର ଚର୍ଚ୍ଚ।

ମଧ୍ୟରାତ୍ରିରୁ ପ୍ରଭୁ ଯିଶୁଙ୍କ ଧରାବତରଣ ହୋଇଛି।। ଆଜି ସମଗ୍ର ବିଶ୍ୱ ବଡ଼ଦିନ ପାଳୁଛି। ହେଲେ କୋଭିଡ୍ କଟକଣା ଯୋଗୁ ଏଥର ଉତ୍ସବ ଫିକା ପଡ଼ିଛି। ରାଜଧାନୀ ଭୁବନେଶ୍ୱର, କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ଚର୍ଚ୍ଚରେ ନାହିଁ କୋଳାହଳ, ଅବା ଉତ୍ସବର ମାହୋଲ। କେଉଁଠି ଅଳ୍ପକିଛି ସାଜସଜ୍ଜା ହୋଇଛି ତ ଆଉ କେଉଁଠି ହୋଇନି ପ୍ରଭୁ ଯିଶୁଙ୍କ ମଧ୍ୟରାତ୍ରି ଜନ୍ମୋତ୍ସବ ଓ ପ୍ରାର୍ଥନା ସଭା। କେବଳ ଶୁକ୍ରବାର ସକାଳେ ସତ୍ୟନଗରସ୍ଥିତ ଚର୍ଚ୍ଚରେ ସକାଳ ୭ଟା ୩୦ରୁ ସାମୂହିକ ପ୍ରାର୍ଥନା ଆରମ୍ଭ ହେବ। ଦିନ ୧୨ଟା ୩୦ ପର୍ଯ୍ୟନ୍ତ ଯୀଶୁଙ୍କ ଜନ୍ମଦିନ ବିଏମ୍‌ସିର ଗାଇଡ୍‌ଲାଇନ୍ ଅନୁସାରେ ପାଳନ କରାଯିବ। ସେହିଭଳି ଭୁବନେଶ୍ୱରକୁ ବିଭିନ୍ନ ଜୋନ୍‌ରେ ବିଭକ୍ତ କରାଯାଇ ପ୍ରତି ଜୋନ୍‌ର ୧୪୦ଜଣ ଲେଖାଏ ଶ୍ରଦ୍ଧାଳୁଙ୍କୁ ପ୍ରାର୍ଥନା ପାଇଁ ଚର୍ଚ୍ଚରେ ଅନୁମତି ଦିଆଯିବ। ଚର୍ଚ୍ଚରେ ମାତ୍ର ୫ ଘଣ୍ଟା ପାଇଁ କାର୍ଯ୍ୟକ୍ରମ ହେବ। କିନ୍ତୁ ଚର୍ଚ୍ଚ ପରିସରରେ କୌଣସି ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ନାହିଁ ବୋଲି ଫାଦର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ୟୁନିଟ-୪ ଚର୍ଚ୍ଚ ସମ୍ପୂର୍ଣ୍ଣ ବନ୍ଦ ରହିଥିବାବେଳେ କେବଳ ଅନ୍‌ଲାଇନ ମାଧ୍ୟମରେ ବଡ଼ଦିନ ପୂଜାର୍ଚ୍ଚନା ଓ ସେଲିବ୍ରେଶନ ହେବ। ପ୍ରତିବର୍ଷ ବଡ଼ଦିନରେ ଏଠାରେ ବଡ଼ବଡ଼ କାର୍ଯ୍ୟକ୍ରମ ହୋଇଥାଏ। ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ସମ୍ଭାବନା ଥିବାରୁ କମ୍‌ସଂଖ୍ୟକ କର୍ମଚାରୀରେ କରୋନା ଗାଇଡ୍‌ଲାଇନ୍ ପାଳନ କରିବା କଷ୍ଟକର ହୋଇପଡିବ। ତେଣୁ ୨୪ ଓ ୨୫ ତାରିଖ ଚର୍ଚ୍ଚକୁ ସମ୍ପୂର୍ଣ୍ଣ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଥିବା କର୍ତ୍ତୃପକ୍ଷ କହିଛନ୍ତି।

## ୩ରୁ ଖୋଲିବ ସମସ୍ତ ଧର୍ମାନୁଷ୍ଠାନ

**ଖୋର୍ଦ୍ଧା ଅଫିସ,୨୪।୧୨**

### ଖୋର୍ଦ୍ଧା ପ୍ରଶାସନର ଏସ୍‌ଓପି ଜାରି

ଆସନ୍ତା ଜାନୁୟାରୀ ୩ତାରିଖରୁ ଖୋର୍ଦ୍ଧା ଜିଲାର ସମସ୍ତ ମନ୍ଦିର ଓ ଧାର୍ମିକ ଅନୁଷ୍ଠାନ ଖୋଲିବା ଲାଗି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଏସ୍‌ଓପି ଜାରି କରାଯାଇଛି। କୋଭିଡ୍-୧୯ ଗାଇଡ୍‌ଲାଇନ ଅନୁଯାୟୀ ମନ୍ଦିରରେ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ସନତ ମହାନ୍ତି କହିଛନ୍ତି। ତେବେ ଭୁବନେଶ୍ୱରର ଶ୍ରୀଲିଙ୍ଗରାଜ ଏବଂ ଅନ୍ୟ ମନ୍ଦିର ଏଥିରେ ଅନ୍ତର୍ଭୁକ୍ତ ନୁହେଁ ବୋଲି ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ସମସ୍ତ ମନ୍ଦିର ଓ ଧାର୍ମିକ ଅନୁଷ୍ଠାନ ଖୋଲିବା ନେଇ ବିଭିନ୍ନ ମନ୍ଦିର ପରିଚାଳନା ଏବଂ ଧର୍ମାନୁଷ୍ଠାନ କମିଟିର କର୍ମକର୍ତ୍ତାଙ୍କ ସହ ପ୍ରଶାସନ ଡିସେମ୍ବର ୨୧ରେ ବୈଠକ କରିଥିଲା। ଏବେ ମନ୍ଦିର ଖୋଲିବା ନିଷ୍ପତ୍ତି ପରେ ଭକ୍ତଙ୍କ ମହଲରେ ଉତ୍କଣ୍ଠା ଓ ଉତ୍ସାହ ଦେଖିବାକୁ ମିଳିଛି। କୋଭିଡ୍ ଗାଇଡ୍‌ଲାଇନକୁ ମନ୍ଦିର ଓ ଧାର୍ମିକ ଅନୁଷ୍ଠାନ କଡାକଡି ପାଳନ କରିବେ। ମାସ୍କ ବାଧ୍ୟତାମୂଳକ କରାଯାଇଛି। ପ୍ରବେଶ ପଥରେ ଥର୍ମାଲ ସ୍କ୍ରିନିଂ ଓ ସାନିଟାଇଜ ବ୍ୟବସ୍ଥା ରହିବ। ଦର୍ଶନ ସମୟରେ ଶ୍ରଦ୍ଧାଳୁ ସାମାଜିକ ଦୂରତା ରକ୍ଷା କରିବେ। ୬୫ବର୍ଷରୁ ଉର୍ଦ୍ଧ୍ୱ ଏବଂ ୧୦ବର୍ଷରୁ କମ୍ ବୟସର ଶିଶୁ ଏବଂ ଗର୍ଭବତୀ ମହିଳାଙ୍କୁ ମନ୍ଦିରକୁ ନ ଯିବା ଲାଗି ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। କୋଭିଡ ନିୟମ ଉଲ୍ଲଘଂନ ହେଲେ ବିପର୍ଯ୍ୟୟ ପରିଚାଳନା ଅଧିନିୟମ ୨୦୦୫ ଏବଂ ଏପିଡେମିକ ଡିଜିଜ୍ ଆକ୍ଟ ୧୯୮୭ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ନେଇ ସ୍ଥାନୀୟ ତହସିଲଦାର ଓ ଭାରପ୍ରାପ୍ତ ଥାନାଧିକାରୀମାନଙ୍କ ତରଫରୁ ଏନ୍‌ଫୋର୍ସମେଣ୍ଟ ଟିମ ଗଠନ କରାଯାଇଛି। ଏହି ଟିମ୍ ନିଜ ଅଞ୍ଚଳରେ ମନ୍ଦିରରେ ଯାଞ୍ଚ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ମନମୋହିଲା ପାଇକ ଆଖଡ଼ା ନୃତ୍ୟ

**ବାଲକାଟୀ,୨୪।୧୨(ଡି.ଏନ୍.ଏ.)**




ଭୁବନେଶ୍ୱରସ୍ଥିତ ଓଡ଼ିଶୀ ଗବେଷଣା କେନ୍ଦ୍ର ଅଡିଟୋରିୟମରେ 'ନୃତ୍ୟ ପ୍ରତିଭା' ଅନୁଷ୍ଠାନ ପକ୍ଷରୁ ଗୁରୁବାର ଆୟୋଜିତ ଚତୁର୍ଦ୍ଦଶ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱରର ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ନୃତ୍ୟ ପ୍ରତିଭାର ସଭାପତି ଡ. ରଜନୀରଞ୍ଜନ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ନୃତ୍ୟପ୍ରତିଭା ସମ୍ପାଦିକା ଗୁରୁ ପ୍ରତିଭା ପଣ୍ଡାଙ୍କ ଏକକ ନୃତ୍ୟ 'ଡିଣ୍ଡିମ୍ବା' ଉପାଖ୍ୟାନ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଖୋର୍ଦ୍ଧାରୁ ଆସିଥିବା ଗୁରୁ କବିରାଜ ପ୍ରଧାନଙ୍କ ନିର୍ଦ୍ଦେଶନାରେ ପାଇକ ଆଖଡ଼ାର ବୀରତ୍ୱର ଦଳଗତ ନୃତ୍ୟ କଳାକାରମାନେ ପରିବେଷଣ କରିଥିଲେ। ଯାହାକି ଦର୍ଶକଙ୍କ ମନକୁ ଜିଣିଥିଲା। ସେହିପରି ଆଦୃତ୍ୟ ଡ୍ୟାନ୍ସ ଗ୍ରୁପର ଗୁରୁ ଭରତଚରଣ ଗିରିଙ୍କ ନିର୍ଦ୍ଦେଶନାରେ ଦଳଗତ ନୃତ୍ୟରେ 'ଦୁର୍ଗାସ୍ତୁତି' ପରିବେଷଣ କରାଯାଇଥିଲା। କଟକ କଳାବିକାଶ କେନ୍ଦ୍ରର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଦୁର୍ଗାସ୍ତୁତି, ନୃତ୍ୟାଙ୍ଗତା କସ୍ତୁରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନେ ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପରେ ବାଲିପାଟଣାର ଗୁରୁ ଗୋପାଳ ବେହେରା ଓ ସାଥି ଘୋଡ଼ାନାଚ ପରିବେଷଣ କରିଥିଲେ। ଚଳିତବର୍ଷର ନୃତ୍ୟ ପ୍ରତିଭା ସମ୍ମାନ ଓଡ଼ିଶୀ ନୃତ୍ୟଗୁରୁ ମିନାକ୍ଷୀ ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ସଙ୍ଗୀତ ସମ୍ମାନରେ ବିଶିଷ୍ଟ ସଙ୍ଗୀତଜ୍ଞ ସୁକାନ୍ତ କୁମାର କୁଣ୍ଡୁ, କଳା ସମ୍ମାନରେ ଡ.ସୁଚେତା ପ୍ରିୟଦର୍ଶିନୀ, ନାଟ୍ୟ ସମ୍ମାନ ଦେବାନନ୍ଦ ନାୟକଙ୍କୁ ପ୍ରଦାନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଇଂ. ଶ୍ରୀନିବାସ ଘଟୁଆରୀ ପରିଚାଳନା କରିଥିଲେ।

# ପଥର କାରିଗରଙ୍କ କଞ୍ଚାମାଲ ସମସ୍ୟା ଦୂରହେବ

**ଭୁବନେଶ୍ୱର,୨୪।୧୨ (ବ୍ୟୁରୋ)**

### ମାସକ ମଧ୍ୟରେ ସ୍ୱତନ୍ତ୍ର ନିୟମ

ଓଡ଼ିଶାର ପଥର ଶିଳ୍ପୀମାନେ କଞ୍ଚାମାଲ ପାଇଁ ବର୍ଷ ବର୍ଷ ଧରି ହଇରାଣ ହେଉଛନ୍ତି। ଏହି ସମସ୍ୟା ଦୂର କରିବାକୁ ରାଜ୍ୟ ସରକାର ସେମାନଙ୍କୁ ରାଜ୍ୟରେ ମିଳୁଥିବା କାରିଗରି ଉପଯୁକ୍ତ ସାହାଣ, ମୁଗୁନି ଓ ଖଡି ପଥର ଯୋଗାଇଦେବେ। ଏଥିପାଇଁ ମାସକ ମଧ୍ୟରେ ସ୍ୱତନ୍ତ୍ର ନିୟମ ପ୍ରଣୟନ କରାଯିବ। ଏନେଇ ଗୁରୁବାର ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ରାଜସ୍ୱ ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ସୂଚନା ଦେଇଛନ୍ତି। ଏଥିପାଇଁ ସେ ଓଡିଶା ଶିଳ୍ପୀ ମହାସଂଘର ସହଯୋଗ ଲୋଡିଛନ୍ତି। ପଥର କାରିଗରଙ୍କ ସହ ଆଲୋଚନା ପରେ ସମସ୍ତଙ୍କୁ ସୁହାଇବା ଭଳି ଏକ ଚିଠା ପ୍ରସ୍ତାବ ଖୁବଶୀଘ୍ର ସଂସ୍କୃତି ବିଭାଗକୁ ପ୍ରଦାନ କରାଯିବ ବୋଲି ଓଡିଶା ଶିଳ୍ପୀ ମହାସଂଘର ସଭାପତି ଉଦୟ ମହାନ୍ତି ସୂଚନା ଦେଇଛନ୍ତି। ବୈଠକରେ ପଦ୍ମଶ୍ରୀ ସୁଦର୍ଶନ ସାହୁ କହିଲେ, ପଥର ପାଇଁ ପୋଲିସ, ରାଜସ୍ୱ ଓ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ଜୁଲମର ଶିକାର ହେବାକୁ ପଡୁଛି। ଏହାର ପ୍ରତିକାର କରିବାକୁ ସରକାରଙ୍କୁ ସେ ନିବେଦନ କରିଥିଲେ। ମହାସଂଘ ସମ୍ପାଦକ ପ୍ରିୟରଞ୍ଜନ କର କେଉଁସ୍ଥାନରେ ଭଲ ପଥର ମିଳୁଛି ସେସମ୍ପର୍କରେ ସୂଚନା ଦେଇଥିଲେ। ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଜିଓଲୋଜିଷ୍ଟ ତଥା ଡେପୁଟି ଡାଇରେକ୍ଟର ପି.କେ. ଚାନ୍ଦ, ମାଇନର ମିନେରାଲ୍ସ ଡାଇରେକ୍ଟର ବିଭୂତି ଭୂଷଣ ଦାସ, ଖଣି ନିର୍ଦ୍ଦେଶକ ୟୁ.ସି. ଜେନା, ପ୍ରତ୍ନତତ୍ତ୍ୱ ବିଭାଗର ଅଧ୍ୟକ୍ଷ ଅଶ୍ୱିନୀ ଶତପଥୀ, ରାଜ୍ୟ ସଂଗ୍ରହାଳୟ ଅଧ୍ୟକ୍ଷା ଭାଗ୍ୟଲିପି ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ।

# ବିହନ ପେଣ୍ଡୁରେ ଖ୍ରୀଷ୍ଟମାସ୍ ଟ୍ରି




**ପୁରୁଣା ଭୁବନେଶ୍ୱର, ୨୪।୧୨(ଡି.ଏନ୍.ଏ.):** ବଡ଼ ଦିନର ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ବିହନ ପେଣ୍ଡୁ (ସିଡ୍‌ବଲ୍)ରେ ଖ୍ରୀଷ୍ଟମାସ୍ ଟ୍ରି ତିଆରି କରିଛନ୍ତି। ଏହି ଟ୍ରିକୁ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ରଙ୍ଗବେରଙ୍ଗ ମୁରୁଜର ସ୍ପର୍ଶ ଦେଇ ଗ୍ରୀନ୍ ଖ୍ରୀଷ୍ଟମାସ୍ ପାଳନ ପାଇଁ ଆହ୍ୱାନ ଦେଇଛନ୍ତି। 'ବଜାରରେ ଉପଲବ୍ଧ ରଙ୍ଗବେରଙ୍ଗ ଜରି ଓ ପ୍ଲାଷ୍ଟିକରେ ପ୍ରସ୍ତୁତ ଖ୍ରୀଷ୍ଟମାସ୍ ଟ୍ରିକୁ ଅନେକ ଖ୍ରୀଷ୍ଟ ଧର୍ମାବଲମ୍ବୀନମାନେ ଘରେ ଓ ବାହାରେ ସଜାଇଥାନ୍ତି। ଯାହା ପରିବେଶ ପାଇଁ ଅନୁକୂଳ ହୋଇ ନ ଥାଏ। ପରିବେଶ ଉପଯୋଗୀ ଟ୍ରିର ବ୍ୟବହାର ସହ ନାଚୁରାଲ ଗଛରେ ଘର ଚତୁଃପାର୍ଶ୍ୱକୁ ସଜାଇ ଗ୍ରୀନ୍ ଖ୍ରୀଷ୍ଟମାସ ପାଇଁ ସାହୁ ନିବେଦନ କରିଛନ୍ତି। ମାଟି, ମଞ୍ଜି ଓ ଖତରେ ପ୍ରସ୍ତୁତ ଏହି ବିହନ ପିଣ୍ଡୁଳାଗୁଡ଼ିକ ଜନସାଧାରଣଙ୍କ ସଚେତନତା ଉଦ୍ଦେଶ୍ୟରେ ସବୁଜ, ସୁନ୍ଦର ପରିବେଶ ସୃଷ୍ଟି ପାଇଁ ଏହା ଏକ ନିଆରା ପ୍ରୟାସ। ସୁଶାନ୍ତଙ୍କ ଏହି ଭିନ୍ନ ପ୍ରୟାସକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

**DIRECTORATE OF TECHNICAL EDUCATION & TRAINING ODISHA, CUTTACK - 753001**

**DIPLOMA ADMISSION - 2020**
**Notice for 2nd Phase Diploma Spot Admission-2020**

**No. KK-62:-** Consequent upon the decision of Government in SD&TE Department, Odisha communicated vide Letter No. 4993 dtd.24.12.2020, the 2nd phase Diploma Spot Admission-2020 shall be held as per the dateline / procedure enumerated in the Standard Operating Procedure (SOP) available in the website **www.samsodisha.gov.in**

Sd./- Director of Technical Education & Training, Odisha
OIPR-14004/11/0028/2021

**DIRECTORATE OF MEDICAL EDUCATION & TRAINING, ODISHA**

**WALK-IN-INTERVIEW FOR ASST. PROFESSOR, SENIOR RESIDENT, TUTOR & JUNIOR RESIDENT IN ALL GOVT. MEDICAL COLLEGE & HOSPITAL**

No. 19620 dt. 24.12.2020
**No. KK-63:-** Eligible candidates are invited to Walk-in Interview for recruitment for the posts of Asst. Professors, Senior Residents, Tutors and JR in all Govt. Medical College & Hospital of the State on contractual / deployment basis. The details of Posts, Mode of recruitment, Remuneration, Qualifications etc. is available in the website of DMET, Odisha i.e. **www.dmetodisha.gov.in**.

Sd./- Addl. Director of Medical Education & Training, Odisha
OIPR-10016/11/0022/2021

**OFFICE OF THE RUKMINI LATH BAL NIKETAN**
**At-Chhachanpali, P.O.- Bargaon, P.S.- Dhama, Dist.-Sambalpur, PIN-768113, Odisha**

Ref. No. 142/SAA Dt.24.12.2020
Applications are invited from eligible candidates in prescribed application form for engagement of different contractual posts for the Specialized Adoption Agency, Rukmini Lath Bal Niketan, Chhachanpali [Registered under JJ (C&PC) Act]. The Engagement is purely contractual basis and the selection of candidate shall be made on the basis of mark and experience of working in child rights. It is to inform that the candidates who are engaged for said posts are not Government Staffs and the management of the CCI will be responsible for them in case the GIA is discontinued. The details of the eligibility of the posts & application format are available in the Sambalpur District official website www.sambalpur.nic.in. Interested candidates may apply in the prescribed format with self-attested certificate, mark sheet & other required documents **(All documents will be in one PDF format)** should be sent to Chairman, Rukmini Lath Bal Niketan, Sambalpur through email (mail id-**recruitmentrlbn@gmail.com**) before 07.01.2021 by 5.30 P.M. and a hard copy of the same should also submitted by Speed Post/Regd. Post to **the Chairman Rukmini Lath Bal Niketan, At Chhachanpali, P.O.-Bargaon, P.S.-Dhama, Dist.- Sambalpur, PIN- 768113, Odisha** before **12.01.2021 by 5.30 P.M.** Incomplete application and application received after due date shall be rejected. The undersigned reserves the right to cancel any or all the applications received/under process without assigning any reason thereof.

Sd./- Chairman
Rukmini Lath Bal Niketan, Chhachanpali, Sambalpur

**ପୂର୍ବ ତଟ ରେଳପଥ**

(1)ଟେଣ୍ଡର ବିଜ୍ଞପ୍ତି ସଂ.ELOP-T-21-2020
**କାର୍ଯ୍ୟର ନାମ :** 03 (ତିନି)ବର୍ଷ ସମୟାବଧି ନିମନ୍ତେ ଯାତ୍ରା ପଥରେ କ୍ରିଉ (ଡ୍ରାଇଭର ଏବଂ ଗାର୍ଡ଼) ସହାୟତା ପ୍ରଦାନ କରିବା ନିମନ୍ତେ ଜଖପୁରାଠାରେ (ଅହୋରାତ୍ର) ଚାଳକ ସହିତ 03(ତିନି) ଗୋଟି ହାଲୁକା ଗାଡ଼ି (ଟାଟା ସୁମୋ/ମହିନ୍ଦ୍ରା ବୋଲେରୋ ନନ୍-ଏସି) ଭଡ଼ା ସୂତ୍ରରେ ନେବା।
**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 1,19,70,563.20,**
EMD/ବିଡ୍ ସିକ୍ୟୁରିଟି(ଟଙ୍କାରେ) : **2,09,900/-**।
(2)ଟେଣ୍ଡର ବିଜ୍ଞପ୍ତି ସଂ.ELOP-T-22-2020
**କାର୍ଯ୍ୟର ନାମ :** 03 (ତିନି)ବର୍ଷ ସମୟାବଧି ନିମନ୍ତେ ଆବଶ୍ୟକତା ଅନୁଯାୟୀ ବିଭିନ୍ନ ସାଇଡିଙ୍ଗ୍ ପର୍ଯ୍ୟନ୍ତ କ୍ରିଉ ଏବଂ ଗାର୍ଡମାନଙ୍କ ପରିବହନ ଏବଂ ଯାତ୍ରା ପଥରେ କ୍ରିଉ (ଡ୍ରାଇଭର ଏବଂ ଗାର୍ଡ଼) ସହାୟତା ପ୍ରଦାନ କରିବା ନିମନ୍ତେ କେନ୍ଦୁଝରଗଡ଼ ଠାରେ ରହୁଥିବା ଚାଳକ ସହିତ ଏକ ଗୋଟି ହାଲୁକା ଗାଡ଼ି (ଟାଟା ସୁମୋ/ମହିନ୍ଦ୍ରା ବୋଲେରୋ ନନ୍-ଏସି) ଭଡ଼ା ସୂତ୍ରରେ ନେବା।
**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 35,85,960.72,**
EMD/ବିଡ୍ ସିକ୍ୟୁରିଟି(ଟଙ୍କାରେ) : **71,700/-**।
ଶେଷ ହେବା ଅବଧି : **36** ମାସ (ଉଭୟ ଟେଣ୍ଡର ନିମନ୍ତେ)।
ବିଡ୍ ଆରମ୍ଭ ହେବା ତାରିଖ : ତା.**25.12.2020** ରିଖ (ଉଭୟ ଟେଣ୍ଡର ନିମନ୍ତେ), **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.**08.01.2021** ରିଖ **1600** ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ **www.ireps.gov.in** ରେ ଉପଲବ୍ଧ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ୍
PR-439/L/20-21

**ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking)

No.: 7778 File: SMT-1708 Date: 24.12.2020

**NOTICE INVITING TENDER**

**Bid Identification: 42/Tender/OBCC/2020-21** No.CAD-977:-

| Sl. No. | Name of Work |
|---|---|
| 1 | **Construction of internal road upto subgrade level from Brahmagiri road to newly proposed Shree Setu road, NH-316 at Matitota for a length of 1155 Meters for Gurukulam Project under ABADHA Scheme.** |

1. Date and time of availability of bid document in the eProcurement portal: **4.00 P.M. of 29.12.2020.**
2. Last date/time for receipt of online bid: **12.01.2021 till 5.00 PM.**
3. Further details can be seen from the e-Procurement portal "**https://www.tendersodisha.gov.in**".
4. The authority reserves the right to cancel any or all bids without assigning any reason thereof.

Sd./- General Manager, Projects-I
O.B.& C.C. Ltd.
OIPR-34106/11/0043/2021

**ODISHA WATER SUPPLY & SEWERAGE BOARD**
(A Govt. of Odisha Undertaking)
**THE OFFICE OF THE ENGINEER-IN-CHIEF, OISIP, JICA**
At : Mahanadivihar, P.O. : Nayabazar, Cuttack-753004
Mobile No.: 9438133917, E-mail ID : ce_jica@owssb.in

Notification No. 57 Date : 23.12.2020

**ODISHA INTEGRATED SANITATION IMPROVEMENT PROJECT**

**Invitation of applications from retired persons for engagement as Contractual Divisional Accounts Officer and Contractual Senior Clerk in OISIP, JICA, OWSSB, Cuttack**

In partial modification to this office Notification No. 56 dtd. 22.12.2020, it is to notified that, the Odisha Integrated Sanitation Improvement Project (OISIP) intends to engage 01 No. of Divisional Accounts Officer and 03 Nos. of Senior Clerk on contractual basis against the vacancy posts for its project at Cuttack and Bhubaneswar.

| Sl. No. | Name of the Contractual Post | Wages | No. of Posts | Qualification, Experience & Age Limit |
|---|---|---|---|---|
| 1. | Divisional Accounts Officer (Contractual) | As per Finance Department Circular No.7022 dtd 17.03.2018, the Contractual DAO is entitled to get consolidated remuneration of Rs.30,000/- per month, which may change from time to time by Govt. | 01 (One) | 1. He should have retired after working as Senior Divisional Accounts Officer / Divisional Accounts Officer in any Engineering office of Odisha State Govt. or Govt. of Odisha undertaking. 2. The candidate should be below 64 years of age as on 31.12.2020. |
| 2. | Senior Clerk (Contractual) | As per Finance Department Circular No.7022 dtd 17.03.2018, the Contractual Senior Clerk is entitled to get consolidated remuneration of Rs.13,000/- per month, which may change from time to time by Govt. | 03 (Three) | 1. He should have retired after working as Senior Clerk/ Head Clerk in any office of Odisha State Govt. or Govt. of Odisha undertaking. 2. The candidate should be below 64 Years of age as on 31.12.2020. |

Interested eligible candidates may apply in plain paper, along with their updated CV, all educational qualification certificates along with **copy of pension payment order of final pension order issued by A.G., Odisha / Provisional pension order / copy of proof of retirement from Govt. of Odisha / Govt. of Odisha Undertaking** in the above address **by speed post / Regd. Post only**, so as to reach this office on or before **Dt. 21.01.2021**. The candidates should furnish their correspondence address, contact phone no. and E-mail ID for further communication. OISIP Authority reserves the right to reject any or all the candidatures without assigning any reason thereof.

Sd/-
Engineer-In-Chief,
OISIP, JICA, OWSSB, Cuttack

**Maintaining COVID-19 Precautions with Social Distancing for Training Programme**

**Presenting Winter Internship Programme for Engineering Students**

Central Tool Room & Training Centre (CTTC), Bhubaneswar is the leading Tool Room & Training Centre of India to impart skill based training programme in the field of CAD/CAM/CAE/CNC Technology / Hardware and Network Management / VLSI / PLC for Graduate Engineering students.

For the year **2020-2021** we offer courses during **January / February 2021** designed for Mechanical / Production / Automobile / Manufacturing Science / Civil/ Computer Science / Electrical & Electronics / Electronics & Instrumentation / Information Technology students.

| Sl. | Branch | Courses | Course Fee | Duration | Starting Date |
|---|---|---|---|---|---|
| 01 | Mechanical Production Automobile or Equivalent | Auto CAD<br>CATIA<br>SOLID WORKS<br>CNC Milling<br>CNC Turning | Rs.7,100/-<br>Rs.8,100/-<br>Rs.8,100/-<br>Rs.8,100/-<br>Rs.8,100/- | ONE MONTH | 02.01.2021<br>16.01.2021<br>01.02.2021<br>15.02.2021 |
| 02 | Civil | Auto CAD<br>STAAD Pro | Rs.7,100/-<br>Rs.8,100/- | | |
| 03 | Electrical & Electronics Electronics & Instrumentation Electronics & Telecommunication | PLC<br>Electrical CAD<br>VLSI<br>Advance Embedded System | Rs.8,100/-<br>Rs.7,100/-<br>Rs.8,100/-<br>Rs.8,100/- | | |
| 04 | Any Graduate / ITI / MBA / Diploma / Degree Engineers in any Discipline | Core JAVA<br>Artificial Intelligence & Machine Learning*<br>Python Programming*<br>C Programming* | Rs.5,600/-<br>Rs.8,100/-<br>Rs.5,600/-<br>Rs.3,600/- | | |

*** No Fee exemption for SC/ST candidates.**
**Special Discount of 10% for group of 10 students**
**No. of seats for each course is 20 per Batch**

**How to apply :** Application are to be submitted in plain paper alongwith Bio-data, copies of marksheet & certificates, two passport size color photographs & fee payment online through **State Bank of India collect link** available in our website **www.cttc.gov.in** or a DD of **Rs.1000/-** drawn in favour of **"Central Tool Room & Training Centre"** payable at **Bhubaneswar** for the purpose of registration. This amount will be adjusted against the course fee. **No dormitory accommodation is available.**
Reservation as per Govt. of India rules. **For SC/ST candidates no fee will be charged** subject to production of two photo copies of self attested Caste Certificate & Aadhaar Card. Aadhaar Card & Caste Certificate in original from competent authority is to be produced for verification at the time of admission which may be re-verified from the Issuing Authority.

***For Admission Contact : 9861376682,9658066689***

**CENTRAL TOOL ROOM & TRAINING CENTRE**
(Ministry of Micro, Small & Medium Enterprises , Govt. of India)
B-36, Chandaka Industrial Area, Bhubaneswar - 751024,Odisha
E-mail : cttc@cttc.gov.in, Website: www.cttc.gov.in
Ministry of MSME Govt. of India
ISO-9001, ISO-14001 OHSAS 18001

OPTCL
Lifeline of Odisha

# ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ

**ପଞ୍ଜୀକୃତ କାର୍ଯ୍ୟାଳୟ : ଜନପଥ, ଭୁବନେଶ୍ୱର - ୭୫୧ ୦୨୨, ଓଡ଼ିଶା**

**CIN : U40102OR2004SGC007553**

## ଜାନୁଆରୀ - ୨୦୨୧ ନିମନ୍ତେ ଓପିଟିସିଏଲ ଅଧୀନରେ ଥିବା ଇ.ଏଚ୍.ଟି ଉପାଦାନ ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟକ୍ରମ - ୨୦୨୦-୨୧

No. CAD-967

| କ୍ର. ସଂ. | ସବ୍‌ଷ୍ଟେସନ ଏବଂ ଇ.ଏଚ୍.ଟି ଲାଇନର ନାମ | ସଟ୍‌ଡାଉନର ଅବଧି | ସଟ୍‌ଡାଉନର ସମୟ (ଘଣ୍ଟାରେ) | ଦିନ ସଂଖ୍ୟା |
|---|---|---|---|---|
| (କ) | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ, ବୁର୍ଲା** | | | |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, ବୁର୍ଲା** | | | |
| ୧. | ୧୩୨ କେଭି ବୁର୍ଲା ପାୱାର ହାଉସ୍-ଚିପିଲ୍ଲିମା ଟାଏଲାଇନ୍ ସର୍କିଟ୍-I | ୦୪.୦୧.୨୧ | ୦୮.୦୦-୧୬.୦୦ | ୧ |
| ୨. | ୨୨୦ କେଭି ବୁଢ଼ିପଦର-ତାର୍କେରା ସର୍କିଟ୍ ନଂ. I | ୦୪.୦୧.୨୧ ଏବଂ ୦୫.୦୧.୨୧ | ୦୮.୦୦-୧୬.୦୦ | ୨ |
| ୩. | ୨୨୦ କେଭି ବୁଢ଼ିପଦର-ବେଦାନ୍ତ ସର୍କିଟ୍ ନଂ. I | ୦୫.୦୧.୨୧ | ୦୮.୦୦-୧୬.୦୦ | ୧ |
| ୪. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ କଟାପାଲ୍ଲୀର ଟ୍ରାନ୍ସଫର୍ମର ନଂ I ଏବଂ II | ୦୭.୦୧.୨୧ | ୦୮.୦୦-୧୬.୦୦ | ୧ |
| ୫. | ୨୨୦ କେଭି ବୁଢ଼ିପଦର-ତାର୍କେରା ସର୍କିଟ୍ ନଂ. II | ୦୭.୦୧.୨୧ ଏବଂ ୦୮.୦୧.୨୧ | ୦୮.୦୦-୧୬.୦୦ | ୨ |
| ୬. | ୨୨୦ କେଭି ବୁଢ଼ିପଦର-ବେଦାନ୍ତ ସର୍କିଟ୍ ନଂ. II | ୦୮.୦୧.୨୧ | ୦୮.୦୦-୧୬.୦୦ | ୧ |
| ୭. | ୧୩୨ କେଭି ବୁଢ଼ିପଦର-ରାଜଗାଙ୍ଗପୁର ସିଙ୍ଗଲ୍ ସର୍କିଟ୍ ଲାଇନ୍ | ୧୩.୦୧.୨୧ ଏବଂ ୧୪.୦୧.୨୧ | ୦୮.୦୦-୧୬.୦୦ | ୨ |
| ୮. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବୁଢ଼ିପଦର | ୧୮.୦୧.୨୧ | ୦୮.୦୦-୧୬.୦୦ | ୧ |
| ୯. | ୧୩୨/୩୩/୧୧ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବ୍ରଜରାଜନଗରର ଟ୍ରାନ୍ସଫର୍ମ ନଂ. I ଏବଂ III | ୧୮.୦୧.୨୧ | ୦୮.୦୦-୧୬.୦୦ | ୧ |
| ୧୦. | ୨୨୦/୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବୁଢ଼ିପଦରର ଅଟୋ ଟ୍ରାନ୍ସଫର୍ମ ନଂ. II | ୧୮.୦୧.୨୧ | ୦୮.୦୦-୧୬.୦୦ | ୧ |
| ୧୧. | ୧୩୨ କେଭି ବୁଢ଼ିପଦର-ସୁନ୍ଦରଗଡ଼ ଫିଡର | ୧୮.୦୧.୨୧ | ୦୮.୦୦-୧୬.୦୦ | ୧ |
| ୧୨. | ୨୨୦/୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, କଟାପାଲ୍ଲୀର ଅଟୋ ଟ୍ରାନ୍ସଫର୍ମ ନଂ. III | ୧୩.୦୧.୨୧ | ୦୮.୦୦-୧୬.୦୦ | ୧ |
| ୧୩. | ୧୩୨/୧୧ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ଝାରସୁଗୁଡ଼ାର ୧୩୨ କେଭି ସ୍ୱିଚ୍‌ୟାର୍ଡ଼ | ୨୦.୦୧.୨୧ | ୦୮.୦୦-୧୬.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, ରାଉରକେଲା/ରାଜଗାଙ୍ଗପୁର** | | | |
| ୧. | ତାର୍କେରା ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨ କେଭି ରିଜର୍ଭ ବସ୍ | ୦୪.୦୧.୨୧ | ୦୮.୦୦-୧୬.୦୦ | ୧ |
| ୨. | ତାର୍କେରା ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨ କେଭି ମେନ୍ ବସ୍ ସେକ୍ସନ୍-II | ୦୪.୦୧.୨୧ ଏବଂ ୦୫.୦୧.୨୧ | ୦୮.୦୦-୧୬.୦୦ | ୨ |
| ୩. | ତାର୍କେରା ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୨୨୦ କେଭି ବସ୍-II | ୦୬.୦୧.୨୧ ଏବଂ ୦୭.୦୧.୨୧ | ୦୮.୦୦-୧୬.୦୦ | ୨ |
| ୪. | ୧୩୨ କେଭି ଛେନ୍ଦ-ନୂଆଗାଁ ଲାଇନ୍ | ୦୮.୦୧.୨୧ | ୦୮.୦୦-୧୬.୦୦ | ୧ |
| ୫. | ୧୩୨ କେଭି ଛେନ୍ଦ-ନିପାଜ ଲାଇନ୍ | ୦୮.୦୧.୨୧ | ୦୮.୦୦-୧୬.୦୦ | ୧ |
| ୬. | ମେସର୍ସ ଶ୍ରୀ ଗଣେଶ ମେଟାଲିକ୍ସ ଲିମିଟେଡ୍‌ର ୧୩୨ କେଭି ଲିଲୋ ସବ୍‌ଷ୍ଟେସନ୍ | ୦୮.୦୧.୨୧ | ୦୮.୦୦-୧୬.୦୦ | ୧ |
| ୭. | ୧୩୨ କେଭି ଛେନ୍ଦ-ମେସର୍ସ ଶ୍ରୀ ଗଣେଶ ମେଟାଲିକ୍ସ ଲିମିଟେଡ୍ | ୦୮.୦୧.୨୧ | ୦୮.୦୦-୧୬.୦୦ | ୧ |
| ୮. | ୧୩୨ କେଭି ଛେନ୍ଦ ଗ୍ରୀଡ୍ ସବ୍‌ଷ୍ଟେସନ୍ | ୦୮.୦୧.୨୧ | ୦୮.୦୦-୧୬.୦୦ | ୧ |
| ୯. | ୧୩୨ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ କାଲୁଗାଁ | ୦୮.୦୧.୨୧ | ୦୮.୦୦-୧୬.୦୦ | ୧ |
| ୧୦. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ରାଉରକେଲା | ୧୩.୦୧.୨୧ | ୦୮.୦୦-୧୬.୦୦ | ୧ |
| ୧୧. | ୧୩୨ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ରାଜଗାଙ୍ଗପୁର | ୧୬.୦୧.୨୧ | ୦୮.୦୦-୧୬.୦୦ | ୧ |
| ୧୨. | ୨୨୦/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବାର୍କୋଟ୍ | ୧୬.୦୧.୨୧ | ୦୮.୦୦-୧୬.୦୦ | ୧ |
| ୧୩. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ସୁନ୍ଦରଗଡ଼ | ୨୦.୦୧.୨୧ | ୦୮.୦୦-୧୬.୦୦ | ୧ |
| ୧୪. | ୧୩୨ କେଭି ବୁଢ଼ିପଦର-ସୁନ୍ଦରଗଡ଼ ଫିଡର | ୨୦.୦୧.୨୧ | ୦୮.୦୦-୧୬.୦୦ | ୧ |
| ୧୫. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ରାଜଗାଙ୍ଗପୁର | ୨୧.୦୧.୨୧ | ୦୮.୦୦-୧୬.୦୦ | ୧ |
| ୧୬. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ରାଉରକେଲା | ୨୭.୦୧.୨୧ | ୦୮.୦୦-୧୬.୦୦ | ୧ |
| ୧୭. | ୨୨୦/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବାର୍କୋଟ୍ | ୨୯.୦୧.୨୧ | ୦୮.୦୦-୧୬.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, ବରପାଲ୍ଲୀ** | | | |
| ୧. | ୨୨୦ କେଭି କଟାପଲ୍ଲୀ-ପିଜିସିଆଇଏଲ୍ ସର୍କିଟ୍-II | ୦୭.୦୧.୨୧ | ୦୮.୦୦-୧୬.୦୦ | ୧ |
| ୨. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବରପାଲ୍ଲୀ | ୧୬.୦୧.୨୧ | ୦୮.୦୦-୧୬.୦୦ | ୧ |
| ୩. | ୧୩୨ କେଭି ବରପାଲ୍ଲୀ-ଡୁଙ୍ଗୁରିପାଲ୍ଲୀ ଆରଟିଏସ୍‌ଏସ୍ ଲାଇନ୍ | ୧୬.୦୧.୨୧ | ୦୮.୦୦-୧୬.୦୦ | ୧ |
| ୪. | ୧୩୨ କେଭି ବରପାଲ୍ଲୀ-ସଦେଇପାଲ୍ଲୀ ଲିଲୋ ଲାଇନ୍ | ୧୬.୦୧.୨୧ | ୦୮.୦୦-୧୬.୦୦ | ୧ |
| ୫. | ୨୨୦ କେଭି କଟାପଲ୍ଲୀ-ପିଜିସିଆଇଏଲ୍ ସର୍କିଟ୍-II | ୨୦.୦୧.୨୧ | ୦୮.୦୦-୧୬.୦୦ | ୧ |
| ୬. | ୧୩୨ କେଭି ବରଗଡ଼ ନୂଆ-ଘେସ ଡିସି ଲାଇନ୍ | ୨୨.୦୧.୨୧ | ୦୮.୦୦-୧୬.୦୦ | ୧ |
| ୭. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ଘେସ | ୨୨.୦୧.୨୧ | ୦୮.୦୦-୧୬.୦୦ | ୧ |
| ୮. | ୨୨୦/୧୩୨ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ବରଗଡ଼ ନୂଆ | ୨୨.୦୧.୨୧ | ୦୮.୦୦-୧୬.୦୦ | ୧ |
| (ଖ) | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ, ବଲାଙ୍ଗୀର** | | | |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, ବଲାଙ୍ଗୀର** | | | |
| ୧. | ୨୨୦ କେଭି ପିଜିସିଆଏଲ୍-ସଦେଇପାଲ୍ଲୀ ସର୍କିଟ୍-II | ୦୬.୦୧.୨୧ | ୦୮.୦୦-୧୬.୦୦ | ୧ |
| ୨. | ୨୨୦/୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ସଦେଇପାଲ୍ଲୀ | ୦୬.୦୧.୨୧ | ୦୮.୦୦-୧୬.୦୦ | ୧ |
| ୩. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବଲାଙ୍ଗୀର | ୦୮.୦୧.୨୧ | ୦୮.୦୦-୧୬.୦୦ | ୧ |
| ୪. | ୧୩୨ କେଭି ସଦେଇପାଲ୍ଲୀ-ବଲାଙ୍ଗୀର ସର୍କିଟ୍-I | ୦୮.୦୧.୨୧ | ୦୮.୦୦-୧୬.୦୦ | ୧ |
| ୫. | ୧୩୨ କେଭି ବଲାଙ୍ଗୀର-ବରଗଡ଼ ଲାଇନ୍ | ୧୬.୦୧.୨୧ | ୦୮.୦୦-୧୬.୦୦ | ୧ |
| ୬. | ୨୨୦ କେଭି ପିଜିସିଆଇଏଲ୍-ସଦେଇପାଲ୍ଲୀ ସର୍କିଟ୍-2 | ୨୦.୦୧.୨୧ | ୦୮.୦୦-୧୬.୦୦ | ୧ |
| ୭. | ୧୩୨ କେଭି ବଲାଙ୍ଗୀର-ବରଗଡ଼ ଲାଇନ୍ | ୨୦.୦୧.୨୧ | ୦୮.୦୦-୧୬.୦୦ | ୧ |
| ୮. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ପାଟଣାଗଡ଼ | ୨୫.୦୧.୨୧ | ୦୮.୦୦-୧୬.୦୦ | ୧ |
| ୯. | ୧୩୨ କେଭି ବଲାଙ୍ଗୀର-ପାଟଣାଗଡ଼ ଲାଇନ୍ | ୨୫.୦୧.୨୧ | ୦୮.୦୦-୧୬.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, କେସିଙ୍ଗା** | | | |
| ୧. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ କେସିଙ୍ଗା | ୦୮.୦୧.୨୧ | ୦୭.୦୦-୧୭.୦୦ | ୧ |
| ୨. | ୧୩୨ କେଭି କେସିଙ୍ଗା -ଥେରୁବାଲି ଲାଇନ୍ | ୧୩.୦୧.୨୧ | ୦୭.୦୦-୧୭.୦୦ | ୧ |
| ୩. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ସଇଁତଳା | ୨୦.୦୧.୨୧ | ୦୭.୦୦-୧୭.୦୦ | ୧ |
| ୪. | ୧୩୨ କେଭି କେସିଙ୍ଗା-ଜୁନାଗଡ଼ ଲାଇନ୍ | ୨୦.୦୧.୨୧ | ୦୭.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, ନୂଆପଡ଼ା** | | | |
| ୧. | ୧୩୨ କେଭି କେସିଙ୍ଗା-ଖରିଆର ସିଙ୍ଗଲ ସର୍କିଟ୍ ଲାଇନ୍ | ୧୬.୦୧.୨୧ | ୦୭.୦୦-୧୭.୦୦ | ୧ |
| ୨. | ୧୩୨ କେଭି ଖରିଆର-କଣ୍ଟାବାଞ୍ଜି ସିଙ୍ଗଲ ସର୍କିଟ୍ ଲାଇନ୍ | ୧୬.୦୧.୨୧ | ୦୭.୦୦-୧୭.୦୦ | ୧ |
| (ଗ) | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ, ଜୟପୁର** | | | |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, ଜୟନଗର** | | | |
| ୧. | ଜୟନଗର ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୧୨.୫ ଏମ୍‌ଭିଏ (ଜିଇସି) ଏବଂ ୨୦ ଏମ୍‌ଭିଏ (ଅଲଷ୍ଟୋମ) ଟ୍ରାନ୍ସଫର୍ମର୍ସ | ୦୭.୦୧.୨୧ | ୦୭.୦୦-୧୭.୦୦ | ୧ |
| ୨. | ଜୟନଗର ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୧୩୨ କେଭି ମେନ୍ ବସ୍ ବିଟିଏଚ୍ ଅଂଶ | ୦୭.୦୧.୨୧ ଏବଂ ୦୮.୦୧.୨୧ | ୦୭.୦୦-୧୭.୦୦ | ୨ |
| ୩. | ୧୩୨ କେଭି ଜୟନଗର-ଦାମନଯୋଡ଼ି ଲାଇନ୍ | ୧୩.୦୧.୨୧ | ୦୭.୦୦-୧୭.୦୦ | ୧ |
| ୪. | ୨୨୦/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବାଲିମେଳା | ୧୭.୦୧.୨୧ | ୦୭.୦୦-୧୭.୦୦ | ୧ |
| ୫. | ୨୨୦/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ମାଲ୍‌କାନଗିରି | ୧୭.୦୧.୨୧ | ୦୭.୦୦-୧୭.୦୦ | ୧ |
| ୬. | ଜୟନଗର ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୨୨୦ କେଭି ବସ୍-II | ୧୮.୦୧.୨୧ | ୦୭.୦୦-୧୭.୦୦ | ୧ |
| ୭. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ତେନ୍ତୁଳିଖୁଣ୍ଟି | ୨୨.୦୧.୨୧ | ୦୭.୦୦-୧୭.୦୦ | ୧ |
| ୮. | ୧୩୨ କେଭି ଜୟନଗର-ତେନ୍ତୁଳିଖୁଣ୍ଟି ଲାଇନ୍ | ୨୨.୦୧.୨୧ | ୦୭.୦୦-୧୭.୦୦ | ୧ |
| ୯. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଉମରକୋଟ | ୨୨.୦୧.୨୧ | ୦୭.୦୦-୧୭.୦୦ | ୧ |
| ୧୦. | ୧୩୨ କେଭି ଡାବୁଗାଁ-ଉମରକୋଟ ଲାଇନ୍ | ୨୨.୦୧.୨୧ | ୦୭.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, ଥେରୁବାଲି** | | | |
| ୧. | ୨୨୦ କେଭି ଥେରୁବାଲି-ଜୟନଗର ସର୍କିଟ୍-II | ୦୬.୦୧.୨୧ ଏବଂ ୦୮.୦୧.୨୧ | ୦୭.୦୦-୧୭.୦୦ | ୨ |
| ୨. | ଥେରୁବାଲି ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨/୩୩ କେଭି, ୧୨.୫ ଏମ୍‌ଭିଏ ଟ୍ରାନ୍ସଫର୍ମର-I ଏବଂ ୩୩ କେଭି ବସ୍ ସେକ୍ସନ-I | ୨୦.୦୧.୨୧ | ୦୭.୦୦-୧୭.୦୦ | ୧ |
| ୩. | ଥେରୁବାଲି ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨/୩୩ କେଭି, ୧୨.୫ ଏମ୍‌ଭିଏ ଟ୍ରାନ୍ସଫର୍ମର-II ଏବଂ ୩୩ କେଭି ବସ୍ ସେକ୍ସନ-II | ୨୨.୦୧.୨୧ | ୦୭.୦୦-୧୭.୦୦ | ୧ |
| ୪. | ୨୨୦ କେଭି ନରେନ୍ଦ୍ରପୁର-ଥେରୁବାଲି ସର୍କିଟ୍-I(ଡୁମୁଲାପଦାର ପର୍ଯ୍ୟନ୍ତ) | ୨୭.୦୧.୨୧ ଏବଂ ୨୯.୦୧.୨୧ | ୦୭.୦୦-୧୬.୦୦ | ୩ |
| (ଘ) | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ, ଯାଜପୁର ରୋଡ଼** | | | |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, ବାଲେଶ୍ୱର** | | | |
| ୧. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ସୋମନାଥ ପୁର | ୦୭.୦୧.୨୧ | ୦୭.୦୦-୧୭.୦୦ | ୧ |
| ୨. | ବାଲେଶ୍ୱର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୩୩ କେଭି ସ୍ୱିଚ୍ ୟାର୍ଡ଼ | ୦୮.୦୧.୨୧ | ୦୭.୦୦-୧୬.୦୦ | ୧ |
| ୩. | ବାଲେଶ୍ୱର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୬୦ ଏମ୍‌ଭିଏ ଅଟୋ-II | ୨୧.୦୧.୨୧ | ୦୭.୦୦-୧୬.୦୦ | ୧ |
| ୪. | ୧୩୨ କେଭି କୁଚେଇ-ଭୋଗରାଇ ସର୍କିଟ୍-II (ଲୋକେସନ୍ ୦୧ ରୁ ୯୩) | ୨୨.୦୧.୨୧ | ୦୭.୦୦-୧୬.୦୦ | ୧ |
| ୫. | ୧୩୨ କେଭି କୁଚେଇ-ଭୋଗରାଇ ସର୍କିଟ୍-II (ଲୋକେସନ୍ ୦୧ ରୁ ୨୮୪) | ୨୨.୦୧.୨୧ | ୦୭.୦୦-୧୬.୦୦ | ୧ |
| ୬. | ୨୨୦ କେଭି ଭଦ୍ରକ-ବାଲେଶ୍ୱର ଲାଇନ୍ ସର୍କିଟ୍-II (ଲୋକେସନ୍ ୧୯୮ ରୁ ୪୪୯) | ୩୦.୦୧.୨୧ | ୦୭.୦୦-୧୬.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ବାରିପଦା** | | | |
| ୧. | ୪୦୦ କେଭି ରେଙ୍ଗାଲୀ-ବାରିପଦା (ଲୋକେସନ୍ ୩୧୬ ରୁ ୬୦୨) | ୦୪.୦୧.୨୧ ରୁ ୦୭.୦୧.୨୧ | ୦୭.୦୦-୧୭.୦୦ | ୪ |
| ୨. | ବାରିପଦା ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୩୩ କେଭି ସ୍ୱିଚ୍ ୟାର୍ଡ଼ | ୦୭.୦୧.୨୧ | ୦୭.୦୦-୧୬.୦୦ | ୧ |
| ୩. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ବାଙ୍ଗିରିପୋଷି (୩୩ କେଭି ସ୍ୱିଚ୍ ୟାର୍ଡ଼) | ୦୮.୦୧.୨୧ | ୦୭.୦୦-୧୬.୦୦ | ୧ |
| ୪. | ୧୩୨ କେଭି କରଞ୍ଜିଆ ଡିସି ଲିଲୋ ଲାଇନ୍ (ଲୋକେସନ୍ ୧ ରୁ ୮୮) | ୦୮.୦୧.୨୧ | ୦୭.୦୦-୧୬.୦୦ | ୧ |
| ୫. | ୪୦୦ କେଭି ବାରିପଦା ପିଜି ରୁ ଖଡ଼ଗପୁର ପିଜି, ଡବ୍ଲୁବିଏସ୍‌ଇଟିସିଏଲ, ଲୋକେସନ୍ ନଂ. ୬୦୨ ରୁ ୬୬୩ (ପୂର୍ବର ରେଙ୍ଗାଲୀ-ବାରିପଦା ଲାଇନ୍) | ୦୮.୦୧.୨୧ | ୦୭.୦୦-୧୭.୦୦ | ୧ |
| ୬. | ୧୩୨ କେଭି କରଞ୍ଜିଆ-ପୋଲାସପୋଙ୍ଗା ଲାଇନ୍ | ୨୧.୦୧.୨୧ | ୦୭.୦୦-୧୬.୦୦ | ୧ |
| ୭. | ୧୩୨ କେଭି କରଞ୍ଜିଆ ଲିଲୋ ଡିସି ଲାଇନ୍ ସର୍କିଟ୍-II | ୨୨.୦୧.୨୧ | ୦୭.୦୦-୧୬.୦୦ | ୧ |
| ୮. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ରାଇରଙ୍ଗପୁର | ୨୭.୦୧.୨୧ | ୦୭.୦୦-୧୬.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ଭଦ୍ରକ** | | | |
| ୧. | ଭଦ୍ରକ ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୩୩ କେଭି ସ୍ୱିଚ୍ ୟାର୍ଡ଼ | ୨୧.୦୧.୨୧ | ୦୭.୦୦-୧୬.୦୦ | ୧ |
| ୨. | ୧୩୨ କେଭି ମେସ୍କୋ-ଭଦ୍ରକ ଲାଇନ୍ (ଗ୍ରୀଡ୍ ଠାରୁ ଲୋକେସନ୍ ନଂ.୬୧ ପର୍ଯ୍ୟନ୍ତ) | ୨୭.୦୧.୨୧ | ୦୭.୦୦-୧୬.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, ଯାଜପୁର ରୋଡ଼** | | | |
| ୧. | ଡୁବୁରି ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୨୨୦/୧୩୨ କେଭି, ୧୦୦ ଏମ୍‌ଭିଏ ଅଟୋ ଟ୍ରାନ୍ସଫର୍ମର ନଂ.II | ୦୪.୦୧.୨୧ | ୦୭.୦୦-୧୬.୦୦ | ୧ |
| ୨. | ୧୩୨ କେଭି ବିସି ମହାନ୍ତି-ବାମନିପାଳ ଫିଡର | ୦୬.୦୧.୨୧ | ୦୭.୦୦-୧୬.୦୦ | ୧ |
| ୩. | ଯାଜପୁର ରୋଡ଼ ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୩୩ କେଭି ସ୍ୱିଚ୍ ୟାର୍ଡ଼ | ୦୬.୦୧.୨୧ | ୦୭.୦୦-୧୬.୦୦ | ୧ |
| ୪. | ୧୩୨ କେଭି ରୁଧିଆ-ଯାଜପୁର ଟାଉନ୍ ସର୍କିଟ୍ -I ଲାଇନ୍ | ୦୭.୦୧.୨୧ | ୦୭.୦୦-୧୬.୦୦ | ୧ |
| ୫. | ଡୁବୁରି ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୨୨୦/୧୩୨ କେଭି, ୧୦୦ ଏମ୍‌ଭିଏ ଅଟୋ ଟ୍ରାନ୍ସଫର୍ମର-III | ୧୩.୦୧.୨୧ | ୦୭.୦୦-୧୬.୦୦ | ୧ |
| ୬. | ୧୩୨ କେଭି ରୁଧିଆ-ଯାଜପୁର ଟାଉନ୍ ସର୍କିଟ୍ -IIଲାଇନ୍ | ୨୭.୦୧.୨୧ | ୦୭.୦୦-୧୬.୦୦ | ୧ |
| ୭. | ୧୩୨ କେଭି ଆନନ୍ଦପୁର-ଯାଜପୁର ସର୍କିଟ୍-I | ୨୧.୦୧.୨୧ | ୦୭.୦୦-୧୬.୦୦ | ୧ |
| ୮. | ୧୩୨ କେଭି ଆନନ୍ଦପୁର-ଯାଜପୁର ରୋଡ଼ ସର୍କିଟ୍-II | ୨୩.୦୧.୨୧ | ୦୭.୦୦-୧୬.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, ନୂଆ ଡୁବୁରି** | | | |
| ୧. | ୨୨୦ କେଭି ଟ୍ରାନ୍ସଫର୍ମର ବସ୍, ନୂଆ ଡୁବୁରି | ୨୦.୦୧.୨୧ | ୦୭.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, ଯୋଡ଼ା** | | | |
| ୧. | ୪୦୦ କେଭି ରେଙ୍ଗାଲୀ-ବାରିପଦା (ଲୋକେସନ୍ ନଂ.୨୫୨ ରୁ ୩୧୬) | ୦୪.୦୧.୨୧ | ୦୭.୦୦-୧୭.୦୦ | ୧ |
| ୨. | ୪୦୦ କେଭି ରେଙ୍ଗାଲୀ-ବାରିପଦା (ଲୋକେସନ୍ ନଂ.୧ ରୁ ୨୫୨) | ୨୭.୦୧.୨୧ ରୁ ୨୯.୦୧.୨୧ | ୦୭.୦୦-୧୭.୦୦ | ୩ |
| (ଙ) | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ, ଭୁବନେଶ୍ୱର** | | | |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, ଭୁବନେଶ୍ୱର** | | | |
| ୧. | ୧୩୨ କେଭି ଚନ୍ଦକା-ରଣସିଂହପୁର ଲାଇନ୍ | ୦୨.୦୧.୨୧ | ୦୮.୦୦-୧୭.୦୦ | ୧ |
| ୨. | ୧୩୨ କେଭି ଚନ୍ଦକା- ଖୋର୍ଦ୍ଧା ଲାଇନ୍ | ୦୭.୦୧.୨୧ | ୦୮.୦୦-୧୭.୦୦ | ୧ |
| ୩. | ୨୨୦ କେଭି ମେଣ୍ଢାଶାଳ -ଚନ୍ଦକା ସର୍କିଟ୍-IV | ୦୮.୦୧.୨୧ | ୦୮.୦୦-୧୭.୦୦ | ୧ |
| ୪. | ୨୨୦ କେଭି ଭଞ୍ଜନଗର-ମେଣ୍ଢାଶାଳ ଲାଇନ୍ | ୦୮.୦୧.୨୧ ଏବଂ ୧୧.୦୧.୨୧ | ୦୮.୦୦-୧୭.୦୦ | ୨ |
| ୫. | ୨୨୦ କେଭି ମେଣ୍ଢାଶାଳ -ଚନ୍ଦକା ସର୍କିଟ୍-III | ୧୬.୦୧.୨୧ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ମେଣ୍ଢାଶାଳ** | | | |
| ୧. | ୪୦୦ କେଭି ମେରାମୁଣ୍ଡଳୀ-ମେଣ୍ଢାଶାଳ ଲାଇନ୍ | ୦୭.୦୧.୨୧ | ୦୮.୦୦-୧୭.୦୦ | ୧ |
| ୨. | ମେଣ୍ଢାଶାଳ ଗୀଡ୍ ସବ୍‌ଷ୍ଟେସନ୍‌ର ୨୨୦ କେଭି ବସ୍-ବି | ୧୮.୦୧.୨୧ | ୦୮.୦୦-୧୭.୦୦ | ୧ |
| ୩. | ୨୨୦ କେଭି ମେରାମୁଣ୍ଡଳୀ-ମେଣ୍ଢାଶାଳ ଲାଇନ୍ | ୨୦.୦୧.୨୧ | ୦୮.୦୦-୧୭.୦୦ | ୧ |
| ୪. | ୨୨୦ କେଭି ନରେନ୍ଦ୍ରପୁର-ଅଟ୍ରୀ ସର୍କିଟ୍-II | ୨୬.୦୧.୨୧ | ୦୮.୦୦-୧୭.୦୦ | ୧ |
| ୫. | ୨୨୦ କେଭି ଅଟ୍ରୀ-ଇନ୍‌ଫୋସିଟି | ୨୭.୦୧.୨୧ | ୦୮.୦୦-୧୭.୦୦ | ୧ |
| ୬. | ୨୨୦ କେଭି ଇନ୍‌ଫୋସିଟି-ମେଣ୍ଢାଶାଳ | ୨୮.୦୧.୨୧ | ୦୮.୦୦-୧୭.୦୦ | ୧ |
| ୭. | ୨୨୦ କେଭି ନରେନ୍ଦ୍ରପୁର-ଅଟ୍ରୀ ସର୍କିଟ୍-I | ୩୦.୦୧.୨୧ | ୦୮.୦୦-୧୭.୦୦ | ୧ |
| ୮. | ୨୨୦ କେଭି ଅଟ୍ରୀ-ମେଣ୍ଢାଶାଳ | ୩୧.୦୧.୨୧ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ପୁରୀ** | | | |
| ୧. | ୧୩୨ କେଭି ଖୋର୍ଦ୍ଧା-ପୁରୀ ଲାଇନ୍ | ୦୭.୦୧.୨୧ | ୦୮.୦୦-୧୭.୦୦ | ୧ |
| ୨. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ନିମାପଡ଼ା | ୨୨.୦୧.୨୧ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ଖୋର୍ଦ୍ଧା** | | | |
| ୧. | ୧୩୨ କେଭି ଅଟ୍ରୀ-ବାଙ୍କି ଲାଇନ୍ | ୦୬.୦୧.୨୧ | ୦୮.୦୦-୧୭.୦୦ | ୧ |
| ୨. | ୨୨୦ କେଭି ନୟାଗଡ଼-ମେଣ୍ଢାଶାଳ ଲାଇନ୍ | ୦୯.୦୧.୨୧ | ୦୮.୦୦-୧୭.୦୦ | ୧ |
| ୩. | ଅଟ୍ରୀ ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୨୨୦ କେଭି ସ୍ୱିଚ୍ ୟାର୍ଡ଼ | ୧୫.୦୧.୨୧ | ୦୮.୦୦-୧୭.୦୦ | ୧ |
| ୪. | ଅଟ୍ରୀ ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨ କେଭି ସ୍ୱିଚ୍ ୟାର୍ଡ଼ | ୧୭.୦୧.୨୧ | ୦୮.୦୦-୧୭.୦୦ | ୧ |
| ୫. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଅର୍ଗୁଳ ଏବଂ ୧୩୨ କେଭି ଅଟ୍ରୀ-ଅର୍ଗୁଳ ଡିସି ଲାଇନ୍ | ୧୭.୦୧.୨୧ | ୦୮.୦୦-୧୭.୦୦ | ୧ |
| ୬. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଚାନ୍ଦପୁର ଏବଂ ୧୩୨ କେଭି ଲିଲୋ ଲାଇନ୍, (ଲୋକେସନ୍ ନଂ. ୧୧୧ ରୁ ଲୋକେସନ୍ ନଂ.୮) | ୨୧.୦୧.୨୧ | ୦୮.୦୦-୧୭.୦୦ | ୧ |
| ୭. | ୧୩୨ କେଭି ଖୋର୍ଦ୍ଧା-ବାଲୁଗାଁ ଲାଇନ୍ | ୨୧.୦୧.୨୧ | ୦୮.୦୦-୧୭.୦୦ | ୧ |
| ୮. | ୨୨୦ କେଭି ଅଟ୍ରୀ-ପାଣ୍ଡିଆବିଲ ସର୍କିଟ୍-I | ୨୫.୦୧.୨୧ | ୦୮.୦୦-୧୭.୦୦ | ୧ |
| ୯. | ୨୨୦ କେଭି ଅଟ୍ରୀ-ପାଣ୍ଡିଆବିଲ ସର୍କିଟ୍-II | ୨୯.୦୧.୨୧ | ୦୮.୦୦-୧୭.୦୦ | ୧ |
| (ଚ) | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ, ବ୍ରହ୍ମପୁର** | | | |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, ଭଞ୍ଜନଗର** | | | |
| ୧. | ୨୨୦/୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ଭଞ୍ଜନଗର ଠାରେ ୨୨୦ କେଭି ବସ୍-୨ | ୦୪.୦୧.୨୧ | ୦୭.୦୦-୧୬.୦୦ | ୧ |
| ୨. | ୨୨୦ କେଭି ଭଞ୍ଜନଗର-ମେରାମୁଣ୍ଡଳୀ ସର୍କିଟ୍-II | ୦୭.୦୧.୨୧ ଏବଂ ୦୮.୦୧.୨୧ | ୦୭.୦୦-୧୬.୦୦ | ୨ |
| ୩. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ଆସ୍କାର ୩୩ କେଭି ସ୍ୱିଚ୍‌ୟାର୍ଡ଼ | ୧୧.୦୧.୨୧ | ୦୭.୦୦-୧୬.୦୦ | ୧ |
| ୪. | ୧୩୨ କେଭି ଭଞ୍ଜନଗର-ଆସ୍କା ଡି.ସି ଲାଇନ୍ | ୧୩.୦୧.୨୧ | ୦୭.୦୦-୧୬.୦୦ | ୧ |
| ୫. | ୧୩୨ କେଭି ଭଞ୍ଜନଗର-ଫୁଲବାଣୀ ସିଙ୍ଗଲ୍ ସର୍କିଟ୍ ଲାଇନ୍ | ୧୫.୦୧.୨୧ ଏବଂ ୧୬.୦୧.୨୧ | ୦୭.୦୦-୧୬.୦୦ | ୨ |
| ୬. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ଫୁଲବାଣୀ | ୧୬.୦୧.୨୧ | ୦୭.୦୦-୧୬.୦୦ | ୧ |
| ୭. | ଭଞ୍ଜନଗର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୩୩ କେଭି ସ୍ୱିଚ୍‌ୟାର୍ଡ଼ | ୨୦.୦୧.୨୧ | ୦୭.୦୦-୧୬.୦୦ | ୧ |
| ୮. | ୨୨୦ କେଭି ଭଞ୍ଜନଗର-ମେରାମୁଣ୍ଡଳୀ ସର୍କିଟ୍-I | ୨୦.୦୧.୨୧ ଏବଂ ୨୧.୦୧.୨୧ | ୦୭.୦୦-୧୬.୦୦ | ୨ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, ବ୍ରହ୍ମପୁର** | | | |
| ୧. | ୧୩୨ କେଭି ବ୍ରହ୍ମପୁର-ମୋହନା ଲାଇନ୍ | ୦୫.୦୧.୨୧ | ୦୭.୦୦-୧୬.୦୦ | ୧ |
| ୨. | ନରେନ୍ଦ୍ରପୁର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୩୩ କେଭି ବସ୍ ସେକ୍ସନ-II ଏବଂ ୪୦ ଏମ୍‌ଭିଏ ଟ୍ରାନ୍ସଫର୍ମର | ୦୭.୦୧.୨୧ | ୦୭.୦୦-୧୬.୦୦ | ୧ |
| ୩. | ୨୨୦ କେଭି ନରେନ୍ଦ୍ରପୁର-ମେଣ୍ଢାଶାଳ ସର୍କିଟ୍-I (ଲୋକେସନ୍ ନଂ. ୨୬୧ ପର୍ଯ୍ୟନ୍ତ) | ୧୩.୦୧.୨୧ ଠାରୁ ୧୫.୦୧.୨୧ | ୦୭.୦୦-୧୬.୦୦ | ୩ |
| ୪. | ୧୩୨ କେଭି ଛତ୍ରପୁର-ଆସ୍କା ଡି.ସି ଲାଇନ୍ | ୧୬.୦୧.୨୧ | ୦୭.୦୦-୧୬.୦୦ | ୧ |
| ୫. | ୨୨୦ କେଭି ନରେନ୍ଦ୍ରପୁର-ମେଣ୍ଢାଶାଳ ସର୍କିଟ୍-II (ଲୋକେସନ୍ ନଂ. ୨୬୧ ପର୍ଯ୍ୟନ୍ତ) | ୨୦.୦୧.୨୦ ଠାରୁ ୨୨.୦୧.୨୧ | ୦୭.୦୦-୧୬.୦୦ | ୩ |
| ୬. | ୨୨୦ କେଭି ନରେନ୍ଦ୍ରପୁର-ଥେରୁବାଲି ସର୍କିଟ୍-I (ଡୁମୁଲାପଦାର ପର୍ଯ୍ୟନ୍ତ) | ୨୭.୦୧.୨୧ ଠାରୁ ୨୯.୦୧.୨୧ | ୦୭.୦୦-୧୬.୦୦ | ୩ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, ଛତ୍ରପୁର** | | | |
| ୧. | ଛତ୍ରପୁର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୩୩ କେଭି ସ୍ୱିଚ୍‌ୟାର୍ଡ଼ | ୧୮.୦୧.୨୧ | ୦୭.୦୦-୧୬.୦୦ | ୧ |
| ୨. | ମୋହନା ସବ୍‌ଷ୍ଟେସନ୍ ଠାରେ ୩୩ କେଭି ସ୍ୱିଚ୍‌ୟାର୍ଡ଼ | ୨୦.୦୧.୨୧ | ୦୭.୦୦-୧୬.୦୦ | ୧ |
| ୩. | ୧୩୨ କେଭି ଛତ୍ରପୁର-ବାଲୁଗାଁ ଲାଇନ୍ | ୨୦.୦୧.୨୧ | ୦୭.୦୦-୧୬.୦୦ | ୧ |
| ୪. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ବାଲୁଗାଁ | ୨୦.୦୧.୨୧ | ୦୭.୦୦-୧୬.୦୦ | ୧ |
| ୫. | ୧୩୨ କେଭି ବାଲୁଗାଁ-ସୋଲାରି ଟ୍ରାକ୍ସନ ଲାଇନ୍ | ୨୦.୦୧.୨୧ | ୦୭.୦୦-୧୬.୦୦ | ୧ |
| (ଛ) | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ, ଚାଇଁପାଳ** | | | |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, ଚାଇଁପାଳ/ମେରାମୁଣ୍ଡଳୀ/ଢ଼େଙ୍କାନାଳ** | | | |
| ୧. | ୨୨୦ କେଭି ଟିଟିପିଏସ୍-ମେରାମୁଣ୍ଡଳୀ ସର୍କିଟ୍-I | ୦୨.୦୧.୨୧ | ୦୭.୦୦-୧୬.୦୦ | ୧ |
| ୨. | ୨୨୦ କେଭି ଟିଟିପିଏସ୍-ମେରାମୁଣ୍ଡଳୀ ସର୍କିଟ୍-II | ୦୪.୦୧.୨୧ | ୦୭.୦୦-୧୬.୦୦ | ୧ |
| ୩. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ଖଜୁରିଆକଟା | ୦୮.୦୧.୨୧ | ୦୭.୦୦-୧୬.୦୦ | ୧ |
| ୪. | ୪୦୦କେଭି ମେରାମୁଣ୍ଡଳୀ-ମେଣ୍ଢାଶାଳ ଲାଇନ୍ | ୦୫.୦୧.୨୧ | ୦୭.୦୦-୧୬.୦୦ | ୧ |
| ୫. | ୨୨୦ କେଭି ମେରାମୁଣ୍ଡଳୀ-ଭଞ୍ଜନଗର ସର୍କିଟ୍-II | ୦୫.୦୧.୨୧ ରୁ ୦୮.୦୧.୨୧ | ୦୭.୦୦-୧୬.୦୦ | ୪ |
| ୬. | ୧୩୨ କେଭି ମେରାମୁଣ୍ଡଳୀ-ଢ଼େଙ୍କାନାଳ ଲାଇନ୍ | ୧୬.୦୧.୨୧ | ୦୭.୦୦-୧୬.୦୦ | ୧ |
| ୭. | ୨୨୦ କେଭି ମେରାମୁଣ୍ଡଳୀ-ଭଞ୍ଜନଗର ସର୍କିଟ୍-I | ୨୦.୦୧.୨୧ ଠାରୁ ୨୨.୦୧.୨୧ | ୦୭.୦୦-୧୬.୦୦ | ୩ |
| ୮. | ମେରାମୁଣ୍ଡଳୀ ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨ କେଭି ସ୍ୱିଚ୍‌ୟାର୍ଡ଼ | ୨୦.୦୧.୨୧ ଏବଂ ୨୧.୦୧.୨୧ | ୦୭.୦୦-୧୬.୦୦ | ୨ |
| ୯. | ୪୦୦/୨୨୦/୧୩୨ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ମେରାମୁଣ୍ଡଳୀ (୨୨୦ କେଭି ବସ୍-I) | ୨୦.୦୧.୨୧ ରୁ ୨୧.୦୧.୨୧ | ୦୭.୦୦-୧୬.୦୦ | ୨ |
| ୧୦. | ମେରାମୁଣ୍ଡଳୀ ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୪୦୦/୨୨୦ କେଭି ଆଇସିଟି-I ର କଣ୍ଡିସନ୍ ମନିଟରିଙ୍ଗ୍ ଟେଷ୍ଟ ଓ ଇକ୍ୟୁପମେଣ୍ଟ ମେଣ୍ଟେନାନ୍ସ ପାଇଁ | ୨୫.୦୧.୨୧ଏବଂ ୨୬.୦୧.୨୧ | ୦୭.୦୦-୧୬.୦୦ | ୨ |
| ୧୧. | ୧୩୨ କେଭି ମେରାମୁଣ୍ଡଳୀ-ବିଆରଜି ଫିଡର | ୨୫.୦୧.୨୧ | ୦୭.୦୦-୧୬.୦୦ | ୧ |
| ୧୨. | ୧୩୨ କେଭି ଖଜୁରିଆ-ନୂଆପାଟଣା ଲାଇନ୍ (ଲୋକେସନ୍ ନଂ.୮୧ ରୁ ୧୪୭) | ୨୫.୦୧.୨୧ | ୦୭.୦୦-୧୬.୦୦ | ୧ |
| ୧୩. | ୧୩୨ କେଭି ଢ଼େଙ୍କାନାଳ-ଯୋରନ୍ଦା ଟ୍ରାକ୍ସନ ଲାଇନ୍ | ୨୭.୦୧.୨୧ | ୦୭.୦୦-୧୬.୦୦ | ୧ |
| ୧୪. | ମେରାମୁଣ୍ଡଳୀ ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୪୦୦/୨୨୦ କେଭି ଆଇସିଟି-II ର କଣ୍ଡିସନ୍ ମନିଟରିଙ୍ଗ୍ ଟେଷ୍ଟ ଓ ଇକ୍ୟୁପମେଣ୍ଟ ମେଣ୍ଟେନାନ୍ସ ପାଇଁ | ୨୭.୦୧.୨୧ ଏବଂ ୨୮.୦୧.୨୧ | ୦୭.୦୦-୧୬.୦୦ | ୨ |
| ୧୫. | ୨୨୦ କେଭି ମେରାମୁଣ୍ଡଳୀ-ଡୁବୁରି ସର୍କିଟ୍-II | ୨୮.୦୧.୨୧ ରୁ ୩୦.୦୧.୨୧ | ୦୭.୦୦-୧୬.୦୦ | ୩ |
| ୧୬. | ୨୨୦/୧୩୨ କେଭି ଅଟୋ-I ମେରାମୁଣ୍ଡଳୀ | ୨୯.୦୧.୨୧ | ୦୭.୦୦-୧୬.୦୦ | ୧ |
| ୧୭. | ୨୨୦/୧୩୨ କେଭି ଅଟୋ-II ମେରାମୁଣ୍ଡଳୀ | ୩୦.୦୧.୨୧ | ୦୭.୦୦-୧୬.୦୦ | ୧ |
| (ଜ) | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ, କଟକ** | | | |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, କଟକ/ଚୌଦ୍ୱାର** | | | |
| ୧. | ୧୩୨ କେଭି ଜଗତ୍‌ସିଂହପୁର-ଗୋରଖନାଥ ଟ୍ରାକ୍ସନ ଲାଇନ୍ | ୦୬.୦୧.୨୧ | ୦୭.୦୦-୧୬.୦୦ | ୧ |
| ୨. | ୧୩୨ କେଭି ଜଗତ୍‌ସିଂହପୁର-ତିର୍ତ୍ତୋଲ ଲାଇନ୍ | ୨୦.୦୧.୨୧ | ୦୭.୦୦-୧୬.୦୦ | ୧ |
| ୩. | ୧୩୨ କେଭି ନୂଆପାଟଣା-ଆରତୀ ଲାଇନ୍ ଲୋକେସନ୍ ନଂ. ୧୪୮ ରୁ ଆରତୀ ଶେଷ ପର୍ଯ୍ୟନ୍ତ | ୨୫.୦୧.୨୧ | ୦୭.୦୦-୧୬.୦୦ | ୧ |

OIPR-04011/11/0079/2021

## ଦୋଷୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡାଦେଶ

ବାରିପଦା ଅଫିସ: ମୟୂରଭଞ୍ଜ ଜିଲା ବାରିପଦା ସ୍ୱତନ୍ତ୍ର ଟ୍ରାକ୍ କୋର୍ଟରେ ଆସିଷ୍ଟାଣ୍ଟ ସେସନ୍ସ ଜଜ ଆଶାପୂର୍ଣ୍ଣା ମହାପାତ୍ର ଏକ ବଳାତ୍କାର ମାମଲାର ବିଚାରକରି ଦୋଷୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୧୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲ ଦଣ୍ଡ ପାଇଁ ଆଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ବାରିପଦା ସଦର ଥାନା ମହୁଲିଆ ଗ୍ରାମର ସୁଶାନ୍ତ ସିଂ(୨୫)। ୨୦୧୮ ମାର୍ଚ୍ଚ ୨୪ରେ ବାରିପଦା ସଦର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ସୁଶାନ୍ତ ଅପହରଣ ପରେ ବଳାତ୍କାର କରିଥିବା ନେଇ ପୀଡ଼ିତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି।

# ଭିତରକନିକା ଅରଣ୍ୟ ନିବାସ ଲୋକାର୍ପିତ

ରାଜନଗର,୨୪।୧୨(ଡି.ଏନ୍.ଏ.)



ଲୋକାର୍ପଣ ଉତ୍ସବରେ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ।

କେନ୍ଦ୍ରାପଡ଼ା ଜିଲା ରାଜନଗରଠାରେ ଭିତରକନିକା ଅରଣ୍ୟ ନିବାସକୁ ଗୁରୁବାର ଭିଡିଓ କନ୍ଫରେନ୍ସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭିତରକନିକାର ବିଭବକୁ ପ୍ରଶଂସା କରିବା ସହ ପର୍ଯ୍ୟଟକମାନଙ୍କୁ ଅଧିକ ଆକୃଷ୍ଟ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି ବୋଲି କହିଥିଲେ। ଆୟୋଜିତ ଉତ୍ସବରେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କୁ ଅରଣ୍ୟ ନିବାସ ଲୋକାର୍ପଣ କରିଥିବାରୁ ଧନ୍ୟବାଦ ଜଣାଇଥିଲେ। ନିବାସ ନିର୍ମାଣରେ ୩ କୋଟି ଟଙ୍କା ବ୍ୟୟ ହୋଇଥିବା ସେ କହିଥିଲେ। ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ଅଧିକ ଆକର୍ଷିତ କରିବାକୁ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଭିତରକନିକା ଜୈବ ବିବିଧତା କ୍ଷେତ୍ରରେ ଦେଶ ବିଦେଶର ପକ୍ଷୀ, ବଉଳା କୁମ୍ଭୀର, ଅଲିଭ୍‌ରିଡ୍‌ଲେ କଇଁଛଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଗାମୀ ଦିନରେ ଏହାର ବିକାଶ ପାଇଁ ପଦକ୍ଷେପ ନିଆଯିବ। ଚଳିତ ମାସରେ ପର୍ଯ୍ୟଟକମାନଙ୍କୁ ଭିତରକନିକାକୁ ଆକର୍ଷିତ କରିବାକୁ ଇକୋ ରିଟ୍ରିଟ୍‌ର ବ୍ୟବସ୍ଥା କରାଯାଇଛି। ଉତ୍ସବରେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ପୌରୋହିତ୍ୟ କରିଥିବା ବେଳେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗ ଦେଇଥିଲେ। ଭିତରକନିକା ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ଏହା ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ବିଭାଗ ପକ୍ଷରୁ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଯେଉଁ ପ୍ରୟାସ କରାଯାଇଛି ତାହା ଦ୍ୱାରା ସ୍ଥାନୀୟ ବେକାର ଯୁବକମାନେ କର୍ମ ସଂସ୍ଥାନ ପାଇପାରିବେ ବୋଲି ବିଧାୟକ ସାହୁ କହିଥିଲେ। ଅରଣ୍ୟ ନିବାସରେ ୧୨ଟି କୋଠରି ରହିଛି। କୋଠରିର ମୂଲ୍ୟ ୨୨ଶହ ଟଙ୍କା ଥିବା ବେଳେ ଗୁରୁବାର ୫ଟି ବୁକିଂ ହୋଇଛି। କାର୍ଯ୍ୟକ୍ରମରେ ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ଶ୍ୱେତ ସ୍ନିଗ୍ଧା ମିଶ୍ର ଯୋଗଦେଇ ଓଟିଡିସି ପକ୍ଷରୁ ଭିତରକନିକାକୁ ଆସୁଥିବା ଆଗନ୍ତୁକ ଅତିଥିମାନଙ୍କୁ ଆତିଥେୟତା ପ୍ରଦାନ କରିବା କ୍ଷେତ୍ରରେ ସବୁ ପ୍ରକାର ସହଯୋଗର ହାତ ବଢ଼ାଯିବ ବୋଲି କହିଥିଲେ। ଶେଷରେ ଜିଲାପାଳ ସମର୍ଥ ବର୍ମା ଧନ୍ୟବାଦ ଦେଇଥିଲେ।

କାର୍ଯ୍ୟକ୍ରମରେ ଭିନ୍ନକ୍ଷମ କମିଶନ ଅଧ୍ୟକ୍ଷା ସୁଲୋଚନା ଦାସ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜନଗର ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ଏମ୍‌ପିଙ୍କ ପ୍ରତିନିଧି ଅଶୋକ କୁମାର ପ୍ରତିହାରୀ, ଡାଙ୍ଗମାଳ ସରପଞ୍ଚ ରମେଶ ଚନ୍ଦ୍ର ବେହେରା, ସମିତିସଭ୍ୟା ନନ୍ଦିନୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ଓପିଏସ୍ ଅଫିସର ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୨୪।୧୨(ବ୍ୟୁରୋ):** ୧୪ଜଣ ଓପିଏସ୍ ଅଫିସରଙ୍କୁ ବଦଳି କରାଯାଇଛି। ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀରୁ ଟ୍ରେନିଂ ସାରିଥିବା ୯ଜଣ ଡିଏସ୍‌ପି ର୍‍ୟାଙ୍କ୍‌ର ଅଫିସରଙ୍କୁ ନୂଆ ନିଯୁକ୍ତି ମିଳିଛି।

ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ(ଇନ୍‌ଚାର୍ଜ) ରଞ୍ଜନ କୁମାର ଦେଙ୍କୁ କାମାକ୍ଷାନଗର ଏସ୍‌ଡିପିଓ(ଇନ୍‌ଚାର୍ଜ) ଭାବେ ବଦଳି କରାଯାଇଛି। ଡିଏସ୍‌ପି (ଇନ୍‌ଚାର୍ଜ) ସ୍ପେଶାଲ ବ୍ରାଞ୍ଚ ସୀତାକାନ୍ତ କାନୁନ୍‌ଗୋଙ୍କୁ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ(ଇନ୍‌ଚାର୍ଜ), ଭଦ୍ରକ ଡିଏସ୍‌ପି(ମୁଖ୍ୟାଳୟ) ସୁନିଲ କୁମାର ନନ୍ଦଙ୍କୁ ବାଙ୍କୀ ଏସ୍‌ଡିପିଓ, କାମାକ୍ଷାନଗର ଏସ୍‌ଡିପିଓ (ଇନ୍‌ଚାର୍ଜ) ସୁପ୍ରସନ୍ନ କୁମାର ମଲ୍ଲିକଙ୍କୁ କଟକ ଡିଏସ୍‌ପି (ଇନ୍‌ଚାର୍ଜ) ଆଇୟୁସିଡବ୍ଲ୍ୟୁ, ଦେବଗଡ ଏସ୍‌ଡିପିଓ ସୁଲେମାନ ଏକ୍କାଙ୍କୁ ଢେଙ୍କାନାଳ ଡିଏସ୍‌ପି ଆଇୟୁସିଡବ୍ଲ୍ୟୁ, ଆନନ୍ଦପୁର ଏସ୍‌ଡିପିଓ ବିଦ୍ୟୁତ୍ ଚନ୍ଦ୍ର ପଣ୍ଡାଙ୍କୁ କଟକ ଡିଏସ୍‌ପି ଷ୍ଟେଟ୍ ଏଚ୍‌ଆର୍‌ପିସି, ବାଲୁଗାଁ ଏସ୍‌ଡିପିଓ ସୁରେଶ କୁମାର ଦାସଙ୍କୁ ଆନନ୍ଦପୁର ଏସ୍‌ଡିପିଓ, ଏସ୍‌ଡିପିଓ ରାଜଗାଙ୍ଗପୁର ସ୍ନେହାଶିଷ ସାହୁଙ୍କୁ କନ୍ଧମାଳ ଡିଏସ୍‌ପି ଆଇୟୁସିଡବ୍ଲ୍ୟୁ, ବୀରମିତ୍ରପୁର ଏସ୍‌ଡିପିଓ ନିବେଦିତା ସୋରେନଙ୍କୁ ଡିଏସ୍‌ପି(ମୁଖ୍ୟାଳୟ) ବରଗଡ, ପାଲ୍‌ଲହଡ଼ା ଏସ୍‌ଡିପିଓ ଯଶୋବନ୍ତ ସାମଲଙ୍କୁ ବୀରମିତ୍ରପୁର ଏସ୍‌ଡିପିଓ, ଯାଜପୁର ଡିଏସ୍‌ପି ଆଇୟୁସିଡବ୍ଲ୍ୟୁ ନାରାୟଣ ଚନ୍ଦ୍ର ବାରିକଙ୍କୁ ଏସ୍‌ଡିପିଓ ଯାଜପୁର, ବାଲିକୁଦା ଏସ୍‌ଡିପିଓ ମାନସ ରଞ୍ଜନ ବାରିକଙ୍କୁ ଏସ୍‌ଡିପିଓ ବାଲୁଗାଁ, କେନ୍ଦୁଝର ଡିଏସ୍‌ପି ଆଇୟୁସିଡବ୍ଲ୍ୟୁ ଦିଲୀପ ଚନ୍ଦ୍ର ବାଗଙ୍କୁ ଏସ୍‌ଡିପିଓ ଚମ୍ପୁଆ, ବୁର୍ଲା ଏସ୍‌ଡିପିଓ ବୁର୍ଲା କମ୍ ଡିଏସ୍‌ପି ଏଚ୍‌ଏସ୍‌ଏଫ୍ ଶିଶୁ ରଞ୍ଜନ ମହାପାତ୍ରଙ୍କୁ ଡିଏସ୍‌ପି ଆଇୟୁସିଡବ୍ଲ୍ୟୁ ସମ୍ବଲପୁର ଭାବେ ବଦଳି କରାଯାଇଛି।

୯ ଡିଏସ୍‌ପି ର୍‍ୟାଙ୍କର ଅଫିସରଙ୍କ ମଧ୍ୟରେ ସନ୍ତକ ଜେନାଙ୍କୁ ଖରିଆର ଏସ୍‌ଡିପିଓ, ସତ୍ୟବ୍ରତ ଦାଶଙ୍କୁ ବୁର୍ଲା ଏସ୍‌ଡିପିଓ, ଅଂଶୁମାନ ଦ୍ୱିବେଦୀଙ୍କୁ ମାଲକାନଗିରି ଏସ୍‌ଡିପିଓ, ସୁମନ ରଞ୍ଜିତା ସିଂଙ୍କୁ ପାଲଲହଡ଼ା ଏସ୍‌ଡିପିଓ ଭାବେ ନିଯୁକ୍ତି ମିଳିଛି। ଏଥିସହିତ ଡିଏସ୍‌ପି ପ୍ରତ୍ୟୁଷ ମହାପାତ୍ରଙ୍କୁ ଦେବଗଡ଼ ଏସ୍‌ଡିପିଓ, ଅନୁପ ଅଭିଷେକ ବେହେରାଙ୍କୁ ଜୟପୁର ଏସ୍‌ଡିପିଓ, ଦିନେଶ ଚନ୍ଦ୍ର ନାୟକଙ୍କୁ ନବରଙ୍ଗପୁର, ମନୋଜ କୁମାର ପୂଜାରୀଙ୍କୁ ବାଲିଗୁଡ଼ା ଏସ୍‌ଡିପିଓ ଏବଂ ଗାୟତ୍ରୀ ପ୍ରଧାନଙ୍କୁ ରାଜଗାଙ୍ଗପୁର ଏସ୍‌ଡିପିଓ ଭାବେ ନିଯୁକ୍ତି ମିଳିଛି।

# ଉପଭୋକ୍ତାଙ୍କ ଅଧିକାରରେ ସାଲିସ ହେବନାହିଁ: ମନ୍ତ୍ରୀ

**ଭୁବନେଶ୍ୱର,୨୪।୧୨(ବ୍ୟୁରୋ):** ରାଜ୍ୟ ସରକାରଙ୍କ ପକ୍ଷରୁ ଉପଭୋକ୍ତାଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି। ଉପଭୋକ୍ତାଙ୍କ ଅଧିକାରକୁ କୌଣସି ପ୍ରକାର ସାଲିସ୍ କରାଯିବ ନାହିଁ। ଖାଉଟି ସୁରକ୍ଷା ଆଇନ ଅନୁସାରେ ଉପଭୋକ୍ତା କିଭଳି ନିଜକୁ ସୁରକ୍ଷିତ ରଖିପାରିବେ ସେଥିପାଇଁ ସବୁସ୍ତରରେ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଗୁରୁବାର ଜାତୀୟ ଉପଭୋକ୍ତା ଦିବସ–୨୦୨୦ ପାଳନ ଅବସରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନ ରାଜ୍ୟ ଉପଭୋକ୍ତା ସଚେତନତା ପ୍ରତିଷ୍ଠାନ ଆନୁକୂଲ୍ୟରେ ଏକ ୱେବିନାର ଆୟୋଜିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ସଚେତନ ଖାଉଟି ହିଁ ସୁରକ୍ଷିତ ରହିବ । ଏହି ବାର୍ତ୍ତା ସାଧାରଣରେ ପହଞ୍ଚାଇବା ପାଇଁ ବିଭାଗ ନିରନ୍ତର ଉଦ୍ୟମ ଜାରି ରଖିଛି । ଉପଭୋକ୍ତା ସୁରକ୍ଷା ଆଇନ ୨୦୧୯ରେ ଥିବା ପ୍ରାବଧାନ ଓ ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି।

# 'ସହରାଞ୍ଚଳ ବିକାଶରେ ଓଡ଼ିଶା ହେବ ରୋଲ୍ ମଡେଲ'

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

**ରାଜ୍ୟର ପ୍ରଥମ ଟାଉନ ପ୍ଲାନିଂ ଯୋଜନାରେ ଗ୍ରାମବାସୀଙ୍କୁ ପଟ୍ଟା ବଣ୍ଟନ**

ରାଜ୍ୟର ପ୍ରଥମ ଟାଉନ ପ୍ଲାନିଂ ଯୋଜନାରେ ଗୁରୁବାର ଭୁବନେଶ୍ୱର ଉପକଣ୍ଠର ୪ଟି ଗାଁ ସହଜପୁର, ନରଗୋଦା, ସଜ୍ଜୁପୁଟ ଓ ପାଇକରାପୁର ଗ୍ରାମବାସୀଙ୍କୁ ବିକଶିତ ଅଞ୍ଚଳର ଜମିପଟ୍ଟା ଆବଣ୍ଟନ କରାଯାଇଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍ଫରେନ୍ସ ଜରିଆରେ ପଟ୍ଟା ଆବଣ୍ଟନ କରିଛନ୍ତି। ସହରାଞ୍ଚଳ ବିକାଶରେ ନାଗରିକ ଓ ଗୋଷ୍ଠୀଗତ ଭାଗୀଦାରି ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା। ଲୋକଙ୍କ ସହଯୋଗରେ ସହରାଞ୍ଚଳରେ ଏହିଭଳି ଯୋଜନାବଦ୍ଧ ବିକାଶ କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶାକୁ ଦେଶର ରୋଲ୍ ମଡେଲ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଭୁବନେଶ୍ୱର କେବଳ ରାଜ୍ୟ ନୁହେଁ, ସାରା ଦେଶର ଏକ ଆକର୍ଷଣୀୟ ସହର। ଏହାର ଲୋକସଂଖ୍ୟା ଓ ପରିସୀମା କ୍ରମାଗତ ଭାବେ ବୃଦ୍ଧି ପାଉଛି। ଏହି ଦୃଷ୍ଟିରୁ ଏହାର ସାମଗ୍ରିକ ବିକାଶ ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ସହର ଉପକଣ୍ଠରେ ଜନସାଧାରଣଙ୍କ ଭାଗୀଦାରିରେ ଟାଉନ ପ୍ଲାନିଂ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଉଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଗାଁର ଲୋକମାନଙ୍କୁ ଧନ୍ୟବାଦ ଦେଇଛନ୍ତି। କ୍ରମବର୍ଦ୍ଧିଷ୍ଣୁ ସହରଗୁଡିକର ଯୋଜନାବଦ୍ଧ ବିକାଶ ପାଇଁ ଏହା ସମ୍ପୂର୍ଣ୍ଣ ଭାବେ ଏକ ସ୍ୱଚ୍ଛ ଓ ବାସ୍ତବବାଦୀ ଉପାୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନା ଯୋଗ୍ୟ ଯେ, ଟାଉନ ପ୍ଲାନିଂ କାର୍ଯ୍ୟକ୍ରମରେ ଯୋଜନା ଅଞ୍ଚଳର ୪୦ ପ୍ରତିଶତ ଜମିକୁ ରାସ୍ତାଘାଟ ଆଦି ବିଭିନ୍ନ ଭିତ୍ତିଭୂମିର ବିକାଶ ପାଇଁ ରଖାଯାଇଛି। ଭିତ୍ତିଭୂମି ବିକାଶ ସହିତ ଜମିର ଦର ବୃଦ୍ଧି ଯୋଗୁ ଜମିମାଲିକମାନେ ଉପକୃତ ହୋଇପାରିବେ। ରାଜ୍ୟରେ ବର୍ତ୍ତମାନ ୫୮ଟି ରାଜସ୍ୱ ଗ୍ରାମରେ ୪୫ ଟାଉନ ପ୍ଲାନିଂ କରାଯାଇଛି। ପ୍ରାଥମିକ ଭାବେ ୪ଟି ଗାଁର ଯୋଜନା ଅନୁମୋଦିତ ହୋଇଛି। ଏଥିରେ ସମୁଦାୟ ୭୪୬ ଏକର ଜମିରେ ଭିତ୍ତିଭୂମିର ବିକାଶ କରାଯାଉଛି।

ଏହି ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତ, ରାଜ୍ୟରେ ପ୍ରଥମ ଥର ବିଡିଏ ପକ୍ଷରୁ ଭୁବନେଶ୍ୱରରେ ଏଭଳି ଅଭିନବ ଯୋଜନା କାର୍ଯ୍ୟକାରୀ କରାଯାଇଛି। ସହର ଭିତ୍ତିଭୂମି ବିକାଶ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ ଆଶା କରିଛନ୍ତି। ଏହି ଅବସରରେ ଏକ ଭିଡିଓ ଚିତ୍ର ପ୍ରଦର୍ଶନ କରାଯାଇଥିଲା। ବୈଠକରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ କୁମାର ମୀନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବ ଜି. ମାଥିଭାଥନନ, ରାଜସ୍ୱ ବିଭାଗ ସଚିବ ବିଷ୍ଣୁପଦ ସେଠୀ ଓ ପୂର୍ତ୍ତ ବିଭାଗ ସଚିବ କ୍ରିଷନ କୁମାର ଏବଂ ବରିଷ୍ଠ ଅଧିକାରୀଗଣ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ ପାଣ୍ଡିଆନ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

## ଖେଳ ଖବର

# ଭାରତୀୟ କ୍ରିକେଟରଙ୍କ କୁସ୍ତି ଡ୍ରିଲ୍

ମେଲବୋର୍ନ, ୨୪।୧୨(ପି.ଟି.)

ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟର ବିପର୍ଯ୍ୟୟ ପରେ ଦ୍ୱିତୀୟ ଟେଷ୍ଟ ପାଇଁ ଟିମ୍ ଇଣ୍ଡିଆର ପ୍ରସ୍ତୁତି ଜୋରଦାର ହୋଇଛି। ଗୁରୁବାର ଖେଳାଳିମାନେ କୁସ୍ତି ଲଢ଼େଇରେ ଯେପରି ଟ୍ରେନିଂ ଡ୍ରିଲ୍ କରାଯାଏ ସେପରି କରିଥିବା ପରିଲକ୍ଷିତ ହୋଇଛି। ଦୁଇ ଖେଳାଳି ପରସ୍ପରକୁ ହରାଇବା ପାଇଁ ପ୍ରୟାସ କରିଥିଲେ। ପୂର୍ବରୁ କ୍ରିକେଟରେ ଏପରି ଟ୍ରେନିଂ ପ୍ରାୟତଃ ଦେଖାଯାଇ ନ ଥିଲା। ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ନେଟ୍ସକୁ ପ୍ରଥମେ ଆସି ଫିଟ୍‌ନେସ ଟେଷ୍ଟ କରିଥିଲେ। ହାତରେ ଏକ ବ୍ୟାଟ୍ ଧରି ସେ ଉଇକେଟ ମଝିରେ ଦୌଡ଼ିଥିଲେ। ଶନିବାରଠାରୁ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଆରମ୍ଭ ହେବ ବକ୍ସିଂ ଡେ' ଟେଷ୍ଟ।

୪୯ଟି ଟେଷ୍ଟ ଖେଳି ୨୧୩ ଉଇକେଟ ନେବାସହ ୧୮୬୯ ରନ କରିଥିବା ଜାଡେଜା ଟି୨୦ ସିରିଜର ଅନ୍ତିମ ୨ ମ୍ୟାଚ ଏବଂ ପ୍ରଥମ ଟେଷ୍ଟରେ ଖେଳିପାରି ନ ଥିଲେ। ପ୍ରଥମ ଟି୨୦ ଅବସରରେ ସେ କନକସନ ଓ ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରିରେ ପୀଡ଼ିତ ହୋଇଥିଲେ। ଯୁବ ଦ୍ରୁତ ବୋଲର ଟି. ନଟରାଜନ ନେଟ୍ସରେ ଚମତ୍କାର ବୋଲିଂ କରି କାମଚଳା ଅଧିନାୟକ ଅଜିଙ୍କ୍ୟ ରାହାନେ ଓ ଚେତେଶ୍ୱର ପୂଜାରାଙ୍କୁ ଅସୁବିଧାରେ ପକାଇଥିଲେ। ଦ୍ୱିତୀୟ ଟେଷ୍ଟ ଖେଳିବା ସମ୍ଭାବନା ଥିବା ଲୋକେଶ ରାହୁଲ ଏବଂ ରିଷଭ ପନ୍ତ ନେଟ୍ସରେ ଅନେକ ସମୟ ବିତାଇଥିଲେ। ୱାର୍ମଅପ୍ ପରେ ଖେଳାଳିମାନେ ନେଟ୍ସରେ ବ୍ୟସ୍ତ ଥିବାବେଳେ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ, ବୋଲିଂ କୋଚ୍ ଭରତ ଅରୁଣ, ବ୍ୟାଟିଂ କୋଚ୍ ବିକ୍ରମ ରାଠୋର ଦୀର୍ଘ ସମୟଧରି ଆଲୋଚନାରତ ଥିଲେ। ପ୍ରଥମ ସନ୍ତାନର ବାପା ହେବାକୁ ଯାଉଥିବା ଅଧିନାୟକ ବିରାଟ କୋହଲି ଭାରତ ଫେରିଛନ୍ତି। ତାଙ୍କ ଅନୁପସ୍ଥିତିରେ ନେତୃତ୍ୱ ନେବାକୁ ଯାଉଥିବା ଅଜିଙ୍କ୍ୟ ରାହାନେଙ୍କ ସହ ମଧ୍ୟ କୋଚ୍‌ମାନେ ବାର୍ତ୍ତାଳାପ କରିଥିଲେ। ଖରାପ ଫର୍ମରେ ଥିବା ପୃଥ୍ୱୀ ଶ' ଚାଇନାମ୍ୟାନ ବୋଲର କୁଲଦୀପ ଯାଦବଙ୍କ ବୋଲିଂକୁ ଅଭ୍ୟାସ କରିଥିଲେ।

ଅନ୍ୟପକ୍ଷରେ କୋଚ୍ ଜଷ୍ଟିନ ଲାଙ୍ଗରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଷ୍ଟିଭ୍ ସ୍ମିଥ, ମାର୍ନସ ଲାବୁସ୍କାନ ବ୍ୟାଟିଂ ଅଭ୍ୟାସ କରିଥିଲେ। ପୂର୍ବତନ ଶ୍ରୀଲଙ୍କା ଅଫ୍‌ସ୍ପିନର ସୁରଜ ରଣଦିବ ଏ ଦୁହିଁଙ୍କୁ ବୋଲିଂ କରିଥିଲେ। ଅଷ୍ଟ୍ରେଲିଆ ଏହାର ପ୍ଲେଇଂ ଇଲେଭେନ ଦ୍ୱିତୀୟ ଟେଷ୍ଟପାଇଁ ଅପରିବର୍ତ୍ତିତ ରଖିବ ବୋଲି ଲାଙ୍ଗର ସୂଚନା ଦେଇଛନ୍ତି। ପ୍ରକାଶ ଯୋଗ୍ୟ ପ୍ରଥମ ଟେଷ୍ଟ ହାରି ଭାରତ ୦–୧ରେ ସିରିଜ ପଛୁଆ ରହିଛି। ଆଡିଲେଡ୍ ଟେଷ୍ଟର ଦ୍ୱିତୀୟ ଇନିଂସରେ ଭାରତ ଲଜ୍ଜାଜନକଭାବେ ସର୍ବନିମ୍ନ ୩୬ ରନ ସ୍କୋର କରି ଚାପରେ ରହିଛି।

# ଶୁଭ୍ରାଂଶୁଙ୍କୁ ଓଡ଼ିଶାର ନେତୃତ୍ୱ

**ସୟଦ ମୁସ୍ତାକ ଅଲି ଟ୍ରଫି**

**ଭୁବନେଶ୍ୱର, ୨୪।୧୨:** ୨୦୨୦–୨୧ ସେସନରେ ଆୟୋଜନ ହେବାକୁଥିବା ସୟଦ ମୁସ୍ତାକ ଅଲି ଟି୨୦ ଘରୋଇ ଟୁର୍ନାମେଣ୍ଟ ପାଇଁ ଗୁରୁବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଆସନ୍ତା ୧୦ ତାରିଖରୁ କୋଲକାତାରେ ଏହି ଟୁର୍ନାମେଣ୍ଟ ଆରମ୍ଭ ହେବ। ଶୁଭ୍ରାଂଶୁ ସେନାପତିଙ୍କୁ ଦଳରେ ନେତୃତ୍ୱ ପ୍ରଦାନ କରାଯାଇଛି। **ଓଡ଼ିଶା ଦଳ:** ଶୁଭ୍ରାଂଶୁ ସେନାପତି (ଅଧିନାୟକ), ବିପ୍ଳବ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର, ପ୍ରତୀକ ଦାସ, ସାନ୍ତ୍ୱନୁ ମିଶ୍ର, ଅଙ୍କିତ ଯାଦବ, ଆଦିତ୍ୟ ରାଉତ, ଗୌରବ ଚୌଧୁରୀ, ସୁକେଶ ହିରା, ୱାଲ୍ଟର ଟପୋ, ରାଜେଶ ଧୂପର (ଉଇକେଟକିପର), ପ୍ରବୀଣ ଲୋହା (ଉଇକେଟକିପର), ସୂର୍ଯ୍ୟକାନ୍ତ ପ୍ରଧାନ, ସର୍ବେଶ୍ୱର ମହାନ୍ତି, ତାରିଣୀ ଶ, ପପୁ ରାୟ, ଅଙ୍କିତକର ଜୟସ୍ୱାଲ, ରାଜେଶ ମହାନ୍ତି, ସୁନୀଲ କୁମାର ରାଉଳ ଓ ଆଶିଷ ରାଏ।

# ଫାଇନାଲରେ ସିଦ୍ଧେଶ୍ୱର ସ୍ପୋର୍ଟିଂ

**ଜଗବନ୍ଧୁ ସ୍ମାରକୀ କ୍ରିକେଟ**

ପୁରୁଣା ଭୁବନେଶ୍ୱର, ୨୪।୧୨(ଡି.ଏନ୍.ଏ.)

ସ୍ଥାନୀୟ ବାଙ୍କୁଆଳ ଖେଳପଡ଼ିଆରେ ଚାଲିଥିବା ଜଗବନ୍ଧୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ବିଜୟୀ ହୋଇ ସିଦ୍ଧେଶ୍ୱର ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସିଦ୍ଧେଶ୍ୱର ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୨୨୯ ରନ କରିଥିଲା। ୨୩୦ ରନ ବିଜୟ ଲକ୍ଷ୍ୟରେ ଭାଲିଆବାଡ଼ି ପୁରା ୨୦ ଓଭର ଖେଳିଥିଲେ ହେଁ ୯ ଉଇକେଟ ହରାଇ ୨୦୫ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଦୀପ୍ତିରଞ୍ଜନ ବିଶ୍ୱାଳ ୫୮ ବଲ୍‌ର ସମ୍ମୁଖୀନ ହୋଇ ଦ୍ରୁତ ୧୦୭ ରନରେ ଅପରାଜିତ ରହିଥିବାବେଳେ ରସାନନ୍ଦ ସ୍ୱାଇଁ ୪ ଓଭରରେ ୩୪ ରନ ଦେଇ ୩ ଉଇକେଟ ହାସଲ କରିଥିଲେ। ଦୀପ୍ତିରଞ୍ଜନ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ସାମାଜିକ କର୍ମୀ ରମେଶ ଚନ୍ଦ୍ର ପଣ୍ଡା ଓ କବିରାଜ ସ୍ୱାଇଁ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସୁଦର୍ଶନ ସାମନ୍ତରାୟ ଓ ଆଲୋକ ସାମନ୍ତରାୟ ଅମ୍ପାୟରିଂ କରିଥିଲେ।

# ସିଡ୍‌ନୀ ଟେଷ୍ଟର ବିକଳ୍ପ ଭେନ୍ୟୁ ମେଲବୋର୍ନ: କ୍ରିକେଟ ଅଷ୍ଟ୍ରେଲିଆ

**ମେଲବୋର୍ନ,୨୪।୧୨(ପି.ଟି.):** ସିଡନୀରେ କୋଭିଡ୍–୧୯ ପ୍ରକୋପ ବଢିବାରେ ଲାଗିଥିବା ବେଳେ ଏଠାରେ ଆୟୋଜନ ହେବାକୁ ଥିବା ଭାରତ–ଅଷ୍ଟ୍ରେଲିଆ ତୃତୀୟ ଟେଷ୍ଟ ନେଇ ଆଶଙ୍କା ପ୍ରକାଶ ପାଇଛି। ଏହି ଟେଷ୍ଟ ଜାନୁୟାରୀ ୭ରୁ ୧୩ ତାରିଖ ମଧ୍ୟରେ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। କରୋନା ସ୍ଥିତି ନିୟନ୍ତ୍ରଣ କରିବାକୁ ପ୍ରୟାସ ଜାରି ରହିଛି। ତେବେ ଯଦି ସ୍ଥିତିରେ ସୁଧାର ନ ଆସେ ତା'ହେଲେ ମେଲବୋର୍ନକୁ ଏହି ମ୍ୟାଚ୍‌ର ବିକଳ୍ପ ଭେନ୍ୟୁ ଭାବେ ବିଚାର କରାଯିବ ବୋଲି କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ତରଫରୁ କୁହାଯାଇଛି।

ସିଡ୍‌ନୀରେ କୋରୋନା ସ୍ଥିତିରେ ପୁଣିଥରେ ଚିନ୍ତା ସୃଷ୍ଟି କରିଛି। ଫଳରେ ତୃତୀୟ ଟେଷ୍ଟ ଅନିଶ୍ଚିତତା ସୃଷ୍ଟି ହୋଇଛି। ସିଡ୍‌ନୀରେ ଏହି ମ୍ୟାଚ୍ ଆୟୋଜନ କରିବାକୁ ସବୁମତେ ଚେଷ୍ଟା କରାଯିବ ବୋଲି ସିଏ ତରଫରୁ କୁହାଯାଇଛି। ତେବେ ବକ୍ସିଂ ଡେ ଟେଷ୍ଟ ଖେଳାଯିବା ଅବସରରେ ଏ ନେଇ ଅନ୍ତିମ ନିଷ୍ପତ୍ତି ନିଆଯିବ। ଏନେଇ କୁଇନ୍ସଲାଣ୍ଡ ସରକାରଙ୍କ ସହ ବୋର୍ଡ ମିଳିତ ଭାବେ କାର୍ଯ୍ୟକରୁଛି ବୋଲି ସିଏ ମଧ୍ୟବର୍ତ୍ତୀକାଳୀନ ମୁଖ୍ୟ କାର୍ଯ୍ୟନିର୍ବାହୀ ନିକ୍ ହୋକ୍‌ଲି କହିଛନ୍ତି। କୁଇନ୍ସଲାଣ୍ଡ ସରକାର ମଧ୍ୟ ଏ ନେଇ ସମର୍ଥନ କରୁଛନ୍ତି। ପୂର୍ବରୁ ମେଲବୋର୍ନ କ୍ରିକେଟ କ୍ଲବ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଏ ନେଇ ସକାରାତ୍ମକ ମନୋଭାବ ପୋଷଣ କରିଛନ୍ତି। କ୍ରମାଗତ ଦୁଇଟି ଟେଷ୍ଟ ଆୟୋଜନ କରିବାକୁ ମେଲବୋର୍ନ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି। ସିରିଜର ଅନ୍ତିମ ତଥା ଚତୁର୍ଥ ଟେଷ୍ଟ ମ୍ୟାଚ୍ ବ୍ରିସ୍‌ବେନ୍‌ର ଗାବା ଷ୍ଟାଡିୟମରେ ଖେଳାଯିବ।

**Office of the Executive Engineer**
**U.K. Head Works Division,**
**Kolabnagar (K), PIN-764011**
Phone/FAX- 06852 259005/e-mail id-eeukhwdivkolab@gmail.com

**CANCELLATION NOTICE NO. 03/2020-21 dtd. 10.12.2020**

**No. A-400:-** The tender for the works invited vide e-Procurement Notice No. EE, UKHW Division, Kolabnagar (K) 03/2020-21 dtd. 10.12.2020 having **BID ID_2020_CCEJE_62820_1** is hereby cancelled.

**Executive Engineer,**
**Upper Kolab Head Works Division, Kolabnagar**
OIPR-32015/11/0011/2021

No. B-565
**OFFICE OF THE ENGINEER-IN-CHIEF (CIVIL), ODISHA**
NIRMAN SOUDHA, UNIT - V, BHUBANESWAR
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523, Fax: (0674) 2395245

**INVITATIONS FOR BIDS (IFB)**
File No. B-IV-H-(H&D)-31/2019
Lr. No. 41221 Bhubaneswar, the 23rd Dec. 2020
**Invitation for Bids**
**Bid Identification No. E.I.C.(B) - 07/2020-21**

| | | | |
|---|---|---|---|
| 1. | The Chief Engineer (Buildings), Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for Construction of Building works as detailed below. | | |
| 2. | Nature of Work | : | Building Work |
| 3. | No. of Work | : | 01 No. |
| 4. | Bid Cost | : | Rs.10,000/- (each) |
| 5. | Class of Contractor | : | Super |
| 6. | Availability of Bid document in the website | : | From Dt.30.12.2020 to 17.00 hours of Dt.27.01.2021 |
| 7. | Date of Opening of Bid | : | Dt.29.01.2021 at 11.30 A.M. |
| 8. | The Bidders have to participate in ONLINE bidding only. Further details can be seen from the website : **https://tendersodisha.gov.in**. Any addendum / corrigendum / cancellation of tender can also be seen in the said website only. | | |

Sd./- Engineer-in-Chief (Buildings)
Odisha, Bhubaneswar
OIPR-34117/11/0011/2021

GOVERNMENT OF ODISHA No. O-799
**OFFICE OF THE EXECUTIVE ENGINEER RURAL WORKS DIVISION, BHUBANESWAR**
Ph. No. 0674-2301787, Fax No. 0674-2300965
E-mail ID: eerw_bbsr@yahoo.co.in
No. Tender-Online-BBSR Divn.-17 Date: 22.12.2020

**e-Procurement NOTICE**

1. Name of the Work : Periodical Maintenance of Road Works
2. Total No. of Packages : 2 Nos.
3. Class of Contractor :
   a) Estimated cost more than 40.00 lakh & not exceeding to Rs.1.50 Crore : "A" & "B" Class (of Odisha PWD) or relevant class of other licencing authorities
   b) Estimated cost more than 20.00 lakh & not exceeding to Rs.40.00 lakh : "B" & "C" Class (of Odisha PWD) or relevant class of other licencing authorities
   c) Estimated cost not exceeding to Rs.20.00 lakh : "C" & "D" Class (of Odisha PWD) or relevant class of other licencing authorities
4. Estimate cost of individual project : Rs.12.00 lakh to 15.00 lakh
5. Time for Completion : 2 (Two) Calendar months
6. Other details

| Procureemnt Officer | Bid Identification No. | Availability of Tender Online for Bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Rural Works Division, Bhubaneswar | Tender Online - BBSR Divn. - 17 | 28.12.2020 at 11.00 A.M. | 07.01.2021 upto 5.00 P.M. | 08.01.2021 at 11.00 A.M. |

Further details can be seen from the website **www.tendersorissa.gov.in**.
Sd./- Executive Engineer
Rural Works Divn., BBSR
OIPR-25066/11/0016/2021

**ODISHA HYDRO POWER CORPORATION LTD.**
OHPC
(A Gold Rated State PSU)
O/o. SR. GENERAL MANAGER, RENGALI HYDRO ELECTRIC PROJECT
P.O.: RENGALI DAM SITE, PIN- 759105, DIST.- ANGUL (ODISHA)
TEL.: 06760-277214, FAX: 06760-277324, Email: sgmel500@gmail.com
No.: RHEP/C&P/PUR-III-17/6956 Date: 18.12.2020

**NOTICE INVITING TENDER No. RHEP-36/2020-21**

No.: CAD-974: Sealed tenders are invited in two part i.e. (i) Techno Commercial Bid & (ii) Price Bid in separate sealed envelopes from the reputed firm/Agency/Contractor.

| Sl. No. | Description of Services | Cost of Tender Paper (Non-refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website | Last date & Time of receipt of Tender | Date & Time of Opening of Techno Commercial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | "Annual maintenance contract of 5× 50MW. Turbines Generators and its Associate Equipment's, H.P. & L.P. Compressors, System, Operation and Maintenance of 02 Nos. of EOT Cranes, 02 Nos. of Gantry Cranes of Rengali Power Hosue" | Rs.11,800/- 10,000/- + GST @ 18% | Rs.53,000/- | Dtd.24.12.2020 to Dtd.11.01.2021 upto 03.30 P.M. | 11.01.21 upto 04.00 P.M. | 11.01.21 at 04.30 P.M. |

For details and further Correspondence/Corrigendum, please visit our website **www.ohpcltd.com**.
Sd./- C & P Head, RHEP, Rengali
OIPR-04005/11/0030/2021

**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Executive Engineer**
**Upper Kolab Head Works Division,**
**At/PO-Kolabnagar, Dist: Koraput**

**e-Procurement notice- EE-UKHWD- 05/2020-21 Dated 14.12.2020 (ONLINE)**

**No. A-402:-**
1. No. of Work : 01 (One) No.
2. Type of Work : Engagement of Security Guard
3. Value of Work : 53.97 Lakh
4. Class of Contractor : Registered & licensed security agencies
5. Period of completion : 243 (Two Hundred Forty three days)
6. Date & time of availability of Bid documents online : 28.12.2020 at 10.00 hours to 18.01.2021 at 17.00 hours
7. Date & Place of opening of Bid online : 19.01.2021 (11.30 hours) at Office of the Executive Engineer, UKHWD, Kolab Nagar
8. Name of the officer inviting Bids. : Executive Engineer, UKHWD, Kolab Nagar

**Further details can be seen in the Govt. of Odisha e-Procurement Website http://www.tendersodisha.gov.in**
**Sd./- Executive Engineer**
**Upper Kolab Head Works Division, Kolabnagar**
OIPR-32015/11/0013/2021

**ODISHA LIFT IRRIGATION CORPORATION LIMITED**
(A Government of Odisha Undertaking)
**OFFICE OF THE EXECUTIVE ENGINEER, L.I. DIVISION, KORAPUT**
E-mail ID: exengerolickpt@gmail.com

**e-Tender Notice**

**Bid Identification No. E.E., Koraput (OLIC) 08/20-21 Dt.22.12.2020**
No. CAD-972: Installation & Energisation/Revivial of 25 Nos. Packages of Lift Irrigation Project Works under different Blocks of Koraput & Malkangiri District.

| | | | |
|---|---|---|---|
| | Execution of L.I. Project Works | - | Under Koraput & Malkangiri District |
| 1 | Cost of Projects | - | 12.89 to 20.33 lakhs each |
| 2 | Class of Contractors | - | Valid Civil 'D' or 'C' Class with Electrical H.T. Licnece (As per specified in DTCN |
| 3 | Availability of Bid in portal | - | 05.01.2021 at 10.00 A.M. to 12.01.2021 upto 05.00 P.M. |
| 4 | Bid Clarification | - | On or before 08.01.2021 during office hours in the Office of the Executive Engineer, L.I. Division, Koraput |
| 5 | Bid opening | - | 13.01.2021 at 11.00 A.M. onwards |

The bidders who have awarded similar nature of work previously but not satisfactory progress till date or the defaulter contractors need not apply. All other information will available in Govt. portal **www.tendersorissa.gov.in**.
**Executive Engineer, L.I. Division, Koraput**
**OIPR-32173/11/0005/2021**

**ମାଙ୍କଡ଼ ଛଡ଼ାଇ ନେଲା ୪ ଲକ୍ଷ**

**ସୀତାପୁର:** ଉତ୍ତରପ୍ରଦେଶର ସୀତାପୁର ଜିଲା କୋଟୱାଲି ଅଞ୍ଚଳରୁ ଜଣେ ବୃଦ୍ଧଙ୍କୁ ଚାପୁଡ଼ା ମାରି ଏକ ମାଙ୍କଡ ତାଙ୍କଠାରୁ ୪ ଲକ୍ଷ ଟଙ୍କା ଭର୍ତ୍ତି ବ୍ୟାଗ ଛଡ଼ାଇନେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ସେଥିରୁ ପ୍ରାୟ ୧୦ ହଜାର ଟଙ୍କା ମାଙ୍କଡ ଚିରି ନଷ୍ଟ କରିଦେଇଛି। ଜମି ବିକ୍ରି ପାଇଁ ରେଜିଷ୍ଟ୍ରି କାର୍ଯ୍ୟାଳୟକୁ ବୃଦ୍ଧ ଜଣକ ଆସିଥିବାବେଳେ ମାଙ୍କଡ଼ ସେହି ବ୍ୟାଗ ଛଡ଼ାଇନେଇ ଗଛକୁ ଚଢ଼ି ଯାଇଥିଲା। ସ୍ଥାନୀୟ ଲୋକେ ମାଙ୍କଡ଼ଠାରୁ ବ୍ୟାଗ ଆଣିଥିଲେ ହେଁ ସେଥିରୁ ୧୦ ହଜାର ଟଙ୍କାର ନୋଟ୍ ଚିରି ଯାଇଥିଲା।

# ମୃତ୍ୟୁରେ ସଂଘର୍ଷ ବିରାମ

ସ୍ୱତନ୍ତ୍ରତା ସଂଗ୍ରାମରେ ହରାଇବାକୁ ପଡ଼ିଛି ଜୀବନ। ଦୀର୍ଘ ୭୨ ବର୍ଷ ଧରି ବେଲୁଚିସ୍ତାନବାସୀଙ୍କ ସଂଘର୍ଷ ଚାଲିଥିବାବେଳେ ସେମାନଙ୍କ ପକ୍ଷରୁ ସ୍ୱର ଉଠାଉଥିବା କରିମା ବାଲୁଚ୍‌ଙ୍କ ମୃତଦେହ ମିଳିଛି କାନାଡାର ଟରଣ୍ଟୋରୁ। ମୃତ୍ୟୁରେ ଶେଷ ହୋଇଛି ଏହି ବେଲୁଚିସ୍ତାନ ସଂଗ୍ରାମୀଙ୍କ ଲଢ଼େଇ। ପାକିସ୍ତାନରେ ତାଙ୍କ ମୁହଁ ବନ୍ଦ କରିବାକୁ ବର୍ବର ପ୍ରୟାସ ଯୋଗୁ ବାଧ ହୋଇ ବହୁ କଷ୍ଟରେ ଦେଶ ଛାଡ଼ିଥିଲେ। ଗତ ରବିବାର ଟରଣ୍ଟୋଠାରେ ସନ୍ଦିଗ୍ଧ ଅବସ୍ଥାରେ କରିମାଙ୍କ ମୃତଦେହ ମିଳିବା ପରେ ବେଲୁଚିସ୍ତାନ ସଂଘର୍ଷ ଇତିହାସରେ ଆଉ ଏକ ପୃଷ୍ଠା ଏହି ସଂଗ୍ରାମୀଙ୍କ ନାଁରେ ଯୋଡିହୋଇଛି।



**ଇସ୍‌ଲାମାବାଦ:** ୧୯୪୮ରୁ ଅଶାନ୍ତି ଓ ଅସୁରକ୍ଷିତ ଅବସ୍ଥାରେ ଜୀବନ ବିତାଉଥିବା ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶବାସୀଙ୍କ ସଂଘର୍ଷର ବର୍ଷ ଲମ୍ବିବାରେ ଚାଲିଛି। ପାକିସ୍ତାନ ସରକାର ଓ ସେନାର ଅତ୍ୟାଚାର, ବର୍ବରତାରୁ ମୁକ୍ତି ପାଇଁ ଲଢ଼େଇ କରି ଜୀବନ ହାରିବା ତାଲିକାରେ ନାଁ ପରେ ନାଁ ଯୋଡି ହେଉଛି। ସଦ୍ୟ ଏହି ଲିଷ୍ଟରେ ସାମିଲ ହୋଇଛନ୍ତି ସାମାଜିକ କର୍ମୀ କରିମା ବେଲୁଚ। ବିଦେଶରେ ରହି ପାକିସ୍ତାନର ଦୋମୁହାଁ ଚେହେରା ଓ ବେଲୁଚିସ୍ତାନ ଲୋକଙ୍କ ଉପରେ ଅମାନୁଷିକ ଅତ୍ୟାଚାରର ମୁଖା ଖୋଲି ସାରା ବିଶ୍ୱକୁ ଅବଗତ କରାଇବା ଯୋଗୁ ତାଙ୍କୁ ଏହି ବଳିଦାନ ଦେବାକୁ ପଡିଛି।

ପାକିସ୍ତାନଠାରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ଦେଶ ଗଠନ ବେଲୁଚିସ୍ତାନବାସୀଙ୍କ ଦାବି ରହିଆସିଛି। ମାର୍ଚ୍ଚ ୨୭, ୧୯୪୮ରେ ଏହି ପ୍ରଦେଶକୁ ପାକିସ୍ତାନ ଜବରଦଖଲ କରି ନେଇଥିବା ସେଠାକାର ସାମାଜିକ କାର୍ଯ୍ୟକର୍ତ୍ତାମାନେ କହିଆସୁଛନ୍ତି। ସେଠାକାର ଲୋକଙ୍କ ମୌଳିକ ଅଧିକାର ଛଡ଼ାଇ ନେବା ସହ ପାକିସ୍ତାନ ସେନା ଦ୍ୱାରା ଅମାନୁଷିକ ଅତ୍ୟାଚାର କରାଯାଉଛି। ପ୍ରତିବାଦକାରୀଙ୍କୁ ଅପହରଣ ପରେ ଅକଥନୀୟ ନିର୍ଯାତନା ଓ ଶେଷରେ ହତ୍ୟା କରାଯାଉଛି। ବିଦ୍ରୋହୀଙ୍କୁ ଆତଙ୍କବାଦୀ ସଜାଯାଉଛି। ସେଠାକାର ପ୍ରାକୃତିକ ସମ୍ପଦ ବ୍ୟବହାର ସତ୍ତ୍ୱେ ଲୋକଙ୍କୁ ଗରିବ, ଅସହାୟ କରି ରଖାଯାଇଛି। ଏ ସବୁରୁ ମୁକ୍ତି ପାଇଁ ଜାରି ସଂଗ୍ରାମରେ ବଳି ପଡ଼ିଥିବା ନାୟିକା ହେଉଛନ୍ତି କରିମା ବେଲୁଚ। ପାକିସ୍ତାନ ସରକାରଙ୍କ ସମାଲୋଚକ କରିମାଙ୍କ ଜୀବନ ବିପଦପୂର୍ଣ୍ଣ ହେବା ପରେ ୨୦୧୬ ଜଣେ ସହଯୋଗୀଙ୍କ ସହାୟତାରେ ସେ କାନାଡାର ଶରଣାର୍ଥୀ ପାଲଟିଥିଲେ। ମନସ୍ତତ୍ତ୍ୱବିତ୍ ବିଷୟର ଛାତ୍ରୀ କରିମା ପାକିସ୍ତାନରେ ବେଲୁଚ୍ ଛାତ୍ର ସଙ୍ଗଠନ 'ଆଜାଦ୍'ର ମୁଖ୍ୟ ରହିଥିଲେ। ପାକିସ୍ତାନ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରି ସେ ଚର୍ଚ୍ଚାକୁ ଆସିଥିଲେ। ୨୦୧୬ରେ ବିବିସି ପକ୍ଷରୁ ଜାରି ଶହେ ଶ୍ରେଷ୍ଠ ପ୍ରଭାବଶାଳୀ ମହିଳାଙ୍କ ତାଲିକାରେ ସେ ସ୍ଥାନିତ ହୋଇଥିଲେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସେହି ବର୍ଷ ରାଖୀପୂର୍ଣ୍ଣିମାରେ ରାଖୀ ପଠାଇବା ସହ ବେଲୁଚିସ୍ତାନ ପାଇଁ ସହାୟତା ମାଗିଥିଲେ। ପାକିସ୍ତାନ ଛାଡିବା ପରେ ମଧ୍ୟ ସେ ସୋସିଆଲ ମିଡିଆ ଓ ବିଭିନ୍ନ ଫୋରମରେ ପ୍ରତିବାଦ ଜାରି ରଖିଥିଲେ। ୨୦୧୮ରେ କରିମା ଟରଣ୍ଟୋରେ ଏକ କାର୍ଯ୍ୟକ୍ରମରେ ଭାଷଣ ଦେଇ ଏହି ପ୍ରସଙ୍ଗ ଉଠାଇବା ସହ ଜାତିସଂଘର ସୁଇଜରଲାଣ୍ଡ ଅଧିବେଶନରେ ବେଲୁଚିସ୍ତାନ ଜବରଦଖଲ କରି ପାକିସ୍ତାନ ସରକାର ସେଠାକାର ଲୋକଙ୍କୁ ବଳପୂର୍ବକ ହଟାଉଥିବା କଥା ମଧ୍ୟ ଉପସ୍ଥାପନ କରିଥିଲେ। ଡିସେମ୍ବର ୧୪ରେ 'ଦି ଗାର୍ଡିଅନ' ଦ୍ୱାରା ପ୍ରକାଶିତ ଏକ ଆର୍ଟିକିଲକୁ ଶେୟାର କରିବା ତାଙ୍କ ଶେଷ ଟୁଇଟ୍ ଥିଲା।

## କେବଳ କରିମା ନୁହନ୍ତି

କାନାଡ଼ାରେ ଥିବାବେଳେ ଡିସେମ୍ବର ୨୦ ତାରିଖ ସନ୍ଧ୍ୟାରୁ ହଠାତ୍ ନିଖୋଜ ହୋଇଯାଇଥିଲେ କରିମା। ରାତି ପ୍ରାୟ ୩ଟା ବେଳକୁ ତାଙ୍କ ମୃତଦେହ ଟରଣ୍ଟୋରୁ ଜବତ କରାଯାଇଥିଲା। କରିମାଙ୍କୁ ହତ୍ୟା କରାଯାଇଥିବା ଏବଂ ଏହା ପଛରେ ପାକିସ୍ତାନ ସରକାର ଓ ସେନା ଆଇଏସ୍‌ଆଇର ହାତ ରହିଥିବା କୁହାଯାଉଛି। ସେହିପରି ପାକିସ୍ତାନ ସରକାରଙ୍କ ବିରୋଧରେ ସ୍ୱର ଉଠାଇଥିବା ବେଲୁଚିସ୍ତାନ ପୋଷ୍ଟ ଖବରକାଗଜ ପ୍ରତିଷ୍ଠାତା ସାଜିଦ୍ ହୁସେନ୍‌ଙ୍କୁ ଗତ ଏପ୍ରିଲରେ ସ୍ୱିଡେନରୁ ଅପହରଣ ପରେ ହତ୍ୟା କରାଯାଇଥିଲା। ବେଲୁଚିସ୍ତାନ ମାନବାଧିକାର କର୍ମୀ ସାବିର୍‌ଙ୍କୁ ୨୦୧୬ରେ ପାକିସ୍ତାନରେ ଗିରଫ କରାଯିବା ପରେ ଆଉ ତାଙ୍କ ପତ୍ତା ମିଳି ପାରି ନାହିଁ। ତାଙ୍କୁ ମଧ୍ୟ ପାକିସ୍ତାନ ଗୋଇନ୍ଦା କର୍ମୀମାନେ ହତ୍ୟା କରିଥିବା କୁହାଯାଉଛି।

# ମାଲଦ୍ୱୀପର ଫଟୋ ଶେୟାର କଲେ ମୌନୀ



ମୌନୀ ରୟ

**ନୂଆଦିଲ୍ଲୀ:** ଟିଭିରୁ ବଲିଉଡ୍‌ରେ ପହଞ୍ଚିଥିବା ମୌନୀ ରୟ ଏବେ ସୋସିଆଲ ମିଡିଆରେ ଛାଇ ରହିଛନ୍ତି। ମୌନୀ ପ୍ରାୟ ସବୁବେଳେ ନିଜର ଫଟୋ ଏବଂ ଭିଡିଓ ଶେୟାର କରି ଫ୍ୟାନ୍‌ମାନଙ୍କ ସହିତ ଯୋଡ଼ି ହୋଇ ରହିଥାନ୍ତି। ମୌନୀ ନିଜର ଅଭିନୟ ଦକ୍ଷତା ଏବଂ ଷ୍ଟାଇଲିଶ୍ ଗେଟ୍‌ଅପ୍ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ନିକଟରେ ଅଭିନେତ୍ରୀ ମାଲଦ୍ୱୀପ ସହ ଜଡ଼ିତ କିଛି ଫଟୋ ଇନ୍‌ଷ୍ଟାରେ ଶେୟାର କରିଛନ୍ତି। ଯେଉଁଥିରେ ସେ ସମୁଦ୍ର ମଝିରେ ଏକ ପାୱାର ବୋଟ୍‌ରେ ଥାଇ ପୋଜ୍ ଦେଉଥିବା ନଜର ଆସିଛନ୍ତି। ଆଉ ଏହାର କ୍ୟାପଶନ୍‌ରେ ଲେଖିଛନ୍ତି 'ପୁରୁଣା ଦିନକୁ ମନେପକାଉଛି'। ଏହି ଫଟୋ ଏବେ ଇନ୍‌ଷ୍ଟାରେ ଭାଇରାଲ ହେବାରେ ଲାଗିଛି। ବର୍ତ୍ତମାନ ଏହାକୁ ୫ଲକ୍ଷରୁ ଅଧିକ ଲାଇକ୍ ମିଳିସାରିଲାଣି। ଏହାସହିତ ଫ୍ୟାନ୍‌ମାନଙ୍କର କମେଣ୍ଟର ସୁଅ ଛୁଟୁଛି। ମୌନୀଙ୍କ ହଟ୍ ଏବଂ ଗ୍ଲାମର୍ସ ଲୁକ୍‌ରେ ଫ୍ୟାନ୍‌ମାନେ ପାଗଳ। ୱାର୍କ ଫ୍ରଣ୍ଟ କଥା କହିବାକୁ ଗଲେ କିଛିଦିନ ପୂର୍ବରୁ ମୌନୀଙ୍କ ୱେବ୍‌ସିରିଜ୍ 'ଲଣ୍ଡନ କନ୍‌ଫିଡେନ୍ସିଆଲ' ରିଲିଜ ହୋଇଛି। ଏଥିରେ ତାଙ୍କ କାମକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି। ଏହି ସିରିଜ୍‌ଟି କ୍ରାଇମ୍ ଏବଂ ଥ୍ରିଲର୍‌କୁ ନେଇ ହୋଇଛି। ବଲିଉଡ୍ କ୍ୟାରିୟର କଥା କହିଲେ ଅଭିନେତା ଅକ୍ଷୟ କୁମାରଙ୍କ ସହ 'ଗୋଲ୍ଡ' ଫିଲ୍ମରେ ମୌନୀଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିଥିଲା। 'ମେଡ୍ ଇନ୍ ଚାଇନା'ରେ ମଧ୍ୟ ରାଜକୁମାର ରାଓଙ୍କ ସହ ତାଙ୍କ କାମ ବେଶ୍ ପ୍ରଶଂସାଯୋଗ୍ୟ ଥିଲା। ଆଗକୁ ମୌନୀ ରଣବୀର କପୁରଙ୍କ ଫିଲ୍ମ 'ବ୍ରହ୍ମାସ୍ତ୍ର'ରେ ନଜର ଆସିବେ।

# ନିଆରା ଖ୍ରୀଷ୍ଟମାସ୍ ଟ୍ରି



**ନୂଆଦିଲ୍ଲୀ:** ଏ ବର୍ଷ ଖାଦ୍ୟକୁ ନେଇ ଢେର୍ ଏକ୍ସପେରିମେଣ୍ଟ ହୋଇଥିବା ଦେଖିବାକୁ ମିଳିଛି। ବର୍ଷ ଶେଷ ବେଳକୁ ପୁଣି ଏମିତି ଏକ ଏକ୍ସପେରିମେଣ୍ଟ ସାମ୍ନାକୁ ଆସିଛି। ଚକୋଲେଟ୍‌ରେ ତିଆରି ହୋଇଛି ଖ୍ରୀଷ୍ଟମାସ୍ ଟ୍ରି। ଜଣାଶୁଣା ସେଫ ଆମାଉରୀ ଗୁଇଚନ୍ ଚକୋଲେଟରେ ତିଆରି କରିଛନ୍ତି ଏଭଳି ଏକ ଖ୍ରୀଷ୍ଟମାସ୍ ଟ୍ରି , ଯାହା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ଖ୍ରୀଷ୍ଟମାସ୍ ପାଇଁ ଏବେ ବିଶ୍ୱବ୍ୟାପୀ ଚାରିଆଡ଼େ ଚାଲିଛି ଉତ୍ସବ। ଅବଶ୍ୟ କରୋନା ପାଇଁ ଖ୍ରୀଷ୍ଟମାସ୍ ପାଳନର ମଜା ସେତେଟା ନାହିଁ। ହେଲେ ଏସବୁ ଭିତରେ ବି ବିଭିନ୍ନ ସ୍ଥାନରେ ଖ୍ରୀଷ୍ଟମାସ୍ ପାଇଁ ସାଜସଜ୍ଜା ଚାଲିଛି। ଏହି ଖ୍ରୀଷ୍ଟମାସ୍ ପାଇଁ ଏବେ ପ୍ରସିଦ୍ଧ ସେଫ ଆମାଉରୀ ଗୁଇଚନ୍ ତିଆରି କରିଛନ୍ତି ଏକ ଖ୍ରୀଷ୍ଟମାସ୍ ଟ୍ରି, ଯାହା କେବଳ ବିଭିନ୍ନ ଫ୍ଲେଭରର ଚକୋଲେଟରେ ହିଁ ତିଆରି ହୋଇଛି। ଏହି ଚକୋଲେଟ ଖ୍ରୀଷ୍ଟମାସ୍ ଟ୍ରିକୁ ସୁନ୍ଦରଭାବରେ ସଜାଇ ଏବେ ଗୁଇଚନ୍ ଏହାର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଭିଡିଓରେ ଗୁଇଚନ୍ ଚକୋଲେଟ୍ ତିଆରି କରିବା ଶୈଳୀକୁ ସୁନ୍ଦରଭାବରେ ଦେଖାଇଛନ୍ତି। ବିଭିନ୍ନ ରଙ୍ଗର ଏବଂ ବିଭିନ୍ନ ସ୍ୱାଦର ଚକୋଲେଟକୁ ସେ ସୁନ୍ଦରଭାବରେ ଡିଜାଇନ କରି ଖ୍ରୀଷ୍ଟମାସ୍ ଟ୍ରିର ରୂପ ଦେଇଛନ୍ତି। ଗୁଇଚନଙ୍କର ଏହି ଖ୍ରୀଷ୍ଟମାସ୍ ଟ୍ରିର ଭିଡିଓ ସୋସିଆଲ ମିଡିଆରେ ଶେୟାର ହେବାର ମାତ୍ର ଦିନକ ପରେ ଏହାକୁ ପ୍ରାୟ ୮ ହଜାର ଲୋକ ପସନ୍ଦ କରିଛନ୍ତି ଏବଂ ବହୁ ସଂଖ୍ୟାରେ ସୁନ୍ଦର କମେଣ୍ଟ ମିଳିଛି। ଅଧିକାଂଶ ଏଭଳି ଏକ ଚକୋଲେଟ୍ ତିଆରି କରିବା ପାଇଁ ପ୍ରୟାସ କରିବେ ବୋଲି କହିଛନ୍ତି। ଏହା ସହିତ କିଛି ଲୋକ ଏହି ଚକୋଲେଟ୍ ଟ୍ରି ଦେଖି ବହୁତ ସୁନ୍ଦର ବୋଲି ମତ ଦେଇଛନ୍ତି। ତେବେ ଗୁଇଚନ୍‌ଙ୍କର ଚକୋଲେଟ୍‌ରେ ଏଭଳି ବିଭିନ୍ନ ପ୍ରକାର ଡିଜାଇନ୍ କରିବାରେ ପୂର୍ବରୁ ମଧ୍ୟ ନାଁ ରହିଛି।

# ବାଗବାନ୍: ପ୍ରଥମ ପସନ୍ଦ ନ ଥିଲେ ବିଗ୍ ବି

**ନୂଆଦିଲ୍ଲୀ:** ଘରେ ଘରେ ପରିଚିତ ପାରିବାରିକ ଫିଲ୍ମ 'ବାଗବାନ୍'ର ଷ୍ଟୋରି ୨୦୦୩ରେ ସବୁ ପ୍ରକାର ଦର୍ଶକଙ୍କ ମନରେ ସ୍ୱତନ୍ତ୍ର ଛାପ ଛାଡ଼ିଥିଲା। ବିଗ୍ ବି ଅମିତାଭ ବଚ୍ଚନ, ହେମାମାଳିନୀ, ସଲମାନ ଖାନ ପ୍ରମୁଖଙ୍କୁ ନେଇ ହିଟ୍ ହୋଇଥିବା ଏହି ଚଳଚ୍ଚିତ୍ରରେ ଚର୍ଚ୍ଚିତ ହୋଇଥିଲା ଅମିତାଭଙ୍କ ଚରିତ୍ର। ହେଲେ ମୁଭି ନିର୍ମାଣ ପୂର୍ବରୁ କିନ୍ତୁ ପ୍ରଥମେ ବିଗ୍ ବି ଏହି ରୋଲ୍ ପାଇଁ ପ୍ରଥମ ପସନ୍ଦ ନ ଥିଲେ। କିମ୍ବଦନ୍ତୀ ଅଭିନେତା ଦିଲୀପ କୁମାରଙ୍କୁ ପ୍ରଥମେ ଏହି ଅଫର ଦିଆଯାଇଥିଲା। କିନ୍ତୁ ତାଙ୍କ ବିପକ୍ଷରେ ସହ-ଅଭିନେତ୍ରୀଙ୍କ ବିଷୟରେ ନିଷ୍ପତ୍ତି ନେଇ ନ ପାରିବାରୁ ଦିଲୀପ କୁମାର ଅଭିନୟ କରିବାକୁ ମନା କରିଥିଲେ। ଏଭଳି ଚରିତ୍ର କେବଳ ନର୍ଗିସ୍ କିମ୍ବା ମୀନା କୁମାରୀ ହିଁ କରିପାରିବେ ବୋଲି ସେ ବିଶ୍ୱାସ କରୁଥିଲେ। ଏପରିକି ରାକ୍ଷୀ ଗୁଲ୍‌ଜାର ମଧ୍ୟ ସେତେବେଳେ ଫିଲ୍ମରେ କାମ କରିବା ବନ୍ଦ କରି ଦେଇଥିଲେ। କୌଣସି ସମସାମୟିକ ଅଭିନେତ୍ରୀ ତାଙ୍କ ବିପକ୍ଷରେ ଅଭିନୟ କରିବାକୁ ନ ଥିବାରୁ ଦିଲୀପ ଏହି ଫିଲ୍ମକୁ ପ୍ରତ୍ୟାଖ୍ୟାନ କରିଥିଲେ। ପରେ ଅମିତାଭ ବଚ୍ଚନ ଓ ତାଙ୍କ ବିପକ୍ଷରେ ହେମାମାଳିନୀଙ୍କୁ ନେଇ ପ୍ରସ୍ତୁତ ହୋଇଥିଲା ବାଗବାନ୍। ଏହି ଦୁଇଜଣଙ୍କ ଯୋଡି ମଧ୍ୟ ଫିଲ୍ମକୁ ସୁପରହିଟ୍ କରିପାରିଥିଲା ବୋଲି ଷ୍ଟୋରି ଲେଖିକା ତଥା ଅଭିନେତ୍ରୀ ଅଚଳା ନାଗର କହିଛନ୍ତି।



**ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା**



ହେତାଂଶି ଦାସ (ମେରି)
ଭୂଇଁପୁରୁ, (ନଖରା)
କରୁଣାମୟ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ତୋର ଚଲାପଥ କୁସୁମିତ ହେଉ, ତୋତେ ଦୀର୍ଘାୟୁ କରନ୍ତୁ।
-:ଶୁଭେଚ୍ଛା ସହ:-
ଜେଜେମା', ଅଜା, ଆଈ, ମାମୁ, ମାଇଁ, ବଡ଼ବାପା, ବଡ଼ମା', ବାପା-ବୋଉ, ପିଇସା, ଅପା, ମାଉସୀ, ମଉସା, କୁନା ମାମୁ ଓ ନନା।
ଧ-୬୩୯୯୧

**CLASSIFIED DISPLAY**

| TARIFF | MORE SPACE • SAME PRICE | | | | | | | | GST 5% |
|---|---|---|---|---|---|---|---|---|---|
| | For Single Day | | For 7 Days | | For 15 Days | | For 30 days | | |
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

**ଅଗରବତି ମେସିନ**
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ।
ପ୍ରତ୍ୟେକ ମେସିନ ସହ RAW MATERIAL FREE
Mob.-9078729199, 8018493464

**FINANCE**
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894677450
7325861595

**ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା**
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଗଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ। ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

**HINDUSTAN FINANCE LIMITED**
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

**All India Tower Group**
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍‌ରେ 4G, 5G ଟାୱାର ଲଗାନ୍ତୁ। ଅଗ୍ରିମ 90 ଲକ୍ଷ + ଭଡ଼ା 60 ହଜାର + ବାଇକ୍ + ଲାପ୍‌ଟପ୍। ଶୀଘ୍ର ଯୋଗାଯୋଗ କରନ୍ତୁ
9455900841
7042350747

**GALLERY TOWER COMPANY**
ଦ୍ୱାରା ନିଜର ଖାଲି ଜମି / ଛାତ / କ୍ଷେତ / ପ୍ଲଟ୍ ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ପ୍ରମିଳା ସାହୁ
ପ୍ଲଟ୍ ନଂ.- ୧୮, ରାଜାରାଣୀ କଲୋନୀ, ଟଙ୍କପାଣି ରୋଡ୍, ଭୁବନେଶ୍ୱର
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୬୯୪୬୬

ନବମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଶୁଭେନ୍ଦୁ ଦୀକ୍ଷିତ୍
N/2-146, IRC Village, BBSR
ଆବିର୍ଭାବ: ୦୩।୦୪।୧୯୭୪
ତିରୋଧାନ: ୨୫।୧୨।୨୦୧୧
ଦିନପରେ ଦିନ, ମାସପରେ ମାସ, ବିତିଯାଏ କେତେଯେ ବରଷ ଭୁଲିଗଲ ସେନେହ ମମତା ସବୁ, ନଫେରିବ ବୋଲି ଆସ୍ପାଶ। ସଦ୍‌ଗତି କାମନା କରୁ ଅମର ଆତ୍ମାର, ଈଶ୍ୱରଙ୍କ ପାଖେ ନିତି ନିରନ୍ତର।
-:ଶୋକସନ୍ତପ୍ତ:-
ବାପା, ବୋଉ, ପତ୍ନୀ: ଇପ୍‌ସା, ପୁଅ: ଈଶାନ, ଝିଅ: ଶ୍ରେୟା ଓ ପରିବାରବର୍ଗ।
ଧ-୧୯୩୩୭

ଶ୍ରଦ୍ଧାଞ୍ଜଳି



ଦିବଂଗତା କମଳିନୀ ବିଶ୍ୱାଳ
ଚକିବାଙ୍କ, ରାଜନଗର, କେନ୍ଦ୍ରାପଡ଼ା
ଆମ ମହୀୟସୀ ମାତୃଦେବୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ। କରୁଣାମୟ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା, ପରପାରିରେ ଆପଣ ଶାନ୍ତିରେ ଥାଆନ୍ତୁ।
-:ଶୋକସନ୍ତପ୍ତ ପରିବାର:-
କୃଷ୍ଣଚନ୍ଦ୍ର, ବିଦ୍ୟାଧର, ସର୍ବେଶ୍ୱର, କେଦାର ଚୌଧୁରୀ, ଲଲାଟ କେଶରୀ, ସମ୍ରାଟ କେଶରୀ, ସତ୍ୟଭାମା, ସାବିତ୍ରୀ, ସ୍ୱାଧୀନ, ସବିତା, କୁଞ୍ଜ ବିହାରୀ, ଭାଗୀରଥି, ଗୋପୀନାଥ ସାହୁ, ସୁରେନ୍ଦ୍ର, ସୋମନାଥ ଓ ବନ୍ଧୁ ପରିଜନ, ନାତି, ନାତୁଣୀ: ପଙ୍କଜିନୀ, ଜୟଶ୍ରୀ, କବିତା, ବିଶ୍ୱ ଭାରତୀ।
ଧ-୧୯୩୫୨

## ଚୁଇଂଗମ୍ ଫିଙ୍ଗିଲେ ଜରିମାନା

**ନୂଆଦିଲ୍ଲୀ:** ଚୁଇଂଗମ୍ ଖାଇସାରିବା ପରେ ତାକୁ ଯଦି ରାସ୍ତାରେ ଫିଙ୍ଗି ଦିଅନ୍ତି ତାହେଲେ ଜରିମାନା ଦେବାକୁ ପଡ଼ିବ ୩୬ ହଜାର ଟଙ୍କା। ଏମିତି ଏକ ଅଜବ ନିୟମ ପ୍ରଣୟନ ହୋଇଛି ଥାଇଲାଣ୍ଡରେ। ଚୁଇଂଗମ୍ ଖାଇସାରିବା ପରେ ତାକୁ ଏଣେତେଣେ ଫିଙ୍ଗିବା ହେଉଛି ଏହି ଦେଶରେ ଏକ ଅପରାଧ। ଏହି ନିୟମ ବିଦେଶୀ ପର୍ଯ୍ୟଟକଙ୍କ ଉପରେ ମଧ୍ୟ ଲାଗୁ ହୋଇଥାଏ। ତେଣୁ ଏଭଳି କାମ ନ କରିବା ନିମନ୍ତେ ଆଗରୁ ସତର୍କ ମଧ୍ୟ କରାଯାଇଥାଏ।

## ଦୂତୀଙ୍କୁ ଅର୍ଜୁନ



**ଓ**ଡ଼ିଶାର ୯ମ ଆଥଲେଟ୍‌ଭାବେ ଅର୍ଜୁନ ପୁରସ୍କାର ଗ୍ରହଣ କରିଥିଲେ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ। କରୋନା କଷଣ ମଧ୍ୟରେ ଏହା ବ୍ୟକ୍ତିଗତଭାବେ ଦୂତୀଙ୍କୁ ଏବଂ ଓଡ଼ିଶା କ୍ରୀଡ଼ା ଜଗତକୁ ଉଲ୍ଲସିତ କରିଥିଲା। କୋଭିଡ ପାଇଁ ଏଥର କୋଲକାତାରେ ଉପସ୍ଥିତ ରହି ଭର୍ଚୁଆଲ କାର୍ଯ୍ୟକ୍ରମ ମାଧ୍ୟମରେ ଦୂତୀ ପୁରସ୍କୃତ ହୋଇଥିଲେ। ଆମେରିକୀୟ ଇଏସ୍‌ପିଏନ୍ କ୍ରୀଡ଼ା ଚ୍ୟାନେଲ ପକ୍ଷରୁ ସାହସିକ ପୁରସ୍କାର ମଧ୍ୟ ହାତେଇଥିଲେ ଏହି ତାରକା ଆଥଲେଟ୍। ପାରା ଆଥଲେଟ୍ ଜୟନ୍ତି ବେହେରା ଓ ମହିଳା ହକି ତାରକା ଦୀପ୍ ଗ୍ରେସ୍ ଏକ୍କା ଶ୍ରେଷ୍ଠ ଆଥଲେଟ୍ ଏବଂ ସତ୍ୟରଞ୍ଜନ ପଟ୍ଟନାୟକ ଶ୍ରେଷ୍ଠ କୋଚ୍‌ଭାବେ ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଥିଲେ। ରାଜ୍ୟର ପ୍ରତିଷ୍ଠିତ ପାରା ବ୍ୟାଡ୍‌ମିଣ୍ଟନ କୋଚ୍ ଶିବ ପ୍ରସାଦ ଦାସ ଓ ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି ସହିଦ ସ୍ପୋର୍ଟିଂ ପ୍ରାୟୋଜିତ କମଲ ଗାଙ୍ଗୁଲି କ୍ରୀଡ଼ା ପୁରସ୍କାର ପାଇଥିବାବେଳେ ପାରା ସ୍ପୋର୍ଟ୍ସ ତାରକା ପ୍ରମୋଦ ଭଗତ ଓ ଆଥଲେଟିକ୍ କୋଚ୍ ପଞ୍ଚାନନ ଗନ୍ତାୟତ ଓସ୍‌ଜା ପୁରସ୍କାର, ଦେବାଶିଷ ସାମନ୍ତରାୟ ଓ ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ ସହିଦ ସ୍ପୋର୍ଟିଂ–ମାରୁତୀ ଇଷ୍ଟେଟ ଇଣ୍ଡିଆ କ୍ରିକେଟର ଅଫ୍ ଦି ଇୟର, ନମିତା ଟପ୍ପୋ ଏକଲବ୍ୟ ପୁରସ୍କାର ପାଇବାକୁ ମନୋନୀତ ହୋଇଥିଲେ।



ସତ୍ୟରଞ୍ଜନ ପଟ୍ଟନାୟକ

ବିଦାୟ ବେଳାରେ କ୍ରୀଡ଼ାବର୍ଷ ୨୦୨୦। ବର୍ଷ ଆରମ୍ଭରେ ସବୁକିଛି ଥିଲା ସ୍ୱାଭାବିକ। ଖେଳ ପଡ଼ିଆ ଥିଲା ଚଳଚଞ୍ଚଳ। ମାତ୍ର ମାସ ଦୁଇଟାପରେ ହଠାତ୍ ସବୁକିଛି ବଦଳିବାକୁ ଲାଗିଲା। ଅଦୃଶ୍ୟ ଚକ୍ରବ୍ୟୂହରେ ପେଷି ହୋଇଗଲା କ୍ରୀଡ଼ା ଦୁନିଆ। କୋଭିଡ୍–୧୯ଜନିତ ଅଜଣା, ଅଶୁଣା କଟକଣାରେ ଶିହରିଉଠିଲା ମନ ଓ ହୃଦୟ। ଛାଇଗଲା ନୀରବତା। ଦେଶ ଦୁନିଆର ଖେଳ ଠପ୍ ହୋଇଯିବାରୁ ଅନିଶ୍ଚିତତାରେ ଦିନ କାଟିଲେ କ୍ରୀଡ଼ାବିତ୍। ଭୁବନେଶ୍ୱରରେ ପ୍ରଥମଥର ପାଇଁ କୌଣସି ଏକ ଫିଫା ବିଶ୍ୱକପ (୧୭ ବର୍ଷରୁ କମ୍ ମହିଳା)କୁ ନିକଟରୁ ଦେଖିବାକୁ ଆଶା ବାନ୍ଧିଥିବା ଓଡ଼ିଶା କ୍ରୀଡ଼ାପ୍ରେମୀ ହୋଇଥିଲେ ନିରାଶ। ଏପରି ଏକ ସମସ୍ୟା ବହୁଳ ବର୍ଷରେ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ଅର୍ଜୁନ ପୁରସ୍କାର ପାଇବା ରାଜ୍ୟ କ୍ରୀଡ଼ାକୁ ଉଲ୍ଲସିତ କରିଥିଲା...




ମନୀଷା ମେରେଲ

## ଖେଳୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ

ଭୁବନେଶ୍ୱରରେ ଆୟୋଜିତ ହୋଇଥିଲା ସର୍ବପ୍ରଥମ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ। ଏଥିରେ ୧୫୯ ବିଶ୍ୱବିଦ୍ୟାଳୟର ୩୪୦୦ ଆଥଲେଟ୍ ଭାଗ ନେଇଥିଲେ। ୧୦୦ ଓ ୨୦୦ ମିଟରରେ ଦୂତୀ ଚାନ୍ଦ, ମହିଳା ଲଙ୍ଗଜମ୍ପରେ ମନୀଷା ମେରେଲ ଜିତିଥିଲେ ସ୍ୱର୍ଣ୍ଣ ପଦକ। ସେହିପରି କିଟ୍‌ରେ ଆୟୋଜିତ ହୋଇଥିଲା ଜାତୀୟ ସିନିୟର ଭଲିବଲ। ସତ୍ୟବ୍ରତ ଷ୍ଟାଡିୟମରେ ଜାତୀୟ ସବ୍‌ଜୁନିୟର ସଫ୍ଟବଲ୍, ବାରବାଟୀ ଷ୍ଟାଡିୟମରେ ମହିଳା ଚ୍ୟାଲେଞ୍ଜର ଟ୍ରଫି, କଳିଙ୍ଗରେ ଜାତୀୟ ସ୍ପୋର୍ଟ୍ସ କ୍ଲାଇମ୍ବିଂ, ଉତ୍କଳ କରାଟେ ସ୍କୁଲରେ ପ୍ରଥମ ଇଷ୍ଟଜୋନ୍ କରାଟେ, କଳିଙ୍ଗରେ ସର୍ବଭାରତୀୟ ବନ ବିଭାଗ କ୍ରୀଡ଼ା ଆୟୋଜନ କରି ଓଡ଼ିଶା ପ୍ରଶଂସା ସାଉଁଟିଥିଲା।



# ଖେଳ ପଡ଼ିଆ ଖାଁ ଖାଁ

## କରୋନା କଷଣ

**ଅ**ନେକ ସମ୍ଭାବନା ନେଇ ଆରମ୍ଭ ହୋଇଥିଲା ବର୍ଷ ୨୦୨୦। ଏ ବର୍ଷ ଓଡ଼ିଶାରେ ଆୟୋଜନ ହେବାକୁଥିବା ଅନେକ କ୍ରୀଡ଼ା ପ୍ରତିଯୋଗିତା। ଏହାମଧ୍ୟରେ ବିଶେଷ ଆକର୍ଷଣ ଥିଲା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍। ମାତ୍ର କରୋନା କଟକଣାରେ ସବୁ ଯେପରି ବାଟବଣା ହୋଇଗଲା। ଖେଳ ପଡ଼ିଆ ଖାଁ ଖାଁ। ଛାଇଗଲା ନୀରବତା। କଳିଙ୍ଗ ଷ୍ଟାଡିୟମରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ମ୍ୟାଚ, ଉତ୍କଳ କରାଟେ ସ୍କୁଲରେ ରାଜ୍ୟ ସବ୍‌ଜୁନିୟର କରାଟେ, ରାଜ୍ୟ ବାହୁକୁସ୍ତି, ସମ୍ବଲପୁରର କୁଚିଣ୍ଡାରେ ଟେନିସ କ୍ରିକେଟ ଫେଡେରେଶନ କପ୍, ଭୁବନେଶ୍ୱରରେ ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଆଦି ସ୍ଥଗିତ ରହିଲା। ଖେଳ ପଡ଼ିଆକୁ ଫେରିବାର ବାଟ ବନ୍ଦ ହୋଇଯିବାରୁ ମାର୍ଚ୍ଚରେ କଳାହାଣ୍ଡି କପ୍ କ୍ରିକେଟ, କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବା ଭାରତ–କାତାର ଫିଫା ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ, ୟୁନିଟ–୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ହେବାକୁଥିବା ଟାଟା–ଉତ୍କଳିକା କପ୍ ଫୁଟବଲ ଟୁର୍ନାମେଣ୍ଟ ଏବଂ କଳିଙ୍ଗ ଷ୍ଟାଡିୟମରେ ହକି ପ୍ରୋ ଲିଗ୍‌ର ଶେଷ ପର୍ଯ୍ୟାୟ ମ୍ୟାଚ ମଧ୍ୟ ସ୍ଥଗିତ ରହିଲା।

## ପରଲୋକ

**କ**ରୋନାଜନିତ ଅନିଶ୍ଚିତତା ମଧ୍ୟରେ କେତେକ ବିଶିଷ୍ଟ ଖେଳାଳିଙ୍କ ପରଲୋକ କ୍ରୀଡ଼ା ମହଲକୁ ଶୋକାକୁଳ କରିଥିଲା। ସେମାନଙ୍କ ମଧ୍ୟରେ ରହିଥିଲେ ପୂର୍ବତନ ଫୁଟବଲ ଖେଳାଳି ସୁବାସ ଚନ୍ଦ୍ର ବୋଷ, ଅବଦୁଲ ଜବାର, ରମଜାନ ଖାଁ, ଗୋପାଳ ପଲ୍, ଏ.ନରେଶ, ବାହାଦୂର ସିଂ, ଜାତୀୟ ସ୍ତରୀୟ ସନ୍ତରଣକାରୀ ଶିବନାରାୟଣ ଦାସ, କୃଷ୍ଣଚନ୍ଦ୍ର ରାଉତରାୟ, ଜାତୀୟ ସ୍ତରୀୟ ଫୁଟବଲ ରେଫରି ତଥା ପୂର୍ବତନ ଖେଳାଳି ଶିବପ୍ରସାଦ ଦାସ, ପୂର୍ବତନ ରଣଜୀ ଖେଳାଳି ଶାନ୍ତନୁ ଶତପଥୀ, ପୂର୍ବତନ ସିପକ୍‌ଟାକ୍ର ଖେଳାଳି ମୁନା ବାରିକ, ପାରା ଆଥଲେଟ୍ ସୁକାନ୍ତ ଚୌଧୁରୀଷ୍ ଏବଂ ବିଶିଷ୍ଟ କ୍ୟୁ ସ୍ପୋର୍ଟ୍ସ ତାରକା ଏହସାନ ଉଲ୍ ହକ୍।

## କ୍ରିକେଟରେ କମାଲ

**ଦୁ**ଇବର୍ଷ ବ୍ୟବଧାନରେ ପରେ ଓଡ଼ିଶା ରଣଜୀ ଟ୍ରଫିର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଛତିଶଗଡ଼ ବିପକ୍ଷରେ ଏକ ଇନିଂସ ଓ ୩ ରନରେ, ସର୍ଭିସେସ ବିପକ୍ଷରେ ଏକ ଇନିଂସ ଓ ୩୧ ରନରେ ଏବଂ ଉତ୍ତରାଖଣ୍ଡ ବିପକ୍ଷରେ ୧୦ ଉଇକେଟରେ ବିଜୟୀ ହୋଇଥିବା ଓଡ଼ିଶା ପ୍ରଥମ ଇନିଂସ ପଛୁଆ ଭିତ୍ତିରେ ତ୍ରିପୁରା ବିପକ୍ଷରେ ମ୍ୟାଚ ଡ୍ର ରଖିଥିଲା। ହରିୟାଣା ବିପକ୍ଷରେ ୧ ଉଇକେଟରେ ବିଜୟୀ ହେବାପରେ ଜମ୍ମୁ–କଶ୍ମୀରଠାରୁ ୪ ଉଇକେଟରେ ପରାସ୍ତ। ଆସାମ ବିପକ୍ଷରେ ଇନିଂସ ଓ ୩ ରନରେ ବିଜୟୀ ଏବଂ ମହାରାଷ୍ଟ୍ରଠାରୁ ୧୦ ଉଇକେଟରେ ପରାସ୍ତ। ଝାଡ଼ଖଣ୍ଡ ବିପକ୍ଷରେ ମ୍ୟାଚ ଡ୍ର ରଖି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବାବେଳେ ବେଙ୍ଗଲଠାରୁ ହାରି ଅଭିଯାନ ଶେଷ କରିଥିଲା। ଓସିଏର ଭିଜନ ୨୦୨୪ ଅଭିଯାନ ଅନ୍ତର୍ଗତ ବର୍ଷ ଶେଷ ଭାଗରେ ଆନ୍ତଃଜିଲା ସିନିୟର ଟି୨୦ ଲିଗ୍ ଆୟୋଜନ ହୋଇଥିଲା। ଗୁରୁତ୍ୱପୂର୍ଣ୍ଣ ପଦ ମଧ୍ୟରେ ପୂର୍ବତନ ଓପନର ସୁବ୍ରତ ବେହେରା ହୋଇଥିଲେ ଓସିଏର ନୂଆ ସିଇଓ। ପୂର୍ବତନ ଅଧିନାୟକ ରଶ୍ମିରଞ୍ଜନ ପରିଡ଼ା ମୁଖ୍ୟ କୋଚ୍ ପଦ ବଜାୟ ରଖିଥିବାବେଳେ ପ୍ରଭଞ୍ଜନ ମଲିକ ସିନିୟର ଚୟନ କମିଟି ମୁଖ୍ୟ ହୋଇଥିଲେ।




## ସୁନୀତା, ପ୍ରଜ୍ଞାନଙ୍କ ଅବସର

**ବ**ର୍ଷ ଆରମ୍ଭରୁ ଓଡ଼ିଶା ମହିଳା ହକି ପାଇଁ ଆସିଥିଲା ଖରାପ ଖବର। ଭାରତୀୟ ମହିଳା ହକି ଦଳର ପୂର୍ବତନ ଅଧିନାୟିକା ସୁନୀତା ଲାକ୍ରା ଅନ୍ତର୍ଜାତୀୟ ହକିକୁ ଜଣାଇଥିଲେ ଅଲ୍‌ବିଦା। ଓଡ଼ିଆ ସ୍ପିନର ପ୍ରଜ୍ଞାନ ଓଝାଙ୍କ ଅବସର ମଧ୍ୟ କ୍ରିକେଟ ପ୍ରେମୀଙ୍କୁ ବ୍ୟଥିତ କରିଥିଲା। ଏହି ବାମହାତୀ ସ୍ପିନର ହାଇଦ୍ରାବାଦ ପକ୍ଷରୁ ପ୍ରଥମଶ୍ରେଣୀ କ୍ରିକେଟରେ ପ୍ରତିନିଧିତ୍ୱ କରି ଜାତୀୟ ଦଳରୁ ଖେଳିଥିଲେ।

ସୁନୀତା ଲାକ୍ରା




ସ୍ୱସ୍ତି ସିଂ

## ୟୁଥ୍ ଗେମ୍ସରେ ଓଡ଼ିଆଙ୍କ ଚମକ

**ଜା**ନୁୟାରୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ସାଇକ୍ଲିଂ ଇଭେଣ୍ଟରେ ବାଜି ମାରିଥିଲେ ଓଡ଼ିଶା ପ୍ରତିଯୋଗୀ। ୨୧ ବର୍ଷରୁ କମ୍ ୩୦ କିଲୋମିଟର ଟାଇମ୍ ଟ୍ରାଏଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲେ ଦୀନେଶ କୁମାର। ଏହାର ଗୋଟିଏ ଦିନ ପରେ ୨୧ ବର୍ଷରୁ କମ୍ ବାଳିକା ୬୦ କିଲୋମିଟର ବ୍ୟକ୍ତିଗତ ରୋଡ୍ ରେସ୍‌ରେ ସ୍ୱସ୍ତି ସିଂ ଜିତିଥିଲେ ରୌପ୍ୟ ପଦକ। କେବଳ ସେତିକି ନୁହେଁ ସେ ୨୧ ବର୍ଷରୁ କମ୍ ସାଇକ୍ଲିଂ ବାଳିକା ସ୍କ୍ରାଚ୍ ଏବଂ ୩୦୦୦ ମିଟର ଟ୍ରାକ୍ ବ୍ୟକ୍ତିଗତ ପର୍ସ୍ୟୁଟ ଇଭେଣ୍ଟରେ ସେ ସ୍ୱର୍ଣ୍ଣ ପଦକ ଜିତି ନିଜ ପଦକ ସଂଖ୍ୟାକୁ ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟରେ ପହଞ୍ଚାଇଥିଲେ। ବାଳିକା ସନ୍ତରଣରେ ପ୍ରତ୍ୟାଶା ରାୟଙ୍କୁ ୨ଟି ରୌପ୍ୟ ପଦକ ମିଳିଥିଲା। ୧୭ ବର୍ଷରୁ କମ୍ ବାଳିକା ଓ ୨୧ ବର୍ଷରୁ କମ୍ ପୁରୁଷ ହକିରେ ଓଡ଼ିଶା ପାଇଥିଲା ବ୍ରୋଞ୍ଜ୍ ପଦକ। ପ୍ରତିଯୋଗିତାରେ ଓଡ଼ିଶାକୁ ୫ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୮ ବ୍ରୋଞ୍ଜ ପଦକ ସହ ୨୧ ପଦକ ମିଳିଥିଲା।

## ଫେରିଲେ ଆଶୀର୍ବାଦ

ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ସମ୍ପାଦକ ନିର୍ବାଚିତ। ସଭାପତି ଭାବେ ପୂର୍ବତନ ବିଧାୟକ ତଥା ଫାଓର ପୂର୍ବତନ ସଭାପତି ଦେବାଶିଷ ସାମନ୍ତରାୟ ପଦବୀ ବଜାୟ ରଖିଥିଲେ। ପୂର୍ବରୁ କ୍ରିକେଟ ଏବଂ



ଅଲିମ୍ପିକ୍ ଆସୋସିଏଶନର ସର୍ବେସର୍ବାଥିବା ଆଶୀର୍ବାଦ ପ୍ରଥମ ଥର ପାଇଁ ଫୁଟବଲ ସଂଘର ଦାୟିତ୍ୱ ନେଲେ। ରିଣ୍ଟୁ ମିତ୍ର ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ନିର୍ବାଚିତ ହୋଇଥିବାବେଳେ ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆର ସଭାପତିଭାବେ କିଟ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ନିର୍ବାଚିତ ହୋଇ ରାଜ୍ୟକୁ ଗର୍ବିତ କରିଥିଲେ।

## ଶୁଭମ୍‌ଙ୍କ ପାଇଁ ଶୁଭ

**ଯୁ**ବ ଓଡ଼ିଆ ଖେଳାଳି ଶୁଭମ୍ ଷଡ଼ଙ୍ଗୀ ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟ ପାଇଁ ଭାରତୀୟ ସମ୍ଭାବ୍ୟ ଫୁଟବଲ ଦଳରେ ସ୍ଥାନ ପାଇଥିଲେ। ସେହିପରି ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ପାଇଁ ଜାତୀୟ ଚୟନ ଶିବିରରେ ଓଡ଼ିଶାର ମଞ୍ଜୁ ଗଞ୍ଜୁ ଓ ଜ୍ୟୋତି କୁମାରୀ ସାମିଲ ହୋଇଥିଲେ।

## ଓଡ଼ିଶା ପୁରସ୍କୃତ

**କ୍ରୀ**ଡ଼ା ପ୍ରୋତ୍ସାହନ ଲାଗି ଦ୍ୱିତୀୟ ଥରପାଇଁ ଓଡ଼ିଶା ପୁରସ୍କୃତ। ମୁମ୍ବାଇରେ ସ୍ପୋର୍ଟ୍ସଷ୍ଟାର ଏସେସ ପୁରସ୍କାର ଉତ୍ସବରେ ଓଡ଼ିଶାକୁ 'ବେଷ୍ଟ ଷ୍ଟେଟ୍ ଫର ପ୍ରମୋଶନ ଅଫ୍ ସ୍ପୋର୍ଟ୍ସ' ପୁରସ୍କାର ମିଳିଥିଲା। ପ୍ରମୋଦ ଭଗତ 'ସ୍ପୋର୍ଟ୍ସମ୍ୟାନ ଅଫ ଦି ଇୟର'(ପାରା ସ୍ପୋର୍ଟ୍ସ) ଏବଂ ଦୀପ୍ ଗ୍ରେସ୍ ଏକ୍କା 'ସ୍ପୋର୍ଟ୍ସ ଓମ୍ୟାନ ଅଫ ଦି ଇୟର'ପୁରସ୍କାର ପାଇଥିଲେ। ଓଡ଼ିଶା ରଗ୍‌ବୀ ଇଣ୍ଡିଆର ପ୍ରାୟୋଜକ ହୋଇଥିଲା।



କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସହ ଦୀପ୍‌ଗ୍ରେସ୍ ଏକ୍କା ଓ ପ୍ରମୋଦ ଭଗତ।




## ପଦ୍ମିନୀଙ୍କ ଲାଗି ଚର୍ଚ୍ଚାରେ ଚେସ୍

**କ**ରୋନା କହର କ୍ରୀଡ଼ାବିତ୍‌ଙ୍କୁ କିଂକର୍ତ୍ତବ୍ୟବିମୂଢ଼ କରି ଦେଇଥିବାବେଳେ ଏକାଧିକ ପଦକ ହାସଲ କରି ଚେସ୍‌କୁ ଚର୍ଚ୍ଚାରେ ରଖିଥିଲେ ଅନ୍ତର୍ଜାତୀୟ ମାଷ୍ଟର ପଦ୍ମିନୀ ରାଉତ। ଜାତୀୟ ଟିମ୍ ଚେସ୍ ଚାମ୍ପିୟନଶିପ୍‌ରେ ପଦ୍ମିନୀ ସ୍ୱର୍ଣ୍ଣ, ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭ ମିଶ୍ର ଓ ବୈଭବ ମିଶ୍ର ବ୍ରୋଞ୍ଜ୍ ପଦକ ପାଇଥିଲେ। ଏସିଆନ ଅନ୍‌ଲାଇନ୍ ଚେସ୍‌ରେ ଭାରତୀୟ ଦଳର ସଦସ୍ୟାଭାବେ ପଦ୍ମିନୀ ରାଉତ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ବୋର୍ଡ ପ୍ରାଇଜ୍‌ଭାବେ ସେ ଏକ ରୌପ୍ୟ ପଦକ ପାଇଥିଲେ। ରାଜ୍ୟର ପ୍ରଥମ ଅନୁଷ୍ଠାନଭାବେ ଏସ.ଆର. ଚେସ୍ ସେଣ୍ଟର ଅନ୍‌ଲାଇନ୍ ଚେସ୍ ଆରମ୍ଭ କରିବା ଯୁବ ଖେଳାଳିଙ୍କୁ ଉତ୍ସାହିତ କରିଥିଲା। ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ରାଜ୍ୟ ଓପନ ଚେସ୍ କ୍ୟାରିୟର ଟାଇଟଲ ସଂଖ୍ୟାକୁ ୬୦ରେ ପହଞ୍ଚାଇ ବ୍ୟକ୍ତିଗତ ସ୍ତରରେ ବଡ଼ ସଫଳତା ପାଇଥିଲେ।

## ଜୟନ୍ତୀଙ୍କୁ ଯୋଗ୍ୟତା, କରାଟେରୁ ସଫଳତା

**କୋ**ଭିଡ୍–୧୯ ପାଇଁ ଖେଳ ଦୁନିଆ ସ୍ଥାଣୁ ଅବସ୍ଥାକୁ ଆସି ଯାଇଥିବାବେଳେ ଟୋକିଓ ପାରା ଅଲିମ୍ପିକ୍ସ ୪୦୦ ମିଟର ପାଇଁ ଜୟନ୍ତୀ ବେହେରାଙ୍କ ଯୋଗ୍ୟତା ଅର୍ଜନ ରାଜ୍ୟ କ୍ରୀଡ଼ାକୁ ଉଲ୍ଲସିତ କରିଥିଲା। ଅନ୍ୟ ଚର୍ଚ୍ଚିତ ଖବର ମଧ୍ୟରେ ମହିଳା ଟି୨୦ ଚ୍ୟାଲେଞ୍ଜ ଟ୍ରଫି ପାଇଁ ଭେଲୋସିଟି ଦଳରେ ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ ସାମିଲ ହୋଇଥିଲେ। ଗୋଆରେ ଅନୁଷ୍ଠିତ ପ୍ରେସିଡେଣ୍ଟ କପ୍ କରାଟେରେ ଅନୁପମା ପାଇଥିଲେ ସ୍ୱର୍ଣ୍ଣିମ ସଫଳତା। ସୁସ୍ମିନୀ ପାଲଟାସିଂଙ୍କୁ ମିଳିଥିଲା ବ୍ରୋଞ୍ଜ୍। ସର୍ବପ୍ରଥମ ପୂର୍ବାଞ୍ଚଳ କରାଟେରେ ଓଡ଼ିଶା ହୋଇଥିଲା ଚାମ୍ପିୟନ। ଅନୁପମା ସ୍ୱାଇଁ ଓ ଦିଲୀପ ଜେନା କୁମିତେ ଏବଂ ଭାଲେନା ଭାଲେଣ୍ଟିନା କାଟା ଅନ୍‌ଲାଇନ୍ ସେମିନାର ପାଇଁ ମନୋନୀତ ହୋଇଥିଲେ। ଜାତୀୟ ଅନ୍‌ଲାଇନ୍ କାଟା ଚାମ୍ପିୟନଶିପ୍‌ରେ ଭାଲେଣ୍ଟିନା ବ୍ରୋଞ୍ଜ୍ ଓ ବେଦାନ୍ତ ଦାସ ରୌପ୍ୟ ପଦକ ପାଇଥିବାବେଳେ ଗୌରୀ ମହାନ୍ତି ଓଡ଼ିଶା ରାଜ୍ୟ କରାଟେ ଆସୋସିଏଶନର ଅନ୍ତରିଣ ସମ୍ପାଦକ ମନୋନୀତ ହୋଇଥିଲେ। ବେଙ୍ଗାଲୁରୁଠାରେ ଅନୁଷ୍ଠିତ ସର୍ବଭାରତୀୟ ସିନିୟର ର୍‌ୟାଙ୍କିଂ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ମନୀଷାଙ୍କୁ ସାଥିକରି ଡବଲ୍ସରେ ଚାମ୍ପିୟନ ହୋଇଥିଲେ ରତ୍ନପର୍ଣ୍ଣା ପଣ୍ଡା। ଜାତୀୟ ମାଷ୍ଟର୍ସ ଗେମ୍‌ର ଉଭୟ ଡିସ୍‌କସ୍ ଓ ଶଟ୍‌ପୁଟ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ ପାର୍ବତୀ ସେଠୀ।



ଜୟନ୍ତୀ ବେହେରା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୫/୨୦୨୦ Bhubaneswar, Friday, December 25/ 2020

# ଭାରତର ସମ୍ଭାବନା କହି ହେବନି

**ଆଡାମ ଗିଲ୍‌କ୍ରିଷ୍ଟ**

ଚଳିତ ସପ୍ତାହାନ୍ତରେ ହେବାକୁଥିବା ବକ୍ସିଂ ଡେ’ ଟେଷ୍ଟ ଲାଗି ଉଭୟ ଦଳ ପ୍ରସ୍ତୁତ ହୋଇ ସାରିଛନ୍ତି। ଆଡିଲେଡ୍‌ରେ ଅବିଶ୍ୱସନୀୟ ଖରାପ ପ୍ରଦର୍ଶନ ଯୋଗୁ ଭାରତର ସମ୍ଭାବନା ସମ୍ପର୍କରେ ଲେଖିବା ଠିକ୍ ହେବ ନାହିଁ। କିନ୍ତୁ ଆସନ୍ତା ଟେଷ୍ଟରେ ଭଲ ଆରମ୍ଭ କରିପାରିଲେ ଟିମ୍ ପେନ୍ ଦଳକୁ ଚ୍ୟାଲେଞ୍ଜ କରିବା ଦିଗରେ ଏହା ବହୁ ପରିମାଣରେ ସହାୟକ ହେବ। ବିରାଟ କୋହଲିଙ୍କ ପ୍ରସ୍ଥାନ ଯୋଗୁ ମିଡିଲ ଅର୍ଡରରେ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ହେଲେ ବହୁ ସପ୍ତାହ ଆଗରୁ ତାଙ୍କ ନିଷ୍ପତ୍ତି ସମ୍ପର୍କରେ ଜଣାଇ ସାରିଥିବାରୁ ମିଡିଲ ଅର୍ଡର ପାଇଁ ଯୋଜନା ପ୍ରସ୍ତୁତ ହୋଇ ସାରିଥିବ। ରିପୋର୍ଟ ଅନୁସାରେ ତାଙ୍କ ସ୍ଥାନରେ କେ.ଏଲ୍. ରାହୁଲ ଖେଳିବେ। ରାହୁଲ ଜଣେ ଶାନ୍ତ ଓ ସ୍ଥିର ସ୍ୱଭାବର ବ୍ୟକ୍ତି। ସେ ଆକ୍ରମଣାତ୍ମକ ମଧ୍ୟ ଖେଳିପାରନ୍ତି। ମହମ୍ମଦ ସାମି ଆଘାତପ୍ରାପ୍ତ ହୋଇଥିବାରୁ ଦଳରେ ଆଉ ଏକ ପରିବର୍ତ୍ତନର ଆବଶ୍ୟକତା ରହିଛି।




ଭାରତୀୟ ଚୟନକର୍ତ୍ତାଙ୍କ ନିକଟରେ ଦୁଇ ବିକଳ୍ପ ନବଦୀପ ସଇନୀ ଓ ମହମ୍ମଦ ସିରାଜ ରହିଛନ୍ତି। ସେମାନେ କାହାକୁ ବାଛୁଛନ୍ତି ତାହା ଲକ୍ଷ୍ୟ କରିବା କଥା। ମୁଁ କିନ୍ତୁ ଭାରତୀୟ ଦଳ ସହ ଅଷ୍ଟ୍ରେଲିଆ ଟୁର୍‌ରେ ଆସିଥିବା ଟି. ନଟରାଜନଙ୍କ ବିଷୟରେ କହିବି। ଟି୨୦ ସିରିଜରେ ସେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଏହି ବାମହାତୀ ପେସ୍ ବୋଲର ପେସ୍ ଆକ୍ରମଣରେ ବିଭିନ୍ନତା ଆଣିପାରନ୍ତି। ସାମିଙ୍କ ସ୍ଥାନରେ ରବୀନ୍ଦ୍ର ଜାଡେଜା ହେଉଛନ୍ତି ଏକ ବିକଳ୍ପ। ହେଲେ ତାଙ୍କୁ ଦଳରେ ନେଲେ ପେସ୍ ବିକଳ୍ପ ସୀମିତ ହୋଇଯିବ। ଆସନ୍ତା ଟେଷ୍ଟରେ ପୃଥ୍ୱୀ ଶ’ଙ୍କ ସ୍ଥାନରେ ଶୁବମନ ଗିଲ୍‌ଙ୍କୁ ନିଆଯାଇ ପାରେ ବୋଲି ଶୁଣିବାକୁ ମିଳୁଛି। ହେଲେ ଶ’ ଜଣେ ଯୁବଖେଳାଳି ହୋଇଥିବାରୁ ଗୋଟିଏ ଟେଷ୍ଟର ପ୍ରଦର୍ଶନକୁ ଭିତ୍ତିକରି ତାଙ୍କୁ ଦଳରୁ ବାହାର କରିବା ଠିକ୍ ହେବ ନାହିଁ। -(ଗେମ୍‌ପ୍ଲାନ)

# ଜାତୀୟ ସିନିୟର ସିଲେକ୍ସନ କମିଟିରେ ଦେବାଶିଷ

**ଅହମ୍ମଦାବାଦ, ୨୪।୧୨ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କ୍ରିକେଟ ଉପଦେଷ୍ଟା କମିଟି ଗୁରୁବାର ଭାରତର ପୂର୍ବତନ ପେସ୍ ବୋଲର ଚେତନ ଶର୍ମାଙ୍କୁ ଜାତୀୟ ସିନିୟର ସିଲେକ୍ସନ ପ୍ୟାନେଲର ଚେୟାରମ୍ୟାନ ଭାବେ ମନୋନୀତ କରିଛି। ଏହି ୫ଜଣିଆ କମିଟିରେ ଓଡ଼ିଶାର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଦେବାଶିଷ ମହାନ୍ତି ଓ ଆବେ କୁରଭିଲ୍ଲା ପାଇଛନ୍ତି। ଦେବାଶିଷ ତାଙ୍କ କ୍ୟାରିୟରରେ ୨ଟି ଟେଷ୍ଟ ଏବଂ ୪୫ ଅନ୍ତର୍ଜାତୀୟ ଦିନିକିଆ, ୧୧୭ଟି ପ୍ରଥମ ଶ୍ରେଣୀ ମ୍ୟାଚ ଓ ୧୨୯ଟି ଲିଷ୍ଟ ଏ’ ମ୍ୟାଚ ଖେଳିଛନ୍ତି। ଏଠାରେ ବିସିସିଆଇର ୮୯ତମ ବାର୍ଷିକ ସାଧାରଣ ଅଧିବେଶନ ଅବସରରେ ଏହି ନୂଆ ପ୍ୟାନେଲ ଗଠନ କରାଯାଇଛି। ସିଲେକ୍ସନ ପ୍ୟାନେଲରେ ପୂର୍ବତନ ଭାରତୀୟ ଖେଳାଳି ସୁନୀଲ ଯୋଶୀ ଓ ହର୍‌ବିନ୍ଦର ସିଂ ମଧ୍ୟ ସ୍ଥାନ ପାଇଛନ୍ତି। ପୂର୍ବତନ ଖେଳାଳି ଚେତନ ଶର୍ମା ତାଙ୍କ ୧୧ବର୍ଷର ଅନ୍ତର୍ଜାତୀୟ କ୍ୟାରିୟରରେ ଭାରତ ତରଫରୁ ୨୩ଟି ଟେଷ୍ଟ ଓ ୬୫ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଖେଳିଛନ୍ତି। ୧୯୮୭ ବିଶ୍ୱକପ୍‌ରେ ସେ ହ୍ୟାଟ୍ରିକ ଉଇକେଟ ନେଇ ଚର୍ଚ୍ଚାରେ ରହିଥିଲେ।



ଦେବାଶିଷ ମହାନ୍ତି

# ୨୦୨୨ ଆଇପିଏଲ୍‌ରେ ୧୦ ଟିମ୍

**ଅହମ୍ମଦାବାଦ,୨୪।୧୨(ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତା’ର ୮୯ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)ରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)କୁ ନେଇ ବଡ଼ ନିଷ୍ପତ୍ତି ନେଇଛି। ଗୁରୁବାର ଅନୁଷ୍ଠିତ ଏହି ହାଇପ୍ରୋଫାଇଲ ବୈଠକରେ ଆଇପିଏଲ୍ ଦଳ ସଂଖ୍ୟା ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ଫଳରେ ୨୦୨୨ରେ ୮ ବଦଳରେ ୧୦ଟି ଦଳ ଆଇପିଏଲ୍‌ରେ ଅଂଶଗ୍ରହଣ କରିବେ। ତେବେ ୨୦୨୧ରେ ପୂର୍ବପରି ୮ ଦଳକୁ ନେଇ ଆଇପିଏଲ୍ ଖେଳାଯିବ। ପୁଣି କୋଭିଡ୍-୧୯ ଦ୍ୱାରା ପ୍ରଭାବିତ ହୋଇଥିବା ଦେଶର ପ୍ରଥମଶ୍ରେଣୀ ମହିଳା ଓ ପୁରୁଷ କ୍ରିକେଟରମାନଙ୍କୁ କ୍ଷତିପୂରଣ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି।

## ବିସିସିଆଇ ଏଜିଏମ୍



ଗୁରୁବାର ଅହମ୍ମଦାବାଦ୍‌ରେ ଅନୁଷ୍ଠିତ ବିସିସିଆଇର ୮୯ତମ ବର୍ଷିକ ସାଧାରଣ ବୈଠକ (ଏଜିଏମ୍) ଅବସରରେ ଅରୁଣ ସିଂ ଧୁମାଲ, ସୌରଭ ଗାଙ୍ଗୁଲି, ଜୟ ଶାହା, ରଜୀବ ଶୁକ୍ଳା ଓ ବ୍ରିଜେଶ ପଟେଲ

ଗୁରୁବାର ଅହମ୍ମଦାବାଦର ମୋଟେରା ଷ୍ଟାଡିୟମରେ ବୈଠକ ହୋଇଥିଲା। ଏଥିରେ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବୋର୍ଡରେ ପୂର୍ବପରି ନିର୍ଦ୍ଦେଶକ ପଦରେ ରହି କାର୍ଯ୍ୟକରିବେ ଓ ରାଜୀବ ଶୁକ୍ଳାଙ୍କୁ ବିସିସିଆଇ ଉପସଭାପତି ଭାବେ ନିଯୁକ୍ତ କରିବା ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ୨୦୨୮ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରିବା ନେଇ ଆଇସିସିର ପ୍ରୟାସକୁ ସମର୍ଥନ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଆସନ୍ତାବର୍ଷ ଆଇପିଏଲ୍‌ରେ ଦଳ ସଂଖ୍ୟା ବୃଦ୍ଧି କରିବା ନେଇ ହେବାକୁ ଥିବା ପ୍ରକ୍ରିୟା ପାଇଁ ହାତରେ ଆବଶ୍ୟକ ସମୟ ନାହିଁ ବୋଲି ବୈଠକରେ ସଦସ୍ୟମାନେ ହୃଦୟଙ୍ଗମ କରିଥିଲେ। କାରଣ ଏଥିପାଇଁ ଟେଣ୍ଡର ଫ୍ଲୋଟିଂ ପ୍ରୋସେସ, ମ୍ୟାଚ ସଂଖ୍ୟା ବୃଦ୍ଧି ଓ ସାମିଲ ହେବାକୁ ଥିବା ସବୁ ବିଦେଶୀ ଖେଳାଳିଙ୍କ ଅନ୍ତର୍ଜାତୀୟ କ୍ୟାଲେଣ୍ଡରରେ ସନ୍ତୁଳନ ଆଣିବା ନିଶ୍ଚିତ ଭାବେ କଷ୍ଟକର ଥିଲା।

**ଅଲିମ୍ପିକ୍ସରେ ଟି୨୦**

୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟର ଟି୨୦ ଫର୍ମାଟ୍‌କୁ ସାମିଲ କରିବାକୁ ଆଇସିସି ପ୍ରୟାସ ଆରମ୍ଭ କରିଛି। ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି (ଆଇଓସି)ଠାରୁ ମଧ୍ୟ ଏ ନେଇ ସ୍ୱଷ୍ଟୀକରଣ ଦେଇଛି। ଏ ସଂକ୍ରାନ୍ତରେ ଆଇସିସିକୁ ସମର୍ଥନ ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ତେବେ ଏ ନେଇ କେତୋଟି ଆଇନଗତ ସମସ୍ୟା ରହିଛି। ବିସିସିଆଇ ଏକ ସ୍ୱୟଂଶାସିତ ସଂସ୍ଥା। ଏହି ଅଟୋନୋମିକୁ ଆମେ ବଜାୟ ରଖିବାକୁ ଚାହିଁବୁ। ଆମର ଲିଗାଲ ଟିମ୍ ଏନେଇ କାର୍ଯ୍ୟକରୁଛି ଏଜିଏମ୍‌ରେ ଭାଗ ନେଇଥିବା ଜଣେ ସଦସ୍ୟ କହିଛନ୍ତି। ତେବେ ଏ ନେଇ ଥିବା ସମସ୍ୟାକୁ ବୋର୍ଡ ତରଫରୁ ସ୍ୱଷ୍ଟ କରାଯାଇନାହିଁ।

**ବିସିସିଆଇ ୧୨୩ ମିଲିୟନ ଡଲାର ହରାଇବ**

ଆଇସିସି କହିବା ଅନୁସାରେ ଆସନ୍ତାବର୍ଷ ଟି୨୦ ବିଶ୍ୱକପ୍ ଆୟୋଜନ କରିବାକୁ ଭାରତ ସରକାରଙ୍କଠାରୁ ପୂରା ଟ୍ୟାକ୍ସ ଛାଡ଼ ନ ପାଇଲେ ବିସିସିଆଇ ଆଇସିସିଠାରୁ ତା’ର ୩୯୦ ମିଲିୟନ ଆମେରିକୀୟ ଡଲାରର ବାର୍ଷିକ ରାଜସ୍ୱ କମାଇବାକୁ ରାଜି ହେବ। ଟ୍ୟାକ୍ସ ଛାଡ଼ ପାଇଁ ଆମେ ସରକାରଙ୍କୁ ଅନୁରୋଧ କରିଛୁ ଓ ଏ ନେଇ ଆଇସିସିକୁ ଅବଗତ କରାଇଛୁ। କିନ୍ତୁ ଯଦି ସରକାର ଟ୍ୟାକ୍ସ ଛାଡ଼ ନ କରିନ୍ତି ତା’ହେଲେ ଆମେ ବାର୍ଷିକ ରାଜସ୍ୱରୁ ୧୨୩ ମିଲିୟନ ଆମେରିକୀୟ ଡଲାର ହରାଇବୁ। ଏପରି ହେଲେ ଆମେ ୨୬୭ ମିଲିୟନ ଡଲାର ପାଇବୁ। ଭାରତ ୨୦୨୧ରେ ଟି୨୦ ବିଶ୍ୱକପ୍ ଆୟୋଜନ କରିବ।

**ପ୍ରଥମଶ୍ରେଣୀ କ୍ରିକେଟରଙ୍କୁ ସହାୟତା**

କୋଭିଡ୍-୧୯ କାରଣରୁ କ୍ଷତିଗ୍ରସ୍ତ ହୋଇଥିବା ସବୁ ମହିଳା ଓ ପୁରୁଷ ପ୍ରଥମଶ୍ରେଣୀ କ୍ରିକେଟରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ମଧ୍ୟ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। କରୋନା କାରଣରୁ ଘରୋଇ କ୍ରିକେଟ ସାଂଘାତିକ ଭାବେ କ୍ଷତିଗ୍ରସ୍ତ ହୋଇଛଇ। ତେବେ ଜାନୁୟାରୀରୁ ସୟଦ ମୁସ୍ତାକ ଅଲି ଟି୨୦ ଚାମ୍ପିୟନଶିପ୍ ଆରମ୍ଭ କରିବାକୁ ବୋର୍ଡ ଯୋଜନା କରୁଛି। ରାଜ୍ୟ ଆସୋସିଏଶନଗୁଡ଼ିକୁ ବୋର୍ଡ ଅର୍ଥ ଦେବ। ଆସୋସିଏଶନଗୁଡ଼ିକ ଏହି ଅର୍ଥ ତା’ର ପୁରୁଷ ଓ ମହିଳା କ୍ରିକେଟରମାନଙ୍କୁ ପ୍ରଦାନ କରିବ।

**ଆଇପିଏଲ୍: ଜୁନିୟର, ମହିଳା କ୍ରିକେଟ ହେବ**

ଆଇପିଏଲ-୧୪ ଚାଲିଥିବା ବେଳେ ବୋର୍ଡ ସବୁ ବୟସବର୍ଗ (୨୩,୧୯, ୧୬ ବର୍ଷରୁ କମ୍) ଟୁର୍ନାମେଣ୍ଟ ଓ ସିନିୟର ଓ ଜୁନିୟର ବର୍ଗର ମହିଳା ଟୁର୍ନାମେଣ୍ଟ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି। ମହାମାରୀ ସମ୍ପର୍କିତ ସମସ୍ୟା ସତ୍ତ୍ୱେ ଏହି ଟୁର୍ନାମେଣ୍ଟ ଆୟୋଜନ ହେବ ବୋଲି ସ୍ୱଷ୍ଟ କରାଯାଇଛି।

**ଶୁକ୍ଳା ନୂଆ ଉପସଭାପତି**

ବରିଷ୍ଠ କଂଗ୍ରେସ ନେତା ରାଜୀବ ଶୁକ୍ଳା ଆନୁଷ୍ଠାନିକ ଭାବେ ବୋର୍ଡର ଉପସଭାପତି ଭାବେ ନିଯୁକ୍ତ ହୋଇଛନ୍ତି। ଉତ୍ତରାଖଣ୍ଡର ମାହି ଚୌଧୁରୀ ଇସ୍ତଫା ଦେବା ପରେ ଏହି ପଦ ଖାଲି ଥିଲା। ସେହିପରି ବ୍ରିଜେଶ ପଟେଲ ଆଇପିଏଲ୍ ଗଭର୍ନିଂ କାଉନସିଲର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବା ଜାରି ରଖିବେ।

**ଗାଙ୍ଗୁଲି, ଶାହା ଭାରତର ପ୍ରତିନିଧିତ୍ୱ କରିବେ**

ଆଇସିସି ବୋର୍ଡରେ ଗାଙ୍ଗୁଲି ପୂର୍ବ ପରି ନିର୍ଦ୍ଦେଶକ ଭାବେ କାର୍ଯ୍ୟକରିବେ। ସେହିପରି ସମ୍ପାଦକ ଜୟ ଶାହା ବିକଳ୍ପ ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟକାରିଣୀ ବୈଠକରେ ଭାରତର ପ୍ରତିନିଧିତ୍ୱ କରିବେ।

**ମହିଳା ଟେଷ୍ଟ ମ୍ୟାଚ ଆୟୋଜନ**

ମହିଳା ଟେଷ୍ଟ ମ୍ୟାଚ ଆୟୋଜନ ନେଇ ବୈଠକରେ ତତ୍ପରତା ପ୍ରକାଶ କରାଯାଇଛି। ଆସନ୍ତାବର୍ଷରୁ ଦୁଇଟି ମହିଳା ଟେଷ୍ଟ ଆୟୋଜନ କରାଯିବ। ତେବେ ଏ ନେଇ ବିସିସିଆଇ ଆପେକ୍ସ କାଉନସିଲ ଅନ୍ତିମ ନିଷ୍ପତ୍ତି ନେବ।

**ଗେମ୍ ଡେଭଲପମେଣ୍ଟ ଜିଏମ୍‌ଙ୍କୁ ବହିଷ୍କାର**

ଗେମ୍ ଡେଭଲପ୍‌ମେଣ୍ଟ ଜିଏମ୍ କେ.ଭି.ପି. ରାଓଙ୍କୁ ବହିଷ୍କାର କରାଯାଇଛି। ଇସ୍ତଫା ଦେବାକୁ ତାଙ୍କୁ କୁହାଯାଇଛି। କୋଭିଡ୍-୧୯ ସମୟରେ କୌଣସି ଆକ୍ସନ ପ୍ଲାନ ପ୍ରସ୍ତୁତ କରିବାରେ ରାଓ ବିଫଳ ହୋଇଥିଲେ। ବିହାରର ପୂର୍ବତନ ଅଧିନାୟକ ଥାଇ ଦୀର୍ଘ ସମୟ ଧରି ବିସିସିଆଇ ପାଇଁ କାର୍ଯ୍ୟ କରିଛନ୍ତି। ସେ ଘରୋଇ କ୍ରିକେଟର ଅପରରେଶନ ମ୍ୟାନ୍ ଭାବେ ବେଶ୍ ସଫଳତା ହାସଲ କରିଥିଲେ।

**ଅମ୍ପାୟର, ସ୍କୋରରଙ୍କ ଅବସର ସୀମା ୬୦କୁ ବୃଦ୍ଧି**

ବିସିସିଆଇ ଅନୁବନ୍ଧିତ ସ୍କୋରର ଓ ଅମ୍ପାୟରଙ୍କ ଅବସର ବୟସାସୀମା ୫୫ରୁ ୬୦କୁ ବୃଦ୍ଧି କରାଯାଇଛି। ଶାରୀରିକ ଓ ମାନସିକ ଭାବେ ଫିଟ୍ ରହିଲେ ଏମାନେ ୬୦ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବାରେ କୌଣସି ଅସୁବିଧା ନାହିଁ ବୋଲି କୁହାଯାଇଛି।

**ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱର ଆଲୋଚନା ହେଲାନି**

ମାଇ୧୧ ସିର୍କଲ ଫାଣ୍ଟାସି ଗେମିଂ ଆପ୍ ପାଇଁ ଗାଙ୍ଗୁଲି ବିଜ୍ଞାପନ କରୁଛନ୍ତି। ଫଳରେ ଡ୍ରିମ୍ ୧୧ ସହିତ ଏହି ଆପ୍‌ର ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା ବଢ଼ିଛି। ଏହା ଗାଙ୍ଗୁଲିଙ୍କ ପାଇଁ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିଲେ ମଧ୍ୟ ବୈଠକରେ ଏ ନେଇ ଗୋଟିଏ ହେଲେ ବି ପ୍ରଶ୍ନ କରାଯାଇ ନାହିଁ ଓ ଆଲୋଚାନ ମଧ୍ୟ ହୋଇନାହିଁ।

# ବାସ୍କେଟ୍‌ବଲ ଖେଳାଳି ସତ୍‌ନାମ ୨ ବର୍ଷ ବାସନ୍ଦ

**ନୂଆଦିଲ୍ଲୀ, ୨୪।୧୨(ପି.ଟି.):** ୨୦୧୫ରେ ପ୍ରଥମ ଭାରତୀୟ ବାସ୍କେଟବଲ୍ ଖେଳାଳି ଭାବେ ଏନ୍‌ବିଏ ଟିମ୍‌ରେ ସାମିଲ ହୋଇଥିବା ସତ୍‌ନାମ ସିଂ ଭମରା ଖେଳରୁ ୨ ବର୍ଷ ବାସନ୍ଦ ହୋଇଛନ୍ତି। ଗତବର୍ଷ ଏକ ଡୋପ୍ ଟେଷ୍ଟରେ ବିଫଳ ହେବା କାରଣରୁ ତାଙ୍କୁ ଜାତୀୟ ନିଶା ନିବାରଣ ସଂସ୍ଥା (ନାଡା) ବାସନ୍ଦ କରିଛି। ୨୫ ବର୍ଷୀୟ ସତ୍‌ନାମଙ୍କୁ ଗତବର୍ଷ ନଭେମ୍ବରରେ ସାମୟିକ ଭାବେ ବାସନ୍ଦ କରାଯାଇଥିଲା। ସାଉଥ୍ ଏସିଆନ ଗେମ୍ସ ପ୍ରସ୍ତୁତି ଶିବିରରେ ନାଡା ଦ୍ୱାରା ଆୟୋଜିତ ଏକ ଆଉଟ୍ ଅଫ୍ କମ୍ପିଟିଶନ ଟେଷ୍ଟରେ ସେ ଫେଲ୍ ମାରିଥିଲେ। ତେବେ ସେ ଏହାକୁ ଦ୍ୱନ୍ଦ୍ୱକୁ ଟାଣି ନେଇଛନ୍ତି। ସେ ଏ ନେଇ ନିଶା ନିବାରଣର ଶୃଙ୍ଖଳାଗତ କମିଟି ଦ୍ୱାରା ଏକ ଶୁଣାଣି କରିବାକୁ ନାଡାକୁ ଅନୁରୋଧ କରିଛନ୍ତି। ଏବେ ସତ୍‌ନାମଙ୍କ ବାସନ୍ଦ ଅବଧି ଆସନ୍ତାବର୍ଷ ନଭେମ୍ବର ୧୯ ତାରିଖରେ ଶେଷ ହେବ। ତାଙ୍କ ବାସନ୍ଦ ଅବଧି ୨୦୧୯ରେ ସମାନ ଦିବସରେ ଆରମ୍ଭ ହୋଇଛି। ହାଇଜେନାମିନ୍ ପାଇଁ ସେ ଟେଷ୍ଟରେ ବିଫଳ ହୋଇଛନ୍ତି ବୋଲି ନାଡା ତରଫରୁ କୁହାଯାଇଛି। ୨୦୧୭ରେ ଏହି ପଦାର୍ଥକୁ ନିଷିଦ୍ଧ ତାଲିକାରେ ସାମିଲ କରାଯାଇଥିଲା। ଉଲ୍ଲେଖଥାଉ କି, ୫ ବର୍ଷ ତଳେ ସତ୍‌ନାମଙ୍କୁ ଏନ୍‌ବିଏ ଡ୍ରାଫ୍ଟରେ ଡଲାସ୍ ମାଭେରିକ୍ସ ସାମିଲ କରିଥିଲା ଓ ଏଥି ସହିତ ସେ ଇତିହାସ ସୃଷ୍ଟି କରିଥିଲେ। ଗୋଟିଏ ବର୍ଷ ପରେ ସେ ଭାରତକୁ ଫେରିଥିଲେ। କାନାଡ଼ାର ନ୍ୟାଶନାଲ ବାସ୍କେଟବଲ ଲିଗ୍‌ରେ ଖେଳିବାକୁ ସେଣ୍ଟ ଜନ୍ସ ଏଜ୍ ସହିତ ଚୁକ୍ତି କରି ପୁଣି ଥରେ ଇତିହାସ ସୃଷ୍ଟି କରିଥିଲେ। ସେ ମଧ୍ୟ ଭାରତ ପାଇଁ ଏସିଆନ୍ ଚାମ୍ପିୟନଶିପ୍ , ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ୨୦୧୯ ବିଶ୍ୱକପ୍ କ୍ୱାଲିଫାୟର୍ସ ଭଳି ମେଜର ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ

## ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର.): ସାଲେପୁର ଥାନା ଅଧୀନ ନିଶ୍ଚିନ୍ତକୋଇଲି ବ୍ଲକ ବରାଦ ପଞ୍ଚାୟତର ଡଆଁରମୁହଁ ଗ୍ରାମର ଜଣେ ମହିଳା ଗୁରୁବାର ରାତିରେ କିରୋସିନ ଢାଳି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ସୁନୀଲ ଦାସଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ଦାସ (୫୬)। ପାରିବାରିକ କଳହକୁ କେନ୍ଦ୍ର କରି ଲକ୍ଷ୍ମୀପ୍ରିୟା ଘର ନିକଟରେ ଥିବା ବିଲକୁ ଯାଇ ଦେହରେ ନିଆଁ ଲଗେଇଦେଇଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ତାଙ୍କ ମୃତ୍ୟୁ ହୋଇସାରିଥିଲା। ଏନେଇ ସାଲେପୁର ପୋଲିସରେ ଖବର ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଖବର ଲେଖା ହେବା ବେଳକୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା।

**ସଂକ୍ଷେପରେ**

## ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ବିଶ୍ୱନାଥଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

କଟକ ଅଫିସ, ୨୪।୧୨: ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କ୍ଷେତ୍ରରେ ବାଗ୍ମୀ ବିଶ୍ୱନାଥ କରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଏଥିସହ ଉତ୍କଳ ସାହିତ୍ୟ ସମାଜର ପ୍ରତିଷ୍ଠା ଓ ବିକାଶରେ ବିଶ୍ୱନାଥଙ୍କ ଅବଦାନ ସ୍ମରଣୀୟ। ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଗୁରୁବାର ଆୟୋଜିତ ବାଗ୍ମୀ ବିଶ୍ୱନାଥ କରଙ୍କ ଜୟନ୍ତୀ ଉତ୍ସବରେ ବକ୍ତାମାନେ ଉପରୋକ୍ତ ବିଷୟରେ କହିଥିଲେ। ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ସଞ୍ଜିତ କୁମାର ପଟ୍ଟନାୟକ, କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ବ୍ରହ୍ମାନନ୍ଦ ବିଶ୍ୱାଳ, ବ୍ରହ୍ମାନନ୍ଦ ମହାନ୍ତି, ଗଜେନ୍ଦ୍ର କୁମାର ପାଣି, ଶରତ ଚନ୍ଦ୍ର ଦାଶ ଓ ଅଧାପକ କମଳ ମାହୁନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଧନ୍ୟବାଦ ଦେଇଥିଲେ।


ବଡ଼ଦିନ ପାଳନ ଅବସରରେ କଟକ ମିଶନରୋଡସ୍ଥିତ ଓଡ଼ିଆ ବାପ୍ଟିଷ୍ଟ ଚର୍ଚ୍ଚକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି।

## ଭୂମି ଅଧିଗ୍ରହଣ, ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ

**ରାଣୀହାଟ-ବିରିବାଟୀ ତାଳଦଣ୍ଡା କେନାଲ ରାସ୍ତା**

କଟକ ସଦର,୨୪।୧୨(ଡି.ଏନ୍.ଏ.)

କଟକ ବଡ ଡାକ୍ତରଖାନାର ସୌନ୍ଦର୍ଯ୍ୟକରଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତାଳଦଣ୍ଡା କେନାଲର ଉଭୟ ପାର୍ଶ୍ୱ ବନ୍ଧରେ ରାଣୀହାଟ-ବିରିବାଟୀ ମଧ୍ୟରେ ରାସ୍ତା ନିର୍ମାଣ ପାଇଁ ସ୍ଥିର କରିଛନ୍ତି। ଏହି ଦୁଇ ରାସ୍ତା ପାଇଁ ଭୂମି ଅଧିଗ୍ରହଣ ସହ ଥଇଥାନ ଏବଂ ପୁନର୍ବସତି କାର୍ଯ୍ୟକ୍ରମ ଆରମ୍ଭ ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ପତ୍ରସଂଖ୍ୟା ୩୭୭୦୦/୨୩।୧୨।୨୦ରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ପତ୍ର ଲେଖିଛନ୍ତି। ଏଥିପାଇଁ ସରକାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି। ଘରୋଇ କୋଠା, ଦୋକାନ, ଧାର୍ମିକ ଅନୁଷ୍ଠାନ, କ୍ଲବ, ଗୁହାଳ ଓ ଘରୋଇ ଜାଗା ପାଇଁ ଉକ୍ତ ପ୍ୟାକେଜ୍‌ରେ ବ୍ୟବସ୍ଥା କରାଯାଇଛି। ପ୍ରଥମେ ସରକାର ଭୂମି ମାଲିକଙ୍କଠାରୁ ରାସ୍ତାପାର୍ଶ୍ୱ ଜମି କିଣିବେ। ନଚେତ ଓଡ଼ିଶା ଭୂମି ଅଧିଗ୍ରହଣ ଆଇନ ବଳରେ ଘରୋଇ ଜମିକୁ ସରକାର ଦଖଲକୁ ନେବେ। ଏଥିପାଇଁ ଭିନ୍ନ ଭିନ୍ନ ପରିମାଣର ଆର୍ଥିକ ସହାୟତା ଘୋଷଣା କରାଯାଇଛି। କଟକ-ପାରାଦୀପ ରାସ୍ତାରୁ ଭିଡ କମାଇବା ସହ କଟକ ସହର ମଧ୍ୟରେ ଥିବା ମାଲଗୋଦାମ ଓ ଛତ୍ରବଜାରକୁ ଗାଡି ଚଳାଚଳ ସୁବିଧା ହୋଇପାରିବ ବୋଲି ପତ୍ରରେ ଉଲ୍ଲେଖ ରହିଛି।

## ନାବାଳିକା ଗଣବଳାତ୍କାର ଓ ହତ୍ୟା ମାମଲା: ଅଭିଯୁକ୍ତ ଗିରଫ

କଣ୍ଟାପଡା, ୨୪।୧୨ (ଡି.ଏନ୍.ଏ.)

ଗୋବିନ୍ଦପୁର ଥାନା ଅଞ୍ଚଳର ନାବାଳିକାଙ୍କୁ ଗଣବଳାତ୍କାର ଓ ହତ୍ୟା କରିବା ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ କାଳିଆଗଡ ଗ୍ରାମର ବବୁଲ ଓରଫ ଦେବୀପ୍ରସାଦ ପାତ୍ର(୩୦)। ପୋଲିସ ସୂତ୍ରରୁ ପ୍ରକାଶ, ସମ୍ପୃକ୍ତା ନାବାଳିକାଙ୍କୁ ଅଭିଯୁକ୍ତମାନେ ଅପହରଣ କରିବା ପରେ ବିଭିନ୍ନ ସ୍ଥାନରେ ରଖି ବଳାତ୍କାର କରିଥିଲେ। ଏହାପରେ ତାଙ୍କ ତଣ୍ଟିଚିପି ହତ୍ୟାକରି ତୁଣ୍ଡା ଗ୍ରାମର ଏକ ବିଲରେ ପୋତି ଦେଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ. ୧୬/୧୮) ରୁଜୁ କରିବା ସହ ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଜଣଙ୍କୁ ଗିରଫ କରିଥିଲା। ଘଟଣା ପରଠାରୁ ଦେବୀପ୍ରସାଦ ଫେରାର ହୋଇ ରାଜ୍ୟ ବାହାରକୁ ଚାଲିଯାଇଥିଲେ। ମଙ୍ଗଳବାର ସେ ଘରକୁ ଫେରିଥିବା ଖବର ପାଇବା ପରେ ଗୋବିନ୍ଦପୁର ଥାନାଧିକାରୀ ମାନସ ମିଶ୍ର, ଡିମିରି ଫାଣ୍ଡି ଅଧିକାରୀ ଦୁର୍ଯ୍ୟୋଧନ ସେଠି ତାଙ୍କ ଘର ଉପରେ ଚଢ଼ାଉ କରିଥିଲେ।

## ସତ୍ୟାଗ୍ରହ ପ୍ରତ୍ୟାହୃତ

କଟକ ସଦର,୨୪।୧୨(ଡି.ଏନ୍.ଏ.)

କଟକ ସଦର ଥାନା ଅଧୀନ ୪୨ ମୌଜା ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ପ୍ରତିବାଦରେ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଗତ ୧୭ ତାରିଖରୁ ବେଣ୍ଟକାରଠାରେ ସତ୍ୟାଗ୍ରହ ଆରମ୍ଭ ହୋଇଥିଲା। କଟକ ଡିସିପି ପ୍ରତୀକ୍ ସିଂଙ୍କ ସହ ଆଲୋଚନା ପରେ ଗୁରୁବାର ସନ୍ଧ୍ୟାରେ ଏହି ସତ୍ୟାଗ୍ରହ ପ୍ରତ୍ୟାହାର କରାଯାଇଛି। ଏହି ଆଲୋଚନାରେ ଅତିରିକ୍ତ ଆରକ୍ଷୀ ଉପଆୟୁକ୍ତ ତ୍ରିନାଥ ମିଶ୍ର, କଟକ ସଦର ଥାନା ଅଧିକାରୀ ସୁଧାଂଶୁ ଭୂଷଣ ଜେନା, ଆମ୍ ଆଦ୍‌ମୀ ପାର୍ଟିର ଅଜୟ କୁମାର ପତି, ବିଜୟ ମହାରଣା ଓ ପବିତ୍ର ମୁଦୁଲି ଅଂଶଗ୍ରହଣ କରିଥିଲେ।

## ଜାତୀୟ ଗ୍ରାହକ ଦିବସ

ଚୌଦ୍ୱାର,୨୪।୧୨(ଡି.ଏନ୍.ଏ.)

ଚୌଦ୍ୱାର ପୌରପାଳିକା ୧୭ନଂ. ୱାର୍ଡ ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ ଜାତୀୟ ଗ୍ରାହକ ଦିବସ ପାଳିତ ହୋଇଯାଇଛି। ଚୌଦ୍ୱାର ଗ୍ରାହକ ପଞ୍ଚାୟତ ସଭାପତି ହରିହର ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ନିକୁଞ୍ଜ ବିହାରୀ ପଣ୍ଡା, ଦୁଃଶାସନ ମୁଦୁଲି, ଜଗନ୍ନାଥ ମହାନ୍ତି, ପଦ୍ମଚରଣ ବେହେରା, ବୈଲୋଚନ ସାମଲ, ସୁଶୀଲ ଶତପଥୀ, ଅବିନାଶ ପାଣି ପ୍ରମୁଖ ଯୋଗଦେଇ ଗ୍ରାହକ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିବା ସହିତ ଠକେଇରୁ ରକ୍ଷା ପାଇବା ଦିଗରେ ଗ୍ରାହକଙ୍କ ପାଇଁ ଥିବା ଆଇନ ସମ୍ପର୍କରେ ସୂଚନା ଦେଇଥିଲେ। ଗ୍ରାହକମାନଙ୍କୁ ସଚେତନ କରିବା ଲାଗି ଗ୍ରାହକ ପଞ୍ଚାୟତ ଆହୁରୀ ସୁଦୃଢ଼ ହୋଇ କାର୍ଯ୍ୟ କରିବ ବୋଲି ରଣା ଘୋଷଣା କରିଥିଲେ। ବିଶାଳ ପ୍ରସାଦ ଧନ୍ୟବାଦ ଦେଇଥିଲେ।

## 'ବରିଷ୍ଠ ନାଗରିକ ଅଲୋଡ଼ା ନୁହନ୍ତି'


ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

ଖୁଣ୍ଟୁଣୀ,୨୪।୧୨(ଡି.ଏନ.ଏ.)

ଆଠଗଡ ନ' ବେଢ଼ା ବରିଷ୍ଠ ନାଗରିକ ମଞ୍ଚର ତୃତୀୟ ବାର୍ଷିକ ଉତ୍ସବ ଗୁରୁଡ଼ିଝାଟିଆସ୍ଥିତ ଧବଳେଶ୍ୱର କଲେଜ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ଅଧିକାରୀ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ତମ୍ଭକାର ଡ. ପ୍ରମୋଦ କୁମାର ମହାପାତ୍ର ଯୋଗଦେଇ କହିଥିଲେ, ବରିଷ୍ଠ ନାଗରିକମାନେ ଆଜିର ସମାଜରେ ଅଲୋଡା ନୁହନ୍ତି। ଏଥିରେ ସମ୍ମାନିତ ଅତିଥି ଭାବେ କଟକ ବରିଷ୍ଠ ନାଗରିକ ମହାସଭାର ସମ୍ପାଦକ ବିଷ୍ଣୁ ମୋହନ ଦାସ ସାମନ୍ତ ଯୋଗଦେଇଥିଲେ। ମଞ୍ଚର ଉପସଭାପତି ବିଷ୍ଣୁଚରଣ ପତ୍ରୀ ମଙ୍ଗଳ ସ୍ତୋତ୍ର ପାଠ, ସାଧାରଣ ସମ୍ପାଦକ ଶରତ ଖୁଣ୍ଟିଆ ବାର୍ଷିକ ବିବରଣୀ ପାଠ ଓ ବିଦ୍ୟାଧର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପଦେଷ୍ଟା ରାଜକିଶୋର ଖଟୁଆ, ପ୍ରତାପ ଚନ୍ଦ୍ର ସାମଲ ଓ ମନ୍ତ୍ରୀଙ୍କ ପ୍ରତିନିଧି ରଞ୍ଜନ କୁମାର ଆଚାର୍ଯ୍ୟ ପ୍ରମୁଖ ବରିଷ୍ଠ ନାଗରିକଙ୍କ ସମ୍ପର୍କରେ ଗଠନମୂଳକ ପରାମର୍ଶ ଦେଇଥିଲେ। କୋଷାଧକ୍ଷ ରବିନ ମହାରଣା ଧନ୍ୟବାଦ ଦେଇଥିଲେ। ମଞ୍ଚରେ ଆଜୀବନ ସଦସ୍ୟ ଭାବେ ବିଚିତ୍ରନନ୍ଦ ତ୍ରିପାଠୀ, ଦେବରାଜ ବିଶ୍ୱାଳ, ଶ୍ୱେତପ୍ରସାଦ ରାଉତ ଓ ବିଚିତ୍ରାନନ୍ଦ ସାମଲଙ୍କୁ ଗ୍ରହଣ କରାଯାଇଥିଲା। ଏଥିସହ ମଞ୍ଚ ପକ୍ଷରୁ ପ୍ରକାଶିତ ମୁଖପତ୍ର ଅସ୍ତାଗର ୩ୟ ଅର୍ଘ୍ୟକୁ ଉନ୍ମୋଚିତ ହୋଇଥିଲା।

## ପାଇକରାପୁର କଣ୍ଟେନମେଣ୍ଟ ଜୋନ

**ଆଠଗଡ଼କୁ ପୁଣି ଫେରିଲା କରୋନା**

ଆଠଗଡ,୨୪।୧୨(ସ୍ୱ.ପ୍ର.)

କଟକ ଜିଲାର ଆଠଗଡ଼ ବ୍ଲକକୁ ପୁଣି ଥରେ କରୋନା ଫେରିଛି। ଯୋରନ୍ଦା ପଞ୍ଚାୟତ ଅନ୍ତର୍ଗତ ପାଇକରାପୁର ଗ୍ରାମରୁ ୯ ଜଣ ଓ ଏନ୍‌ଏସିରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏନେଇ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡ. ବିଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି। ପରେ ଆଠଗଡ ପ୍ରଶାସନ ପକ୍ଷରୁ ପାଇକରାପୁର ଗ୍ରାମକୁ ୨୮ତାରିଖ ଅପରାହ୍ନ ୪ଟା ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଚିହ୍ନଟ ରୋଗୀଙ୍କୁ ନିଜ ଘରେ ପୃଥକବାସରେ ରଖାଯାଇଛି। ଆଠଗଡ ବ୍ଲକ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଯୋରନ୍ଦା ହାଇସ୍କୁଲରେ ଡିସେମ୍ବର ୨୨ରେ ୭୬ଜଣଙ୍କ ଆଣ୍ଟିଜେନ୍ ଟେଷ୍ଟ କରାଯାଇଥିଲା। ସେଥିରୁ ୯ ଜଣ ପଜିଟିଭ ଚିହ୍ନଟ ହୋଇଥିଲେ। ସେହିପରି ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆଠଗଡ ଉପଖଣ୍ଡ ଡାକ୍ତରଖାନାରେ ୧୬ ଜଣଙ୍କ କରୋନା ଟେଷ୍ଟ କରାଯାଇଥିଲା। ସେଥିରୁ ୩ ଜଣ ପଜିଟିଭ୍ ଚିହ୍ନଟ ହୋଇଥିଲେ।

## ସ୍କୁଟର ଧକ୍କାରେ ଶ୍ରମିକ ଗୁରୁତର

ଆଠଗଡ,୨୪।୧୨(ସ୍ୱ.ପ୍ର.)

ଆଠଗଡ ସହର ଉପକଣ୍ଠ ସାପୁଆ ନଦୀ ପୋଲ ନିକଟସ୍ଥ ଆଇଡିବିଆଇ ବ୍ୟାଙ୍କ ସମ୍ମୁଖରେ ଏକ ଟ୍ରେଲରୁ ଚକା ଖସି ନିକଟରେ ଯାଉଥିବା ଏକ ସ୍କୁଟର ସହ ଧକ୍କା ହୋଇଛି। ଫଳରେ ସ୍କୁଟର ଚାଳକ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ କାମ କରୁଥିବା ଜଣେ ଶ୍ରମିକଙ୍କୁ ଧକ୍କା ଦେବାରୁ ସେ ଗୁରୁତର ହୋଇଛନ୍ତି। ସେ ହେଲେ ଆଠଗଡ ଏନ୍‌ଏସି ଅନ୍ତର୍ଗତ ଗୁହାଳପଡ଼ିଆସ୍ଥିତ ବୁଲୁ ନାଏକ(୨୫)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଆଠଗଡ ଡାକ୍ତରଖାନା ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି। ନରସିଂହପୁରରୁ ଖୁଣ୍ଟୁଣୀସ୍ଥିତ ଏକ ସିମେଣ୍ଟ କାରଖାନାକୁ ମାଲବୋଝେଇ ଟ୍ରେଲରଟି ଯାଉଥିବାବେଳେ ଏହି ଦୁର୍ଘଟଣା ହୋଇଥିଲା।

## ୫ରେ ଡିଜିପି ଅଫିସ ସମ୍ମୁଖରେ ବିକ୍ଷୋଭ

**ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ**

କଟକ ଅଫିସ, ୨୪।୧୨: ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ହାଜତ ମୃତ୍ୟୁ, ଶିଶୁ ଅପହରଣ, ବଳାତ୍କାର ଓ ହତ୍ୟା ପ୍ରତିଦିନ ବଢିଚାଲିଛି। ପୋଲିସ ପ୍ରଶାସନର ସ୍ଥାଣୁତା ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଏହା ବିରୋଧରେ କଟକ ଜିଲା ଯୁବ କଂଗ୍ରେସ କମିଟି ପକ୍ଷରୁ ଆସନ୍ତା ୫ରେ ଡିଜିପି ଅଫିସ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ପ୍ରଦର୍ଶନ କରାଯିବ। ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ଗୁରୁବାର କଟକ ଜିଲା ଯୁବ କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। କମିଟି ସଭାପତି ଆର୍ଯ୍ୟବୀର ଲେଙ୍କାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଯୁବନେତା ବଳଭଦ୍ର ପ୍ରହରାଜ, ମନୋରଞ୍ଜନ ପଟ୍ଟନାୟକ, ଶ୍ରୀନିବାସ ବେଉରା, କଟକ ନଗର ଯୁବ କଂଗ୍ରେସ ସଭାପତି ବିକି ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।


**ପୂର୍ବ ତଟ ରେଳପଥ**

(1)ଟେଣ୍ଡର ବିଜ୍ଞପ୍ତି ସଂ.ELOP-T-21-2020

କାର୍ଯ୍ୟର ନାମ : 03 (ତିନି)ବର୍ଷ ସମୟାବଧି ନିମନ୍ତେ ଯାତ୍ରା ପଥରେ କ୍ରିଭ (ଡ୍ରାଇଭର ଏବଂ ଗାର୍ଡ଼) ସହାୟତା ପ୍ରଦାନ କରିବା ନିମନ୍ତେ ଜଖପୁରାଠାରେ (ଅହୋରାତ୍ର) ଚାଳକ ସହିତ 03(ତିନି) ଗୋଟି ହାଲୁକା ଗାଡ଼ି (ଟାଟା ସୁମୋ/ମହିନ୍ଦ୍ରା ବୋଲେରୋ ନନ୍-ଏସି) ଭଡ଼ା ସୂତ୍ରରେ ନେବା।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 1,19,70,563.20, EMD/ବିଡ୍ ସିକ୍ୟୁରିଟି(ଟଙ୍କାରେ) : 2,09,900/-।

(2)ଟେଣ୍ଡର ବିଜ୍ଞପ୍ତି ସଂ.ELOP-T-22-2020

କାର୍ଯ୍ୟର ନାମ : 03 (ତିନି)ବର୍ଷ ସମୟାବଧି ନିମନ୍ତେ ଆବଶ୍ୟକତା ଅନୁଯାୟୀ ବିଭିନ୍ନ ସାଇଡିଙ୍ଗ୍ ପର୍ଯ୍ୟନ୍ତ କ୍ରିଭ ଏବଂ ଗାର୍ଡମାନଙ୍କ ପରିବହନ ଏବଂ ଯାତ୍ରା ପଥରେ କ୍ରିଭ (ଡ୍ରାଇଭର ଏବଂ ଗାର୍ଡ଼) ସହାୟତା ପ୍ରଦାନ କରିବା ନିମନ୍ତେ କେନ୍ଦୁଝରଗଡ଼ ଠାରେ ରହୁଥିବା ଚାଳକ ସହିତ ଏକ ଗୋଟି ହାଲୁକା ଗାଡ଼ି (ଟାଟା ସୁମୋ/ମହିନ୍ଦ୍ରା ବୋଲେରୋ ନନ୍-ଏସି) ଭଡ଼ା ସୂତ୍ରରେ ନେବା।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 35,85,960.72, EMD/ବିଡ୍ ସିକ୍ୟୁରିଟି(ଟଙ୍କାରେ) : 71,700/-।

ଶେଷ ହେବା ଅବଧି : 36 ମାସ (ଉଭୟ ଟେଣ୍ଡର ନିମନ୍ତେ)।

ବିଡ୍ ଆରମ୍ଭ ହେବା ତାରିଖ : ତା.25.12.2020 ରିଖ (ଉଭୟ ଟେଣ୍ଡର ନିମନ୍ତେ), ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.01.2021 ରିଖ 1600 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ୍
PR-439/L/20-21



**DIRECTORATE OF TECHNICAL EDUCATION & TRAINING ODISHA, CUTTACK - 753001**

**DIPLOMA ADMISSION - 2020**

**Notice for 2nd Phase Diploma Spot Admission-2020**

**No. KK-62:-** Consequent upon the decision of Government in SD&TE Department, Odisha communicated vide Letter No. 4993 dtd.24.12.2020, the 2nd phase Diploma Spot Admission-2020 shall be held as per the dateline / procedure enumerated in the Standard Operating Procedure (SOP) available in the website **www.samsodisha.gov.in**

**Sd./- Director of Technical Education & Training, Odisha**
OIPR-14004/11/0028/2021



**DIRECTORATE OF MEDICAL EDUCATION & TRAINING, ODISHA**

**WALK-IN-INTERVIEW FOR ASST. PROFESSOR, SENIOR RESIDENT, TUTOR & JUNIOR RESIDENT IN ALL GOVT. MEDICAL COLLEGE & HOSPITAL**

No. 19620 dt. 24.12.2020

**No. KK-63:-** Eligible candidates are invited to Walk-in Interview for recruitment for the posts of Asst. Professors, Senior Residents, Tutors and JR in all Govt. Medical College & Hospital of the State on contractual / deployment basis. The details of Posts, Mode of recruitment, Remuneration, Qualifications etc. is available in the website of DMET, Odisha i.e. **www.dmetodisha.gov.in**.

**Sd./- Addl. Director of Medical Education & Training, Odisha**
OIPR-10016/11/0022/2021



**OFFICE OF THE RUKMINI LATH BAL NIKETAN**
**At-Chhachanpali, P.O.- Bargaon, P.S.- Dhama, Dist.-Sambalpur, PIN-768113, Odisha**

Ref. No. 142/SAA Dt.24.12.2020

Applications are invited from eligible candidates in prescribed application form for engagement of different contractual posts for the Specialized Adoption Agency, Rukmini Lath Bal Niketan, Chhachanpali [Registered under JJ (C&PC) Act]. The Engagement is purely contractual basis and the selection of candidate shall be made on the basis of mark and experience of working in child rights. It is to inform that the candidates who are engaged for said posts are not Government Staffs and the management of the CCI will be responsible for them in case the GIA is discontinued. The details of the eligibility of the posts & application format are available in the Sambalpur District official website www.sambalpur.nic.in. Interested candidates may apply in the prescribed format with self-attested certificate, mark sheet & other required documents **(All documents will be in one PDF format)** should be sent to Chairman, Rukmini Lath Bal Niketan, Sambalpur through email (mail id-**recruitmentrlbn@gmail.com**) before 07.01.2021 by 5.30 P.M. and a hard copy of the same should also submitted by Speed Post/Regd. Post to **the Chairman Rukmini Lath Bal Niketan, At Chhachanpali, P.O.-Bargaon, P.S.-Dhama, Dist.- Sambalpur, PIN- 768113, Odisha** before **12.01.2021 by 5.30 P.M.** Incomplete application and application received after due date shall be rejected. The undersigned reserves the right to cancel any or all the applications received/under process without assigning any reason thereof.

Sd./- Chairman
Rukmini Lath Bal Niketan, Chhachanpali, Sambalpur



**ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking)

No.: 7778 File: SMT-1708 Date: 24.12.2020

**NOTICE INVITING TENDER**

Bid Identification: 42/Tender/OBCC/2020-21 No.CAD-977:-

| Sl. No. | Name of Work |
|---|---|
| 1 | Construction of internal road upto subgrade level from Brahmagiri road to newly proposed Shree Setu road, NH-316 at Matitota for a length of 1155 Meters for Gurukulam Project under ABADHA Scheme. |

1. Date and time of availability of bid document in the eProcurement portal: **4.00 P.M. of 29.12.2020.**
2. Last date/time for receipt of online bid: **12.01.2021 till 5.00 PM.**
3. Further details can be seen from the e-Procurement portal "**https://www.tendersodisha.gov.in**".
4. The authority reserves the right to cancel any or all bids without assigning any reason thereof.

Sd./- General Manager, Projects-I
O.B.& C.C. Ltd.
OIPR-34106/11/0043/2021



**ODISHA WATER SUPPLY & SEWERAGE BOARD**
(A Govt. of Odisha Undertaking)
**THE OFFICE OF THE ENGINEER-IN-CHIEF, OISIP, JICA**
At : Mahanadivihar, P.O. : Nayabazar, Cuttack-753004
Mobile No.: 9438133917, E-mail ID : ce_jica@owssb.in

**Notification No. 57** **Date : 23.12.2020**

**ODISHA INTEGRATED SANITATION IMPROVEMENT PROJECT**

**Invitation of applications from retired persons for engagement as Contractual Divisional Accounts Officer and Contractual Senior Clerk in OISIP, JICA, OWSSB, Cuttack**

In partial modification to this office Notification No. 56 dtd. 22.12.2020, it is to notified that, the Odisha Integrated Sanitation Improvement Project (OISIP) intends to engage 01 No. of Divisional Accounts Officer and 03 Nos. of Senior Clerk on contractual basis against the vacancy posts for its project at Cuttack and Bhubaneswar.

| Sl. No. | Name of the Contractual Post | Wages | No. of Posts | Qualification, Experience & Age Limit |
|---|---|---|---|---|
| 1. | Divisional Accounts Officer (Contractual) | As per Finance Department Circular No.7022 dtd 17.03.2018, the Contractual DAO is entitled to get consolidated remuneration of Rs.30,000/- per month, which may change from time to time by Govt. | 01 (One) | 1. He should have retired after working as Senior Divisional Accounts Officer / Divisional Accounts Officer in any Engineering office of Odisha State Govt. or Govt. of Odisha undertaking. 2. The candidate should be below 64 years of age as on 31.12.2020. |
| 2. | Senior Clerk (Contractual) | As per Finance Department Circular No.7022 dtd 17.03.2018, the Contractual Senior Clerk is entitled to get consolidated remuneration of Rs.13,000/- per month, which may change from time to time by Govt. | 03 (Three) | 1. He should have retired after working as Senior Clerk/ Head Clerk in any office of Odisha State Govt. or Govt. of Odisha undertaking. 2. The candidate should be below 64 Years of age as on 31.12.2020. |

Interested eligible candidates may apply in plain paper, along with their updated CV, all educational qualification certificates along with **copy of pension payment order of final pension order issued by A.G., Odisha / Provisional pension order / copy of proof of retirement from Govt. of Odisha / Govt. of Odisha Undertaking** in the above address **by speed post / Regd. Post only**, so as to reach this office on or before **Dt. 21.01.2021**. The candidates should furnish their correspondence address, contact phone no. and E-mail ID for further communication. OISIP Authority reserves the right to reject any or all the candidatures without assigning any reason thereof.

Sd/-
Engineer-In-Chief,
OISIP, JICA, OWSSB, Cuttack



**Maintaining COVID-19 Precautions with Social Distancing for Training Programme**

**Presenting Winter Internship Programme for Engineering Students**

Central Tool Room & Training Centre (CTTC), Bhubaneswar is the leading Tool Room & Training Centre of India to impart skill based training programme in the field of CAD/CAM/CAE/CNC Technology / Hardware and Network Management / VLSI / PLC for Graduate Engineering students.

For the year **2020-2021** we offer courses during **January / February 2021** designed for Mechanical / Production / Automobile / Manufacturing Science / Civil/ Computer Science / Electrical & Electronics / Electronics & Instrumentation / Information Technology students.

| Sl. | Branch | Courses | Course Fee | Duration | Starting Date |
|---|---|---|---|---|---|
| 01 | Mechanical<br>Production<br>Automobile<br>or Equivalent | Auto CAD<br>CATIA<br>SOLID WORKS<br>CNC Milling<br>CNC Turning | Rs.7,100/-<br>Rs.8,100/-<br>Rs.8,100/-<br>Rs.8,100/-<br>Rs.8,100/- | ONE MONTH | 02.01.2021<br>16.01.2021<br>01.02.2021<br>15.02.2021 |
| 02 | Civil | Auto CAD<br>STAAD Pro | Rs.7,100/-<br>Rs.8,100/- | | |
| 03 | Electrical & Electronics<br>Electronics & Instrumentation<br>Electronics & Telecommunication | PLC<br>Electrical CAD<br>VLSI<br>Advance Embedded System | Rs.8,100/-<br>Rs.7,100/-<br>Rs.8,100/-<br>Rs.8,100/- | | |
| 04 | Any Graduate / ITI / MBA / Diploma / Degree Engineers in any Discipline | Core JAVA<br>Artificial Intelligence & Machine Learning*<br>Python Programming*<br>C Programming* | Rs.5,600/-<br>Rs.8,100/-<br>Rs.5,600/-<br>Rs.3,600/- | | |

* No Fee exemption for SC/ST candidates.
**Special Discount of 10% for group of 10 students**
**No. of seats for each course is 20 per Batch**

**How to apply :** Application are to be submitted in plain paper alongwith Bio-data, copies of marksheet & certificates, two passport size color photographs & fee payment online through **State Bank of India collect link** available in our website **www.cttc.gov.in** or a DD of **Rs.1000/-** drawn in favour of **"Central Tool Room & Training Centre"** payable at **Bhubaneswar** for the purpose of registration. This amount will be adjusted against the course fee. **No dormitory accommodation is available.**
Reservation as per Govt. of India rules. **For SC/ST candidates no fee will be charged** subject to production of two photo copies of self attested Caste Certificate & Aadhaar Card. Aadhaar Card & Caste Certificate in original from competent authority is to be produced for verification at the time of admission which may be re-verified from the Issuing Authority.

***For Admission Contact : 9861376682,9658066689***

**CENTRAL TOOL ROOM & TRAINING CENTRE**
(Ministry of Micro, Small & Medium Enterprises , Govt. of India)
B-36, Chandaka Industrial Area, Bhubaneswar - 751024,Odisha
E-mail : cttc@cttc.gov.in, Website: www.cttc.gov.in
Ministry of MSME Govt. of India — ISO-9001, ISO-14001 OHSAS 18001

## ଅଗ୍ନିକାଣ୍ଡ: ୩ ବଖରା ଭସ୍ମୀଭୂତ

**କୃଷ୍ଣପ୍ରସାଦ,(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ବ୍ରହ୍ମପୁର ଗ୍ରାମରେ ଗୁରୁବାର ଅପରାହ୍ନ ୧ଟାରେ ଅଗ୍ନିକାଣ୍ଡ ଘଟି ନରେନ୍ଦ୍ର ଜେନାଙ୍କ ୩ବଖରା ଭସ୍ମୀଭୂତ ହୋଇଯାଇଛି। ଏଥିରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ସହ ଆସବାବପତ୍ର ପୋଡ଼ିଯାଇଛି। ଖବରପାଇ ରାଜସ୍ୱ ନିରୀକ୍ଷକ ତପନ କୁମାର ରାଉତ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଏନେଇ ତହସିଲଦାରଙ୍କ ସହ ଆଲୋଚନା କରି ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ।

# ୩ରୁ ଖୋଲିବ ସମସ୍ତ ଧର୍ମାନୁଷ୍ଠାନ

**ଖୋର୍ଦ୍ଧା ଅଫିସ,୨୪।୧୨**

**ଖୋର୍ଦ୍ଧା ପ୍ରଶାସନର ଏସ୍ଓପି ଜାରି**
- ମାସ୍କ ବାଧ୍ୟତାମୂଳକ
- ପ୍ରବେଶ ପଥରେ ଥର୍ମାଲ ସ୍କ୍ରିନିଂ

କରୋନା ଯୋଗୁ ଖୋର୍ଦ୍ଧା ଜିଲାରେ ଦୀର୍ଘ ୯ ମାସ ଧରି ସମସ୍ତ ଦେବଦେବୀଙ୍କ ମନ୍ଦିର ବନ୍ଦ ରହିଛି। ଫଳରେ ଦିଅଁ ଦର୍ଶନରୁ ଶ୍ରଦ୍ଧାଳୁ ବଞ୍ଚିତ ରହିଛନ୍ତି। ମନ୍ଦିର ଖୋଲିବା ଲାଗି ବିଭିନ୍ନ ସେବାୟତ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ ନିକଟରେ ଦାବି ହୋଇଆସୁଥିଲା। ଆସନ୍ତା ଜାନୁୟାରୀ ୩ତାରିଖରୁ ଖୋର୍ଦ୍ଧା ଜିଲାର ସମସ୍ତ ମନ୍ଦିର ଓ ଧାର୍ମିକ ଅନୁଷ୍ଠାନ ଖୋଲିବା ଲାଗି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଏସ୍ଓପି ଜାରି କରାଯାଇଛି। କୋଭିଡ୍-୧୯ ଗାଇଡ୍‌ଲାଇନ ଅନୁଯାୟୀ ମନ୍ଦିରରେ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ସନତ ମହାନ୍ତି କହିଛନ୍ତି। ତେବେ ଭୁବନେଶ୍ୱରର ଶ୍ରୀଲିଙ୍ଗରାଜ ଏବଂ ଅନ୍ୟ ମନ୍ଦିର ଏଥିରେ ଅନ୍ତର୍ଭୁକ୍ତ ନୁହେଁ ବୋଲି ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ସମସ୍ତ ମନ୍ଦିର ଓ ଧାର୍ମିକ ଅନୁଷ୍ଠାନ ଖୋଲିବା ନେଇ ବିଭିନ୍ନ ମନ୍ଦିର ପରିଚାଳନା ଏବଂ ଧର୍ମାନୁଷ୍ଠାନ କମିଟିର କର୍ମକର୍ତ୍ତାଙ୍କ ସହ ପ୍ରଶାସନ ଡିସେମ୍ବର ୨୧ରେ ବୈଠକ କରିଥିଲା। ସମସ୍ତ କମିଟିଙ୍କ ମତକୁ ଆଧାର କରି ନିଷ୍ପତ୍ତି ନିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଏବେ ମନ୍ଦିର ଖୋଲିବା ନିଷ୍ପତ୍ତି ପରେ ଭକ୍ତଙ୍କ ମହଲରେ ଉତ୍କଣ୍ଠା ଓ ଉତ୍ସାହ ଦେଖିବାକୁ ମିଳିଛି। କୋଭିଡ୍ ଗାଇଡ୍‌ଲାଇନକୁ ମନ୍ଦିର ଓ ଧାର୍ମିକ ଅନୁଷ୍ଠାନ କଡାକଡି ପାଳନ କରିବେ। ମାସ୍କ ବାଧ୍ୟତାମୂଳକ କରାଯାଇଛି। ପ୍ରବେଶ ପଥରେ ଥର୍ମାଲ ସ୍କ୍ରିନିଂ ଓ ସାନିଟାଇଜ ବ୍ୟବସ୍ଥା ରହିବ। ଦର୍ଶନ ସମୟରେ ଶ୍ରଦ୍ଧାଳୁ ସାମାଜିକ ଦୂରତା ରକ୍ଷା କରିବେ। ୬୫ବର୍ଷରୁ ଊର୍ଦ୍ଧ୍ୱ ଏବଂ ୧୦ବର୍ଷରୁ କମ୍ ବୟସର ଶିଶୁ ଏବଂ ଗର୍ଭବତୀ ମହିଳାଙ୍କୁ ମନ୍ଦିରକୁ ନ ଯିବା ଲାଗି ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। କୋଭିଡ ନିୟମ ଉଲ୍ଲଘଂନ ହେଲେ ବିପର୍ଯ୍ୟୟ ପରିଚାଳନା ଅଧିନିୟମ ୨୦୦୫ ଏବଂ ଏପିଡେମିକ ଡିଜିଜ୍ ଆକ୍ଟ ୧୯୮୭ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



"ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି। ଗତ ୯ମାସ ଧରି ଭକ୍ତଙ୍କ ଲାଗି ମନ୍ଦିର ବନ୍ଦ ରହିଛି। ଭକ୍ତ ଓ ଭଗବାନଙ୍କ ମଧ୍ୟରେ କରୋନା ବାଧକ ସାଜିଥିଲା। ମନ୍ଦିର ଖୋଲିବା ଲାଗି ଜିଲା ପ୍ରଶାସନର ନିଷ୍ପତ୍ତିକୁ ଆମେ ସ୍ୱାଗତ କରୁଛୁ। ଠାକୁର ଦର୍ଶନ ଲାଗି ମନରେ ଉତ୍କଣ୍ଠା ବଢିବାରେ ଲାଗିଛି।

–ଶକ୍ତିଶଙ୍କର ମିଶ୍ର, ରାଜ୍ୟ ସଭାପତି, ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ



"ଜିଲା ପ୍ରଶାସନର ନିଷ୍ପତ୍ତି ପରେ ଆଶ୍ୱସ୍ତି ଅନୁଭବ କରିଛି। ନିକଟରେ ମନ୍ଦିର ଥାଇ ସୁଦ୍ଧା ଦର୍ଶନରୁ ବଞ୍ଚିତ ହୋଇ ଅଣନିଶ୍ୱାସୀ ଅନୁଭବ କରୁଥିଲି। ମନ୍ଦିର ଖୋଲାଯିବା ନିଷ୍ପତ୍ତି ପରେ ମନ ଅତ୍ୟନ୍ତ ପ୍ରଫୁଲ୍ଲିତ ଏବଂ ଆନନ୍ଦିତ। ଦୀର୍ଘଦିନ ଧରି ଦର୍ଶନରୁ ବଞ୍ଚିତ ହୋଇ ମନରେ ଆଶା ମଉଳି ଯାଇଥିଲା। କରୋନା ମୋ' ପ୍ରଭୁଙ୍କ ଦର୍ଶନରେ ବାଧକ ସାଜିଥିଲା। ମାତ୍ର ଏବେ ମୁଁ ବହୁତ ଖୁସି। କାରଣ ମୋ ପ୍ରଭୁଙ୍କ ଦର୍ଶନରେ କୌଣସି ବାଧା ନାହିଁ।

–ସତ୍ୟବାଦୀ ବଳିୟାରସିଂ, ଶିକ୍ଷାବିତ୍

# ୭ଦିନ ପାଇଁ ପଦ ସମ୍ଭାଳିବେ ବିଶ୍ୱମୋହିନୀ

**ଖୋର୍ଦ୍ଧା ଅଫିସ,୨୪।୧୨**

**ତୁଟିଲା ପିଏନ୍ କଲେଜ ଅଧ୍ୟକ୍ଷ ବିବାଦ**

ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ଉଦ୍ୟମ କ୍ରମେ ଖୋର୍ଦ୍ଧା ସହରରେ ଗଢ଼ି ଉଠିଥିଲା ପ୍ରାଣନାଥ (ପିଏନ୍) କଲେଜ। ସ୍ୱୟଂଶାସିତ ମାନ୍ୟତା ପାଇବା ପରେ ଏହାର ଗୌରବ ବୃଦ୍ଧି ପାଇଛି। ହେଲେ ଗତ ପ୍ରାୟ ୨ମାସ ହେଲା କଲେଜ ଅଧ୍ୟକ୍ଷ ପଦବୀକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ଗୋଟିଏ କଲେଜରେ ୨ଜଣ ଅଧ୍ୟକ୍ଷଙ୍କୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ଏପରିକି ଘଟଣା ହାଇକୋର୍ଟଙ୍କ ପର୍ଯ୍ୟନ୍ତ ଯାଇଥିଲା। ତେବେ ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଭିତ୍ତି କରି ଉଚ୍ଚଶିକ୍ଷା ବିଭାଗ ଗୁରୁବାର ପତ୍ରାଙ୍କ ୪୩୨୦୦/୨୪।୧୨।୨୦ ଅନୁସାରେ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ.ବିଶ୍ୱମୋହିନୀ ମଙ୍ଗରାଜଙ୍କୁ କଲେଜ ଅଧ୍ୟକ୍ଷା ଭାବେ ନିଯୁକ୍ତ ଦେଇଛନ୍ତି। ଏଥିସହିତ କଲେଜ ପରିଚାଳନା କମିଟି ଅଧ୍ୟକ୍ଷଙ୍କୁ ପତ୍ରାଙ୍କ ୪୩୨୦୪/୨୪।୧୨।୨୦ ଅନୁସାରେ ବିଶ୍ୱମୋହିନୀଙ୍କୁ ଅଧ୍ୟକ୍ଷା ଭାବେ ନିଯୁକ୍ତି ଦିଆଯାଇଥିବା ଦର୍ଶାଇଛନ୍ତି। ସେହିପରି ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ (୧୭୪୯୩/୨।୬।୨୦୨୦) ଅନୁସାରେ ପିଏନ୍ କଲେଜର ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଡ. ମନୋରଞ୍ଜନ ସେନାପତିଙ୍କ ଠାରୁ ତୁରନ୍ତ ଅଧ୍ୟକ୍ଷ ପଦ ପ୍ରତ୍ୟାହାର ପାଇଁ ନିର୍ଦ୍ଦେଶ ହୋଇଛି। ଆସନ୍ତା ଡିସେମ୍ବର ୩୧ତାରିଖରେ ବିଶ୍ୱମୋହିନୀ କଲେଜରୁ ଅବସର ଗ୍ରହଣ କରୁଛନ୍ତି। ଏଣୁ ସେ ୭ଦିନ ଲାଗି କଲେଜ ଅଧ୍ୟକ୍ଷା ଭାବେ ଦାୟିତ୍ୱ ତୁଲାଇବେ।

ପ୍ରକାଶ ଯେ, ଉଚ୍ଚଶିକ୍ଷା ବିଭାଗ ରାଜନୀତି ବିଜ୍ଞାନ ମୁଖ୍ୟ ବିଶ୍ୱମୋହିନୀ ମଙ୍ଗରାଜଙ୍କୁ ବରିଷ୍ଠତା ଭିତ୍ତିରେ କଲେଜ ଅଧ୍ୟକ୍ଷା ଭାବେ ନିଯୁକ୍ତି ଦେଇଥିଲେ। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଓ ପରିଚାଳନା କମିଟି ସଭାପତି ତଥା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ଅନୁମୋଦନକ୍ରମେ ଗତ ସେପ୍ଟେମ୍ବର ୨୮ତାରିଖରେ ବିଶ୍ୱମୋହିନୀ କାର୍ଯ୍ୟରେ ଯୋଗଦାନ କରିଥିଲେ। ଅପରପକ୍ଷରେ ଗତ ଜୁନ୍ ମାସରୁ କଲେଜ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଡ.ମନୋରଞ୍ଜନ ସେନାପତି ପଦବୀ ଛାଡ଼ି ନ ଥିଲେ। ମନୋରଞ୍ଜନ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶନାମା ବିରୋଧରେ ହାଇକୋର୍ଟରେ ରିଟ୍ ପିଟିଶନ ଦାଖଲ କରିଥିଲେ। ଉକ୍ତ ମାମଲାରେ ହାଇକୋର୍ଟ ଜାରି କରିଥିବା ସ୍ଥିତାବସ୍ଥା ବିଶ୍ୱମୋହିନୀଙ୍କ ସପକ୍ଷରେ ରହିଥିଲେ ସୁଦ୍ଧା ପରିଚାଳନା କମିଟି ସଭାପତି ପୁନର୍ବାର ସେନାପତିଙ୍କୁ କାର୍ଯ୍ୟ କରିବାକୁ ଅନୁମତି ପ୍ରଦାନ କରିଥିଲେ। ଏହାକୁ ବିରୋଧ କରି ବିଶ୍ୱମୋହିନୀ ପୁଣି ଥରେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଡିସେମ୍ବର ୨୧ତାରିଖରେ ହାଇକୋର୍ଟ ବିଚାରପତି ସଞ୍ଜୁ ପଣ୍ଡା ଏବଂ ଏସ୍.କେ. ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ବିଚାର କରି ବିଶ୍ୱମୋହିନୀଙ୍କୁ କଲେଜ ଅଧ୍ୟକ୍ଷା ଭାବେ ତାଙ୍କ ଅବସର ସମୟ ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



ବଡ଼ଦିନ ଉପଲକ୍ଷେ ଖୋର୍ଦ୍ଧାସ୍ଥିତ କ୍ୟାଥୋଲିକ ଚର୍ଚ୍ଚକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି।

# ବିକ୍ଷୋଭରେ ସାମିଲ ହେଉଛନ୍ତି ପିଲା

**ଖୋର୍ଦ୍ଧା ଅଫିସ, ୨୪।୧୨**

**ଶିଶୁ ଅଧିକାର ଆଇନର ଉଲ୍ଲଂଘନ**
- ମାମଲା ରୁଜୁ ଲାଗି ଏଡିଏମ୍‌ଙ୍କ ନିର୍ଦ୍ଦେଶ
- ଘଟଣାର ତଦନ୍ତ ହେବ: ଓଏସ୍‌ପିସିଆର୍

କମ୍ ପିଲା ଥିବା ସ୍କୁଲଗୁଡ଼ିକୁ ବନ୍ଦ କରିବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାକୁ ଏସ୍‌ୟୁସିଆଇ ତୀବ୍ର ବିରୋଧ କରିଛି। ଗୁରୁବାର ପଲ୍ଲାଛକଠାରୁ କୁନି କୁନି ପିଲାଙ୍କୁ ଧରି ଏସ୍‌ୟୁସିଆଇର ଖୋର୍ଦ୍ଧା ଶାଖା ପକ୍ଷରୁ ଶୋଭାଯାତ୍ରା ବାହାରିଥିଲା। ଏହା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚିବା ପରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଏସ୍‌ୟୁସିଆଇର ଜିଲା ସଭାପତି ଅଶୋକ ସାହୁ, ଛାତ୍ରନେତା ଜୟନ୍ତ ମହାନ୍ତି, ଅବିନାଶ ମହାପାତ୍ର ପ୍ରମୁଖ ସାମିଲ ଥିଲେ। ତେବେ ଆନ୍ଦୋଳନରେ ପିଲାଙ୍କ ସାମିଲକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହା ଶିଶୁ ଅଧିକାର ଆଇନର ଉଲ୍ଲଂଘନ ବୋଲି ଅଭିଯୋଗ ହୋଇଛି।

ପ୍ରାୟ ଅଧଘଣ୍ଟା ଧରି ଖରାରେ ପିଲାମାନେ ଠିଆହୋଇ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା। ପୋଲିସ ଓ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ପରେ ଗଣମାଧ୍ୟମଠାରୁ ଖବର ପାଇ ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ ଏ ନେଇ ଏସ୍‌ୟୁସିଆଇ କର୍ମକର୍ତ୍ତାଙ୍କୁ ତାଗିଦା କରିବା ସହ ଏକ ମାମଲା ରୁଜୁ ଲାଗି ଟାଉନ ଥାନା ପୋଲିସକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ପିଲାଙ୍କୁ ପୋଲିସ ଭ୍ୟାନରେ ନିଆଯାଇ ଘରେ ଛାଡ଼ିଦିଆଯାଇଥିବା ଟାଉନ ଥାନା ଅଧିକାରୀ ଉମାଶଙ୍କର ସିଂ କହିଛନ୍ତି। ଡିସିପିଓଙ୍କ ପକ୍ଷରୁ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ରାଜ୍ୟ ଶିଶୁ ସୁରକ୍ଷା ଅଧିକାର (ଓଏସ୍‌ପିସିଆର) ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଏହି ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି।

# ତଦନ୍ତରେ ଶିଥିଳତା ନେଇ ଅସନ୍ତୋଷ

**ଖୋର୍ଦ୍ଧା ଅଫିସ,୨୪।୧୨**

**ଯୁବକଙ୍କୁ ହତ୍ୟା ମାମଲା**

ନିରାକାରପୁର ଥାନା ଡିଆ ଗ୍ରାମର ବିକାଶ ସାହୁଙ୍କୁ ରମାବିଲି ଗ୍ରାମରେ ହତ୍ୟା କରାଯାଇଥିଲା। ଜଙ୍କିଆ ଥାନା ରମାବିଲି ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ତାଙ୍କ ମୃତଦେହ ମିଳିବା ପରେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିଲେ। ଅଭିଯୁକ୍ତଙ୍କୁ ଗିରଫ ସହ ଦାୟିତ୍ୱରେ ଅବହେଳା ଓ ଦୁର୍ବ୍ୟବହାର କରିଥିବା ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ଏସ୍‌ପି ପ୍ରତିଶ୍ରୁତି ଦେଇଥିଲେ। ଏହି ମାମଲାରେ ୪ଜଣଙ୍କୁ ଗିରଫ କରି ପୋଲିସ ଚୁପ ବସିଛି। ଏପରିକି ଜଙ୍କିଆ ପୋଲିସ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ ଡିଆ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ୫ଟି ଗ୍ରାମର ଲୋକଙ୍କୁ ନେଇ ଗଠିତ ୧୫ଜଣିଆ ଆଞ୍ଚଳିକ କମିଟି ଗୁରୁବାର ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁଙ୍କୁ ଭେଟି ଏହି ମାମଲା ସମ୍ପର୍କରେ ଆଲୋଚନା କରିଥିଲେ। ଏସ୍‌ପି କହିଥିଲେ, ଜଙ୍କିଆ ପୋଲିସ ବିରୋଧରେ ଆସିଥିବା ଅଭିଯୋଗ ସମ୍ପର୍କରେ ତର୍ଜମା ଚାଲିଛି। ଏ ନେଇ ଡିଜିପିଙ୍କୁ ଅବଗତ କରାଯିବ।

ସୂଚନାଯୋଗ୍ୟ, ଗତ ୯ତାରିଖରେ ଡିଆ ଗ୍ରାମର ବିବାହ ବରଯାତ୍ରୀରେ ବିକାଶ ରମାବିଲି ଯାଇଥିଲେ। ପରେ ସମସ୍ତେ ଫେରିଥିଲେ ମଧ୍ୟ ସେ ଫେରି ନ ଥିଲେ। ୧୧ ତାରିଖରେ ବିକାଶଙ୍କ ମୃତଦେହ ରମାବିଲି ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ମିଳିଥିଲା।

# ବସ୍‌ରୁ ୭ ଡ୍ରମ୍ ମାଂସ ଜବତ

**ଯାଁଳା,୨୪।୧୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଯାଁଳା ଫାଣ୍ଡି ଅଧୀନ ଗଙ୍ଗପଡ଼ା ପୁରୁଣା ଟୋଲଗେଟ ନିକଟରେ ବୁଧବାର ରାତିରେ ବଜରଙ୍ଗୀ ଦଳ ଏକ ଘରୋଇ ବସ୍‌ରୁ ୭ ଡ୍ରମ ମାଂସ ଜବତ କରି ପୋଲିସ ଜିମା ଦେଇଛନ୍ତି। ଏହାର ଆନୁମାନିକ ଓଜନ ୧କୁଇଣ୍ଟାଲରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ତେବେ ଏହା କେଉଁ ମାଂସ ଜଣାପଡ଼ି ନ ଥିବା ବେଳେ ମାଂସକୁ ଫରେନସିକ ଲାବକୁ ପଠାଯାଇଛି।

# କୋଭିଡ୍ ଯୋଦ୍ଧାଙ୍କ ପରିବାରକୁ ସହାୟତା

**ଖୋର୍ଦ୍ଧା ଅଫିସ,୨୪।୧୨:** କୋଭିଡ୍-୧୯ରେ ମୃତ୍ୟୁବରଣ କରିଥିବା କୋଭିଡ୍ ଯୋଦ୍ଧାଙ୍କ ପରିବାରକୁ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ୫୦ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏହି ସହାୟତା ଦିଆଯାଇଛି। ବାଣପୁର ଥାନାର ଏଏସ୍ଆଇ ମୁରଲୀଧର ବଳିୟାରସିଂହଙ୍କ ସ୍ତ୍ରୀ ମଞ୍ଜୁଲତା, ରିଜର୍ଭ ବାଟାଲିଅନ ଭୁବନେଶ୍ୱରର କନଷ୍ଟେବଲ ଆଶିଷ କୁମାର ମହାକୁଡଙ୍କ ସ୍ତ୍ରୀ ମାନସୀ, ବାଲିଅନ୍ତା ବ୍ଲକ ପୁଇଁଚିଆ ସରପଞ୍ଚ ବିଜୟ କୁମାର ସାହୁଙ୍କ ସ୍ତ୍ରୀ ବିଜୁଳିବତି, ବାଲୁଗାଁ ଏନଏସି ଡ୍ରାଇଭର କବିନ୍ଦ୍ର ଜାଲିଙ୍କ ସ୍ତ୍ରୀ ଜ୍ୟୋତିର୍ମୟୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫୦ଲକ୍ଷ ଲେଖାଏ ଟଙ୍କାର ଚେକ୍ ଜିଲାପାଳ ସନତ କୁମାର ମହାନ୍ତି ପ୍ରଦାନ କରିଛନ୍ତି।


## ପୂର୍ବ ତଟ ରେଳପଥ

(1)ଟେଣ୍ଡର ବିଜ୍ଞପ୍ତି ସଂ.ELOP-T-21-2020

କାର୍ଯ୍ୟର ନାମ : 03 (ତିନି)ବର୍ଷ ସମୟାବଧି ନିମନ୍ତେ ଯାତ୍ରା ପଥରେ କ୍ରିଭ (ଡ୍ରାଇଭର ଏବଂ ଗାର୍ଡ଼) ସହାୟତା ପ୍ରଦାନ କରିବା ନିମନ୍ତେ ଜଖପୁରାଠାରେ (ଅହୋରାତ୍ର) ଚାଳକ ସହିତ 03(ତିନି) ଗୋଟି ହାଲୁକା ଗାଡ଼ି (ଟାଟା ସୁମୋ/ମହିନ୍ଦ୍ରା ବୋଲେରୋ ନନ୍-ଏସି) ଭଡ଼ା ସୂତ୍ରରେ ନେବା।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 1,19,70,563.20,
EMD/ବିଡ୍ ସିକ୍ୟୁରିଟି(ଟଙ୍କାରେ) : 2,09,900/-।

(2)ଟେଣ୍ଡର ବିଜ୍ଞପ୍ତି ସଂ.ELOP-T-22-2020

କାର୍ଯ୍ୟର ନାମ : 03 (ତିନି)ବର୍ଷ ସମୟାବଧି ନିମନ୍ତେ ଆବଶ୍ୟକତା ଅନୁଯାୟୀ ବିଭିନ୍ନ ସାଇଡିଙ୍ଗ୍ ପର୍ଯ୍ୟନ୍ତ କ୍ରିଭ ଏବଂ ଗାର୍ଡମାନଙ୍କ ପରିବହନ ଏବଂ ଯାତ୍ରା ପଥରେ କ୍ରିଭ (ଡ୍ରାଇଭର ଏବଂ ଗାର୍ଡ଼) ସହାୟତା ପ୍ରଦାନ କରିବା ନିମନ୍ତେ କେନ୍ଦୁଝରଗଡ଼ ଠାରେ ରହୁଥିବା ଚାଳକ ସହିତ ଏକ ଗୋଟି ହାଲୁକା ଗାଡ଼ି (ଟାଟା ସୁମୋ/ମହିନ୍ଦ୍ରା ବୋଲେରୋ ନନ୍-ଏସି) ଭଡ଼ା ସୂତ୍ରରେ ନେବା।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 35,85,960.72,
EMD/ବିଡ୍ ସିକ୍ୟୁରିଟି(ଟଙ୍କାରେ) : 71,700/-।

ଶେଷ ହେବା ଅବଧି : 36 ମାସ (ଉଭୟ ଟେଣ୍ଡର ନିମନ୍ତେ)।

ବିଡ୍ ଆରମ୍ଭ ହେବା ତାରିଖ : ତା.25.12.2020 ରିଖ (ଉଭୟ ଟେଣ୍ଡର ନିମନ୍ତେ), ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.01.2021 ରିଖ 1600 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ୍
PR-439/L/20-21



## DIRECTORATE OF TECHNICAL EDUCATION & TRAINING ODISHA, CUTTACK - 753001

### DIPLOMA ADMISSION - 2020
Notice for 2nd Phase Diploma Spot Admission-2020

**No. KK-62:-** Consequent upon the decision of Government in SD&TE Department, Odisha communicated vide Letter No. 4993 dtd.24.12.2020, the 2nd phase Diploma Spot Admission-2020 shall be held as per the dateline / procedure enumerated in the Standard Operating Procedure (SOP) available in the website **www.samsodisha.gov.in**

Sd./- Director of Technical Education & Training, Odisha

OIPR-14004/11/0028/2021

## DIRECTORATE OF MEDICAL EDUCATION & TRAINING, ODISHA

### WALK-IN-INTERVIEW FOR ASST. PROFESSOR, SENIOR RESIDENT, TUTOR & JUNIOR RESIDENT IN ALL GOVT. MEDICAL COLLEGE & HOSPITAL

No. 19620 dt. 24.12.2020

**No. KK-63:-** Eligible candidates are invited to Walk-in Interview for recruitment for the posts of Asst. Professors, Senior Residents, Tutors and JR in all Govt. Medical College & Hospital of the State on contractual / deployment basis. The details of Posts, Mode of recruitment, Remuneration, Qualifications etc. is available in the website of DMET, Odisha i.e. **www.dmetodisha.gov.in**.

Sd./- Addl. Director of Medical Education & Training, Odisha

OIPR-10016/11/0022/2021

## OFFICE OF THE RUKMINI LATH BAL NIKETAN
At-Chhachanpali, P.O.- Bargaon, P.S.- Dhama, Dist.-Sambalpur, PIN-768113, Odisha

Ref. No. 142/SAA Dt.24.12.2020

Applications are invited from eligible candidates in prescribed application form for engagement of different contractual posts for the Specialized Adoption Agency, Rukmini Lath Bal Niketan, Chhachanpali [Registered under JJ (C&PC) Act]. The Engagement is purely contractual basis and the selection of candidate shall be made on the basis of mark and experience of working in child rights. It is to inform that the candidates who are engaged for said posts are not Government Staffs and the management of the CCI will be responsible for them in case the GIA is discontinued. The details of the eligibility of the posts & application format are available in the Sambalpur District official website www.sambalpur.nic.in. Interested candidates may apply in the prescribed format with self-attested certificate, mark sheet & other required documents **(All documents will be in one PDF format)** should be sent to Chairman, Rukmini Lath Bal Niketan, Sambalpur through email (mail id-**recruitmentrlbn@gmail.com**) before 07.01.2021 by 5.30 P.M. and a hard copy of the same should also submitted by Speed Post/Regd. Post to **the Chairman Rukmini Lath Bal Niketan, At Chhachanpali, P.O.-Bargaon, P.S.-Dhama, Dist.- Sambalpur, PIN- 768113, Odisha** before **12.01.2021 by 5.30 P.M.** Incomplete application and application received after due date shall be rejected. The undersigned reserves the right to cancel any or all the applications received/under process without assigning any reason thereof.

Sd./- Chairman
Rukmini Lath Bal Niketan, Chhachanpali, Sambalpur

## ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ଏକ ଉଦ୍ୟୋଗ)
### ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking)

No.: 7778 File: SMT-1708 Date: 24.12.2020

### NOTICE INVITING TENDER

Bid Identification: 42/Tender/OBCC/2020-21 No.CAD-977:-

| Sl. No. | Name of Work |
|---|---|
| 1 | Construction of internal road upto subgrade level from Brahmagiri road to newly proposed Shree Setu road, NH-316 at Matitota for a length of 1155 Meters for Gurukulam Project under ABADHA Scheme. |

1. Date and time of availability of bid document in the eProcurement portal: **4.00 P.M. of 29.12.2020.**
2. Last date/time for receipt of online bid: **12.01.2021 till 5.00 PM.**
3. Further details can be seen from the e-Procurement portal "**https://www.tendersodisha.gov.in**".
4. The authority reserves the right to cancel any or all bids without assigning any reason thereof.

Sd./- General Manager, Projects-I
O.B.& C.C. Ltd.
OIPR-34106/11/0043/2021



## ODISHA WATER SUPPLY & SEWERAGE BOARD
(A Govt. of Odisha Undertaking)
THE OFFICE OF THE ENGINEER-IN-CHIEF, OISIP, JICA
At : Mahanadivihar, P.O. : Nayabazar, Cuttack-753004
Mobile No.: 9438133917, E-mail ID : ce_jica@owssb.in

Notification No. 57 Date : 23.12.2020

### ODISHA INTEGRATED SANITATION IMPROVEMENT PROJECT
Invitation of applications from retired persons for engagement as Contractual Divisional Accounts Officer and Contractual Senior Clerk in OISIP, JICA, OWSSB, Cuttack

In partial modification to this office Notification No. 56 dtd. 22.12.2020, it is to notified that, the Odisha Integrated Sanitation Improvement Project (OISIP) intends to engage 01 No. of Divisional Accounts Officer and 03 Nos. of Senior Clerk on contractual basis against the vacancy posts for its project at Cuttack and Bhubaneswar.

| Sl. No. | Name of the Contractual Post | Wages | No. of Posts | Qualification, Experience & Age Limit |
|---|---|---|---|---|
| 1. | Divisional Accounts Officer (Contractual) | As per Finance Department Circular No.7022 dtd 17.03.2018, the Contractual DAO is entitled to get consolidated remuneration of Rs.30,000/- per month, which may change from time to time by Govt. | 01 (One) | 1. He should have retired after working as Senior Divisional Accounts Officer / Divisional Accounts Officer in any Engineering office of Odisha State Govt. or Govt. of Odisha undertaking. 2. The candidate should be below 64 years of age as on 31.12.2020. |
| 2. | Senior Clerk (Contractual) | As per Finance Department Circular No.7022 dtd 17.03.2018, the Contractual Senior Clerk is entitled to get consolidated remuneration of Rs.13,000/- per month, which may change from time to time by Govt. | 03 (Three) | 1. He should have retired after working as Senior Clerk/ Head Clerk in any office of Odisha State Govt. or Govt. of Odisha undertaking. 2. The candidate should be below 64 Years of age as on 31.12.2020. |

Interested eligible candidates may apply in plain paper, along with their updated CV, all educational qualification certificates along with **copy of pension payment order of final pension order issued by A.G., Odisha / Provisional pension order / copy of proof of retirement from Govt. of Odisha / Govt. of Odisha Undertaking** in the above address **by speed post / Regd. Post only**, so as to reach this office on or before **Dt. 21.01.2021**. The candidates should furnish their correspondence address, contact phone no. and E-mail ID for further communication. OISIP Authority reserves the right to reject any or all the candidatures without assigning any reason thereof.

Sd/-
Engineer-In-Chief,
OISIP, JICA, OWSSB, Cuttack



**Maintaining COVID-19 Precautions with Social Distancing for Training Programme**

## Presenting Winter Internship Programme for Engineering Students

Central Tool Room & Training Centre (CTTC), Bhubaneswar is the leading Tool Room & Training Centre of India to impart skill based training programme in the field of CAD/CAM/CAE/CNC Technology / Hardware and Network Management / VLSI / PLC for Graduate Engineering students.

For the year **2020-2021** we offer courses during **January / February 2021** designed for Mechanical / Production / Automobile / Manufacturing Science / Civil/ Computer Science / Electrical & Electronics / Electronics & Instrumentation / Information Technology students.

| Sl. | Branch | Courses | Course Fee | Duration | Starting Date |
|---|---|---|---|---|---|
| 01 | Mechanical<br>Production<br>Automobile<br>or Equivalent | Auto CAD<br>CATIA<br>SOLID WORKS<br>CNC Milling<br>CNC Turning | Rs.7,100/-<br>Rs.8,100/-<br>Rs.8,100/-<br>Rs.8,100/-<br>Rs.8,100/- | ONE MONTH | 02.01.2021<br>16.01.2021<br>01.02.2021<br>15.02.2021 |
| 02 | Civil | Auto CAD<br>STAAD Pro | Rs.7,100/-<br>Rs.8,100/- | | |
| 03 | Electrical & Electronics<br>Electronics & Instrumentation<br>Electronics & Telecommunication | PLC<br>Electrical CAD<br>VLSI<br>Advance Embedded System | Rs.8,100/-<br>Rs.7,100/-<br>Rs.8,100/-<br>Rs.8,100/- | | |
| 04 | Any Graduate / ITI / MBA / Diploma / Degree Engineers in any Discipline | Core JAVA<br>Artificial Intelligence & Machine Learning*<br>Python Programming*<br>C Programming* | Rs.5,600/-<br>Rs.8,100/-<br>Rs.5,600/-<br>Rs.3,600/- | | |

* No Fee exemption for SC/ST candidates.
**Special Discount of 10% for group of 10 students**
**No. of seats for each course is 20 per Batch**

**How to apply :** Application are to be submitted in plain paper alongwith Bio-data, copies of marksheet & certificates, two passport size color photographs & fee payment online through **State Bank of India collect link** available in our website **www.cttc.gov.in** or a DD of **Rs.1000/-** drawn in favour of **"Central Tool Room & Training Centre"** payable at **Bhubaneswar** for the purpose of registration. This amount will be adjusted against the course fee. **No dormitory accommodation is available.**
Reservation as per Govt. of India rules. **For SC/ST candidates no fee will be charged** subject to production of two photo copies of self attested Caste Certificate & Aadhaar Card. Aadhaar Card & Caste Certificate in original from competent authority is to be produced for verification at the time of admission which may be re-verified from the Issuing Authority.

*For Admission Contact : 9861376682,9658066689*

**CENTRAL TOOL ROOM & TRAINING CENTRE**
(Ministry of Micro, Small & Medium Enterprises , Govt. of India)
B-36, Chandaka Industrial Area, Bhubaneswar - 751024,Odisha
E-mail : cttc@cttc.gov.in, Website: www.cttc.gov.in
Ministry of MSME Govt. of India | ISO-9001, ISO-14001 OHSAS 18001

